# ଧରିତ୍ରୀ DHARITRI

ରାୟଗଡ଼ା, ସୋମବାର, ନଭେମ୍ବର ୪ /୨୦୧୯ (୧୬ ପୃଷ୍ଠା) | Rayagada, Monday, November 4 / 2019 ★

୯ମ ଭାଗ ୨୬୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ରକୁଲ୍ଙ୍କ ଫ୍ଲର୍ଟିଂ ତାଲିମ**

ବି-ଟାଉନ୍ ଅଭିନେତ୍ରୀ ରକୁଲ ପ୍ରୀତ୍ ସିଂ ତାଙ୍କ ବେଷ୍ଟଫ୍ରେଣ୍ଡଙ୍କଠାରୁ ଫ୍ଲର୍ଟିଂ ଶିଖୁଛନ୍ତି।

୦୨

୧୫

**ବାର୍ଟିଙ୍କୁ ରେକର୍ଡ ଆର୍ଥିକ ପୁରସ୍କାର**

ଅଷ୍ଟ୍ରେଲିଆର ମହିଳା ଟେନିସ ଖେଳାଳି ଆସଲେ ବାର୍ଟି ଡବ୍ଲ୍ୟୁଟିଏ ଫାଇନାଲ୍ସର ଟାଇଟଲ ଜିତିବା ସହ ରେକର୍ଡ ଆର୍ଥିକ ପୁରସ୍କାର ଲାଭ କରିଛନ୍ତି।



# ଦିଲ୍ଲୀ ପ୍ରଦୂଷଣ ଅସମ୍ଭାଳ

■ ରବିବାର ଏକ୍ୟୁଆଇ ୬୨୫କୁ ବୃଦ୍ଧି
■ ୩୭ ବିମାନର ଅନ୍ୟତ୍ର ଅବତରଣ
■ ନୋଏଡା, ଗାଜିଆବାଦରେ ସ୍କୁଲ ଛୁଟି
■ ଦୈନନ୍ଦିନ ସ୍ଥିତି ଅନୁଧ୍ୟାନ କରିବେ କ୍ୟାବିନେଟ ସଚିବ
■ ଆଜିଠୁ ଲାଗୁ ହେବ ଯୁଗ୍ମ-ଅଯୁଗ୍ମ ସୂତ୍ର



ନୂଆଦିଲ୍ଲୀ,୩।୧୧(ପି.ଟି.)

ରାଜଧାନୀ ଦିଲ୍ଲୀର ବାୟୁ ବିପଜ୍ଜନକ ସ୍ଥିତିରେ ପହଞ୍ଚିଛି। ଶନିବାର ବାୟୁ ମାନ ସୂଚକାଙ୍କ (ଏକ୍ୟୁଆଇ) ୪୦୭ ଥିଲାବେଳେ ରବିବାର ଏହା ୬୨୫କୁ ବୃଦ୍ଧି ପାଇଛି। ଧୂଳି ଓ ଧୂଆଁର ବହଳ ଆସ୍ତରଣ ଦିଲ୍ଲୀ ଆକାଶକୁ ଆଚ୍ଛାଦିତ କରି ରଖିବା ଫଳରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେବା ସାଙ୍ଗକୁ ଶ୍ୱାସକ୍ରିୟା ମଧ୍ୟ କଷ୍ଟକର ହୋଇପଡ଼ିଛି। ଆସ୍ତରଣ ଯୋଗୁ ସ୍ପଷ୍ଟ ଦେଖାଯାଉ ନ ଥିବାରୁ ଦିଲ୍ଲୀରେ ଅବତରଣ କରିବାକୁ ଥିବା ୩୭ଟି ବିମାନକୁ ଅନ୍ୟ ବିମାନବନ୍ଦରକୁ ପଠାଇଦିଆଯାଇଛି। ଏୟାର ଇଣ୍ଡିଆର ୧୨ଟି ବିମାନ ଜୟପୁର, ଅମୃତସର ଓ ଲକ୍ଷ୍ନୌକୁ ପଠାଯାଇଛି। ଦିଲ୍ଲୀର ସମସ୍ତ ସ୍କୁଲ ମଙ୍ଗଳବାର ପର୍ଯ୍ୟନ୍ତ ବନ୍ଦ ରଖିବା ପାଇଁ ସରକାର ନିଷ୍ପତ୍ତି ନେଇଥିଲାବେଳେ ଏଥିରେ ନୋଏଡା ଓ ଗାଜିଆବାଦର ସ୍କୁଲଗୁଡ଼ିକୁ ମଧ୍ୟ ସାମିଲ କରାଯାଇଛି। ଦିଲ୍ଲୀ ବାୟୁ ପ୍ରଦୂଷଣକୁ ନେଇ ସୁପ୍ରିମକୋର୍ଟରେ ସୋମବାର ଶୁଣାଣି ହେବାକୁ ଥିବାବେଳେ ରବିବାର ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପି.କେ. ମିଶ୍ର ଓ କ୍ୟାବିନେଟ ସଚିବ ରାଜୀବ ଗୌବା ଏହା ଉପରେ ଆଲୋଚନା କରିଥିବା ଜଣାପଡ଼ିଛି। ବୈଠକରେ ଦିଲ୍ଲୀର ଉଚ୍ଚ ପଦାଧିକାରୀମାନଙ୍କ ସହ ପଞ୍ଜାବ ଓ ହରିୟାଣା ସରକାରଙ୍କ ପ୍ରତିନିଧିମାନେ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଆଲୋଚନାରେ ଭାଗ ନେଇଥିଲେ। କ୍ୟାବିନେଟ ସଚିବ ପ୍ରତିଦିନ ଦିଲ୍ଲୀ ଓ ପଡୋଶୀ ରାଜ୍ୟଗୁଡ଼ିକର ବାୟୁ ସ୍ଥିତି ଅନୁଧ୍ୟାନ କରିବେ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ସେହିପରି ଦିଲ୍ଲୀ, ପଞ୍ଜାବ ଓ ହରିୟାଣାର ମୁଖ୍ୟ ସଚିବମାନଙ୍କୁ ବିଭିନ୍ନ ଜିଲାର ସ୍ଥିତି ଅନୁଧ୍ୟାନ କରିବାକୁ କୁହାଯାଇଛି।

ଉତ୍ତର ଭାରତରେ ବାୟୁ ପ୍ରଦୂଷଣ ସ୍ତର ଅସହ୍ୟ ହୋଇଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଟୁଇଟ୍ କରିଛନ୍ତି। ତାଙ୍କ ସରକାର ପ୍ରଦୂଷଣ ହ୍ରାସ ପାଇଁ ଏକାଧିକ ପଦକ୍ଷେପ ଗ୍ରହଣ କରିଛନ୍ତି। କୌଣସି ଦୋଷ ନ ଥାଇ ଦିଲ୍ଲୀବାସୀ ପ୍ରଦୂଷଣଜନିତ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ ମଧ୍ୟ ପ୍ରଦୂଷଣକୁ ନେଇ ଚିନ୍ତାବ୍ୟକ୍ତ କରିଛନ୍ତି। କେନ୍ଦ୍ର ସରକାର ଏନେଇ ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ ବୋଲି ସେ କହିଛନ୍ତି। ପଡୋଶୀ ରାଜ୍ୟଗୁଡ଼ିକରେ ଚାଷୀ କ୍ଷେତରେ ନଡ଼ା ଜାଳିବା ଏବଂ ଶିଳ୍ପସଂସ୍ଥାଗୁଡ଼ିକ ବିଷାକ୍ତ ବର୍ଜ୍ୟ ପଦାର୍ଥ ଛାଡ଼ିବା ଯୋଗୁ ବାୟୁ ପ୍ରଦୂଷଣ ବୃଦ୍ଧି ପାଉଥିବା ଦର୍ଶାଇ ଏଦିଗରେ ଆବଶ୍ୟକ ପଦକ୍ଷେପ ନେବା ଲାଗି ସମ୍ପୃକ୍ତ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦେବା ନିମନ୍ତେ ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ କର୍ତ୍ତୃପକ୍ଷ (ଇପିସିଏ) ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ଅପରପକ୍ଷରେ ପ୍ରଦୂଷଣକୁ ନେଇ ରାଜନୀତି କରାଯିବା ଉଚିତ ନୁହେଁ। ସମ୍ପୃକ୍ତ ରାଜ୍ୟ ମୁଖ୍ୟମନ୍ତ୍ରୀମାନଙ୍କର ଏକ ବୈଠକ ଡାକିବା ଲାଗି କେଜ୍‌ରିୱାଲ କେନ୍ଦ୍ର ପରିବେଶ ମନ୍ତ୍ରୀ ପ୍ରକାଶ ଜାଭଡେକରଙ୍କୁ ଅନୁରୋଧ କରିଛନ୍ତି। ତାଙ୍କ ସରକାର କାହା ଉପରେ ଦୋଷ ଲଦିବାକୁ ଚାହୁଁ ନାହାନ୍ତି, ବରଂ ନଡ଼ା ପୋଡ଼ିଜନିତ ପ୍ରଦୂଷଣ ରୋକିବା ଦିଗରେ ସମାଧାନର ସୂତ୍ର ବାହାରିବା ଆବଶ୍ୟକ ବୋଲି ଏଏପି ନେତା କହିଛନ୍ତି।

ବାୟୁ ପ୍ରଦୂଷଣ ରୋକିବା ଲାଗି ଦିଲ୍ଲୀ ସରକାର ସୋମବାରଠାରୁ ଗାଡ଼ି ଚଳାଚଳ କ୍ଷେତ୍ରରେ ଯୁଗ୍ମ-ଅଯୁଗ୍ମ ସୂତ୍ର ପ୍ରୟୋଗ କରିବାକୁ ଯାଉଛନ୍ତି। ଏହା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଫଳରେ ରାସ୍ତାରେ ଯାନବାହନ ସଂଖ୍ୟା ଯଥେଷ୍ଟ ହ୍ରାସ ପାଇବ। ଜାତୀୟ ରାଜଧାନୀ ଅଞ୍ଚଳରେ ଜନସ୍ୱାସ୍ଥ୍ୟ ଜରୁରୀ ପରିସ୍ଥିତି ଜାରିହେବା ସହ ମଙ୍ଗଳବାର ପର୍ଯ୍ୟନ୍ତ ସମସ୍ତ ସ୍କୁଲ କଲେଜ ବନ୍ଦ ରଖାଯାଇଛି। ବିମାନବନ୍ଦର, ଦିଲ୍ଲୀ ମେଟ୍ରୋ ସମେତ ଜାତୀୟ ରାଜଧାନୀ ଅଞ୍ଚଳରେ ମୁତୟନ ଥିବା ହଜାର ହଜାର ଯବାନଙ୍କୁ ସିଆଇଏସ୍ଏଫ ତରଫରୁ ଫେସ୍ ମାସ୍କ ଯୋଗାଇଦିଆଯାଇଛି।

# କିଡ୍‌ନୀ ରୋଗର ଆତଙ୍କ

## ■ ୫ ବର୍ଷରେ ୨୫ ରୋଗୀଙ୍କ ଗଲାଣି ଜୀବନ

■ ଜଣେ ମୃତ, ୧୦ ଆକ୍ରାନ୍ତ
■ ଏବେ ମଧ୍ୟ ଗ୍ରାମରେ ଅଛନ୍ତି ଅନେକ ଆକ୍ରାନ୍ତ


କାଲିମେଳା,୩।୧୧(ଡି.ଏନ.ଏ.)

ମାଲକାନଗିରି ଜିଲା କଲିମେଳା ବ୍ଲକରେ ଦିନକୁ ଦିନ ବଢ଼ିଚାଲିଛି କିଡ୍‌ନୀ ରୋଗ। ବ୍ଲକରେ ଥିବା ୨୩ ପଞ୍ଚାୟତର ପ୍ରତ୍ୟେକ ଗ୍ରାମରେ ବହୁ ବ୍ୟକ୍ତି କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଏହି ରୋଗରେ ଆକ୍ରାନ୍ତ ହୋଇ ବହୁ ଲୋକ ମୃତ୍ୟୁବରଣ କରିସାରିଲେଣି। ରବିବାର ମଧ୍ୟ କାଲିମେଳା ବ୍ଲକ ଅନ୍ତର୍ଗତ ନାଲାଗୁଣ୍ଡି ପଞ୍ଚାୟତ ଏମଭି-୭୨ ଗ୍ରାମରେ ଜଣେ କିଡ୍‌ନୀ ରୋଗୀଙ୍କ ଆକସ୍ମିକ ମୃତ୍ୟୁ ହୋଇଛି। ମୃତକ ହେଉଛନ୍ତି ଏମଭି-୭୨ ଗ୍ରାମର ମନ୍ମଥ ହାଓଲଦାର (୪୮)। ପରିବାର ଲୋକଙ୍କ ସୂଚନା ଅନୁଯାୟୀ ମନ୍ମଥ ଆଜକୁ ୩ ବର୍ଷ ଧରି କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। କାଲିମେଳା,ମାଲକାନଗିରି ଭଦ୍ରାଚଳମ ଆଦି ସ୍ଥାନରେ ପରିବାର ଲୋକେ ତାଙ୍କର ଚିକିତ୍ସା କରାଇଥିଲେ ମଧ୍ୟ ରୋଗ ଭଲ ହୋଇ ନ ଥିଲା। ନିକଟରେ ସେ ଗୁଣ୍ଟୁରସ୍ଥିତ ଅଶ୍ୱନୀ ହସପିଟାଲରେ ଚିକିତ୍ସିତ ହୋଇ ଘରକୁ ଫେରିଥିଲେ। ରବିବାର ଦିନ ୨ଟାରେ ଘରେ ଥିବା ସମୟରେ ତାଙ୍କର ମୃତ୍ୟୁ ହୋଇଯାଇଥିବା ଜଣାପଡ଼ିଛି। ମନ୍ମଥଙ୍କ ୨ଟିଯାକ କିଡ୍‌ନୀ ଖରାପ ଥିଲା । ସୂଚନାଯୋଗ୍ୟ ଯେ, ଉକ୍ତ ଗ୍ରାମରେ ଗତ ୫ ବର୍ଷ ମଧ୍ୟରେ ୨୫ରୁ ଊର୍ଦ୍ଧ୍ୱ ଲୋକଙ୍କ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁ ଘଟିଲାଣି। ଏବେ ମଧ୍ୟ ଗ୍ରାମରେ ୧୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ବିଭିନ୍ନ ସ୍ଥାନରେ ଚିକିତ୍ସିତ ହେଉଛନ୍ତି । ମନ୍ମଥଙ୍କ ମୃତ୍ୟୁ ପରେ ସ୍ତ୍ରୀ ଟୁଲଟୁଲି ହାଓଲଦାର ଦୁଃଖରେ ଭାଙ୍ଗି ପଡ଼ିଛନ୍ତି । ତାଙ୍କର କୌଣସି ସନ୍ତାନ ନାହାନ୍ତି। ସେ କେମିତି ଚଳିବେ ଚିନ୍ତାରେ ପଡ଼ିଛନ୍ତି । ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି ।

# ପୁଣି ବଢ଼ିଲା ପିଆଜ ଦର

**ବର୍ଷା ସାଜିଲା କାଳ**

■ ୪ ଦିନ ମଧ୍ୟରେ ପ୍ରାୟ ୨୦ ଟଙ୍କା ବୃଦ୍ଧି
■ ବିଭିନ୍ନ ସହରରେ କିଲୋ ପିଛା ୬୦ରୁ ୬୫ ଟଙ୍କାରେ ବିକ୍ରି
■ ଉପରେମୁଣ୍ଡରେ ବଢ଼ିଛି ପାଇକାରୀ ଦର
■ କଳାବଜାର, କୃତ୍ରିମ ଅଭାବ ରୋକିବାକୁ ପ୍ରୟାସ



ଭୁବନେଶ୍ୱର,୩।୧୧(ବ୍ୟୁରୋ)

କିଛିଦିନର ବ୍ୟବଧାନ ପରେ ପିଆଜ ଦର ଅହେତୁକ ବୃଦ୍ଧି ପାଇଛି। ଭୁବନେଶ୍ୱର, ପୁରୀ ସମେତ ରାଜ୍ୟର ବିଭିନ୍ନ ସହରରେ ରବିବାର ପିଆଜ ଦର କିଲୋ ପ୍ରତି ୬୦ରୁ ୬୫ ଟଙ୍କାରେ ବିକ୍ରି ହୋଇଛି। ଶନିବାର ଏହା କିଲୋ ପିଛା ୫୫ରୁ ୬୦ ଟଙ୍କା ଏବଂ ୩/୪ଦିନ ପୂର୍ବରୁ ୪୦ରୁ ୪୫ ଟଙ୍କାରେ ବିକ୍ରି ହେଉଥିଲା। ଉପରମୁଣ୍ଡରେ ପାଇକାରୀ ଦର ବୃଦ୍ଧି ହୋଇଥିବାରୁ ଆଗାମୀ ଦିନରେ ଦର ଆହୁରି ବୃଦ୍ଧି ପାଇବା ଆଶଙ୍କା କରାଯାଉଛି।

ଗତ ୪ ଦିନ ମଧ୍ୟରେ ପିଆଜ ଦର କିଲୋ ପ୍ରତି ପ୍ରାୟ ୨୦ ଟଙ୍କା ବୃଦ୍ଧି ଖାଉଟିଙ୍କ ଚିନ୍ତା ବଢ଼ାଇ ଦେଇଛି। ସାଧାରଣ ଖାଉଟି, ଖୁଚୁରା ବ୍ୟବସାୟୀ ଏବଂ କ୍ଷୁଦ୍ର ହୋଟେଲଗୁଡ଼ିକ ପିଆଜ ବ୍ୟବହାର କମାଇ ଦେଇଛନ୍ତି। ୨ରୁ ୩ କିଲୋ ପିଆଜ କ୍ରୟ କରୁଥିବା ପରିବାର ୫୦୦ ଗ୍ରାମ କିଣିବାକୁ ବାଧ୍ୟ ହେଉଛନ୍ତି। ହୋଟେଲରେ ଖାଦ୍ୟ ପରଷିବା ପୂର୍ବରୁ ପିଆଜ ଦିଆଯିବା ଏକ ନିୟମିତ ଧାରା। ଏବେ ତାହା ବନ୍ଦ ହୋଇଯାଇଛି। ପ୍ରାୟତଃ ମହାରାଷ୍ଟ୍ରର ନାସିକ୍‌ରୁ ପିଆଜ ଆସୁଥିବାବେଳେ ସେଠାରେ ପାଇକାରୀ ଦର କିଲୋ ପିଛା ୪୦ରୁ ୪୫ ଟଙ୍କା ରହିଥିବା ଜଣାପଡ଼ିଛି। ନୂଆ ଅମଳ ହୋଇଥିବା ପିଆଜ ଆସିବା ସମ୍ଭାବନା ନାହିଁ। ଚଳିତ ମାସ ମଧ୍ୟଭାଗରେ ଆନ୍ଧ୍ରରୁ ପିଆଜ ଆସିବା ନେଇ ଆଶା କରାଯାଉଛି। ହେଲେ ଏହି ଆମଦାନୀ ସାରା ରାଜ୍ୟର ଦରକୁ ନିୟନ୍ତ୍ରଣ କରାଇବାରେ ଏତେଟା ସହାୟକ ହେବ ନାହିଁ। ଏନେଇ ଓଡ଼ିଶା ବ୍ୟବସାୟୀ ମହାସଂଘ ମହାସଚିବ ସୁଧାକର ପଣ୍ଡା କହିଛନ୍ତି ଯେ, ମହାରାଷ୍ଟ୍ର ସମେତ ପିଆଜ ଉତ୍ପାଦନ ହେଉଥିବା ପ୍ରାୟ ୪ଟି ରାଜ୍ୟ ବର୍ଷା ଦ୍ୱାରା ପ୍ରଭାବିତ ହୋଇଛି। ଅମଳ ହୋଇଥିବା ଲକ୍ଷ ଲକ୍ଷ ଟନ୍‌ର ପିଆଜ ନଷ୍ଟ ହୋଇଛି। ବର୍ତ୍ତମାନ ପରିସ୍ଥିତି ଯାହା, ନୂଆ ପିଆଜ ପାଇଁ ଆହୁରି ମାସେ ସମୟ ଲାଗିବ। ତେଣୁ ପିଆଜ ଦର ବୃଦ୍ଧି ପାଇଛି। ରବିବାର ☞ପୃଷ୍ଠା-୪

# ୮ରୁ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୩।୧୧(ବ୍ୟୁରୋ)

ରାଜ୍ୟରେ ପୁଣି ହୋଇପାରେ ବର୍ଷା। ଉତ୍ତର ଆଣ୍ଡାମାନ ସାଗର ଉପରେ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇପାରେ ବୋଲି ପୂର୍ବାନୁମାନ କରାଯାଉଛି। ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟାରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ। କ୍ରମେ ଏହା ପଶ୍ଚିମ-ଉତ୍ତର ପଶ୍ଚିମ ଦିଗକୁ ଗତି କରି ପରବର୍ତ୍ତୀ ୨-୩ ଦିନ ମଧ୍ୟରେ ଡିପ୍ରେଶନ୍‌ରେ ପରିଣତ ହେବ। ଆସନ୍ତା ୬ କିମ୍ବା ୭ ତାରିଖ ବେଳକୁ ଆକାଶ ମେଘାଚ୍ଛନ୍ନ ରହିବ । ସେହିପରି ୮ କିମ୍ବା ୯ ତାରିଖ ବେଳକୁ ବର୍ଷା ଓ ପରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ପରିମାଣ ବଢ଼ିବାର ସମ୍ଭାବନା ରହିଛି।

# ୫ ବର୍ଷରେ ବନ୍ଦ ହୋଇଛି ୩୪୨୭ ବ୍ୟାଙ୍କ ଶାଖା

ନୂଆଦିଲ୍ଲୀ, ୩।୧୧

ଗତ ୫ ବର୍ଷ ମଧ୍ୟରେ ଦେଶର ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ୩୪୨୭ ବ୍ୟାଙ୍କ ଶାଖା ବନ୍ଦ କରିଥିବା ଜଣାପଡ଼ିଛି। ସୂଚନା ଅଧିକାର କର୍ମୀ ଚନ୍ଦ୍ର ଶେଖର ଗୌଡ ରିଜର୍ଭ ବ୍ୟାଙ୍କକୁ ଏ ନେଇ ମାଗିଥିବା ଏକ ସୂଚନାରୁ ଜଣାପଡ଼ିଛି। ମିଶ୍ରଣ କିମ୍ବା ବନ୍ଦ ପ୍ରକ୍ରିୟା ଦ୍ୱାରା ଏହି ଶାଖାଗୁଡ଼ିକ ବନ୍ଦ କରାଯାଇଛି। ବନ୍ଦ ହୋଇଥିବା ମୋଟ ଶାଖା ମଧ୍ୟରୁ ପ୍ରାୟ ୭୫% ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ)ର ଶାଖା ରହିଛି। ଏସ୍‌ବିଆଇ ସହ ଏହାର ୫ ସହଯୋଗୀ ବ୍ୟାଙ୍କ ଏବଂ ମହିଳା ବ୍ୟାଙ୍କର ମିଶ୍ରଣ ପରେ ଅନେକ ଶାଖା ବନ୍ଦ କରାଯାଇଥିଲା। (ବିସ୍ତୃତ ରପୋର୍ଟ ବିଜ୍‌ନେସ ପୃଷ୍ଠା)

# ଶ୍ରୀତମ୍‌ଙ୍କୁ ଅନ୍ତର୍ଜାତୀୟ ଫଟୋଗ୍ରାଫି ଆୱାର୍ଡ

ବାଲେଶ୍ୱର ଅଫିସ, ୩।୧୧

ସ୍ମାର୍ଟଫୋନରେ ଫଟୋ ଉଠାଇ ଚର୍ଚ୍ଚାକୁ ଆସିଥିବା ବାଲେଶ୍ୱର ଜିଲା ଶୋଭାରାମ୍‌ପୁର ଅଞ୍ଚଳର ଶ୍ରୀତମ୍ କୁମାର ସେଠୀ ଚଳିତବର୍ଷ ଅନ୍ତର୍ଜାତୀୟ ଫଟୋଗ୍ରାଫି ଆୱାର୍ଡ଼ ପାଇପାରିଛନ୍ତି। ବନ୍ୟଜନ୍ତୁ ଓ ସବୁଜିମାଭରା ପ୍ରକୃତିର ଫଟୋ ଉଠାଇବାକୁ ସେ ଅଧିକ ଆଗ୍ରହ ରଖିଥାନ୍ତି। ଗତ ହୋଲି ଉତ୍ସବ ବେଳେ ଉଠାଇଥିବା ଏକ କଳାତ୍ମକ ଫଟୋ ପାଇଁ ସେ ଏହି ଅନ୍ତର୍ଜାତୀୟ ସମ୍ମାନ ଲାଭ ☞ପୃଷ୍ଠା-୪




ଅନ୍ତର୍ଜାତୀୟ ଫଟୋଗ୍ରାଫି ଆୱାର୍ଡ ସହ ଶ୍ରୀତମ୍ ଓ ତାଙ୍କ ଦ୍ୱାରା ଉଠାଯାଇଥିବା ଫଟୋ।

**ଆଜିର ସମ୍ପାଦକୀୟ**

ଗ୍ୟାଙ୍ଗ ଯୁଦ୍ଧ

**ଆଜିର ମନ୍ତବ୍ୟ**

"ଭାରତୀୟ ଶିଖ୍ ଯାତ୍ରୀଙ୍କୁ ସ୍ୱାଗତ କରିବା ପାଇଁ କର୍‌ତାରପୁର ପ୍ରସ୍ତୁତ।
-ଇମ୍ରାନ୍ ଖାନ, ପାକିସ୍ତାନ ପ୍ରଧାନମନ୍ତ୍ରୀ

**କିଛି ତଥ୍ୟ**

ଚଳିତ ଆର୍ଥିକ ବର୍ଷ ଏପ୍ରିଲ-ସେପ୍ଟେମ୍ବରରେ ଦେଶର କୋଇଲା ଆମଦାନୀ ୯.୩% ବୃଦ୍ଧି ଘଟି ୧୨୬.୯୧ ନିୟୁତ ଟନ୍ ରହିଛି।
– କୋଇଲା ମନ୍ତ୍ରଣାଳୟ


Taste the difference! Vencobb FRESH CHICKEN

03.11.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 65 | 113 | 123 |
| CTC | 65 | 113 | 123 |
| DKL | 65 | 113 | 123 |
| BDK | 67 | 115 | 125 |
| BLS | 67 | 115 | 125 |
| ANG | 65 | 113 | 123 |
| BHM | 61 | 107 | 117 |

*Conditions Apply

Issued in the Interest of Consumers


ନକଲି ସାର୍ଟିଫିକେଟ୍ ଦେଇ ଧରାପଡ଼ିଲେ


# ୪ ଶିକ୍ଷକଙ୍କ ବିରୋଧରେ ଏତଲା ନିର୍ଦ୍ଦେଶ

■ ୩ ଜଣଙ୍କୁ ବହିଷ୍କାର, ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ
■ ଲୁଚାଇଥିଲେ ମାଟ୍ରିକ୍ ମାର୍କ, ଡିଭିଜନ୍
■ ଅଷ୍ଟମ ଫେଲ୍ ହୋଇ ସାଜିଥିଲେ ଶିକ୍ଷକ

ବ୍ରହ୍ମପୁର ଅଫିସ୍/ ଧରାକୋଟ (ଡି.ଏନ୍.ଏ.), ୩।୧୧

ନିଯୁକ୍ତି ବେଳେ ଶିକ୍ଷାଗତ ଯୋଗ୍ୟତାର ନକଲି ସାର୍ଟିଫିକେଟ୍ ଦେଇ ଗଞ୍ଜାମ ଜିଲାର ୪ ଶିକ୍ଷକ ଧରାପଡ଼ିଛନ୍ତି। ଧରାକୋଟ ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକତା କରୁଥିବା ଏହି ଶିକ୍ଷକମାନଙ୍କ ବିରୋଧରେ ଥାନାରେ ଏତଲା ଦେବାକୁ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ନିର୍ଦ୍ଦେଶ ଦେଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ଶିକ୍ଷୟିତ୍ରୀଙ୍କ ସମେତ ୩ ଶିକ୍ଷକଙ୍କୁ ବହିଷ୍କାର ଓ ଅନ୍ୟ ଜଣେ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୁହାଯାଇଛି।

ଜିଲା ଶିକ୍ଷା ଅଧିକାରୀ ସନାତନ ପଣ୍ଡାଙ୍କ ସୂଚନା ଅନୁଯାୟୀ, ଗତ କିଛି ମାସ ତଳେ ଜିଲାରେ ବିଭିନ୍ନ ବର୍ଗରେ କାର୍ଯ୍ୟରତ ଶିକ୍ଷୟିତ୍ରୀଶିକ୍ଷକମାନଙ୍କ ଶିକ୍ଷାଗତ ଯୋଗ୍ୟତା ସାର୍ଟିଫିକେଟ୍ ଯାଞ୍ଚ କରାଯାଇଥିଲା। ଶିକ୍ଷୟିତ୍ରୀଶିକ୍ଷକମାନେ ସେମାନଙ୍କ ସାର୍ଟିଫିକେଟ୍ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଦାଖଲ କରିଥିଲେ। ଧରାକୋଟ ବ୍ଲକର ୪ ଶିକ୍ଷକ ଯଥା ମାଣିକପୁର ନୂଆସାହି ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ସନ୍ତୋଷ କୁମାର ନାହାକ, ବରଡ଼ାବାଲି ଉନ୍ନୀତ ଉଚ୍ଚ ବିଦ୍ୟାଳୟର କନିଷ୍ଠ ଶିକ୍ଷୟିତ୍ରୀ ପ୍ରଜ୍ଞା କୁମାରୀ ଗୌଡ଼, ତାନାର୍ଜିପଲ୍ଲୀ ପ୍ରାଥମିକ ବିଦ୍ୟାଳୟର କନିଷ୍ଠ ଶିକ୍ଷକ ଅମରେଶ ଚନ୍ଦ୍ର ପଣ୍ଡା ଏବଂ ଝିଲିମିଲି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କନିଷ୍ଠ ଶିକ୍ଷକ ନାରାୟଣ ବେହେରାଙ୍କ ସାର୍ଟିଫିକେଟ୍ ଯାଞ୍ଚ ବେଳେ ନକଲି ଜଣାପଡ଼ିଥିଲା। ଗତ ୧ ତାରିଖରେ ଜିଲା ଶିକ୍ଷା ଅଧିକାରୀ ପଣ୍ଡା ଏବଂ ଧରାକୋଟ ବ୍ଲକ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ପଣ୍ଡା ଏହି ଶିକ୍ଷକମାନଙ୍କ ସାର୍ଟିଫିକେଟ୍ ପୁନଃ ଯାଞ୍ଚ କରିଥିଲେ। ବରଡ଼ାବାଲି ବିଦ୍ୟାଳୟର କନିଷ୍ଠ ଶିକ୍ଷୟିତ୍ରୀ ଗୌଡ଼ ନିଯୁକ୍ତି ବେଳେ ସୋରଡ଼ା ଏସ୍.ନୂଆଗଡ଼ ଜେ.ଜେ. ବିଦ୍ୟାପୀଠରେ ୨୦୦୭ ମସିହାରେ ୫୪୧ ମାର୍କ ରଖି ଫାଷ୍ଟ ଡିଭିଜନ ପାଇ ମାଟ୍ରିକ ପାସ୍ କରିଥିବା ସାର୍ଟିଫିକେଟ୍ ଦେଇଥିଲେ। ହେଲେ ଯାଞ୍ଚ ବେଳେ ସେ ୨୮୩ ମାର୍କ ରଖି ଥାର୍ଡ ଡିଭିଜନରେ ପାସ୍ କରିଥିବା ଜଣାପଡ଼ିଥିଲା। ସେହିପରି ମାଣିକପୁର ନୂଆସାହି ବିଦ୍ୟାଳୟର ସହକାରୀ ଶିକ୍ଷକ ନାହାକ ରମ୍ଭା ହାଇସ୍କୁଲରୁ ୨୦୦୪ ମସିହାରେ ୫୨୨ ନମ୍ବର ରଖି ଫାଷ୍ଟ ଡିଭିଜନରେ ପାସ୍ କରିଥିବା ସାର୍ଟିଫିକେଟ୍ ଦେଇଥିଲେ। ସେ କରେସ୍‌ପଣ୍ଡେଣ୍ଟ୍‌ରେ ପାସ୍ କରିଥିବା ତଥ୍ୟ ଦେଇଥିଲେ। ☞ପୃଷ୍ଠା-୪



"ଜାଲିଆନୱାଲା ବାଗ୍ ଗଣହତ୍ୟା ଭାରତୀୟ ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା। ଏହାର ଶତବାର୍ଷିକୀକୁ ଯେପରି ଗୁରୁତ୍ୱ ଦିଆଯିବା କଥା ସେପରି ଦିଆଯାଇନାହିଁ।

-ଗୁଲଜାର, ପ୍ରଖ୍ୟାତ କବି ଓ ଗୀତିକାର

# ଫ୍ଲର୍ଟିଂ ଶିଖୁଛନ୍ତି ରକୁଲ୍ ପ୍ରୀତ୍



**ମୁମ୍ବାଇ:** ସୌନ୍ଦର୍ଯ୍ୟ ଆଉ ଟାଲେଣ୍ଟ କଥା ଉଠିଲେ ବି-ଟାଉନ୍ ଅଭିନେତ୍ରୀ ରକୁଲ୍ ପ୍ରୀତ୍ ସିଂ କାହା ତୁଳନାରେ କମ୍ ନୁହନ୍ତି। କିନ୍ତୁ ଯେତେବେଳେ ଫ୍ଲର୍ଟିଂ ବିଷୟ ଆସେ, ପଛରେ ପଡ଼ିଯାଆନ୍ତି ଏହି ସୁନ୍ଦରୀ। ରକୁଲ୍ କୁହନ୍ତି, ସେ କାଳେ ପ୍ୟାର୍, ମହୋବତ, ଇସ୍କ, ଫ୍ଲର୍ଟ ମାମଲାରେ କମ୍‌ଜୋର୍। ଏଣୁ ସେ ତାଙ୍କ ବେଷ୍ଟ-ଫ୍ରେଣ୍ଡଙ୍କ ନିକଟରେ ଏନେଇ ଟ୍ରେନିଂ ନେଉଛନ୍ତି। ଜାଣିବାକୁ ଚାହିଁବେନି ବି-ଟାଉନ୍‌ର ସେ କେଉଁ ଅଭିନେତ୍ରୀ, ଯାହାଙ୍କଠୁଁ ରକୁଲ୍ ନିଅନ୍ତି ଫ୍ଲର୍ଟିଂ ଟିପ୍ସ। ଜଣେ ଭଲ ଅଭିନେତ୍ରୀ ହିସାବରେ ଖୁବ୍ କମ୍ ସମୟ ଭିତରେ ବଲିଉଡ୍‌ରେ ନାଁ କରିସାରିଲେଣି ସୁନ୍ଦରୀ ରକୁଲ୍। କିନ୍ତୁ କାହା ସହ ଫ୍ଲର୍ଟ କରିବାରେ ସେ ଏକଦମ୍ ଜିରୋ। ଏକଥା ସେ ନିଜେ କହିଛନ୍ତି। ରକୁଲ୍ ସବୁବେଳେ ଭାବନ୍ତି ତାଙ୍କୁ ଫ୍ଲର୍ଟ କରି ଆସେନାହିଁ। ହେଲେ ସେ କୌଣସି ବ୍ୟକ୍ତିଙ୍କ ସହ ଭଲରେ କଥାବାର୍ତ୍ତା ବା ଆଲୋଚନା କିନ୍ତୁ କରିପାରନ୍ତି। ଏପରି କି ତାଙ୍କ ସହ କେହି ଫ୍ଲର୍ଟ କଲେ ମଧ ସେ ଜାଣିପାରନ୍ତି ନାହିଁ। ଏନେଇ ବନ୍ଧୁମାନେ ରକୁଲ୍‌ଙ୍କୁ ଜଣାଇଥାନ୍ତି, ଯାହା ସେ ଅନୁଭବ କରିପାରି ପରେ ଖୁବ୍ ହସନ୍ତି। ଏଣୁ ରକୁଲ୍ ବି ଏବେ ଫ୍ଲର୍ଟ କରିବା ଶିଖୁଛନ୍ତି। ଆଉ ତାଙ୍କୁ ଟିପ୍ସ ଦେଉଛନ୍ତି ତାଙ୍କ ବେଷ୍ଟି ରିୟା ଚକ୍ରବର୍ତ୍ତୀ। ଏ ସବୁ ମାମଲାରେ ରିୟାଙ୍କୁ ଅଭିଜ୍ଞ ବୋଲି ମାନନ୍ତି ରକୁଲ୍। ପୁରୁଷଙ୍କ ଭିତରେ କେଉଁ ଗୁଣ ତାଙ୍କୁ ଆକର୍ଷିତ କରିବାକୁ ଯଥେଷ୍ଟ ବୋଲି ଏକ ପ୍ରଶ୍ନର ଉତ୍ତରରେ ରକୁଲ୍ କୁହନ୍ତି, ସେ ବୁଦ୍ଧିମାନ ପୁରୁଷଙ୍କୁ ପସନ୍ଦ କରନ୍ତି। କାହା ସହ କଥା ହେବାକୁ ହେଲେ ବାର୍ତ୍ତାଳାପ ମଜାଦାର ହେବା ସହ ବୁଦ୍ଧିମତ୍ତାର ସହ ମଧ ହେବା ଆବଶ୍ୟକ। ଏପରି ନ ହେଲେ ଅଧିକରୁ ଅଧିକ ୨-୩ ଦିନ, ୨-୩ ସପ୍ତାହ କିମ୍ବା ୨-୩ ମାସ ହିଁ ସମ୍ପର୍କ ତିଷ୍ଠିପାରିବ। ତେବେ ଏଭଳି ପୁରୁଷଙ୍କ ସଂଖ୍ୟା କିନ୍ତୁ କମ୍, ଯାହାଙ୍କ ସହ ଭଲ ବିଷୟରେ କଥାବାର୍ତ୍ତା ବା ଆଲୋଚନା କରିହେବ।

**ଟିପ୍ସ ଦେଉଛନ୍ତି ତାଙ୍କ ବେଷ୍ଟି ରିୟା ଚକ୍ରବର୍ତ୍ତୀ**

# ଗାଁରେ ସୃଷ୍ଟି କରିଛନ୍ତି ଜଙ୍ଗଲ



ମନରେ ଯଦି କିଛି କରିବାର ଦୃଢ଼ ଇଚ୍ଛାଶକ୍ତି ଓ ନିଷ୍ଠା ରହିଥାଏ, ସେଠାରେ ବୟସ କେବଳ ଏକ ସଂଖ୍ୟାରେ ସୀମିତ ରହିଯାଇଥାଏ। ଉତ୍ତରାଖଣ୍ଡର ରୁଦ୍ରପ୍ରୟାଗ ଜିଲା ଅଧୀନ ପଶାଲତ ଗ୍ରାମରେ ରହୁଥିବା ୭୬ ବର୍ଷୀୟା ପ୍ରଭା ଦେବୀ ଏହା ପ୍ରମାଣିତ କରିଛନ୍ତି। ସେ ସମୟରେ କମ୍ ବୟସରେ ଏକ ଯୌଥ ପରିବାରରେ ବିବାହ କରିଥିବା ପ୍ରଭା କେବଳ ଚାରିକାନ୍ଥ ମଧ୍ୟରେ ରହି ନ ଯାଇ ନିଜ ଗାଁ ସମେତ ସମଗ୍ର ଦେଶରେ ନିଜର ଏକ ଭିନ୍ନ ପରିଚୟ ସୃଷ୍ଟି କରିଛନ୍ତି। ବର୍ତ୍ତମାନ ସମୟରେ ବିକାଶ ନାମରେ ପ୍ରତିଦିନ ଗଛ କଟାଯାଉଥିବାବେଳେ ଏହା ଆମ ପରିବେଶ ଏବଂ ପୃଥିବୀ ପାଇଁ ମହାବିପଦ ସୃଷ୍ଟି କରୁଛି। ହେଲେ ଏଥିପ୍ରତି ସଚେତନ ଥିବା ଲୋକ କମ୍ ଅଛନ୍ତି। ଗଛକୁ ସମସ୍ତେ ଭଲ ପାଆନ୍ତି, ମାତ୍ର ଚାରାଟିଏ ଲଗାଇବା ଓ ତାହାର ଯତ୍ନ ନେବାର ମହତ୍ତ୍ୱ ସମସ୍ତେ ଜାଣନ୍ତିନି। ହେଲେ ସେ ନିଜ ପରିଣତ ବୟସରେ ଏକାକୀ ୫୦୦ରୁ ଊର୍ଦ୍ଧ୍ୱ ଗଛ ଲଗାଇ ଗାଁ ରେ ଏକ ଜଙ୍ଗଲ ସୃଷ୍ଟି କରିଛନ୍ତି। ଏପରିକି ନିଜ ଘର ପରିସରରେ ମଧ ବିଭିନ୍ନ ପ୍ରକାର ଫୁଲ ଓ ଫଳ ଗଛ ଲଗାଇ ସୁନ୍ଦର ଏବଂ ସୁସ୍ଥ ପରିବେଶ ସୃଷ୍ଟି କରିଛନ୍ତି। ଏହି ରାସ୍ତା ଦେଇ ଲୋକେ ଯିବା ସମୟରେ ପ୍ରଭାଙ୍କ ବଗିଚା ସମସ୍ତଙ୍କ ମନ କିଣିଥାଏ ଏବଂ ଏକ ପର୍ଯ୍ୟଟନସ୍ଥଳୀର ଭ୍ରମ ସୃଷ୍ଟି କରିଥାଏ। ଗୁରୁତ୍ୱପୂର୍ଣ୍ଣ ବିଷୟ କଥା ହେଲା, ଆଖପାଖ ଅଞ୍ଚଳରେ ମିଳୁ ନ ଥିବା ବୃକ୍ଷକୁ ମଧ ସେ ନିଜ ଜଙ୍ଗଲରେ ଲଗାଇ ବଢ଼ାଇବାରେ ସକ୍ଷମ ହୋଇଛନ୍ତି। ନିଜ ଗାଁ ଓ ବୃକ୍ଷ ପ୍ରତି ତାଙ୍କର ଗଭୀର ସ୍ନେହ। ତେଣୁ ଯେତେବେଳେ ଯେଉଁଠାରେ ସୁଯୋଗ ମିଳେ ସେଠାରେ ଚାରାରୋପଣ କରିଥାନ୍ତି। ଏମିତିକି ସେ ଗଛ ଗୁଡ଼ିକୁ ଛାଡ଼ି ଦିନେ ମଧ ଗାଁ ରୁ ବାହାରକୁ ଯାଇ ନ ଥାନ୍ତି। ନିଜ ଘରେ ଗାଈ, ମଇଁଷି ରହୁଥିବାବେଳେ ସେମାନଙ୍କ ପାଇଁ ଚାରା ଆଣିବାକୁ ଯିବା ସମୟରେ ମଧ ଚାରା ଗୁଡ଼ିକୁ କେବେ ମୂଳରୁ ଓପାଡ଼ି ନ ଥାନ୍ତି। ଏହା ହିଁ ପ୍ରକୃତି ପ୍ରତି ରହିଥିବା ତାଙ୍କ ପ୍ରେମକୁ ପ୍ରମାଣିତ କରେ। ବର୍ତ୍ତମାନ ଯେପରି ଜଳବାୟୁ ଓ ପରିବେଶରେ ପରିବର୍ତ୍ତନ ଘଟୁଛି, ଏଥିପାଇଁ ଯଥେଷ୍ଟ ବୃକ୍ଷର ଆବଶ୍ୟକତା ରହିଛି। ତେଣୁ ପ୍ରଭା ଦେବୀଙ୍କ ପ୍ରକୃତି ପ୍ରତି ଯୋଗଦାନ ସମସ୍ତଙ୍କ ପାଇଁ ଉଦାହରଣ ନିଶ୍ଚୟ।

**ପ୍ରଭା ଦେବୀଙ୍କ ପ୍ରକୃତି ପ୍ରେମ**

# ଚୁମ୍ବନରୁ ହିଁ ପ୍ରେମୀ ଚୟନ

ଚୁମ୍ବନ ଉପରେ ଯେ କେବଳ ମଣିଷର ଅଧିକାର ଅଛି ସେପରି ଭାବିବା ଠିକ ନୁହେଁ। ହ୍ୱାଇଟ ଫ୍ରଣ୍ଟେଡ ପ୍ୟାରଟ ନାମରେ ଏକ ପ୍ରଜାତିର ଶୁଆ ଦେଖିବାକୁ ମିଳନ୍ତି, ଯେଉଁମାନେ ଚୁମ୍ବନ ଦେବାରେ ମାହିର। ଏହି ଶୁଆଗୁଡ଼ିକ ଖୁବ ଆକର୍ଷଣୀୟ ଲାଗନ୍ତି। ଏମାନଙ୍କ ଆଖି ଚାରିପଟେ ନାଲିରଙ୍ଗ ରେଖା ରହିଥିବାରୁ ଏଗୁଡ଼ିକ ବେଶି ସୁନ୍ଦର ଦେଖାଯାଆନ୍ତି। ମିଳନ ସମୟ ପାଖେଇ ଆସିଲେ ଏମାନେ ସାଥୀ ଚୟନ କରିବାକୁ ବାହାରନ୍ତି। ଆଉ ସେହି ସମୟରେ ହିଁ ସେମାନଙ୍କୁ ଚୁମ୍ବନ ସହାୟକ ହୋଇଥାଏ। ଚୁମ୍ବନ କରିବାର କ୍ଷମତାକୁ ଦେଖି ସେମାନେ ନିଜ ପାଇଁ ପ୍ରେମୀ ବାଛିଥାନ୍ତି। ସେମାନେ ଚଞ୍ଚୁରେ ଚଞ୍ଚୁ ଘଷି ତଥା ପରସ୍ପରର ଜିଭ ସହିତ ଖେଳିଥାନ୍ତି। ଯଦି ଦୁଇଟିଯାକ ଶୁକପକ୍ଷୀ ଭାବନ୍ତି ଯେ, ସେମାନେ ପରସ୍ପର ପାଇଁ ଯୋଗ୍ୟ ତା'ହେଲେ ଅଣ୍ଡିରା ଶୁଆଟି ଉପହାର ସ୍ୱରୂପ ମାଈଶୁଆର ପାଟିରେ ବାନ୍ତି କରିଥାଏ। ଫଳସ୍ୱରୂପ, ମାଈଶୁଆଟି ଜାଣିନିଏ ଯେ, ତାକୁ ତା'ର ମନଲାଖି ସାଥୀ ମିଳିଯାଇଛି। ଏହାପରେ ସେମାନଙ୍କର ବଂଶ ବିସ୍ତାରର କାର୍ଯ୍ୟ ଆରମ୍ଭ ହୋଇଥାଏ। ପ୍ରକୃତିର ଏହି ଜୀବଟି ଖାସ ଚୁମ୍ବନ ପାଇଁ ନିଆରା ବୋଲି ପକ୍ଷୀ ବିଶେଷଜ୍ଞଙ୍କ ମତ।



# କୁକୁର ପାଲଟିଛି କିଙ୍ଗ୍ ଅଫ୍ ବାଲାନ୍ସ



ହାର୍ଲସୋ ହେଉଛି ଏକ ୫ ବର୍ଷୀୟ କୁକୁର। ତା' ଘର ଉତ୍ତର ଆୟର୍ଲାଣ୍ଡର ବେଲଫାଷ୍ଟରେ। ହେଲେ ଏବେ ସେ ସୋସିଆଲ ମିଡିଆରେ ବେଶ୍ ଚର୍ଚ୍ଚିତ। କାରଣ ହାର୍ଲସୋ ନିଜ ମୁଣ୍ଡରେ ବିଭିନ୍ନ ଜିନିଷକୁ ସନ୍ତୁଳନ ରକ୍ଷାକରି ରଖିପାରୁଛି। ତାହା ପାଣିଭର୍ତ୍ତି ଗ୍ଲାସ ହେଉ କି ଖେଳଣା ଅବା ଖାଦ୍ୟ ସାମଗ୍ରୀ, ସବୁ ଜିନିଷକୁ ସେ ବେଶ୍ ଆରାମରେ ନିଜର କୁନି ମୁଣ୍ଡରେ ଅନେକ ସମୟ ପର୍ଯ୍ୟନ୍ତ ରଖିପାରେ। ହାର୍ଲସୋର ଏହି ପ୍ରତିଭା ସମ୍ପର୍କରେ ତା' ମାଲିକ ପଲ ଲାଭେରୀ ତିନିବର୍ଷ ପୂର୍ବେ ଜାଣିବାକୁ ପାଇଥିଲେ। ମାଲିକ ତା' ମୁଣ୍ଡରେ ଏକ ଖେଳଣା ରଖି ଦେଖିଲେ ଯେ, କୁକୁର ଅନେକ ସମୟ ପର୍ଯ୍ୟନ୍ତ ତାକୁ ନ ପକାଇ ଧରି ରଖିପାରିଥିଲା। ପରେ ଲାଭେରୀ ବିଭିନ୍ନ ପ୍ରକାରର ଜିନିଷ ହାର୍ଲସୋ ମୁଣ୍ଡରେ ରଖିଲେ। ଏବେ ହାର୍ଲସୋ ବାଲାନ୍ସର କିଙ୍ଗ୍ ପାଲଟିଗଲାଣି। ଏହି ସମୟର ଫଟୋକୁ ମାଲିକ ଲାଭେରୀ ସୋସିଆଲ ମିଡିଆରେ ଅପ୍‌ଲୋଡ୍ କଲେ। ଆଉ ଲୋକେ ଏହାକୁ ବେଶ ପସନ୍ଦ କଲେ। ଏବେ ଇନ୍‌ଷ୍ଟାଗ୍ରାମରେ ହାର୍ଲସୋର ୧୪,୦୦୦ ଫଲୋୟର୍ସ ଅଛନ୍ତି।

# ୩୦ ବର୍ଷ ଧରି ମହିଳା ବେଶରେ ପୁରୁଷ

**ଜୌନପୁର:** ଉତ୍ତର ପ୍ରଦେଶ ଜୌନପୁରରେ ଚିନ୍ତାହରଣ ଚୌହାନ(୬୬) ନାମକ ଜଣ ବୃଦ୍ଧ ଦୀର୍ଘ ୩୦ ବର୍ଷ ହେବ ନାରୀ ବେଶରେ ରହୁଛନ୍ତି। କଥାଟା କାହାଣୀ ଭଳି ଲାଗୁଥିଲେ ବି ସତ। ହେଲେ ସେ ଯାହା କୁହନ୍ତି ତାହା ଅନ୍ଧବିଶ୍ୱାସ ଭଳି ଲାଗୁଥିଲେ ବି ତାହା ତାଙ୍କ ପାଇଁ ସତ ବୋଲି ସେ କୁହନ୍ତି। ମାତ୍ର ୧୪ ବର୍ଷ ବୟସରେ ବିବାହ କରିଥିବା ଚିନ୍ତାହରଣଙ୍କର ବିବାହର କିଛି ବର୍ଷ ମଧ୍ୟରେ ସ୍ତ୍ରୀଙ୍କର ମୃତ୍ୟୁ ହୋଇଥିଲା। ଏଥିରେ ମର୍ମାହତ ହୋଇ ସେ କୋଲକାତା ଚାଲିଯାଇ ସେଠାରେ ଏକ ଇଟାଭାଟିରେ କାମ କରିଥିଲେ। କିଛିଦିନ ପରେ ସେଠାରେ ସେ ଜଣେ ବଙ୍ଗାଳି ଝିଅଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ହେଲେ ଏଥିରେ ତାଙ୍କ ପରିବାର ଲୋକେ ଅରାଜି ହେବାରୁ ସେ ତାଙ୍କ ଦ୍ୱିତୀୟ ସ୍ତ୍ରୀଙ୍କୁ କୋଲକାତାରେ ଛାଡି ଦେଇ ଉତ୍ତର ପ୍ରଦେଶ ପଳାଇ ଆସିଥିଲେ। କିଛିଦିନ ପରେ ତାଙ୍କ ସହ ତାଙ୍କ ପରିବାର ସଦସ୍ୟଙ୍କ ଦେହ ଖରାପ ହେବା ଆରମ୍ଭ କଲା। କିଛି ରୋଗ ଚିହ୍ନଟ ପୂର୍ବରୁ ଜଣକ ପରେ ଜଣେ ଚିନ୍ତାହରଣଙ୍କ ମାତା, ପିତା, ଭାଇ, ଭାଉଜ, ପୁତୁରା ଆଦିଙ୍କର ମୃତ୍ୟୁ ହେଲା। ସେପଟେ ଦ୍ୱିତୀୟ ସ୍ତ୍ରୀ ମଧ ସ୍ୱାମୀଙ୍କୁ ହରାଇବା ଦୁଃଖରେ ଆତ୍ମହତ୍ୟା କରିଦେଇଥିଲେ। ଏହାଦେଖି ଚିନ୍ତାହରଣ ଭୟଭୀତ ହୋଇ ଯାଇଥିଲେ। ସେ କୁହନ୍ତି ପ୍ରତିଦିନ ତାଙ୍କ ଦ୍ୱିତୀୟ ସ୍ତ୍ରୀ ସ୍ୱପ୍ନରେ ଆସିଥାଆନ୍ତି। ଆଉ ସେ ତାଙ୍କୁ ଅଭିମାନରେ କହିଥାଆନ୍ତି ତୁମେ ଷୋଳ ଶୃଙ୍ଗାର ବେଶ ହେଲେ ମୁଁ ତୁମକୁ କ୍ଷମା ଦେବି। ଆଉ ଏହାପରେ ସେ ନାରୀ ବେଶ ଧାରଣ କରିବାରୁ ଆପଣାଛାଏଁ ସେ ସୁସ୍ଥ ହୋଇଯିବା ସହ ତାଙ୍କର ଦୁଇ ପୁଅ ବଞ୍ଚିଯାଇଥିବା ସେ କୁହନ୍ତି। ତେଣୁ ସେବେଠାରୁ ସେ ମୃତ୍ୟୁକୁ ଏକ ପ୍ରକାର ଭୟକରି ନାରୀ ବେଶ ଧାରଣ କରିଛନ୍ତି ବୋଲି କହିଛନ୍ତି।



# କେଶହୀନ କନିଆ

ବିବାହ ବେଳେ କନିଆର ଶୃଙ୍ଗାର ସମସ୍ତଙ୍କୁ ଆକୃଷ୍ଟ କରେ। ଶୃଙ୍ଗାର ଭିତରେ କେଶ ବିନ୍ୟାସର ଥାଏ ବିଶେଷ ଗୁରୁତ୍ୱ। କନିଆର କେଶ ଯେତେ ସୁନ୍ଦର କେଶ ବିନ୍ୟାସ ସେତେ ଆକର୍ଷକ ହୁଏ। ହେଲେ ନିକଟରେ ଜଣେ କେଶ ନ ଥିବା କନିଆଙ୍କ ଫଟୋ ବେଶ ଚର୍ଚ୍ଚାରେ ରହିଛି। କେଶ ନ ଥାଇ ବି ସେ କନିଆ ବେଶରେ ଲାଗୁଥିଲେ ବେଶ ସୁନ୍ଦର। ସେହି କନିଆ ଜଣକ ହେଉଛନ୍ତି ତାମିଲନାଡୁର ୨୮ ବର୍ଷୀୟା ବୈଷ୍ଣବୀ ପୁବେନ୍ଦ୍ରନ ପିଲ୍ଲେ, ଯିଏକି ମାଲେସିଆରେ ରହୁଛନ୍ତି। ହାତରେ ମେହେନ୍ଦୀ, କପାଳରେ ବିନ୍ଦି, ଓଠରେ ଚକୋଲେଟ ରଙ୍ଗର ଲିପଷ୍ଟିକ୍ ସାଙ୍ଗକୁ ଚକୋଲେଟ ରଙ୍ଗର ଶାଢିରେ ସେ ଲାଗୁଥିଲେ ଅତି ସୁନ୍ଦର କନିଆଟିଏ। ହେଲେ ତାଙ୍କ ମୁଣ୍ଡରେ ନ ଥିଲା କେଶ। ସେ ନିଜ ମୁଣ୍ଡକୁ ଘୋଡାଇବାକୁ ବି ଚେଷ୍ଟା କରି ନ ଥିଲେ। କିଛି ଫଟୋରେ ସେ ପତଳାଧଳା ରଙ୍ଗର ଓଢଣି ମୁଣ୍ଡରେ ପକାଇଛନ୍ତି। ହେଲେ ସେଥିରେ ତାଙ୍କ ମୁଣ୍ଡ ସଫା ସଫା ଦେଖାଯାଉଥିଲା। ତଥାପି ଏଇ ଅଭାବ ତାଙ୍କ ସୌନ୍ଦର୍ଯ୍ୟକୁ ମଳିନ କରିପାରି ନ ଥିଲା। ଦୁଇ ଦୁଇ ଥର କ୍ୟାନ୍ସର (ସ୍ତନ କର୍କଟ, ଲିଭର୍, ବ୍ୟାକ୍ବୋନ କ୍ୟାନ୍ସର) ସହ ଲଢିଥିବା ବୈଷ୍ଣବୀ ସାରା ଦୁନିଆ ଆଗରେ କେଶବିହୀନ କନିଆ ହୋଇ ସମସ୍ତଙ୍କ ମନ ଜିଣିପାରିଲେ। କ୍ୟାନ୍ସର ପାଇଁ ଯେ ତାଙ୍କର କେଶ ନଷ୍ଟ ହୋଇଛି ତାହା ନୁହେଁ ତାଙ୍କର ସ୍ତନ ବି ବାହାର କରି ଦିଆଯାଇଛି। ତଥାପି ମନୋବଳ ତାଙ୍କର କମିନି। ସେ କନିଆ ବେଶରେ ଫଟୋ ଶୁଟ କରାଇ ଇନ୍‌ଷ୍ଟାଗ୍ରାମ୍‌ରେ ଅପଲୋଡ୍ କରିଥିଲେ। ତାଙ୍କ ଫଟୋକୁ ଲୋକେ ବହୁତ ପସନ୍ଦ କଲେ।




# ମ୍ୟୁଜିୟମ୍‌ରେ ୪ ହଜାର ବାସନ

ଯଦି କେବେ ମ୍ୟୁଜିୟମ୍ ଯାଇଥିବେ ତେବେ ନିଶ୍ଚିତ ଇତିହାସ ସହିତ ଜଡ଼ିତ କିଛି ସାମଗ୍ରୀ, ବିଲୁପ୍ତ ପଶୁପକ୍ଷୀଙ୍କ କଙ୍କାଳ, ମହାପୁରୁଷମାନେ ବ୍ୟବହାର କରୁଥିବା ଜିନିଷ ଦେଖିଥିବେ। ମାତ୍ର ଭାରତରେ ଏମିତି ଏକ ମ୍ୟୁଜିୟମ୍ ଅଛି, ଯେଉଁଠି ଅଜବ ସାମଗ୍ରୀ ରଖାଯାଇଛି। ସେଗୁଡ଼ିକୁ ଦେଖିଲେ ଆଶ୍ଚର୍ଯ୍ୟ ହୋଇଯିବେ। ଗୁଜରାଟର ଅହମ୍ମଦାବାଦରେ ଏପରି ଏକ ମ୍ୟୁଜିୟମ ଅଛି, ଯେଉଁଠି କେବଳ ବାସନକୁସନ ସଂରକ୍ଷିତ ରଖାଯାଇଛି। ଏଠାରେ ୪ ହଜାରରୁ ଅଧିକ ବାସନ ରହିଛି। ସେଗୁଡ଼ିକ ହଜାରେ ବର୍ଷର ପୁରୁଣା। ଏହି ମ୍ୟୁଜିୟମ୍‌ରେ ପ୍ରତ୍ୟେକ ଧାତୁରେ ନିର୍ମିତ ବାସନ ରହିଛି। ଏହା ଭାରତୀୟ ସଂସ୍କୃତି କଳାର ମ୍ୟୁଜିୟମ୍। ସେହିପରି ଆଉ ଏକ ଅଜବ ମ୍ୟୁଜିୟମ୍ ରହିଛି ଦିଲ୍ଲୀରେ, ଯାହାର ନାଁ ଇଣ୍ଟରନ୍ୟାଶନାଲ ଶୌଚାଳୟ ମ୍ୟୁଜିୟମ୍। ଏଠାରେ ବିଭିନ୍ନ ପ୍ରକାର ଶୌଚାଳୟ ସାମଗ୍ରୀ ରଖାଯାଇଛି। ଏହି ମ୍ୟୁଜିୟମ୍‌ରେ ରୋମ ସାମ୍ରାଜ୍ୟ ବେଳର ସୁନା ଓ ରୁପାରେ ତିଆରି ଶୌଚାଳୟ ସାମଗ୍ରୀ ସଂରକ୍ଷିତ କରାଯାଇଛି।



# ଆଳୁ ଆକୃତି ହୋଟେଲ



ଆମେରିକାର ଇଡାହୋ ରାଜ୍ୟର ରାଜଧାନୀ ବୋଇସେଠାରେ ରହିଛି ଏଭଳି ଏକ ହୋଟେଲ, ଯାହା ଦେଖିବାକୁ ଆଳୁ ଆକୃତିର। ଏହି ହୋଟେଲକୁ ଦେଖିଲେ ଲାଗେ ମାଟି ଉପରେ ଏକ ବଡ଼ ଆଳୁ ରଖାଯାଇଛି । ୬ ଟନ୍ ଓଜନ ବିଶିଷ୍ଟ ଏହି ହୋଟେଲରେ ଯାତ୍ରୀଙ୍କ ରହିବା ପାଇଁ ବ୍ୟବସ୍ଥା ରହିଛି । ୨୮ ଫୁଟ ଲମ୍ବ, ୧୨ ଫୁଟ ଓସାର ଏବଂ ୧୧.୫ ଫୁଟ ଉଚ୍ଚ ବିଶିଷ୍ଟ ଏହି ହୋଟେଲ ଷ୍ଟିଲ, ପ୍ଲାଷ୍ଟର ଏବଂ କଂକ୍ରିଟରେ ନିର୍ମିତ ହୋଇଛି । ହୋଟେଲ ଭିତରେ ଏକ ବେଡ୍, ଦୁଇଟି ଚେୟାର, ଏକ ଶେଲ୍ଫ, ତା'ସହ ଏକ ଲାଉଞ୍ଜ, ବାଥ୍‌ଟବ୍ ଏବଂ ଶୀତଦିନେ ଶୀତ ଦାଉରୁ ରକ୍ଷାପାଇବା ଲାଗି ଫାୟାର ପ୍ଲେସ୍ ମଧ ରହିଛି। ତେବେ ଦୁଇଜଣ ଯାତ୍ରୀ ରହିବା ଲାଗି ଉଦ୍ଦିଷ୍ଟ ଏହି ହୋଟେଲରେ ଗୋଟିଏ ରାତ୍ରିଯାପନ କରିବା ଲାଗି ୨୦୦ ଡଲାର ଦେବାକୁ ପଡ଼ିଥାଏ।

# କଙ୍କଡ଼ା ରକ୍ତ ଲିଟର ୧୦ ଲକ୍ଷ



ହର୍ଷସୁ' କଙ୍କଡ଼ା ଦେଖିବାକୁ ଘୋଡ଼ାର ନାଲ ଭଳି। ହେଲେ ଏହାର ଶାଙ୍କୁଚ ପରି ଲାଞ୍ଜ ଥାଏ। ଏହାର ବୈଜ୍ଞାନିକ ନାମ ହେଉଛି ଲିମୁଲସ ପଲିଫେମସ। ଆଉ ଏହି କଙ୍କଡ଼ାର ରକ୍ତ ନୀଳ ରଙ୍ଗର ହୋଇଥାଏ। ଉକ୍ତ କଙ୍କଡ଼ାର ରକ୍ତ ମେଡିକାଲ ସାଇନ୍ସ ପାଇଁ ଅମୃତ ସ୍ୱରୂପ। ବିଭିନ୍ନ ଔଷଧରେ ବ୍ୟବହାର ହେଉଥିବା ଏହି ରକ୍ତର ମୂଲ୍ୟ ଆକାଶଛୁଆଁ। ଅର୍ଥାତ ଏକ ଲିଟର ରକ୍ତର ମୂଲ୍ୟ ୧୦ ଲକ୍ଷ ଟଙ୍କା ହୋଇଥାଏ। ପ୍ରତିବର୍ଷ ୫ ଲକ୍ଷ କଙ୍କଡ଼ାଙ୍କର ରକ୍ତ ବାହାର କରାଯାଇଥାଏ। ରକ୍ତ ବାହାର କରିବା ପାଇଁ ସେମାନଙ୍କୁ ମରାଯାଇଥାଏ। ଏହି କଙ୍କଡ଼ାର ରକ୍ତକୁ ମଣିଷ ଶରୀରରେ ଇଞ୍ଜେକ୍ଟ କରି ବିପଜ୍ଜନକ ବ୍ୟାକ୍ଟେରିଆକୁ ଚିହ୍ନଟ କରାଯାଇଥାଏ। କାରଣ ଏହି ରକ୍ତରେ ମଣିଷ ଶରୀର ମଧ୍ୟସ୍ଥ ବିପଜ୍ଜନକ ବ୍ୟାକ୍ଟେରିଆକୁ ଠିକ ଭାବେ ଚିହ୍ନଟ କରିବାର କ୍ଷମତା ଥାଏ।




**ସଂକ୍ଷେପରେ**

## ଆଇଆର୍‌ସିଟିସି କମାଇବ ରେଳଭଡ଼ା

### ମିଳିବ ଅନ୍‌ଲାଇନ ପେମେଣ୍ଟରେ ରିହାତି

**ଭୁବନେଶ୍ୱର, ୩।୧୧(ବ୍ୟୁରୋ):** ଆଇଆର୍‌ସିଟିସି କମାଇବାକୁ ଯାଉଛି ରେଳଭଡ଼ା। ପ୍ରତି ସଂରକ୍ଷିତ ଟିକେଟରେ ଆଦାୟ କରାଯାଉଥିବା ସେବା ଦେୟରେ ଏବେ ଯାତ୍ରୀଙ୍କୁ ରିହାତି ମିଳିବ। ଯାତ୍ରୀ ଟିକେଟ ବୁକିଂ କରିବା ସମୟରେ ଭୀମ୍ କିମ୍ବା ୟୁପିଆଇ ଜରିଆରେ ପେମେଣ୍ଟ କରିଲେ ଟିକେଟ ପିଛା ୫ ପ୍ରତିଶତ ରିହାତି ମିଳିବ। ଏଥିସହ ସୁବିଧା ଶୁଳ୍କରେ ମଧ ହ୍ରାସ ଘଟିବ। ନନ୍-ଏସି ଟିକେଟରେ ୧୦ ଟଙ୍କା ଏବଂ ଏସି ଟିକେଟରେ ୨୦ ଟଙ୍କା ସୁବିଧା ଶୁଳ୍କ ଆଦାୟ କରାଯିବ। ବର୍ତ୍ତମାନ ଆଇଆର୍‌ସିଟିସି ଟିକେଟ ପିଛା ନନ୍-ଏସିରେ ୧୫ ଟଙ୍କା ଏବଂ ଏସି ଟିକେଟରେ ୩୦ ଟଙ୍କା ସୁବିଧା ଶୁଳ୍କ ଆଦାୟ କରୁଛି। ଅନ୍‌ଲାଇନ/ଡିଜିଟାଲ ପେମେଣ୍ଟକୁ ପ୍ରୋତ୍ସାହିତ କରିବା ପାଇଁ ରେଳ ବିଭାଗ ଏହି ନିଷ୍ପତ୍ତି ନେବାକୁ ଯୋଜନା କରୁଛି ବୋଲି ଜଣାପଡ଼ିଛି।

## ଦଳୀୟ ଭିତ୍ତିରେ ବଣ୍ଟାଯାଉଛି ପିଏମ୍‌ଏୱାଇ

### ଆନ୍ଦୋଳନକୁ ଓହ୍ଲାଇବ ଭାଜପା

**ଭୁବନେଶ୍ୱର,୩।୧୧(ବ୍ୟୁରୋ):** ବାତ୍ୟା ଫନୀ ପ୍ରଭାବିତ ୧୪ ଜିଲାରେ ପ୍ରକୃତ କ୍ଷତିଗ୍ରସ୍ତ ଲୋକ ବର୍ତ୍ତମାନ ସୁଦ୍ଧା କ୍ଷତିପୂରଣ ପାଇନାହାନ୍ତି । ଫନୀ ଜନିତ ରାଜ୍ୟର ୧୪ ଜିଲାରେ ତାଲିକାନୁଯାୟୀ ପୂର୍ଣ୍ଣ, ଗୁରୁତର ଓ ଆଂଶିକ ୩ପ୍ରକାର ଭାବେ ପ୍ରସ୍ତୁତ ହୋଇଥିବା ଘରଭଙ୍ଗା ସଂଖ୍ୟା ୩ ଲକ୍ଷ ୮୯ ହଜାର ଦର୍ଶାଯାଇ ବ୍ୟାପକ ଜାଲିଆତି କରାଯାଇଛି । ପ୍ରକୃତ ଘର ଭାଙ୍ଗିଥିବା କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣରୁ ବଞ୍ଚିତ କରାଯାଇ ଦଳୀୟ ଭିତ୍ତିରେ ଘର ଭାଙ୍ଗି ନ ଥିବା ଲୋକଙ୍କୁ ତାଲିକା ଭୁକ୍ତ କରାଯାଇଛି । ଫନୀରେ ଓଡ଼ିଶାରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା ଏବଂ କେନ୍ଦ୍ର ସରକାର ସହଯୋଗ କରିଥିଲେ । ପୂର୍ବରୁ ଏବଂ ପରେ ୩ଟି ପର୍ଯ୍ୟାୟରେ ସମୁଦାୟ ୩,୩୩୮ କୋଟି ଟଙ୍କାର କେନ୍ଦ୍ରୀୟ ସହାୟତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗାଇ ଦେଇଛନ୍ତି । ମାତ୍ର ରାଜ୍ୟ ସରକାର ତାଲିକାକୁ ବଢ଼େଇ ଦଳୀୟ ଭିତ୍ତିରେ ସହାୟତା ଟଙ୍କାକୁ ବାଣ୍ଟି ପ୍ରକୃତ କ୍ଷତିଗ୍ରସ୍ତ ଲୋକଙ୍କୁ ସହାୟତାରୁ ବଞ୍ଚିତ କରିଛନ୍ତି। ସେହିପରି ରାଜ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଅନିୟମିତତା ଦେଖାଦେଇଛି । ନିର୍ମାଣ ହେବାକୁ ଥିବା ୧୨ ଲକ୍ଷ ୭୫ ହଜାର ପକ୍କାଘର ତାଲିକାରେ ୮୫ପ୍ରତିଶତ ଅଯୋଗ୍ୟ ହିତାଧିକାରୀ ଅଛନ୍ତି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା ଏବଂ ଫନୀ ସହାୟତା ଘର ଯୋଗାଇ ଦେବାରେ ରାଜ୍ୟ ସରକାର କରିଥିବା ବ୍ୟାପକ ଜାଲିଆତି ବିରୋଧରେ ତୀବ୍ର ଆନ୍ଦୋଳନ କରାଯିବ ବୋଲି ରାଜ୍ୟ ଭାଜପା ସମ୍ପାଦକ କାଳନ୍ଦୀ ସାମଲ ସୂଚନା ଦେଇଛନ୍ତି ।

## ନଡ଼ିଆ ଗଛରୁ ପଡ଼ି ତୋଳାଳିଙ୍କ ମୃତ୍ୟୁ

**ଖୋର୍ଦ୍ଧା ଅଫିସ,୩।୧୧:** ଶେଷରେ ପେସା ନେଇଛି ଜୀବନ। ରବିବାର ଗଛରୁ ନଡ଼ିଆ ତୋଳୁଥିବାବେଳେ ତଳକୁ ଖସିପଡ଼ି ତୋଳାଳିଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ଖୋର୍ଦ୍ଧା ଜିଲା ବାଣପୁର ମଙ୍ଗରାଜପୁର ଗ୍ରାମର ମାନିଆ ପରିଡ଼ା(୫୨)। ମାନିଆଙ୍କୁ ଗୁରୁତର ଅବସ୍ଥାରେ ବାଣପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମାନିଆ ଭଲ ନଡ଼ିଆ ତୋଳାଳି ଭାବେ ସ୍ଥାନୀୟ ଅଞ୍ଚଳରେ ବେଶ୍ ଜଣାଶୁଣା ଥିଲେ। ବିଭିନ୍ନ ଲୋକଙ୍କ ବଗିଚାରୁ ନଡ଼ିଆ ତୋଳି ଯାହା ପାରିଶ୍ରମିକ ପାଉଥିଲେ ସେଥିରେ ପରିବାର ପ୍ରତିପୋଷଣ କରୁଥିଲେ।

# ପ୍ରଦୂଷଣ ମୁକ୍ତ ବାଲିଯାତ୍ରା ପାଇଁ ଶୋଭାଯାତ୍ରା

## ମୁଖ୍ୟ ବିଚାରପତି, ଜିଲାପାଳ, ଡିସିପି ସାଇକେଲ ଚଳାଇଲେ

**କଟକ ଅଫିସ, ୩।୧୧**

ଐତିହାସିକ କଟକ ବାଲିଯାତ୍ରା ଦେଖିବା ପାଇଁ ରାଜ୍ୟ ଓ ରାଜ୍ୟ ବାହାରୁ ଲକ୍ଷାଧିକ ଲୋକ ଆସିଥାନ୍ତି। ଏହି ସମୟରେ ସହରରେ ଯାନବାହନ ଚଳାଚଳ ଅଧିକ ହୋଇଥାଏ । ତେବେ ଯାନବାହନ ଚଳାଚଳ କମ୍ କରିବା ସହ ସହରକୁ ପ୍ରଦୂଷଣମୁକ୍ତ ରଖିବା ପାଇଁ କଟକ ଜିଲା ପ୍ରଶାସନ ପକ୍ଷରୁ ଏକ ଅଭିନବ ପନ୍ଥା ଅବଲମ୍ବନ କରାଯାଇଛି। ରବିବାର ପ୍ରଶାସନ ପକ୍ଷରୁ ସାଇକେଲ ବ୍ୟବହାରକୁ ଗୁରୁତ୍ୱ ଦିଆଯାଇ ମୋ କଟକ ସାଇକେଲ ଶୋଭାଯାତ୍ରା ୨୦୧୯ ଆୟୋଜନ କରାଯାଇଥିଲା। 'ସାଇକେଲ ଚଲାଅ ସୁସ୍ଥ ରୁହ' ଏବଂ 'ପରିବେଶକୁ ପ୍ରଦୂଷଣ ମୁକ୍ତ ରଖ' ଭଳି ମହତ୍ତ୍ୱପୂର୍ଣ୍ଣ ବାର୍ତ୍ତା ବହନ କରୁଥିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଥିଲା। ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ତତ୍ତ୍ୱାବଧାନରେ ଜିଲା ପ୍ରଶାସନ ଓ ସଂସ୍କୃତି ବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହାକୁ ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ କେ.ଏସ୍. ଝାବେରୀ ଉଦ୍‌ଘାଟନ କରିଥିଲେ । କଟକ ମହାନଗର ନିଗମ(ସିଏମ୍‌ସି) କମିଶନର ଅନନ୍ୟା ଦାସ, ଜଷ୍ଟିସ ସି.ଆର. ଦାସ, ଜଷ୍ଟିସ ବି.ଆର୍. ଷଡଙ୍ଗୀ, ଆଇନ ବିଭାଗ ମୁଖ୍ୟ ସଚିବ ଶଶିକାନ୍ତ ମିଶ୍ର, ପୋଲିସ କମିଶନର ସୁଧାଂଶୁ ଷଡଙ୍ଗୀ, ଡିସିପି ଅଖିଳେଶ୍ୱର ସିଂ, ଜେଲ ବିଭାଗ ଡିଜି ସତ୍ୟଜିତ୍ ମହାନ୍ତି ପ୍ରମୁଖ ଏହି ଶୋଭାଯାତ୍ରାରେ ଯୋଗଦେଇଥିଲେ । ସହରର ଲୋକମାନେ ଯାନବାହନ ଚଳାଚଳ କମ୍ କରି ସାଇକେଲ ଚଳାଇବା ଉପରେ ଅଧିକ ଗୁରୁତ୍ୱ ଦେବା ପାଇଁ ସଚେତନତା ସୃଷ୍ଟି କରାଯାଇଥିଲା । ଏହା ଦ୍ୱାରା ଶରୀର ସୁସ୍ଥ ରହିବା ସହ ପରିବେଶକୁ ପ୍ରଦୂଷଣ ମୁକ୍ତ କରାଯାଇପାରିବ ବୋଲି ଶୋଭାଯାତ୍ରାରେ ଭାଗ ନେଇଥିବା ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି। ଏହି ଶୋଭାଯାତ୍ରା ପାଇଁ କ୍ୟାପିଟାଲ ରିଜିୟନ ଅର୍ବାନ ଟ୍ରାନ୍ସପୋର୍ଟ (ସିଆରୟୁଟି) ଓ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଯଥାକ୍ରମେ ୨୦୦ ଓ ୧୫୦ଟି ସାଇକେଲ ଯୋଗାଇ ଦିଆଯାଇଥିଲା । ଏଥିସହ ବାଲିଯାତ୍ରା ପଡିଆରୁ ରିକ୍ସା ଚାଳକମାନେ ଶୋଭାଯାତ୍ରାରେ ବାହାରି ସହର କରିଥିଲେ ।



'ମୋ କଟକ ସାଇକେଲ ଶୋଭାଯାତ୍ରା'ରେ ବାହାରିଥିବା ମୁଖ୍ୟ ବିଚାରପତି, ଜିଲାପାଳ, ଡିସିପି ଏବଂ ଅନ୍ୟମାନେ ।

## ପୂଜାପାଠ ଆଳରେ ମହିଳାଙ୍କୁ ମଶାଣିକୁ ନେଇ ଅସଦାଚରଣ

# ଛେଚା ଖାଇ ଗିରଫ ହେଲେ ଭଣ୍ଡବାବା

**ବାସୁଦେବପୁର, ୩।୧୧ (ଡି.ଏନ.ଏ.)**

ଜଣେ ଭଣ୍ଡବାବା ଶନିବାର ନିଶାର୍ଦ୍ଧରେ ଜଣେ ନିଃସନ୍ତାନ ମହିଳାଙ୍କୁ ମଶାଣିକୁ ନେଇ ପୂଜାପାଠ କରିବା ଆଳରେ ତାଙ୍କୁ ଅସଦାଚରଣ କରିବା ଭଳି ଘଟଣା ପଦାକୁ ଆସିଛି । ଗ୍ରାମବାସୀ ଓ ମହିଳାଙ୍କ ପରିବାର ଲୋକେ ଭଣ୍ଡବାବାଙ୍କୁ ଧରି ନିଘୁଞ୍ଚ ମାଡ଼ ମାରି ପୋଲିସ ଜିମା ଦେଇଛନ୍ତି। ଏଭଳି ଏକ ଘଟଣା ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଚୂଡ଼ାମଣି ସାମୁଦ୍ରିକ ଥାନା ଅଞ୍ଚଳରେ ଘଟିଛି। ଚୂଡ଼ାମଣି ଥାନା ପୋଲିସ ଏ ନେଇ ଏକ ମାମଲା(ନଂ.୫୧/୧୯) ରୁଜୁ କରି ଭଣ୍ଡବାବା ଭାନୁତାଲାଙ୍କୁ ଗିରଫ କରିଛି। ଲୋକଙ୍କ ମାଡ଼ରେ ସେ ଆହତ ହୋଇଥିବାରୁ ତାଙ୍କୁ ଡାକ୍ତରଖାନାରେ ଚିକିତ୍ସା କରାଯାଇଥିବା ଆଇଆଇସି ମହମ୍ମଦ ହାଫିଜ୍ ସୂଚନା ଦେଇଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ଗିରଫ ଭଣ୍ଡବାବା ଭାନୁତାଲାଙ୍କ ଘର ବାସୁଦେବପୁର ବ୍ଲକ କିଷ୍ଣତକୃଷ୍ଣପୁର ଗ୍ରାମରେ । ପୂଜାପାଠ କଲେ ସନ୍ତାନ ଲାଭ ସମ୍ଭବ ବୋଲି କହି ସ୍ଥାନୀୟ ଅଞ୍ଚଳର ଏକ ନିଃସନ୍ତାନ ଦମ୍ପତିଙ୍କ ମନରେ ବିଶ୍ୱାସ ଜନ୍ମାଇଥିଲେ। ତଦନୁଯାୟୀ ଶନିବାର ରାତିରେ ଗାଁ ପାଖ ମଶାଣିରେ ପୂଜାପାଠ କରିବା ଲାଗି ଆୟୋଜନ କରାଯାଇଥିଲା । ଭଣ୍ଡବାବା ଉକ୍ତ ମହିଳାଙ୍କୁ ନେଇ ରାତିରେ ଶ୍ମଶାନକୁ ଯାଇ ପୂଜାପାଠ ଆରମ୍ଭ କରିଥିଲେ। ଏହି ସମୟରେ ସେଠାରେ ସେ ମହିଳାଙ୍କୁ ଅସଦାଚରଣ କରିଥିଲେ। ମହିଳା ଜଣଙ୍କ ଏହାକୁ ବିରୋଧ କରି ପାଟିତୁଣ୍ଡ କରିବାରୁ ଗ୍ରାମବାସୀ ପହଞ୍ଚି ଭଣ୍ଡବାବାଙ୍କୁ କାବୁକରି ନିର୍ଦ୍ଧୁମ ଛେଚିଥିଲେ। ପରେ ସେମାନେ ପୋଲିସକୁ ଡାକି ଭଣ୍ଡବାବାଙ୍କୁ ଜିମା ଦେଇଥିଲେ। ପୂଜାପାଠ ମାଧ୍ୟମରେ ଏଭଳି ଅନ୍ଧବିଶ୍ୱାସ ସୃଷ୍ଟି କରାଯିବା ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ଏ ଦିଗରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

# ଆର୍ମି ଏୟାର ଡିଫେନ୍ସ କଲେଜରେ ଯବାନଙ୍କ ଆତ୍ମହତ୍ୟା

**ଗୋପାଳପୁର,୩।୧୧**

ଗଞ୍ଜାମ ଜିଲା ଗୋଳାବନ୍ଧସ୍ଥିତ ଆର୍ମି ଏୟାର ଡିଫେନ୍ସ (ଏଡି) କଲେଜରେ ଶନିବାର ରାତିରେ ଜଣେ ଯବାନ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ତାମିଲନାଡୁ ଅଞ୍ଚଳର ଏନ୍. କ୍ରିଷ୍ଣା । ଏ ନେଇ ସ୍ଥାନୀୟ ପୋଲିସ ନଂ. ୨୬/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ପ୍ରକାଶ ଯେ, ଗତ ୧୦ ମାସ ହେଲା ଗୋପାଳପୁର ଥାନା ଗୋଳାବନ୍ଧସ୍ଥିତ ଆର୍ମି ଏଡି କଲେଜରେ କ୍ରିଷ୍ଣା ଯବାନ ରୂପେ ଯୋଗ ଦେଇଥିଲେ। ୫ ମାସ ତଳେ ତାଙ୍କର ବିବାହ ହୋଇଥିଲା। କିନ୍ତୁ ବିଭିନ୍ନ ସମୟରେ ସେ ମାନସିକ ଚିନ୍ତାରେ ରହୁଥିଲେ। ତେଣୁ ତାଙ୍କୁ ଗୋଳାବନ୍ଧସ୍ଥିତ ଆର୍ମି ଏଡି କଲେଜ ପରିସରରେ ଥିବା ମେଡିକାଲରେ ଚିକିତ୍ସିତ କରାଯାଉଥିଲା। ଶନିବାର ରାତି ପ୍ରାୟ ୧୦ଟାରେ କ୍ରିଷ୍ଣା ମେଡିକାଲରୁ ଆସି ରହୁଥିବା ବାରାକ୍‌ର ଉପର ମହଲାକୁ ଯାଇ ଫ୍ୟାନରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ରବିବାର ପୂର୍ବାହ୍ନରେ ଅନ୍ୟ ଯବାନମାନେ କ୍ରିଷ୍ଣାଙ୍କୁ ଫ୍ୟାନରେ ଝୁଲୁଥିବା ଦେଖି ଗୋପାଳପୁର ଥାନାରେ ଜଣାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଥିଲା। ଯବାନଙ୍କ ପରିବାର ଲୋକ ଆସିଲେ ମୃତଦେହ ହସ୍ତାନ୍ତର କରାଯିବ ବୋଲି ଥାନାଧିକାରୀ ବିବେକାନନ୍ଦ ମହନ୍ତ କହିଛନ୍ତି।

# ଅଭୟାରଣ୍ୟ, ହାତୀ କରିଡର୍ ପାଇଁ ବିପଦ ପାଲଟିଛି ଖଣି ଖାଦାନ

- ଏନ୍‌ଜିଟିଙ୍କ ଉଦ୍‌ବେଗ
- ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୩।୧୧(ବ୍ୟୁରୋ)**

ରାଜ୍ୟରେ ଅଭୟାରଣ୍ୟ ଓ ହାତୀ କରିଡର୍ ପାଇଁ ବିପଦ ସୃଷ୍ଟି କରୁଛି ଖଣି ଖାଦାନ। ଏନେଇ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି) ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏ ପ୍ରସଙ୍ଗରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଓଡ଼ିଶା ସରକାରଙ୍କୁ ଏନ୍‌ଜିଟି ନିର୍ଦ୍ଦେଶ ଦେଇଛନ୍ତି। ଅଭୟାରଣ୍ୟ ଓ ହାତୀ କରିଡର୍ ଅଞ୍ଚଳ ଭିତରେ ତଥା ଏହାର ଆଖପାଖରେ ଖଣି ଖାଦାନ କାର୍ଯ୍ୟ ଚାଲୁଥିବାରୁ ଜୀବଜନ୍ତୁ କ୍ଷତିଗ୍ରସ୍ତ ହେବା ସହ ହାତୀମାନଙ୍କ ଅବାଧ ଚଳପ୍ରଚଳରେ ବାଧା ଉପୁଜୁଥିବା ଅଭିଯୋଗ ଉଠିଥିଲା । ଏହି ପରିପ୍ରେକ୍ଷୀରେ 'ରୋଜ୍' ଓ 'ଆଶା' ନାମକ ଦୁଇଟି ସାମାଜିକ ସଙ୍ଗଠନ ନୂଆଦିଲ୍ଲୀସ୍ଥିତ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲର ପ୍ରମୁଖ ବେଞ୍ଚରେ ମାମଲା ରୁଜୁ କରିଥିଲେ। ଏନେଇ ଗ୍ରୀନ୍ ଟ୍ରିବ୍ୟୁନାଲ ବିଚାର ବିଭାଗୀୟ ସଦସ୍ୟ ଜଷ୍ଟିସ୍ ଏସ୍.ପି. ୱାଙ୍ଗଡି ଓ ବିଶେଷଜ୍ଞ ସଦସ୍ୟ ଡ. ସତ୍ୟବାନ ସିଂହ ଗର୍ବିୟାଲଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ପ୍ରାଥମିକ ଶୁଣାଣି ପରେ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। କୁଲଡିହା ବନ୍ୟଜନ୍ତୁ ଅଭୟାରଣ୍ୟ ସହିତ ଶିମିଳିପାଳ-ହଦଗଡ଼-କୁଲଡିହା ହାତୀ କରିଡର୍ ଅଞ୍ଚଳ ଓ ଏହାର ଆଖପାଖ ସ୍ଥାନରେ ଯେପରି ଖଣି ଖନନ ଚାଲୁଛି, ସେନେଇ ଗ୍ରୀନ୍ ଟ୍ରିବ୍ୟୁନାଲ ଚିନ୍ତାବ୍ୟକ୍ତ କରିଛନ୍ତି। ଏ ପ୍ରସଙ୍ଗରେ ପୂର୍ବରୁ କମିଶନଙ୍କ ନିର୍ଦ୍ଦେଶ କ୍ରମେ ପିସିସିଏଫ୍ ବିସ୍ତୃତ ରିପୋର୍ଟ ପ୍ରଦାନ କରିଥିଲେ। ତେବେ ରାଜ୍ୟ ସରକାରଙ୍କ ଓକିଲ ଉତ୍ତର ଦାଖଲ ପାଇଁ ଅଧିକ ସମୟ ଚାହିଁଥିଲେ। ଉକ୍ତ ଅଞ୍ଚଳରେ ୯୭ ପଥର ଖଣି ଚାଲିଥିବା ପିସିସିଏଫ୍ ରିପୋର୍ଟରେ ଉଲ୍ଲେଖ ରହିଛି। ଏଥିଯୋଗୁ ହାତୀଙ୍କ ଚଳପ୍ରଚଳ ବାଧାପ୍ରାପ୍ତ ହେବା ଓ ପରିବେଶ ଉପରେ ପ୍ରତିକୂଳ ପ୍ରଭାବ ପଡୁଥିବା ସେ ସ୍ୱୀକାର ମଧ କରିଛନ୍ତି। ତେଣୁ ଏଭଳି ଏକ ସମ୍ବେଦନଶୀଳ ଅଞ୍ଚଳରେ ବିଧି ବ୍ୟବସ୍ଥା ଅନୁଯାୟୀ ଯେପରି ଖଣି ଖାଦାନ ବନ୍ଦ ରୁହେ, ସେ ଦିଗରେ ଦୃଷ୍ଟି ଦେବାକୁ ଗ୍ରୀନ୍ ଟ୍ରିବ୍ୟୁନାଲ ସ୍ପଷ୍ଟ ଉଲ୍ଲେଖ କରିଛନ୍ତି। ଏହି ଅଭୟାରଣ୍ୟ ଓ ହାତୀ କରିଡର୍ ତଥା ଏହାର ଆଖପାଖ ଅଞ୍ଚଳରେ ଖଣି ଖନନ କାର୍ଯ୍ୟ ନ କରିବା ସହ ପିସିସିଏଫ୍‌ଙ୍କ ରିପୋର୍ଟରେ ଉଲ୍ଲେଖ ସମସ୍ତ ସୁପାରିସକୁ ତୁରନ୍ତ କାର୍ଯ୍ୟକାରୀ କରିବା ଲାଗି ଗ୍ରୀନ୍ ଟ୍ରିବ୍ୟୁନାଲ ନିର୍ଦ୍ଦେଶ ଦେଇଛନ୍ତି। ପିସିସିଏଫ୍ ତାଙ୍କ ରିପୋର୍ଟରେ ସମ୍ପୃକ୍ତ ଅଞ୍ଚଳରେ ବୃକ୍ଷରୋପଣ ସହିତ ଲଣ୍ଡା ପାହାଡ଼ଗୁଡ଼ିକୁ ସବୁଜ କରିବା ପାଇଁ କାମ୍ପା ଓ ଅନ୍ୟାନ୍ୟ ପାଣ୍ଠିର ବ୍ୟବହାର ପାଇଁ ସୁପାରିସ କରିଛନ୍ତି। ଏହାସହ ରାଜ୍ୟ ସରକାର ଏକ ମାସ ମଧ୍ୟରେ ସତ୍ୟପାଠ ସହ ଗ୍ରୀନ୍ ଟ୍ରିବ୍ୟୁନାଲରେ ରିପୋର୍ଟ ଦାଖଲ କରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

## ବରଗଡ଼ ଜିଲାରେ ଖରିଫ ଧାନ ସଂଗ୍ରହ

# ମଣ୍ଡି ଖୋଲିନି, ମିଲ୍‌କୁ ଯାଉଛି

**ବରଗଡ଼ ଅଫିସ୍, ୩।୧୧**

ବରଗଡ଼ ଜିଲାରେ ଖରିଫ ଧାନ ଅମଳ ଜୋର୍ ଧରିଛି। ହେଲେ ଧାନ ସଂଗ୍ରହ ପାଇଁ ଏ ପର୍ଯ୍ୟନ୍ତ ମଣ୍ଡି ଖୋଲିନାହିଁ। ଆସନ୍ତା ୧୦ତାରିଖରେ ଜିଲାରେ ମଣ୍ଡି ଖୋଲିବାକୁ ପ୍ରଶାସନ ନିଷ୍ପତ୍ତି ନେଇଛି। ମଣ୍ଡି ଖୋଲିବା ପୂର୍ବରୁ ଜିଲାର କେତେକ ରାଇସ୍ ମିଲ୍‌କୁ ଚାଷୀଙ୍କ ଧାନ ଯିବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ଧାନର ସର୍ବନିମ୍ନ ସହାୟକ ମୂଲ୍ୟଠାରୁ ଢ଼େର୍ କମ୍ ଦରରେ ମଧ୍ୟସ୍ଥିଙ୍କ ଜରିଆରେ କିଣାଯାଇଥିବା ଧାନକୁ କେତେକ ମିଲର୍ସ ମଣ୍ଡି ବଦଳରେ ସିଧାସଳଖ ରାଇସ୍ ମିଲକୁ ନେଉଥିବା ଅଭିଯୋଗ ହୋଇଛି। ତେବେ ବିଭିନ୍ନ ସ୍ଥାନରେ ନିୟନ୍ତ୍ରିତ ବଜାର କମିଟି(ଆରଏମସି)ର ତନଖି ଫାଟକ ଥିବା ସତ୍ତ୍ୱେ ସେଥିପ୍ରତି ଉଭୟ ଆରଏମସି, ଯୋଗାଣ ବିଭାଗ କର୍ତ୍ତୃପକ୍ଷ ଆଖିବୁଜି ଦେବା ସାଧାରଣରେ ଆଲୋଚନାର ବିଷୟ ହୋଇଛି।

ବରଗଡ଼ ଜିଲାରେ ଧାନ କିଣାବିକାରେ ଚାଷୀ ପରିଚୟପତ୍ରକୁ ବାଧ୍ୟତାମୂଳକ କରାଯାଇଛି। ମଣ୍ଡି ବାହାରେ ଧାନକ୍ରୟ ଉପରେ କଟକଣା ମଧ ଜାରି କରାଯାଇଛି। ଅଥଚ ଜିଲାରେ ଚିରାଚରିତ ଭାବେ ଏହାକୁ ଉଲ୍ଲଂଘନ କରାଯାଉଛି। ଏପରିକି ଚାଷୀ ପରିଚୟପତ୍ରରେ ଜାଲିଆତି, ଫଲ୍ସ ଏଣ୍ଟ୍ରି ଭଳି ଗୁରୁତର ଅଭିଯୋଗ ହେଉଥିବାବେଳେ ତଦନ୍ତ ପରେ ଏହାର ସତ୍ୟତା ସାମ୍ନାକୁ ଆସୁଛି। ମାତ୍ର ଠୋସ୍ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଫଳରେ ଚଳିତ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ନ ହେଉଣୁ ଧାନ କିଣାବିକାରେ ଅନିୟମିତତା ଆରମ୍ଭ ହୋଇଯାଇଛି।

ଜିଲାସ୍ତରୀୟ ଖରିଫ ଧାନ ସଂଗ୍ରହ କମିଟିର ନିଷ୍ପତ୍ତିକ୍ରମେ ଆସନ୍ତା ୧୦ତାରିଖରେ ମଣ୍ଡି ଖୋଲିବ। ଜିଲାରେ ଏଥିପାଇଁ ସମୁଦାୟ ୧୬୯ଟି ମଣ୍ଡି ଖୋଲାଯିବ। ସେଥିମଧ୍ୟରେ ବରଗଡ଼ ଆରଏମସି ଅଧୀନରେ ୫୮, ଅତାବିରା ଆରଏମସି ଅଧୀନରେ ୫୧ ଏବଂ ପଦ୍ମପୁର ଆରଏମସି ଅଧୀନରେ ୬୦ଟି ମଣ୍ଡି ରହିଛି। ଏଥର ଧାନ କିଣାବିକାରେ ଟୋକନ ମାଧ୍ୟମରେ ମଣ୍ଡିଗୁଡ଼ିକରେ ଧାନ ସଂଗ୍ରହ ହେବ ଏବଂ ତାକୁ ଧାନକ୍ରୟ ସଂସ୍ଥା କିଣିବେ ବୋଲି ସରକାରୀସ୍ତରରେ ନିଷ୍ପତ୍ତି ନିଆଯାଇଛି। ମାତ୍ର ବିନା ଟୋକନ ଏବଂ ଏଣ୍ଟ୍ରିରେ ମଣ୍ଡିକୁ ଧାନ ନ ଆସି ଧାନ ସଂଗ୍ରହ ପ୍ରକ୍ରିୟା ପୂର୍ବରୁ ମିଲ୍‌ଗୁଡ଼ିକୁ ଯିବା ଘଟଣା ଜିଲାର ଧାନ କିଣାବିକାରେ ସ୍ୱଚ୍ଛତା ନେଇ ସନ୍ଦେହ ପ୍ରକାଶ ପାଇଛି।

ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ନ ହେଉଣୁ ଏଭଳି ଅନିୟମିତତା ମଧ୍ୟରେ କିଣାଯାଇଥିବା ବହୁ ପରିମାଣର ଧାନ କେତେକ ରାଇସ ମିଲ୍‌ରେ ଗଚ୍ଛିତ ରହିଥିବା ଅଭିଯୋଗ ହୋଇଛି। ଏପରିକି ପୂର୍ବରୁ ଭିଜିଲାନ୍ସ, ଯୋଗାଣ ବିଭାଗର ଖୋଳତାଡ଼ ପରେ ଏଭଳି ଅନିୟମିତତା ପଦାକୁ ଆସିଥିବା ନଜିର ରହିଛି। ହେଲେ ଠୋସ୍ କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବାରୁ ଏଭଳି ଅନିୟମିତତାରେ ପୂର୍ଣ୍ଣଚ୍ଛେଦ ପଡୁନାହିଁ। ଅନ୍ୟପକ୍ଷେ ପୁଣି ସେଭଳି ଅନିୟମିତତା କରିବା ପାଇଁ ତାହା ସୁଯୋଗ ଦେଉଥିବା ବିଭିନ୍ନ ମହଲରେ ମତପ୍ରକାଶ ପାଇଛି। ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ଶ୍ରୀକର ମାଝିଙ୍କୁ ତାଙ୍କ ମୋବାଇଲ ନଂ.୯୪୩୮୨୦୦୦୩୩ରେ ଯୋଗଯୋଗ କରାଯାଇଥିଲା । ହେଲେ ସୁଇଚ୍ ଅଫ୍ ଥିବାରୁ ତାଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।


ଟ୍ରାକ୍ଟରରୁ ଟ୍ରକକୁ ଧାନ ସ୍ଥାନାନ୍ତର ହେଉଛି।



## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


(ପିୟୁଷ)
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


### ଭବାନୀପାଟଣାରେ ଏସ୍‌ପି ଅଫିସ, ରିଜର୍ଭ ପୋଲିସ ଗୃହ ଉଦ୍‌ଘାଟନ ପ୍ରସଙ୍ଗ

# ବିରୋଧୀ ଦଳ ନେତାଙ୍କୁ ନିମନ୍ତ୍ରଣ ନ ହେବାରୁ ଭାଜପାର ସମାଲୋଚନା

**ଭୁବନେଶ୍ୱର,୩।୧୧(ବ୍ୟୁରୋ)**

ଭବାନୀପାଟଣାଠାରେ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଏବଂ ରିଜର୍ଭ ପୋଲିସର ନୂତନ ଗୃହ ଉଦ୍‌ଘାଟନ ସମାରୋହରେ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକଙ୍କୁ ନିମନ୍ତ୍ରଣ କରାଯାଇ ନ ଥିବା ଭାଜପା ଅଭିଯୋଗ କରିଛି। ଏହି ଘଟଣା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଦଳ ପକ୍ଷରୁ କୁହାଯାଇଛି। ସ୍ମିତାରାଣୀ ବିଶ୍ୱାଳଙ୍କ ମୃତ୍ୟୁ ଘଟଣାରେ ସିବିଆଇ ତଦନ୍ତ ଦାବି ଏବଂ ପୋଲିସର କାର୍ଯ୍ୟଦକ୍ଷତା ଉପରେ ବିରୋଧୀ ଦଳ ନେତା ପ୍ରଶ୍ନ ଉଠାଇବା ଯୋଗୁ ତାଙ୍କୁ ଏହି କାର୍ଯ୍ୟକ୍ରମକୁ ଡକାଯାଇ ନାହିଁ ବୋଲି ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତି ରବିବାର କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସମୀର କହିଛନ୍ତି, ଉଦଘାଟନ ସମାରୋହରେ ପୋଲିସ ମହାନିର୍ଦ୍ଦେଶକ ବିଜୟ କୁମାର ଶର୍ମା, ଗୃହ ରାଜ୍ୟ ମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର ଉପସ୍ଥିତ ଥିଲେ। ମାତ୍ର ସ୍ଥାନୀୟ ଜନପ୍ରତିନିଧିଙ୍କୁ ଏହି ଅବସରରେ ଡକା ନ ଯିବା ରାଜନୈତିକ ଅସହିଷ୍ଣୁତା ନୁହେଁ କି ବୋଲି ସମୀର ପ୍ରଶ୍ନ କରିଛନ୍ତି। ସ୍ଥାନୀୟ ଅଞ୍ଚଳର ସରକାରୀ କାର୍ଯ୍ୟକ୍ରମରେ ଜନପ୍ରତିନିଧିଙ୍କ ଉପସ୍ଥିତି ଅଧିକ ଗୁରୁତ୍ୱ ରଖିଥାଏ । ମାତ୍ର ଶାସକ ଦଳ ଏହାକୁ ହୀନ ରାଜନୀତିର ରଙ୍ଗ ଦେବାକୁ ବସିଛି । ରତ୍ନଭଣ୍ଡାର ଖୋଲିବା ଓ ଅଡିଟ କରିବା ଏବଂ ୫-ଟିକୁ ନେଇ ସରକାରଙ୍କୁ ବିରୋଧୀ ଦଳ ନେତା ଅଡୁଆରେ ପକାଇଛନ୍ତି। ଏଥିଯୋଗୁ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଏବଂ ରିଜର୍ଭ ପୋଲିସ ଗୃହ ଉଦଘାଟନ ସମାରୋହରେ ହୀନ ରାଜନୈତିକ ଉଦ୍ଦେଶ୍ୟ ରଖି ପ୍ରଦୀପ୍ତଙ୍କୁ ନିମନ୍ତ୍ରଣ କରାଗଲା ନାହିଁ ବୋଲି ସମୀର ଅଭିଯୋଗ କରିଛନ୍ତି।

### ଦିଲ୍ଲୀ ବିମାନବନ୍ଦରରେ ପ୍ରଦୂଷଣ

# ୪ ଏୟାର ଇଣ୍ଡିଆ ବିମାନ ବାତିଲ୍



**ଭୁବନେଶ୍ୱର, ୩।୧୧(ବ୍ୟୁରୋ)**

**୧୨ଟିର ପଥ ପରିବର୍ତ୍ତନ**

ଦିଲ୍ଲୀ ବିମାନବନ୍ଦରରେ ପ୍ରଦୂଷଣଜନିତ ଖରାପ ପାଗ ଯୋଗୁ ଏୟାର ଇଣ୍ଡିଆ ରବିବାର ୪ଟି ବିମାନ ବାତିଲ୍ କରିଦେଇଛି। (ଏଆଇ୪୬୭/୪୬୮) ଦିଲ୍ଲୀ-ବିଜୟୱାଡ଼ା-ଦିଲ୍ଲୀ, (ଏଆଇ୪୭୩/୪୭୪) ଦିଲ୍ଲୀ-ଭୁବନେଶ୍ୱର-ଦିଲ୍ଲୀ, (ଏଆଇ୮୫୩/୮୫୪) ଦିଲ୍ଲୀ-ପୁନେ-ଦିଲ୍ଲୀ, (ଏଆଇ୮୦୧/୮୦୨) ଦିଲ୍ଲୀ-ବେଙ୍ଗାଲୁରୁ-ଦିଲ୍ଲୀ ବିମାନକୁ ବାତିଲ୍ କରାଯାଇଛି। ପ୍ରଦୂଷଣ ଯୋଗୁ ଆକାଶରେ ଧୂଆଁ ଓ ଧୂଳି ଭର୍ତ୍ତି ହୋଇଥିବାରୁ ଆଲୋକ କମ୍ ଅର୍ଥାତ୍ ପଥ ଦୃଶ୍ୟମାନ ହେଉ ନ ଥିବାରୁ ଏହି ୪ଟି ବିମାନ ବାତିଲ୍ କରାଯାଇଛି। ଏଥିସହ ପଥ ପରିବର୍ତ୍ତନ, ଉଡ଼ାଣରେ ବିଳମ୍ବ ଓ ପରିଚାଳନାରେ ସମସ୍ୟା ହେଉଥିବା ଜଣାପଡ଼ିଛି। ରବିବାର ଦିଲ୍ଲୀକୁ ଉଡ଼ାଣ ଭରୁଥିବା ୧୨ଟି ବିମାନର ଗତିପଥ ଅପରାହ୍ନରେ ପରିବର୍ତ୍ତନ କରାଯାଇଥିଲା। ତନ୍ମଧ୍ୟରୁ ୬ଟିକୁ ଜୟପୁର, ୪ଟି ଅମୃତସର ଓ ୨ଟିକୁ ଲକ୍ଷ୍ନୌକୁ ପଥ ପରିବର୍ତ୍ତନ କରାଯାଇଥିଲା।

**ଘାରିଛି ରେକର୍ଡ ନିଶା**

# ୩୦୦ ମିଟର ହାତରେ ଚାଲିଲେ ଯୁବକ

**ଖୋର୍ଦ୍ଧା ଅଫିସ,୩।୧୧:** ଖୋର୍ଦ୍ଧା ଜିଲା ବୋଲଗଡ ବ୍ଲକ ଅସରଳା ପଞ୍ଚାୟତ ମାଗୁରା ଗାଁର ସୌଭାଗ୍ୟ ବରାଡ (୨୪) ରେକର୍ଡ କରିବା ପାଇଁ ୩୦୦ ମିଟର ହାତରେ ଚାଲିଛନ୍ତି। ଆଗକୁ ଅଧିକ ଚାଲିବାର ଲକ୍ଷ୍ୟ ରଖିଛନ୍ତି। ଲିମ୍କା, ଗ୍ରିନିଜ ରେକର୍ଡରେ ତାଙ୍କ ନାଁ ସ୍ଥାନ ପାଉ। ନିଜ ଗାଁ ଓ ଜିଲାକୁ ସମସ୍ତେ ଜାଣନ୍ତୁ। ଏଣୁ ସୌଭାଗ୍ୟ ଦୁଇବର୍ଷ ହେଲା ହାତରେ ଚାଲିବାର ଅଭ୍ୟାସ କରି ସଫଳତାର ପାହାଚ ଚଢ଼ିବାରେ ଲାଗିଛନ୍ତି। ସୌଭାଗ୍ୟ ଇଲେକ୍ଟ୍ରିକାଲ ଡିପ୍ଲୋମା ସାରି ଖୋର୍ଦ୍ଧା ଶିଳ୍ପାଞ୍ଚଳରେ ଚାକିରି କରିଛନ୍ତି। ଅବସର ସମୟରେ ସେ ହାତରେ ରାସ୍ତା ଚାଲିବାର ନିଶାକୁ ସଫଳ କରିବାରେ ଲାଗିଛନ୍ତି। ବୟସ ତାଙ୍କର ୨୪। ବାପା ଜେଜେ ବାପାଙ୍କର ପାଇକ ଖେଳ ତାଙ୍କୁ ଏ ପ୍ରେରଣା ଦେଇଥିଲା। କାରଣ ପାଇକ ଖେଳର କଳା କୌଶଳ ସେ ଶିଖିଥିଲେ। ଅନ୍ୟପକ୍ଷେ ପିଲାଟି ଦିନରୁ କିଛି ନୂଆ କରି ରେକର୍ଡ କରିବାର ତାଙ୍କ ମନରେ ଉଙ୍କି ମାରୁଛି। ସେହି ରେକର୍ଡ ନିଶା ତାଙ୍କୁ ହାତରେ ଚାଲିବାର ବାଟ ଦେଖାଇଛି। ଆଶା ରଖିଛନ୍ତି ହାତରେ ଚାଲିବା ତାଙ୍କୁ ସଫଳତାର ଶ୍ରେୟ ଦେବ ବୋଲି ସୌଭାଗ୍ୟ କହିଛନ୍ତି।

# ଏଭରେଷ୍ଟ ଆରୋହଣ ଲାଗି ୨ ଛାତ୍ରୀଛାତ୍ର ମନୋନୀତ

**ବଡଲା, ୩।୧୧(ଡି.ଏନ.ଏ.)**

ହାଟଡିହୀ ବ୍ଲକର ହଦଗଡ଼ ନବୋଦୟ ବିଦ୍ୟାଳୟର ଏକାଦଶ ଶ୍ରେଣୀର ଛାତ୍ରୀ ଅଙ୍କିତା ମିଶ୍ର ଓ ଭଗବାନ ମାଝୀ ମାଉଣ୍ଟ ଏଭରେଷ୍ଟ ଆରୋହଣ ପାଇଁ ନବୋଦୟ ବିଦ୍ୟାଳୟ ସମିତି ପକ୍ଷରୁ ମନୋନୀତ ହୋଇଛନ୍ତି । ମାଉଣ୍ଟ ଏଭରେଷ୍ଟ ଫାଉଣ୍ଡେସନ ଆନୁକୂଲ୍ୟରେ ନଭେମ୍ବର ୪ ତାରିଖରୁ ୯ ତାରିଖ ଯାଏଁ ହେବାକୁ ଥିବା ତାଲିମ ଶିବିରରେ ଅଂଶଗ୍ରହଣ କରିବାକୁ ଭଗବାନ ଓ ଅଙ୍କିତା ହିମାଚଳ ପ୍ରଦେଶର କୁଲୁ ଓ ମନାଲି ଅଭିମୁଖେ ଯାତ୍ରା କରିଛନ୍ତି। ତାଙ୍କର ଏଭଳି ଯାତ୍ରାରେ ସଫଳ ପାଇଁ ହଦଗଡ଼ ନବୋଦୟ ବିଦ୍ୟାଳୟର ଅଧକ୍ଷ ଶୁଭେଚ୍ଛା ଜଣାଇଛନ୍ତି।

## ୪ ଶିକ୍ଷକଙ୍କ ବିରୋଧରେ...

ହେଲେ ବୋର୍ଡରୁ ମିଳିଥିବା ସୂଚନା ଅନୁଯାୟୀ, ସେ ୧୯୯୫ ମସିହାରେ ୩୫୫ ମାର୍କ ରଖି ସେକେଣ୍ଡ ଡିଭିଜନରେ ପାସ୍ କରିଥିବା ଜଣାପଡ଼ିଥିଲା। ଜନ୍ମ ତାରିଖ ସମ୍ପର୍କରେ ମଧ୍ୟ ସେ ଭୁଲ୍ ତଥ୍ୟ ଦେଇଥିଲେ। ନକଲି ସାର୍ଟିଫିକେଟ୍‌ରେ ଜନ୍ମ ତାରିଖ ୧୯୮୭ ମସିହା ସେପ୍ଟେମ୍ବର ୪ତାରିଖ ଥିବା ବେଳେ ଅସଲି ସାର୍ଟିଫିକେଟ୍‌ରେ ୧୯୯୭ ମସିହା ନଭେମ୍ବର ୫ ତାରିଖ ରହିଛି। ତାନାର୍ଜିପଲ୍ଲୀ ବିଦ୍ୟାଳୟର କନିଷ୍ଠ ଶିକ୍ଷକ ପଣ୍ଡା ଆସିକା ଗୁଣ୍ଡପଡ଼ା ଜଗଦଳପୁର ହାଇସ୍କୁଲରୁ ୨୦୦୦ ମସିହାରେ ୫ଶହ ମାର୍କ ସହ ପ୍ରଥମ ଶ୍ରେଣୀରେ ମାଟ୍ରିକ୍ ପାସ୍ କରିଥିବା ନିଯୁକ୍ତି ବେଳେ ତଥ୍ୟ ଦେଇଥିଲେ। କିନ୍ତୁ ଯାଞ୍ଚ ବେଳେ ସେ ୩୮୦ ମାର୍କ ସହ ସେକେଣ୍ଡ ଡିଭିଜନରେ ପାସ୍ କରିଥିବା ଜଣାପଡ଼ିଥିଲା। ଝିଲିମିଲି ବିଦ୍ୟାଳୟର କନିଷ୍ଠ ଶିକ୍ଷକ ନରାୟଣ ବେହେରାଙ୍କ ନକଲି ସାର୍ଟିଫିକେଟ୍‌କୁ ନେଇ ଆଶ୍ଚର୍ଯ୍ୟଜନକ ତଥ୍ୟ ମିଳିଥିଲା। ଆସିକା ଗୁଣ୍ଡପଡ଼ା ଜଗଦଳପୁର ହାଇସ୍କୁଲରୁ ସେ ୨୦୦୦ ମସିହାରେ ୫୦୨ ମାର୍କ ସହ ଫାଷ୍ଟ ଡିଭିଜନରେ ପାସ୍ କରିଥିବା ସାର୍ଟିଫିକେଟ ଦେଇଥିଲେ। କିନ୍ତୁ ଯାଞ୍ଚ ବେଳେ ୨୦୦୦ ମସିହାରେ ସେହି ବିଦ୍ୟାଳୟରରୁ ନାରାୟଣ ବେହେରା ନାମକ କୌଣସି ଛାତ୍ର ପାସ୍ କରି ନ ଥିବା ଜଣାପଡ଼ିଥିଲା। ଏପରିକି ଅଧିକ ତଦନ୍ତ କରାଯିବାରୁ ସେ କାଳଷଣ୍ଢପୁର ଉଚ୍ଚ ବିଦ୍ୟାପୀଠରେ ପଢୁଥିଲେ ବୋଲି ଜଣାପଡିଥିଲା। ଅଷ୍ଟମ ଶ୍ରେଣୀରେ ଫେଲ୍ ହେବା ପରେ ୧୯୯୭ ମସିହା ମେ ୩୧ତାରିଖରେ ବିଦ୍ୟାଳୟରୁ ସେ ଟି.ସି ନେଇ ଯାଇଥିଲେ। ତାଙ୍କ ବାପାଙ୍କ ନାମ ରାମ ବେହେରା ବୋଲି ଟି.ସିରେ ଉଲ୍ଲେଖ ଥିଲା। ହେଲେ ନିଯୁକ୍ତି ସମୟରେ ସେ ଯେଉଁ ସାର୍ଟିଫିକେଟ୍ ଦେଇଥିଲେ, ସେଥିରେ ବାପାଙ୍କ ନାମ ସନ୍ୟାସୀ ବେହେରା ବୋଲି ଉଲ୍ଲେଖ ରହିଥିଲା। ତଦନ୍ତ ସମ୍ପର୍କିତ ରିପୋର୍ଟ ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ୪ ନକଲି ଶିକ୍ଷକଙ୍କ ନାଁରେ ଥାନାରେ ଏତଲା ଦେବାକୁ ଧରାକୋଟ ବ୍ଲକ ଶିକ୍ଷା ଅଧିକାରୀ ପଣ୍ଡାଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସହକାରୀ ଶିକ୍ଷକ ସନ୍ତୋଷ କୁମାର ନାହାକଙ୍କ ବିରୋଧରେ ଏସିଏସ୍(ସିସିଆଣ୍ଡଏ)-୧୯୬୨ର ଧାରା ୧୫ରେ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଅନ୍ୟ ୩ କନିଷ୍ଠ ଶିକ୍ଷକଙ୍କ ନିଯୁକ୍ତି ରଦ୍ଦ (ବହିଷ୍କାର) ପାଇଁ ସର୍ବଶିକ୍ଷା ଅଭିଯାନର ଜିଲା ପ୍ରକଳ୍ପ ସଂଯୋଜକଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ପ୍ରଥମ ପୃଷ୍ଠାରୁ...

## ପୁଣି ବଢ଼ିଲା...

ନାସିକରେ ପିଆଜ କୁଇଣ୍ଟାଲ ପିଛା ୫୦୦୦ଟଙ୍କାରୁ ୫୧୦୦ ଟଙ୍କାରେ ବିକ୍ରି ହେଉଛି। ତେଣୁ ପରିବହନ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ସହ ଦର ବୃଦ୍ଧି ପାଇଛି। ପ୍ରଶାସନ ପକ୍ଷରୁ ଆମଦାନୀ ହେଉଥିବା ପିଆଜକୁ ରଖିବା ପାଇଁ ଅଧିକରୁ ଅଧିକ ଶୀତଳଭଣ୍ଡାରର ଆବଶ୍ୟକତା ରହିଛି ବୋଲି ସୁଧାକର କହିଛନ୍ତି। ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଦର ନିୟନ୍ତ୍ରଣ ଏବଂ କଳାବଜାର ରୋକିବା ପାଇଁ ସୋମବାର ବୈଠକ ବସିବ ବୋଲି ଜଣାପଡିଛି। ଯୋଗାଣ ବିଭାଗର ଜଣେ ଅଧିକାରୀଙ୍କ କହିବାନୁଯାୟୀ, ସାରା ଦେଶରେ ଆବଶ୍ୟକତା ଅନୁଯାୟୀ ଚଳିତବର୍ଷ ପିଆଜ ଉତ୍ପାଦନ ହୋଇନାହିଁ। ଏହାଦ୍ୱାରା ସବୁ ଅଞ୍ଚଳର ଲୋକ ପ୍ରଭାବିତ ହୋଇଛନ୍ତି। ଏହି ସମସ୍ୟା ୩ରୁ ୪ ମାସ ହେବ ଅନୁଭୂତ ହେଉଛି। ହେଲେ ବିଭାଗ ପକ୍ଷରୁ କଳାବଜାର, ବେଆଇନ ପିଆଜ ଯୋଗାଣ, କୃତ୍ରିମ ଉପାୟରେ ମହଜୁଦ କରି ରଖିବା ଉପରେ ନଜର ରହିଛି। ସର୍ବନିମ୍ନ ଆବଶ୍ୟକତା ପାଇଁ ପିଆଜ ଯେପରି ଅଭାବ ନ ହେବ, ସେଥିପ୍ରତି ବିଭାଗ ସଚେତନ ଥିବା ଅଧିକାରୀ ଜଣକ କହିଛନ୍ତି।

## ଶ୍ରୀତମ୍‌ଙ୍କୁ ଅନ୍ତର୍ଜାତୀୟ...

କରିଛନ୍ତି। ଭୁବନେଶ୍ୱରସ୍ଥିତ ହାଇଟେକ୍ ମେଡିକାଲ କଲେଜରେ ବିଫାର୍ମା ପଢୁଥିବା ଶ୍ରୀତମ ଫଟୋ ଉଠାଇବା ପାଇଁ କେବେ କୌଣସି ଦାମୀ ଡିଜିଟାଲ୍ କ୍ୟାମେରା ବ୍ୟବହାର କରି ନ ଥାନ୍ତି। ସ୍ମାର୍ଟଫୋନ୍‌ର ଉପଯୁକ୍ତ ବ୍ୟବହାର କରି ସେ ବିଭିନ୍ନ ଦୃଶ୍ୟର ଛବି ଉତ୍ତୋଳନ କରିଥାନ୍ତି। ଅନ୍ତର୍ଜାତୀୟ ଫଟୋଗ୍ରାଫି ଆୱାର୍ଡ ତାଙ୍କୁ ଏ ଦିଗରେ ଅଧିକ ଉତ୍ସାହ ଯୋଗାଇବ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ଶ୍ରୀତମ କହିଛନ୍ତି, ଚଳିତବର୍ଷ ଆମେରିକାର ନ୍ୟୁୟର୍କରେ ଆୟୋଜିତ ଅନ୍ତର୍ଜାତୀୟ ଫଟୋଗ୍ରାଫି ପ୍ରତିଯୋଗିତାରେ ବିଭିନ୍ନ ଦେଶରୁ ୧ହଜାରରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ। ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ତାଙ୍କ ଫଟୋଗ୍ରାଫି ପୁରସ୍କାର ଘୋଷଣା କରାଯାଇଥିଲା। ଏ ବାବଦରେ ତାଙ୍କୁ ମିଳିଛି ମାନପତ୍ର ସହ ୫ ହଜାର ଡଲାର ଅର୍ଥରାଶି। ଗତ ଦୁଇବର୍ଷ ପୂର୍ବରୁ ସେ ଫଟୋଗ୍ରାଫି ଉପରେ କିଛି ନୂତନତ୍ୱ ଆଣିବା ଲକ୍ଷ୍ୟ ନେଇ କାର୍ଯ୍ୟ କରି ଆସୁଥିଲେ। ଦାମୀ କ୍ୟାମେରା ଏବଂ ଆବଶ୍ୟକ ଉପକରଣ ନ ଥିବା କାରଣରୁ ସେ କେତେକାଂଶରେ ପଛରେ ପଡ଼ିଯାଇଥିବା ମନେ କରୁଥିଲେ। କିନ୍ତୁ ନିରାଶ ନ ହୋଇ ମୋବାଇଲ୍ ଫୋନ ସହାୟତାରେ ଫଟୋ ଉଠାଇବା ପ୍ରକ୍ରିୟା ଜାରି ରଖିଥିଲେ। ହୋଲି ସମୟରେ ସେ ଉଠାଇଥିବା କେତେକ ଫଟୋକୁ ନେଇ ଏକ ଡକ୍ୟୁମେଣ୍ଟାରୀ ପ୍ରସ୍ତୁତ କରି ଇନ୍‌ଷ୍ଟାଗ୍ରାମ୍‌ରେ ଶେୟାର କରିବା ସହ ନ୍ୟାଶନାଲ୍ ଜିଓଗ୍ରାଫିରେ ଛାଡିଥିଲେ। ସେତେବେଳେ ଏହି ଫଟୋ ଭାଇରାଲ୍ ହେବା ସହ ଏପ୍ରିଲ ୧୨ ତାରିଖରେ ଇୟରସଟ୍ କମ୍ୟୁନିଟିରେ ପ୍ରକାଶ ପାଇଥିଲା। ଗତ ମେ'ରେ ରେଟ୍ରୋ କଲିକତା ଅର୍ଗାନାଇଜେଶନ୍ ତରଫରୁ କଲିକତାରେ ହୋଇଥିବା ଅନ୍ତର୍ଜାତୀୟ ଫଟୋଗ୍ରାଫି ଓ ପେଣ୍ଟିଂ ପ୍ରତିଯୋଗିତାରେ ଉକ୍ତ ଫଟୋ ସ୍ଥାନ ପାଇବାରୁ ସେ ପୁରସ୍କୃତ ହୋଇଥିଲେ। ରୋମାନିଆ ମର୍ ଆର୍ଟ ପ୍ଲିସ୍ ଗ୍ୟାଲେରିରେ ମଧ୍ୟ ଏହି ଫଟୋ ପ୍ରଦର୍ଶିତ ହୋଇଥିଲା। ଏଥିପାଇଁ ତାଙ୍କୁ 'ଇଭେଣ୍ଟ ଫଟୋଗ୍ରାଫ୍ ଅଫ୍ ଦି ଇୟର୍ ଆୱାର୍ଡ୍' ମିଳିପାରିଥିବା ସେ କହିଛନ୍ତି। ହୋଲି ଉତ୍ସବକୁ ପାଳନ ନେଇ ଜଣେ ଯୁବକ କେତେ ଉତ୍ସାହିତ ରହିଛନ୍ତି ତାହା ତାଙ୍କ ପୁରସ୍କୃତ ଫଟୋଟି ଦର୍ଶାଉଛି। ମା' ମମତା ଓ ବାପା ଶରତ ଚନ୍ଦ୍ରଙ୍କର ସେ ଏକମାତ୍ର ସନ୍ତାନ। ତାଙ୍କ ଫଟୋଗ୍ରାଫି ସମଗ୍ର ଦେଶ ପାଇଁ ଗୌରବ ଆଣିଦେଇଥିବାରୁ ତାଙ୍କ ମାତାପିତା ଖୁସିରେ ଆତ୍ମହରା ହୋଇପଡିଥିବା କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆନୁଷଙ୍ଗିକ ସାହାଯ୍ୟ ସହଯୋଗ ଅଭାବରୁ କୌଣସି କାମ କରିବା ସକାଶେ ମନ ଚାହୁଁଥିଲେ ମଧ୍ୟ ତାହା କରିପାରିବେ ନାହିଁ। କିନ୍ତୁ ସ୍ୱାସ୍ଥ୍ୟ ସମସ୍ୟା ଘୁଞ୍ଚିଯିବ। କଳ କାରଖାନା, ଜଳଜାତ ଦ୍ରବ୍ୟ ତୈଳ କିମ୍ବା ବିଦ୍ୟୁତ ବ୍ୟବସାୟରୁ ଲାଭବାନ ହେବେ। ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ । ଜଣେ ବନ୍ଧୁଙ୍କଠାରୁ ଅର୍ଥ ସାହାଯ୍ୟ ପାଇ ଖୁସି ହେବେ।

**ବୃଷ** ନୂତନ କର୍ମାରମ୍ଭ ପ୍ରତିପ୍ରଦ ରହିବା ସାଙ୍ଗକୁ ଅର୍ଥନୈତିକ ଦୃଷ୍ଟିକୋଣରୁ ବହୁତ ଉନ୍ନତି କରିବେ। ବନ୍ଧୁଙ୍କ ନିକଟରୁ ଯାହା ଓ ଯେତିକି ପାଉଛନ୍ତି ତାହାକୁ ଆଦରର ସହିତ ଗ୍ରହଣ କରିବା ଭଲ ହେବ। ନିଜ ସମ୍ପର୍କୀୟମାନଙ୍କ ସହଯୋଗରୁ ଉପକୃତ ହେବେ ଓ କାର୍ଯ୍ୟସିଦ୍ଧି ଅବଶ୍ୟ ଘଟିବ। ଦୂରଦର୍ଶିତା ଅଭାବରୁ କୌଣସି କ୍ଷେତ୍ରରେ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ।

**ମିଥୁନ** ଆଜି ଭଲ ସମ୍ପର୍କ ନ ଥିବା ବନ୍ଧୁମାନେ ଯେତେ ବିରୋଧ କଲେ ମଧ୍ୟ ପ୍ରତ୍ୟେକ କ୍ଷେତ୍ରରେ ସଫଳତା ଅବଶ୍ୟମ୍ଭାବୀ। କର୍ମକ୍ଷେତ୍ର ଓ ପାରିବାରିକ କ୍ଷେତ୍ରରେ ସମସ୍ୟା ରହିଛି ଓ ରହିବ କିନ୍ତୁ ହଠାତ୍ କୌଣସି ଦୃଢ଼ ପଦକ୍ଷେପ ନେଲେ ଝାମେଲା ଅଧିକ ବଢ଼ି ଯାଇପାରେ। ଜମିଜମା ବିବାଦ କିମ୍ବା କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ ।

**କର୍କଟ** ଛୋଟ ଛୋଟ କଥାକୁ ନେଇ ପାରିବାରିକ କ୍ଷେତ୍ରରେ କେହି ଜଣେ ବିନା କାରଣରେ କିଛି ଅଭିଯୋଗ ଆଣିପାରନ୍ତି। ଅଫିସିଆଲି କୌଣସି ବିବାଦୀୟ ଘଟଣାରେ ଆପଣଙ୍କ ଆଶଙ୍କା ଅପରାହ୍ନେ ଦୂର ହୋଇଯିବ। ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ। ପରିବହନ, ବ୍ୟବସାୟ ଓ ସଙ୍ଗଠନ କ୍ଷେତ୍ରରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ।

**ସିଂହ** ଆଜି ଆର୍ଥିକ ସମସ୍ୟା ମଧ୍ୟରେ ପିଲାମାନଙ୍କ କୌଣସି ଅଭିଯୋଗକୁ ନେଇ ମନ ଅସ୍ଥିର ରହିବ। ପରକଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିବେ। ସରକାରୀ ଆଦେଶ ପ୍ରାପ୍ତ ହୋଇ ବାଧବାଧକତାରେ ଇଚ୍ଛା ନ ଥିଲେ ମଧ୍ୟ ଦୂରସ୍ଥାନକୁ ଯିବାପାଇଁ ବାଧ୍ୟ ହେବେ। ବନ୍ଧୁଙ୍କ ସହ ଆଳାପ ଆଲୋଚନା ପରେ ଶାନ୍ତ ହେବେ ଓ ମାନସିକ ସ୍ଥିତି ଠିକ୍ ହୋଇଯିବ।

**କନ୍ୟା** ଆଜି ସକାଳୁ ସକାଳୁ କୌଣସି ଶୁଭ ଖବର ପାଇ ମନଟି ଏକପ୍ରକାର ଖୁସି ହୋଇଯିବ। ଯାତ୍ରା ସମୟରେ ପରିଚିତ ଲୋକଟି ମିତ୍ରତା ଛଳରେ ପାଖେଇ ଆସିବା ହେତୁ ବିରକ୍ତି ଅନୁଭବ କରିବେ। ବହୁତ ଦିନ ହେଲା ଇଚ୍ଛା କରୁଥିବା ଜିନିଷଟି ପାଇ ପାଇ ଖୁସି ହେବେ। ବାଣିଜ୍ୟ ଓ ବ୍ୟବସାୟରେ ସମସ୍ୟା ଲାଗି ରହିଥିଲେ ମଧ୍ୟ ତାହା ବିଶେଷ ଉତ୍କଟ ହେବ ନାହିଁ।

**ତୁଳା** ଆଜି ଯାହା ଓ ଯେମିତି ଚାହୁଁଛନ୍ତି ସେମିତି କାମ କରନ୍ତୁ, କିନ୍ତୁ ବିବାଦରୁ ଦୂରେଇ ରୁହନ୍ତୁ, କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଦୀର୍ଘ ଦିନରୁ ପ୍ରଶାସନିକ ସ୍ତରରେ ରହିଥିବା ସମସ୍ୟାର ସମାଧାନ ହୋଇଯିବ। ହଠାତ୍ ଜଣେ ବନ୍ଧୁଙ୍କ ପାଇଁ ମନ ଛଟପଟ ହେବ, ଫଳରେ ଦୂରଯାତ୍ରା କରିବାକୁ ପଡ଼ିପାରେ।

**ବିଛା** କର୍ମକ୍ଷେତ୍ର କିମ୍ବା ପରିବାରର ବିଭିନ୍ନ ସମସ୍ୟା ମୂଳକ ବିଷୟ ଚିନ୍ତାକରି ମାନସିକ ସୁସ୍ଥତା ରହିବ ନାହିଁ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସନ୍ଦେହ ଓ ଭୁଲ୍ ବୁଝାମଣା କାରଣରୁ ଅଶାନ୍ତ ପରିସ୍ଥିତି ସୃଷ୍ଟି ହୋଇପାରେ। କଳା,ସାହିତ୍ୟ, ସାମ୍ବାଦିକତା ଓ ରାଜନୀତି କ୍ଷେତ୍ରରେ ବେଶ୍ ଆଦୃତ ହେବେ। ଆନୁଷ୍ଠାନିକ କାମରେ ନେତୃତ୍ୱ ନେଇ ପ୍ରଶଂସିତ।

**ଧନୁ** ବିଭିନ୍ନ ପ୍ରକାରର ସମସ୍ୟା ମଧ୍ୟରେ ଚଳିବା କାରଣରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। କିଛି ଗୁପ୍ତକଥା, କଳାଧନ, କଚେରି ମାମଲା, ଅନ୍ୟମାନଙ୍କ ଘରୋଇ କଥାର ଆଲୋଚନା ସମ୍ପର୍କିତ ଅଯଥା ଚିନ୍ତା କରି ପାରନ୍ତି। ପରିବହନ, ବ୍ୟବସାୟ, ଶିଳ୍ପ, ବାଣିଜ୍ୟରେ ଉନ୍ନତି କରିବେ। ପାରିବାରିକ ସମସ୍ୟାର ସରଳ ସମାଧାନ କରିବେ।

**ମକର** ଆପଣ ଅଯଥା ମୂଲ୍ୟହୀନ କଥାରେ ତର୍କବିତର୍କ କରି ପରିବାରରେ କଳହ ଲାଗିପାରେ। ପ୍ରତ୍ୟେକ କ୍ଷେତ୍ରରେ ବିଶେଷ ଖର୍ଚ୍ଚାନ୍ତ ହେବେ ସିନା କାମ ସୁବିଧାରେ ହୋଇଯିବ। ମାଲିମକଦ୍ଦମା, ନିର୍ମାଣ, ପରିବହନ ଓ ପ୍ରଶାସନିକ କ୍ଷେତ୍ର, ଜମିଜମା କିମ୍ବା ଘରସୀମାକୁ କେନ୍ଦ୍ରକରି ଟଣାଓଟରା ଦେଖା ଦେଇପାରେ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ ।

**କୁମ୍ଭ** ବନ୍ଧୁଙ୍କ ନିକଟରୁ ପ୍ରାପ୍ତି ଆଶା ନିରର୍ଥକ ହେବ ନାହିଁ କିନ୍ତୁ ସହଜରେ ପାଇବା କାଠିକର ପାଠ ହୋଇପାରେ। ନିଜ ପରିସରରେ ବିବାଦୀୟ ଘଟଣା ଭିନ୍ନ ଆକାର ଧାରଣ କରିବ, ଏଣୁ ସତର୍କ ରହିବା ଭଲ। କଠୋର ପରିଶ୍ରମ କାରଣରୁ ସାମୟିକ ଭାବରେ ଶାରୀରିକ ଅସୁସ୍ଥି ଅନୁଭବ କରି ପାରନ୍ତି। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ ।

**ମୀନ** କୌଣସି ବନ୍ଧୁଙ୍କ ସାହାଯ୍ୟରୁ ଯାନବାହନ, ନୂତନ ମେଶିନାରୀ ଜିନିଷ କିଣି ପାରନ୍ତି। ଆତ୍ମୀୟଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବ ଏଣୁ ମନ ହାଲ୍କା ହୋଇଯିବ। ଗତକାଲି ରାତିରେ ଆଲୋଚନା ଅନୁଯାୟୀ ଆଜିର କାମଗୁଡ଼ିକ ସବୁ ଠିକ୍ ଠିକ୍ ହୋଇଯିବ। ଗସ୍ତ କାର୍ଯ୍ୟକ୍ରମ ବଦଳି ଯାଇପାରେ କିନ୍ତୁ ଆର୍ଥିକ ସ୍ଥିତିରେ ସୁଧାର ଆସିବାର ପୂର୍ଣ୍ଣ ସମ୍ଭାବନା ରହିଛି ।

ଆଜି କାର୍ତ୍ତିକ ଶୁକ୍ଳପକ୍ଷର ଗୋଷ୍ଠାଷ୍ଟମୀ ସୋମବାର, ନଭେମ୍ବର ୪ ତାରିଖ,ଜଗମୋହନ ଭୋଗ, ଗୋବନ୍ଧାପନା, ରାଶି ନକ୍ଷତ୍ର-ଶ୍ରବଣା/ମକର, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୭।୨୨ମି. ମଧ୍ୟେ, ଘ୮।୫୨ମି. ଗତେ ଘ୧୧।୦୭ମି. ମଧ୍ୟେ ଅମୃତବେଳା। ଦିବା ଘ୮।୦୫ମି. ଗତେ ଘ୧୦।୧୮ମି. ମଧ୍ୟେ, ଘ୧୧।୪୯ମି. ଗତେ ଘ୧।୧୦ମି. ମଧ୍ୟେ, ଘ୨।୩୫ମି. ଗତେ ଘ୪।୦୦ମି. ମଧ୍ୟେ ମାହେନ୍ଦ୍ର ବେଳା। ସକାଳ ଘ୭।୧୭ମି. ଗତେ ଘ୮।୪୧ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302

**real estate**

**SALE**

4BHK duplex with gated community at Balianta (Land-1400 & construction-2200 @ 60,00,000/-, 2600 @ 70,00,000/-) Mplanets: 9938219397, 9861022055. D-14975

**Bhubaneswar Kesura SBI Colony**କୁ ଲାଗି ଘରବାଡି ପ୍ଲଟ ପାଚେରି ସହ ମିଳୁଅଛି। **9777100826.** D-68407

**NH-16** ପିତାପଲ୍ଲୀ ଛକରେ ସ୍ଥିତିବାନ ପ୍ଲଟ୍ ପୋଜେସନ୍ ଥାଇ **399/**ରେ ମିଳୁଛି। **7873894075.** D-68415

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ 1200sqft. 2,16,000/-, ଅରଗୁଳ IIT ରେଲଓ୍ୱେଷ୍ଟେସନ ପାଖରେ 1200କୁ 2,00,000/- plot (outright/ installment) 8144706560, 9348817649. D-68416

ଭୁବନେଶ୍ୱର **Airport** ଠାରୁ **5K.M** ଦୂରତାରେ ସୁନ୍ଦରପଦାରେ ବାସୋପଯୋଗୀ ପ୍ଲଟ୍ **Possession** ସହ ମିଳୁଛି। **9040008777.** D-68414

ଭୁବନେଶ୍ୱର ପଟିଆ ଛକ ନିକଟରୁ **700mtr. 676** ବର୍ଗଫୁଟର ଘରବାରି **plot** । **5** ଗୁଣ୍ଠ ଚାଷଜମି, ଭୁବନେଶ୍ୱର, ପୁରୀ **Bypass Road** କଡ଼ରେ **sqft. Rs.1300/-** ଲକ୍ଷ୍ମୀସାଗର ମୌଜା, ମାଲିକ କରିବେ ବିକ୍ରି। **7504825560.** D-15065

ଭୁବନେଶ୍ୱର ଗ୍ୟାରେଜଛକ ନିକଟରେ ପ୍ଲଟ୍ ବିକ୍ରିହେବ। possession, registration immediately. Contact: 9178660666. D-68155

କଟକ-ଗୋପାଳପୁର ଧାକୁଲେଇପୀଠରୁ **3k.m sqft.250/-**, ଭୁବନେଶ୍ୱର ବାଳକାଟି ବଜାରରୁ **2k.m 550/-**, ନଖରା **DPS** ପାଖରେ **sqft.700/-** ଘରବାରି ପ୍ଲଟ୍ ମିଳୁଅଛି। **9348020724, 7978939440.** D-68409

Ready to move 2BHK/ 4BHK flat near Hotel Mayfair, Jaydev Vihar, Price Rs.5800/- per sqft. & triplex and duplex at Rangabazar near BJEM English Medium School-II. Price start Rs.47 lakhs. Contact: 9040046767, 9040007267. D-68152

NH-16ରୁ 200mtr. ଦୂର TATA Motors ସାମ୍‌ନାରେ BDA plot 30' road, Electric ସହିତ ପିତାପଲ୍ଲୀଠାରେ ମିଳୁଅଛି। 6371719107, 6355839720, 8658046978. D-15037

**to-let**

Ground floor 1600 sqft. for Bank/ Office/ Godown (light goods) at NH-16, Rasulgarh, Bhubaneswar, near Vishal. 9437904071, 9777156770. D-14985

4 Acres highland near NH side, Kuradhamal, Khordha Contact for longterm lease, rent or outrate sale: 7381035667, 9337105357. D-68157

**healthcare**

Rejuvenate and ayurvedic full body massage by smart therapist. 9114402304. D-68145

Full body herbal massage with refreshment expert therapist. 7381239385, 06742540855. D-68146

Experience full body massage with us (expert). Call: 7377048581, 06742597822. D-68147

Herbal full body massage by smart / expert therapist. Contact: 8338067247. D-68148

Summer special mesmerizing offer expert therapeutic refreshing massage appointment. 9668374480. D-68149

Refresh your mind and soul with best therapy at Orchid Salon/Spa. 9937287222. D-66991

Ayurvedic full body massage ladies & gents smart therapist. 9040900385. D-66992

Newly open full body massage by ladies, gents therapist. 8018656899 D-60847

Ayurvedic full body massage by ladies, gents therapist. 7008773793 D-60848

Ayurvedic herbal body massage trend therapist Mob: 8018246332. D-66993

**business**


Part time business start କରନ୍ତୁ। Monthly:- 5,000/- 15,000/- କମାନ୍ତୁ। Mob: 9777434078. D-15040

**astrology**

ଖବରଦାର କଳାଇଲମ, ଶ୍ମଶାଣୀ ଶକ୍ତି ଦ୍ୱାରା ବାବା ସିକନ୍ଦର ସ୍ପେଶାଲିଷ୍ଟ- ମହାବଶୀକରଣ, ପ୍ରେମବିବାହ, କାନ୍ଦୁଥିବାକୁ ହସେଇବା, ମୁଠକରଣୀ, ଜଟିଳରୁ ଜଟିଳ ସମସ୍ୟାର ସମାଧାନ (କାମ ନ ହେଲେ ପଇସା ଫେରସ୍ତ) 9997928820, 9780806657. D-14886

ସଠିକ୍ ଜାତକ ଭାବଭବିଷ୍ୟବାଣୀ, ଦଶାଭବିଷ୍ୟବାଣୀ, ବାସ୍ତୁ, ଯୋଡିମେଳକ, ମଙ୍ଗଳ ଦୋଷ ପ୍ରତିକାର ପାଇଁ 7978736177. D-68212

### ଦଶମ ଜନ୍ମଦିନ ଶୁଭେଚ୍ଛା



**ସତ୍ୟଜିତ୍ (ପିୟୁଷ)**
କାଠଗଡ଼ା, ଢେଙ୍କାନାଳ
ଶ୍ରୀଜଗନ୍ନାଥଙ୍କ ପାଖରେ ଏତିକି କାମନା ତୋତେ ସର୍ବଦା ଭଲରେ ରଖନ୍ତୁ।
**ଶୁଭେଚ୍ଛା ସହ:**
ବାପା, ମା', ଜେଜେ, ଜେଜେମା', ଅଜା, ମାମୁ, ପ୍ରିତି ।
ଧ-୧୫୦୬୭

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ



ସ୍ୱୟଂଶ୍ରୀ ବେହେରା



ସ୍ୱୟଂସିଦ୍ଧ ପଣ୍ଡା

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

### ■ ଅମୁନି ସ୍ମିତାରାଣୀ ମୃତ୍ୟୁ ରାଜନୀତି

# ୫ରେ ସବୁ ଜିଲାପାଳଙ୍କ ଅଫିସ ଆଗରେ ଭାଜପାର ବିକ୍ଷୋଭ

ଭୁବନେଶ୍ୱର,୩।୧୧(ବ୍ୟୁରୋ)

■ ଯାଜପୁର ଏସ୍‌ପି, ମହିଳା କମିଶନ ଅଧ୍ୟକ୍ଷାଙ୍କ ବହିଷ୍କାର ଓ ସିବିଆଇ ତଦନ୍ତ ଦାବି

■ ସମର୍ଥନ ଲୋଡ଼ିଲେ ବିଧାନସଭାରେ ସମର୍ଥନ ଦେବ କଂଗ୍ରେସ



ପ୍ରଭାତି ପରିଡ଼ା

ଯାଜପୁର ଜିଲା ହରିଦାସପୁର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ(ପିଇଓ) ସ୍ମିତାରାଣୀ ବିଶ୍ୱାଳଙ୍କ ମୃତ୍ୟୁକୁ ୧୮ ଦିନ ବିତିଯାଇଛି। ସ୍ମିତାରାଣୀଙ୍କୁ ନ୍ୟାୟ ଦେବା ପାଇଁ ବାରମ୍ବାର ଦାବି କରାଯାଇଥିଲେ ମଧ୍ୟ ରାଜ୍ୟ ସରକାର ଓ ଜିଲା ପୋଲିସ ପ୍ରଶାସନ ଏ ପର୍ଯ୍ୟନ୍ତ ଚୁପ୍ ବସିଥିବା ଭାଜପା ଅଭିଯୋଗ କରିଛି। ଏପରିକି ଝିଅର ମୃତ୍ୟୁ ପରେ ନିଜ ଜୀବନ ପ୍ରତି ବିପଦ ରହିଥିବା ଦର୍ଶାଇ ସ୍ମିତାରାଣୀଙ୍କ ବାପା, ମା ଗାଁ ଘର ଛାଡିଛନ୍ତି। ତେଣୁ ଏହି ଘଟଣାକୁ ନେଇ ଆସନ୍ତା ୫ ତାରିଖରେ ରାଜ୍ୟର ସମସ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଭାଜପା ପକ୍ଷରୁ ବିକ୍ଷୋଭ କରାଯିବ ବୋଲି ମହିଳା ମୋର୍ଚ୍ଚା ସଭାପତି ପ୍ରଭାତି ପରିଡ଼ା କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରଭାତି କହିଛନ୍ତି ଯେ, ପୋଲିସ କେବଳ ରୂପେଶ ଭଦ୍ରଙ୍କୁ ଗିରଫ କରି ଘଟଣା ସମୟରେ ଉପସ୍ଥିତ ଅନ୍ୟ ୨ଜଣ ବିଜେଡି ନେତା ଏବଂ ସିମେଣ୍ଟ କମ୍ପାନୀ ଅଧିକାରୀଙ୍କୁ ତଦନ୍ତ ପରିସରଭୁକ୍ତ ଏ ଯାଏ କଲାନାହିଁ। ଯାଜପୁର ଏସ୍‌ପି ମୃତା ସ୍ମିତାରାଣୀଙ୍କ ବୃତ୍ତିଗତ ତଦନ୍ତ ନ କରି ବ୍ୟକ୍ତିଗତ ତଦନ୍ତ କରି ଚରିତ୍ରହନନ କରିଛନ୍ତି। ଶାସକ ଦଳ ଚାପରେ ଘଟଣାକୁ ଚପେଇ ଦେବା ପାଇଁ ଅପଚେଷ୍ଟା କରାଯାଉଛି। ମହିଳା କମିଶନ ଅଧ୍ୟକ୍ଷା ତଦନ୍ତ ନ କରି ମାମଲା ସରିଗଲାଣି ବୋଲି କହି ସମଗ୍ର ମହିଳା ସମାଜକୁ ନିନ୍ଦିତ କରିଛନ୍ତି। ଅପରପକ୍ଷରେ କେନ୍ଦ୍ରାପଡ଼ାର ଜଣେ ବିଜେଡି ନେତା ଜୈନିକ କର୍ମଜୀବୀ ମହିଳାଙ୍କୁ ପଦୋନ୍ନତି ଲୋଭ ଦେଖାଇ ନିର୍ଯାତନା ଦେଉଥିଲେ। ମହିଳା ଜଣକ ପୋଲିସ ନିକଟରେ ଅଭିଯୋଗ କରିବା ପରେ ମଧ୍ୟ ଶାସକ ଦଳ ଚାପରେ କୌଣସି ପଦକ୍ଷେପ ନିଆଯାଉନାହିଁ। ରାଜ୍ୟ ସରକାର ମହିଳା ସଶକ୍ତୀକରଣ, ମୋ ସରକାର, ମୋ ପୋଲିସ, ମୋ ପରିବାର ଏବଂ ୫-ଟି କଥା କହୁଥିବାବେଳେ ଜଣେ ମହିଳା ସରକାରୀ କର୍ମଚାରୀଙ୍କ ମୃତ୍ୟୁ ପରେ ତାଙ୍କୁ ନ୍ୟାୟ ମିଳୁନାହିଁ। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଘଟଣା। ମୃତା ସ୍ମିତାରାଣୀଙ୍କ ହତ୍ୟା ଘଟଣାର ସିବିଆଇ ତଦନ୍ତ ଏବଂ ଯାଜପୁର ଏସ୍‌ପି ଏବଂ ମହିଳା କମିଶନ ଅଧ୍ୟକ୍ଷାଙ୍କୁ ବହିଷ୍କାର ଏବଂ ମହିଳାଙ୍କ ସୁରକ୍ଷା ନେଇ ଜିରୋ ଟଲେରାନ୍ସ ଗ୍ରହଣ କରିବା ଆଦି ଦାବି ନେଇ ଆସନ୍ତା ୫ ତାରିଖରେ ମହିଳା ମୋର୍ଚ୍ଚା ପକ୍ଷରୁ ରାଜ୍ୟର ସମସ୍ତ ଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ କରାଯିବ ବୋଲି ପ୍ରଭାତି କହିଛନ୍ତି। ପ୍ରଭାତି କେନ୍ଦ୍ରାପଡ଼ା ଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ କରିବା ସହ ପୀଡ଼ିତା ମହିଳା ଓ ତାଙ୍କ ପରିବାର ସହ ସାକ୍ଷାତ୍ କରିବେ ବୋଲି ସୂଚନା ଦେଇଛନ୍ତି। ତେବେ ଏହି ଘଟଣାକୁ ନେଇ କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟ ମଧ୍ୟ ଶାସକ ଦଳ ଉପରେ ବର୍ଷିଛନ୍ତି। ସୁର କହିଛନ୍ତି, ପିଇଓ ସ୍ମିତାରାଣୀଙ୍କ ମୃତ୍ୟୁ ଘଟଣାରେ ସିବିଆଇ ତଦନ୍ତ କରାଯିବା ଆବଶ୍ୟକ। ବିଧାନସଭା ଚାଲିବାବେଳେ ଭାଜପା ଚାହିଁଲେ ଏହି ପ୍ରସଙ୍ଗରେ କଂଗ୍ରେସ ସମର୍ଥନ ଦେବ ବୋଲି ସୁର କହିଛନ୍ତି।




# ଅସୁସ୍ଥ ଭଉଣୀଙ୍କୁ ସିଟ୍ ନ ମିଳିବାରୁ ବସ୍ ଆଗରେ ଶୋଇଲେ ଭାଇ

ପଦ୍ମପୁର, ୩।୧୧ (ଡି.ଏନ.ଏ.)

ଅସୁସ୍ଥ ଥିବା ଭଉଣୀଙ୍କୁ ଚିକିତ୍ସା କରାଇବାକୁ ଚାନ୍ଦବାଲିରୁ ଭଦ୍ରକ ଜିଲା ମୁଖ୍ୟ ଡାକ୍ତରଖାନାକୁ ନେଇ ଯିବାବେଳେ ବସ୍‌ରେ ସିଟ୍ ନ ମିଳିବାରୁ ତାଙ୍କ ଭାଇ ଗାଡ଼ିରୁ ଓହ୍ଲାଇ ରାସ୍ତାରେ ଶୋଇ ପ୍ରତିବାଦ ଜଣାଇଥିଲେ। ଏଥିଲାଗି ପ୍ରାୟ ୪୫ ମିନିଟ୍ ଧରି ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା। ପୋଲିସ ପହଞ୍ଚି ପ୍ରତିବାଦ ଜଣାଉଥିବା ଯୁବକଙ୍କୁ ବୁଝାଶୁଝା କରିବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।

ସାବରଙ୍ଗ ଫାଣ୍ଡି ପୋଲିସ ସୂଚନା ଅନୁଯାୟୀ, ରବିବାର ପୂର୍ବାହ୍ନରେ ଚାନ୍ଦବାଲି ଅଞ୍ଚଳର ଏହି ଭଉଣୀଭାଇ ଏକ ବସ୍‌କୁ ଚଢ଼ିବା ପରେ ସିଟ୍ ନ ଥିବା ଦେଖି କଣ୍ଡକ୍ଟରଙ୍କୁ ଗୋଟିଏ ସିଟ୍ ଦେବାକୁ ଅନୁରୋଧ କରିଥିଲେ। କିନ୍ତୁ ଅସୁସ୍ଥ ଥିବା ଯୁବତୀଙ୍କୁ ସିଟ୍ ମିଳି ନ ଥିଲା। ବସ୍ ଆସି ଭଦ୍ରକ ସଦର ବ୍ଲକ ଇଚ୍ଛାପୁରଠାରେ ପହଞ୍ଚିବା ପରେ ଯୁବକ ଜଣଙ୍କ ଓହ୍ଲାଇ ଜଣେ ରୋଗୀଙ୍କୁ ସିଟ୍ ନ ମିଳିବା ଘଟଣାରେ ପ୍ରତିବାଦ ଜଣାଇ ମଧ୍ୟାହ୍ନ ୧୨ଟା ବେଳେ ବସ୍ ଆଗରେ ରାସ୍ତାରେ ଶୋଇ ରହିଥିଲେ। ଏଭଳି ପରିସ୍ଥିତିରେ ରାସ୍ତାର ଦୁଇପାର୍ଶ୍ୱରେ ଅନେକ ଯାନବାହନ ଅଟକି ରହିଥିଲା। ଭଦ୍ରକ-ଚାନ୍ଦବାଲି ରାସ୍ତା ସମେତ ଏହାକୁ ସଂଯୋଗ କରୁଥିବା ଭଦ୍ରକ-ବାସୁଦେବପୁର ରାସ୍ତାରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ସାବରଙ୍ଗ ଫାଣ୍ଡି ଅଧିକାରୀ ରଞ୍ଜନ କୁମାର ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ଯୁବକ ଜଣଙ୍କ ତାଙ୍କ ଭଉଣୀଙ୍କୁ ଅନ୍ୟ ଏକ ଗାଡ଼ିରେ ନେଇ ଭଦ୍ରକ ଯାଇଥିଲେ।




ବସ୍ ସମ୍ମୁଖରେ ଲୋକଙ୍କ ଭିଡ଼।

## ପୋଲ ତଳକୁ କାର୍ ଖସି ଚାଳକ ମୃତ

ତାଳଚେର,୩।୧୧(ନି.ପ୍ର.)

ତାଳଚେର ଥାନା ଗୋଡ଼ିବନ୍ଧ-କନ୍ଧବେରେଣୀ ରାସ୍ତାର କନ୍ଧବେରେଣୀ ଗ୍ରାମ ନିକଟ ପୋଲ ତଳକୁ ଶନିବାର ରାତିରେ ଏକ କାର୍ ଖସି ପଡିବାରୁ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ତାଳଚେର ପୌରାଞ୍ଚଳ ବୀରବରପଲ୍ଲିର ଅରୁଣ ସିଂହଙ୍କ ଏକମାତ୍ର ପୁଅ ଅମିତ ସିଂହ (୨୭)। ଅମିତ ରାତି ୧୧ଟାରେ ନିଜ ଦାଦାଙ୍କୁ କାର୍ (ନଂ. ଓଡିଖ୩୫-୫୮୮୩)ରେ ନେଇ ଘରକୁ ଫେରୁଥିବା ବେଳେ ଗାଡ଼ିଟି ପୋଲ ତଳକୁ ଖସିପଡିଥିଲା। କୌଣସି ମତେ ଦାଦା ଗାଡ଼ିରୁ ବାହାରକୁ ଚାଲି ଆସିଥିଲେ ହେଁ ଅମିତ କାର୍ ଭିତରୁ ବାହାରି ପାରି ନ ଥିଲେ। ଖବରପାଇ ନିକଟସ୍ଥ ବଲାଙ୍ଗୀ ଗ୍ରାମବାସୀ ପହଞ୍ଚି ଅମିତଙ୍କୁ ଉଦ୍ଧାର କରି ଉପଖଣ୍ଡ ଡାକ୍ତରଖାନା ପଠାଇଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।






## ଜିଲା ଚିଠି
### କେନ୍ଦ୍ରାପଡ଼ା

## ଜୈବ ମଣ୍ଡଳର ସୁରକ୍ଷା

ପ୍ରକୃତିର ବରଦାନ ଜାତୀୟ ଉଦ୍ୟାନ ଭିତରକନିକା। ବଙ୍ଗୋପସାଗରର ଲୁଣା ଜଳ ସହିତ ବ୍ରାହ୍ମଣୀ ଓ ବୈତରଣୀ ନଦୀର ମଧୁର ଜଳ ସମ୍ମିଶ୍ରଣରେ ଗଢ଼ିଉଠିଥିବା ଏହି ଅଞ୍ଚଳ ପର୍ଯ୍ୟଟକଙ୍କ ମୁଖ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛି। ୬୭୨ ବର୍ଗ କିଲୋମିଟର ପରିବ୍ୟାପ୍ତ ଭିତରକନିକା ଜୈବ ବିବିଧତାରେ ପରିପୂର୍ଣ୍ଣ। ଏଠାରେ ୭୨ ପ୍ରକାର ହେନ୍ତାଳ ଜାତୀୟ ବିରଳ ବୃକ୍ଷ ଓ ୬୪ ପ୍ରକାର ଔଷଧୀୟ ବୃକ୍ଷ ଅଛି। ଦେଢ଼ଶହରୁ ଅଧିକ ପ୍ରଜାତି ଦେଶୀୟ ପକ୍ଷୀଙ୍କର ଏହା ସ୍ଥାୟୀ ବାସସ୍ଥାନ। ଏହାବ୍ୟତୀତ ନଭେମ୍ବରରୁ ଫେବୃୟାରୀ ମାସ ମଧ୍ୟରେ ଉତ୍ତରଭାରତ, ହିମାଳୟ ପାଦଦେଶ, ଆଫଗାନିସ୍ତାନ, ଫ୍ରାନ୍ସ, ବେଲ୍‌ଜିୟମ, ଅଷ୍ଟ୍ରେଲିଆ, ମାନସରୋବର, ସାଇବେରିଆ, କାସ୍ପିଆନ୍ ସାଗର ଓ ହଙ୍ଗେରୀରୁ ଖାଦ୍ୟ ଅନ୍ୱେଷଣରେ ବିଦେଶାଗତ ପକ୍ଷୀମାନେ ଏଠାକୁ ଆସି ଏପ୍ରିଲରେ ଫେରି ଯାଇଥା'ନ୍ତି। ଲୁଣା କୁମ୍ଭୀରର ଆବାସସ୍ଥଳୀ ଭାବେ ପରିଚିତ ଏହି ସ୍ଥାନର ଧଳା କୁମ୍ଭୀର ଗୋରୀ ଓ ମଲ୍ଲୀ ପର୍ଯ୍ୟଟକଙ୍କୁ ବେଶ୍ ଆକର୍ଷିତ କରିପାରିଛି। ସେହିପରି ବିରଳ ଅଲିଭ୍‌ରିଡଲେଙ୍କ ସଙ୍ଗମସ୍ଥଳ ଭାବେ ଭିତରକନିକାର ଗହୀରମଥା ବିଶ୍ୱବିଦିତ। ତେବେ ବିଭିନ୍ନ କାରଣରୁ ଭିତରକନିକାର ଜୈବ ମଣ୍ଡଳକୁ ଏବେ ସୁରକ୍ଷା ଜରୁରୀ ହୋଇପଡ଼ିଛି। ଦେଶୀୟ ପକ୍ଷୀଗଣନା ସମୟରେ ଏହାର ନମୁନା ଦେଖିବାକୁ ମିଳିଛି। ପୂର୍ବରୁ ଦେଶୀୟ ପକ୍ଷୀ ଭିତରକନିକାର ବଗଗହନରେ ବସା ବାନ୍ଧୁଥିଲେ। ତେବେ ଗତ କିଛିବର୍ଷ ହେବ ବଗଗହନ ଅଞ୍ଚଳ ସୁରକ୍ଷିତ ନ ହେବାରୁ ମଠଆଡ଼ିଆରେ ବସା ବାନ୍ଧୁଛନ୍ତି। ଚଳିତବର୍ଷ ଦେଶୀୟ ପକ୍ଷୀମାନେ ଲକ୍ଷ୍ମୀପ୍ରସାଦଆଡ଼ିଆରେ ବସା ବାନ୍ଧି ପରିବେଶ ସନ୍ତୁଳନରେ ହୋଇଥିବା ପରିବର୍ତ୍ତନର ସୂଚନା ଦେଇଛନ୍ତି। ଅପରପକ୍ଷରେ ଗ୍ଲୋବାଲ ୱାର୍ମିଂ ଯୋଗୁ ସମୁଦ୍ରର ଜଳପତ୍ତନ ବଢ଼ିବାରେ ଲାଗିଛି। ଏହାର ପ୍ରଭାବ ଭିତରକନିକା ଉପରେ ମଧ୍ୟ ପଡୁଛି। ସମୁଦ୍ର ତଟକ୍ଷୟ ଏକ ସମସ୍ୟା ହୋଇଛି। ଏପରିକି ଏହି ଅଞ୍ଚଳରେ ଥିବା ହେନ୍ତାଳବଣର ଦ୍ରୁତ ଅବକ୍ଷୟ ହୋଇଚାଲିଛି। ଚିଙ୍ଗୁଡ଼ି ଘେରିର ବିଷାକ୍ତ ଜଳ ହେନ୍ତାଳବଣକୁ ନଷ୍ଟ କରୁଛି। ରାଜ୍ୟ ସରକାର ୧୯୭୫ରେ ଭିତରକନିକାକୁ ବନ୍ୟଜନ୍ତୁ ଅଭୟାରଣ୍ୟ ଓ ୧୯୮୮ରେ ଏହାକୁ ଜାତୀୟ ଉଦ୍ୟାନ ଘୋଷଣା କରିଛନ୍ତି। ତେବେ ଏଠାରେ ଅନୁପ୍ରବେଶ ସମସ୍ୟା ଲାଗି ରହିଥିବାବେଳେ ଜୀବଜନ୍ତୁଙ୍କ ହତ୍ୟା ବୃଦ୍ଧି ପାଇବାରେ ଲାଗିଛି। ଦିନ ଥିଲା ଜୈବମଣ୍ଡଳର ସୁରକ୍ଷା ପାଇଁ କନିକା ରାଜବଂଶ ବହୁ କଠୋର ନୀତି ପ୍ରଣୟନ କରିଥିଲେ। ଏହାର ଉଦାହରଣ ୧୯୨୨ ମସିହାରେ ବିପ୍ଲବୀ କବି ଆନନ୍ଦ ଜେନାଙ୍କ ଦୁଃଖିନୀ କନିକା କବିତାରେ ଦେଖିବାକୁ ମିଳେ। ୫୮ତମ ପଦରେ ସେ ଲେଖିଛନ୍ତି ଯେ, ଆମେ ତ ଚିରକାଳ ପାଇଁ, ଜଙ୍ଗଲ ଜମି କର ଦେଉଥାଇ। ଏହେତୁ ଜଙ୍ଗଲ ଆମର, ନାହିଁ ଇଷ୍ଟେଟ୍ ଅଧିକାର। ତାଙ୍କର ଏହି କବିତା ସ୍ଥାନୀୟ ଲୋକଙ୍କ ପାଇଁ ଅଧିକାର ମାଗିବା ନିମନ୍ତେ ହୋଇଥିଲେ ମଧ୍ୟ ୧୯୫୨ ମସିହାରେ ଜମିଦାରୀ ଉଚ୍ଛେଦ ପୂର୍ବରୁ କନିକା ରାଜାଙ୍କ କଡ଼ା କଟକଣା ଯୋଗୁ ଜୈବ ବିବିଧତା ସୁରକ୍ଷିତ ହୋଇଥିଲା। ସାଂପ୍ରତିକ ସମୟରେ ଏହାର ସୁରକ୍ଷା ଦ୍ୱାରା ମନୁଷ୍ୟ ବଞ୍ଚିବା ପାଇଁ ରାହା ପାଇବ।

– ଜଗନ୍ନାଥ ଧଳ

## ଟ୍ରକ୍-ଟ୍ରାକ୍ଟର ମୁହାଁମୁହିଁ, ୩୦ରୁ ଊର୍ଦ୍ଧ୍ୱ ଆହତ

ପଡ଼ିଆ,୩।୧୧(ଡି.ଏନ୍.ଏ.)

ମାଲକାନଗିରି ଜିଲା ପଡିଆ ସଦର ମହକୁମାର ରାମମନ୍ଦିର ଛକଠାରୁ ୧୦୦ ମିଟର ଦୂରରେ ଏକ ଟ୍ରକ୍ ଏବଂ ଟ୍ରାକ୍ଟର ମୁହାଁମୁହିଁ ହୋଇଛି। ଫଳରେ ଟ୍ରାକ୍ଟର ଡାଲା ଓଲଟିଯିବାରୁ ୩୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଛନ୍ତି। ସେମାନଙ୍କୁ ସ୍ଥାନୀୟ ଲୋକେ ପଡିଆ ଚିକିତ୍ସାଳୟକୁ ପଠାଇଥିଲେ । ବ୍ଲକର କଲଦାପାଲ୍ଲି ପଞ୍ଚାୟତର ଏମ୍‌ପିଭି-୫୯ ଗ୍ରାମରେ କାଳିପୂଜା ହେଉଛି। ପୂଜା କମିଟି ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ କରିଥାନ୍ତି। ସୀମାନ୍ତ ଛତିଶଗଡର ଦରନାପାଲ ଅଞ୍ଚଳରୁ ଏକ ଟ୍ରାକ୍ଟର ଯୋଗେ ୩୦ରୁ ଊର୍ଦ୍ଧ୍ୱ ଯୁବତୀଯୁବକ ପଡିଆକୁ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ଆସି ଭୋର ୪ଟା ବେଳେ ଦରନାପାଲ ଫେରୁଥିଲେ। ଏହି ସମୟରେ ଉପରୋକ୍ତ ସ୍ଥାନରେ ଟ୍ରକ୍ ଏବଂ ଟ୍ରାକ୍ଟର ମୁହାଁମୁହିଁ ଧକ୍କା ହୋଇଥିଲା। ଚିକିତ୍ସାଧୀନଙ୍କ ମଧ୍ୟରୁ ୨ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ଉଭୟଙ୍କୁ ତେଲଙ୍ଗାନା ରାଜ୍ୟ ଖମାମ୍ ଜିଲାର ଭଦ୍ରାଚଲମ୍ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

### ଜୁନାଗଡ଼ ଅଞ୍ଚଳରେ ଭିନ୍ନକ୍ଷମଙ୍କୁ ବଳାତ୍କାର ଘଟଣା

## ନ୍ୟାୟ ପାଇଁ ପୀଡ଼ିତା ଏସ୍‌ପିଙ୍କ ଦ୍ୱାରସ୍ଥ

ଜୁନାଗଡ,୩।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ଥାନା ଅଞ୍ଚଳରେ ଗତ କିଛି ଦିନ ତଳେ ଜଣେ ଯୁବତୀଙ୍କୁ ଗଣବଳାତ୍କାର କରାଯିବା ଘଟଣା ମନରୁ ନ ଲିଭୁଣୁ ବର୍ତ୍ତମାନ ପୁଣି ଏକ ଲଜ୍ଜା ଘଟଣା ସାମ୍ନାକୁ ଆସିଛି। ଠିକ୍ ଭାବେ କହିପାରୁ ନ ଥିବା ଓ ଶୁଣିପାରୁ ନ ଥିବା ଜଣେ ଦିବ୍ୟାଙ୍ଗ ଯୁବତୀଙ୍କୁ ବଳାତ୍କାର କରାଯିବା ପରେ ସେ ଏବେ ୭ ମାସର ଗର୍ଭବତୀ ଥିବା ଅଭିଯୋଗ ହୋଇଛି। ଏ ନେଇ ପୀଡ଼ିତା ନ୍ୟାୟ ପାଇଁ ରବିବାର କଳାହାଣ୍ଡି ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ପୀଡ଼ିତାଙ୍କ ବୟାନ ଅନୁଯାୟୀ, ଗ୍ରାମର ଗୋନ୍ତିଆଙ୍କ ଘରେ ଦୀର୍ଘ ଦିନ ହେବ ସେ କାମ କରୁଥିଲେ। ଗୋନ୍ତିଆଙ୍କ ବିବାହିତ ପୁଅ ଅମୂଲ୍ୟ ବିଶ୍ୱାଳ ବାରମ୍ବାର ତାଙ୍କୁ ବଳାତ୍କାର କରୁଥିଲେ। ଯୁବତୀ ଗର୍ଭବତୀ ହେବା ପରେ ଗାଁରେ ଏ ନେଇ ଏକ ବୈଠକ ବସିଥିଲା। ଏହି ସମୟରେ ସର୍ବ ସମ୍ମୁଖରେ ପୀଡ଼ିତା ଅମୂଲ୍ୟଙ୍କୁ ଅଭିଯୁକ୍ତ ବୋଲି କହିଥିଲେ। କିନ୍ତୁ ସମ୍ପୃକ୍ତ ବ୍ୟକ୍ତି ତଥା ତାଙ୍କ ପରିବାର ଲୋକେ ଏପରି ଅଭିଯୋଗକୁ ଖଣ୍ଡନ କରିଥିଲେ। ସମ୍ପୃକ୍ତ ବ୍ୟକ୍ତି ଗ୍ରାମର ପ୍ରଭାବଶାଳୀ ବ୍ୟକ୍ତି ହୋଇଥିବାରୁ କଙ୍ଗାରୁ କୋର୍ଟରେ ମଧ୍ୟ କୌଣସି ନିଷ୍ପତ୍ତି ନ ଶୁଣାଇ ହାତ ଟେକି ଦେଇଥିଲେ। ଶେଷରେ ନ୍ୟାୟ ପାଇଁ ଏବେ ସେ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। କଳାହାଣ୍ଡି ଏସ୍‌ପିଙ୍କ ପାଖରେ ପୀଡ଼ିତା ଦ୍ୱାରସ୍ଥ ହେବା ପରେ ମହିଳା ସେଲ ଦାୟିତ୍ୱରେ ଥିବା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଗୋପୀନାଥ ମଣିପାତ୍ରଙ୍କ ନିର୍ଦ୍ଦେଶକ୍ରମେ ଜୁନାଗଡ ଥାନାରେ ଏକ ମାମଲା (ନଂ.୨୬୮/୧୯) ରୁଜୁ ହୋଇଛି। ବର୍ତ୍ତମାନ ଡାକ୍ତରୀ ରିପୋର୍ଟ ଅନୁଯାୟୀ ପୀଡ଼ିତା ଜଣକ ୭ ମାସର ଗର୍ଭବତୀ।

# ଗ୍ୟାଙ୍ଗ ଯୁଦ୍ଧ

ଭାରତୀୟ ପରମ୍ପରା ସହିଷ୍ଣୁତାର ଶିକ୍ଷା ଦେଇଥାଏ। ଆମ ଦର୍ଶନ ଓ ସମ୍ବିଧାନରେ ସହିଷ୍ଣୁତାର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ହେଲେ ଗତ କିଛି ବର୍ଷ ହେବ ଭାରତରେ ଅସହିଷ୍ଣୁତା ଏକ ବିକଟାଳ ରୂପ ଧାରଣ କରିଚାଲିଛି। ଧର୍ମ, ରାଜନୀତି, ସାହିତ୍ୟ, ସଙ୍ଗୀତ, କଳା ଏବଂ ସିନେମାଠାରୁ ଆରମ୍ଭ କରି ଚାଲିଚଳନ ଯାଏ ମଣିଷର ପ୍ରତିଟି କ୍ଷେତ୍ରରେ ଅସହିଷ୍ଣୁତା ବସାବାନ୍ଧି ଗଲାଣି। ସଡ଼କରେ ଗଲା ବେଳେ ଯଦି ଜଣେ ନିୟମ ଭାଙ୍ଗି ଆଗକୁ ଚାଲିଯାଇ ଅନ୍ୟ ଜଣଙ୍କୁ ଧକ୍କା ଦେଉଛି, ସେତେବେଳେ ତାହାକୁ ପ୍ରତିବାଦ କଲେ ବଳବାନ୍ ବ୍ୟକ୍ତି ନିଜ ମାଂସପେଶୀର ବ୍ୟବହାର କରୁଛି। କେହି ଯେପରି କାହା ପରିସ୍ଥିତି ବା କାହାରି କଥା ଶୁଣିବାକୁ ପ୍ରସ୍ତୁତ ନୁହନ୍ତି। ୨ ନଭେମ୍ବର ୨୦୧୯ରେ ନୂଆଦିଲ୍ଲୀର ତିସ୍ ହଜାରି କୋର୍ଟ ପରିସରରେ ଅସହିଷ୍ଣୁତାର ଏକ ବିକୃତ ଚିତ୍ର ଦେଖିବାକୁ ମିଳିଛି। କୋର୍ଟ କମ୍ପ୍ଲେକ୍ସରେ ଜଣେ ଆଇନଜୀବୀ ତାଙ୍କ କାର୍‌କୁ ପାର୍କିଂ କରିବା ବେଳେ ପୋଲିସର ଏକ ଭ୍ୟାନ୍‌କୁ ଧକ୍କା ଦେଇଥିଲା। ସେତିକିରେ ସବୁକିଛି ବିଗିଡ଼ିଗଲା। ଏହାର ପରିଣତି ଆଇନଜୀବୀ ଓ ପୋଲିସ ସଂଘର୍ଷରେ ରୂପାନ୍ତରିତ ହୋଇଗଲା। ପୋଲିସ ଭ୍ୟାନ୍ ପୋଡ଼ାଯିବା ସହିତ ୧୭ଟି ଗାଡ଼ି ଭଙ୍ଗାରୁଜା ହୋଇଛି। ପୋଲିସ ଗୁଳିରେ ଜଣେ ଆଇନଜୀବୀ ଗୁରୁତର ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ୧୦ ଜଣ ପୋଲିସ ଓ ଅନେକ ଓକିଲ ଆହତ ମଧ୍ୟ ହୋଇଛନ୍ତି।

ଭାରତର ସହରାଞ୍ଚଳରେ ପର୍ଯ୍ୟାପ୍ତ ଲୋକଙ୍କ ହାଉଜାଉ ସହ ଗାଡ଼ିମୋଟରର ସଂଖ୍ୟା ଯେଭଳି ଭାବେ ବଢ଼ି ଚାଲିଛି, ପାର୍କିଂ ସବୁଠାରୁ ବଡ଼ ସମସ୍ୟା ଭାବେ ଉଭା ହେବା ସ୍ୱାଭାବିକ। ଗାଡ଼ି ରଖିବାକୁ ଜାଗାର ଘୋର ଅଭାବ। ଦେଖାଯାଉଛି ଅନେକ ଘର ମାଲିକ ଯାନ ରଖିବା ଲାଗି ବ୍ୟବସ୍ଥା ନ କରି ତାହାକୁ ରାସ୍ତା ଉପରେ ରଖୁଛନ୍ତି। ଆବାସିକ ଅଞ୍ଚଳରେ ଏଭଳି ଦୁରବସ୍ଥା ଦେଖାଦେଇଥିବା ବେଳେ କାର୍ଯ୍ୟାଳୟଗୁଡ଼ିକ ନିକଟରେ ସ୍ଥାନାଭାବ ଏହି ସମସ୍ୟାକୁ ଅଧିକ ଜଟିଳ କରିଦେଲାଣି। ଏଭଳି କି ସୁପ୍ରିମକୋର୍ଟ ନିକଟରେ ଥିବା କାକାନଗର ଏକ ଆବାସିକ ଅଞ୍ଚଳ ହୋଇଥିବା ବେଳେ ସେଠାରେ ଆଇନଜୀବୀମାନେ ମନଇଚ୍ଛା ଏବଂ ଜୋରଜବରଦସ୍ତ ଗାଡ଼ି ପାର୍କିଂ କରି ବାସିନ୍ଦାମାନଙ୍କୁ ଡରାଇ ରଖିଥିବା ଉଦାହରଣ ବାରମ୍ବାର ଶୁଣିବାକୁ ମିଳେ।

ଓଡ଼ିଶାର କଟକ, ଭୁବନେଶ୍ୱର, ପୁରୀ, ବାଲେଶ୍ୱର, ବ୍ରହ୍ମପୁର, ସମ୍ବଲପୁର, ରାଉରକେଲା, ରାୟଗଡ଼ା, ଅନୁଗୋଳ, ଯାଜପୁରର କଳିଙ୍ଗନଗର ଭଳି ଅଞ୍ଚଳକୁ ଦେଖିଲେ ସହରାଞ୍ଚଳର ପାର୍କିଂ କେଉଁ ସ୍ତରରେ ରହିଛି ତାହା ଭୁକ୍ତଭୋଗୀ ଅନୁଭବ କରିପାରୁଥିବେ। ଏଠାରେ ପାର୍କିଂଜନିତ ସମସ୍ୟା କିଭଳି ଉଗ୍ର ରୂପ ଧାରଣ କରି କୋର୍ଟ କଚେରି କାର୍ଯ୍ୟକୁ ଦୀର୍ଘଦିନ ଧରି ଅଚଳ କରିପାରେ, ତାହାର ଏକ ଘଟଣା ନଜରକୁ ଆସୁଛି। ଗତବର୍ଷ ଓଡ଼ିଶା ହାଇକୋର୍ଟ ପରିସରରେ ଜଣେ ଆଇନଜୀବୀଙ୍କ ଗାଡ଼ି ପାର୍କିଂକୁ ନେଇ ତୁମୁଳକାଣ୍ଡ ଘଟିଥିଲା। ଫଳରେ ଓକିଲମାନେ ସମ୍ପୃକ୍ତ ପୋଲିସ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ କୋର୍ଟ କାର୍ଯ୍ୟକୁ ଦୁଇ ମାସରୁ ଊର୍ଦ୍ଧ୍ୱ ସମୟ ବନ୍ଦ କରିଦେଇଥିଲେ। ଏବେ ଦିଲ୍ଲୀର ତିସ୍ ହଜାରି କୋର୍ଟ ପରିସରରେ ଘଟିଥିବା ଘଟଣା ଲାଗି ୪ ନଭେମ୍ବରରେ ସେଠାକାର ଓକିଲ ସଂଘ ପକ୍ଷରୁ ବନ୍ଦ ଡାକରା ଦିଆଯାଇସାରିଲାଣି। ୩ ନଭେମ୍ବରରେ ଦିଲ୍ଲୀ ହାଇକୋର୍ଟ ଏହି ଘଟଣାରେ କେନ୍ଦ୍ର, ବାର୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ, ବାର୍ କାଉନ୍‌ସିଲ୍ ଅଫ୍ ଦିଲ୍ଲୀ ଏବଂ ଦିଲ୍ଲୀ ହାଇକୋର୍ଟ ବାର୍ କାଉନ୍‌ସିଲ୍‌କୁ ନୋଟିସ ଜାରି କରିଛନ୍ତି। ଏଥିସହିତ ଘଟଣାର ବିଚାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ମଧ୍ୟ ଦିଆଯାଇଛି।

ଏଠାରେ ଗୋଟିଏ ବିଷୟ ମନକୁ ଆସେ। ଭାରତର ଐତିହ୍ୟ ଏବଂ ସଂସ୍କୃତି ସମ୍ପର୍କରେ ଅନେକେ ଗୌରବାନ୍ୱିତ ହେଉଥିବା ବେଳେ ବାସ୍ତବରେ ତାହା ପ୍ରତିଦିନ ଜୀବନରେ ଦେଖିବାକୁ ମିଳୁନାହିଁ। ଭାରତୀୟଙ୍କ ଚରିତ୍ରରେ ସାହସିକତାର ଘୋର ଅଭାବ ରହିଛି ବୋଲି କୁହାଯାଇପାରେ। ଏହି ଦେଶରେ ଜୋର ଯା'ର ମୁଲକ ତା'ର ଧ୍ୱନିକୁ ଦେଖିଲେ ବୁଝାପଡ଼େ ଯେ ବ୍ୟକ୍ତିଗତ ସାହସ ନୁହେଁ, ଗୋଷ୍ଠୀବଦ୍ଧ ହୋଇ ଜୁଲମ କରିବା ହୋଇଗଲାଣି ଆମ ସମସ୍ତଙ୍କ ଚରିତ୍ର। ଗ୍ରାମାଞ୍ଚଳକୁ ଦେଖିଲେ ଯେଉଁ ପରିବାରରେ ପାଞ୍ଚ ସାତ ଜଣ ଶକ୍ତିଶାଳୀ ପୁତ୍ର, କକା କିମ୍ବା ଦାଦା ଥିବେ, ସେହି ପରିବାର ସମଗ୍ର ଗାଁ ଉପରେ ଅକ୍ତିଆର କରି ବସିପାରୁଛି। କେବଳ ସେତିକି ନୁହେଁ, ମହିଳାମାନଙ୍କୁ ଅସଦାଚରଣ ଏବଂ ଦୁର୍ବଳଙ୍କ ପ୍ରତି ଅନ୍ୟାୟ କଲେ ମଧ୍ୟ ଅନ୍ୟମାନେ ନିରବତାର ସହ ବାଟ ଆଡ଼େଇ ପଳେଇ ଯାଉଛନ୍ତି। ଅସାମାଜିକ ବ୍ୟକ୍ତିମାନଙ୍କ ପାଇଁ ଏକଜୁଟ ହେବା ଆମର ସାମାଜିକ ବାସ୍ତବତା ପାଲଟିଲାଣି। ସମ୍ଭବତଃ ସେଥିପାଇଁ ଦିଲ୍ଲୀ କଚେରିରେ ମଧ୍ୟ କେହି ପ୍ରଶ୍ନ କରିବାକୁ ନାହାନ୍ତି ଯେ କେଉଁ କାରଣରୁ ଓକିଲମାନେ ଏକାଠି ହୋଇ ପୋଲିସ ଉପରେ ଆକ୍ରମଣ କଲେ। ଅନ୍ୟପଟେ ଶାନ୍ତି ରକ୍ଷା କରିବା ପରିବର୍ତ୍ତେ ଏବଂ ପ୍ରୟୋଜନ ହୋଇଥିଲେ ସେହି ସ୍ଥାନରୁ ଓହରି ଯିବା ଭଳି କାର୍ଯ୍ୟ କରିବାକୁ ପୋଲିସ ମଧ୍ୟ ଅନିଚ୍ଛୁକ। କେହି କାହାଠାରୁ କମ୍ ନୁହେଁ ବୋଲି ଦେଖେଇ ହେବା ହେଉଛି ଆଧୁନିକ ଭାରତର ଚରିତ୍ର। ଆଜି ଦିଲ୍ଲୀ, ଗତ କିଛିମାସ ପୂର୍ବେ ଓଡ଼ିଶା ଏବଂ ଭବିଷ୍ୟତରେ ଅନ୍ୟ କେଉଁଠି ମଧ୍ୟ ଏହିଭଳି ଅସହିଷ୍ଣୁତାର ଚିତ୍ର ଗ୍ୟାଙ୍ଗ ଯୁଦ୍ଧରେ ଦେଖିବାକୁ ମିଳିବ।

# ପ୍ଲାଷ୍ଟିକ୍ ପଞ୍ଝାରେ ପୃଥିବୀ



ଡ. ପ୍ରଫୁଲ୍ଲ କୁମାର ସାହୁ

ପରିବେଶ ପ୍ରଦୂଷଣ କହିଲେ ଆଗେ ଧୂଆଁ ଦ୍ୱାରା ବାୟୁ ଏବଂ ସହରୀ ଓ କାରଖାନା ବର୍ଜ୍ୟ ଦ୍ୱାରା ଜଳ ପ୍ରଦୂଷଣକୁ ନେଇ ବ୍ୟାପକ ଚର୍ଚ୍ଚା ହେଉଥିଲା, ମାତ୍ର ଏବେ ତାକୁ ପଛରେ ପକେଇଦେଇଛି ପ୍ଲାଷ୍ଟିକ ଦ୍ୱାରା ସର୍ବତ୍ର ପ୍ରଦୂଷଣ। ଯେଉଁ ଜୈବିକ ରାସାୟନିକ ପଦାର୍ଥରେ ପ୍ଲାଷ୍ଟିକ ତିଆରି ହେଉଛି, ବିଜ୍ଞାନ ଭାଷାରେ ତାକୁ କୁହାଯାଉଛି ପଲିମର୍ ଏବଂ ପରିବେଶ ପ୍ରତି ତାହା ଅତ୍ୟନ୍ତ ବିପଜ୍ଜନକ। ୧୯୩୩ ମସିହାରେ ଇଂଲଣ୍ଡର ନର୍ଥଉଇଚଠାରେ ଥିବା ଏକ ରାସାୟନିକ କାରଖାନାରୁ ପ୍ରଥମେ ଆବିଷ୍କୃତ ହୋଇଥିଲା ପଲିଥିନ୍ ନାମକ ପଲିମର୍। ତା' ପରଠୁ କାଠ, କାଗଜ ଓ ଅନ୍ୟାନ୍ୟ ଧାତୁର ଉପଯୋଗ ହ୍ରାସ କରିବା ପାଇଁ ବୃଦ୍ଧିପାଇଲା ପ୍ଲାଷ୍ଟିକ୍‌ର ଉତ୍ପାଦନ ଓ ବ୍ୟବହାର। ପ୍ଲାଷ୍ଟିକ୍‌ରେ କଳଙ୍କ ଲାଗେନି ଏବଂ ଏହା ତାପ ଓ ବିଦ୍ୟୁତ୍ କୁପରିବାହୀ ହୋଇଥିବାରୁ କେତେକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ସେ ଆଧିପତ୍ୟ ବିସ୍ତାର କଲା ବିକଳ୍ପହୀନ ଭାବରେ। ସାଧାରଣତଃ କାଠ ବା ଧାତୁନିର୍ମିତ ସାମଗ୍ରୀଠାରୁ ପ୍ଲାଷ୍ଟିକ୍ ଶସ୍ତା, ସୁନ୍ଦର ଓ ହାଲୁକା ହୋଇଥିବାରୁ ଦୈନନ୍ଦିନ ଜୀବନରେ ତା'ର ବ୍ୟବହାର ଏତେ ସହଜ, ଆରାମଦାୟକ ଓ ଚମକପ୍ରଦ ହେଲା ଯେ ଉପଭୋକ୍ତାଙ୍କଠାରୁ ଉତ୍ପାଦନକାରୀ ଯାଏ କେହି ଚିନ୍ତା କଲେନି ପରିବେଶ ଉପରେ ପଡୁଥିବା ତା'ର ପ୍ରତିକୂଳ ପ୍ରଭାବ କଥା। ତେଣୁ ପାଦରେ ଚପଲଠୁ ଆରମ୍ଭକରି ମଥାରେ ଟୋପି ପର୍ଯ୍ୟନ୍ତ ଆମର ସବୁ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ତିଆରି ହେଲା ପ୍ଲାଷ୍ଟିକ୍‌ରେ। ସକାଳୁ ଉଠି ଦାନ୍ତ ଘଷିବାଠାରୁ ରାତିରେ ଶୋଇବା ପର୍ଯ୍ୟନ୍ତ ଆମର ଜୀବନଚର୍ଯ୍ୟା ସହିତ ଓତପ୍ରୋତ ଭାବରେ ଯୋଡ଼ି ହୋଇଗଲା ପ୍ଲାଷ୍ଟିକ। ସବୁକୁ ଟପିଗଲା ପ୍ଲାଷ୍ଟିକ ବ୍ୟାଗ୍, ପାଣି ବୋତଲ ଓ ପ୍ଲାଷ୍ଟିକ୍ ପ୍ୟାକିଂ ଖାଦ୍ୟପଦାର୍ଥ। ଭାଇରସ୍ ଭଳି କାୟା ବିସ୍ତାର କଲା ପ୍ଲାଷ୍ଟିକ୍ ପାଉଚ। ଆମ ଜୀବନଧାରାକୁ ସମ୍ପୂର୍ଣ୍ଣ ଗ୍ରାସ କରିଗଲା ୟୁଜ୍ ଆଣ୍ଡ ଥ୍ରୋ ସଂସ୍କୃତି।

ପ୍ଲାଷ୍ଟିକ୍ ବ୍ୟାଗର ପ୍ରଚଳନ ପରେ ଅବସାନ ହେଲା ହାତରେ କପଡ଼ା ବ୍ୟାଗ୍ ଧରି ବଜାରକୁ ଯିବାର ଯୁଗ। ଯାହା କିଛି କିଣିଲେ ବି ପଲିଥିନ୍ ଥଳିରେ ପୂରାଇ ହାତକୁ ବଢ଼ାଇଦେଲା ଦୋକାନୀ। ଆଉ ରହିଲାନି ବ୍ୟାଗ୍ ଧୋଇବା ଓ ମରାମତି କରିବା ଚିନ୍ତା। ପ୍ଲାଷ୍ଟିକ୍ ବ୍ୟାଗ୍‌ର ଚାହିଦା ବଢ଼ିବା ସହିତ ସ୍ୱତଃ ମୃତ୍ୟୁବରଣ କଲା ଠୁଙ୍ଗା ଶିଳ୍ପ। ଜୀବିକା ହରାଇ ବସିଲେ ଠୁଙ୍ଗା ତିଆରି କରି ପେଟ ପୋଷୁଥିବା ଅନେକ ଶ୍ରମଜୀବୀ। ପ୍ଲାଷ୍ଟିକ୍ ଡବା ଓ ବୋତଲର ପ୍ରଚଳନ ପରେ ଉଭାନ ହୋଇଗଲା ଟିଣଡବା ଓ କାଚ ବୋତଲ ଇତ୍ୟାଦି। ଗାଁ ଗଣ୍ଡାରେ ଆଉ ଦେଖିବାକୁ ମିଳିଲାନି ଗରା, ମାଠିଆ ଓ ଗଡୁ। ଭୋଜିଭାତ ବେଳେ ପ୍ଲାଷ୍ଟିକ୍ ପ୍ଲେଟ୍ ଓ ଗ୍ଲାସ୍‌ର ଚାହିଦା ଆଗରେ କୋଣଠେସା ହୋଇ ରହିଗଲା କଦଳୀ ପତ୍ର, ପଦ୍ମପତ୍ର ଓ ଶାଳପତ୍ର ତିଆରି ଖଲି ଓ ପତ୍ରଠୋଲା। ଭୋଜିପର୍ବ ପରେ କିନ୍ତୁ କେହି ଚିନ୍ତା କରେନି ଗଦାଗଦା ହୋଇ ପଡ଼ିଥିବା ପ୍ଲାଷ୍ଟିକ୍ ଆବର୍ଜନା ଉଠାଇବା କଥା। ଏସବୁ ଖରାଦିନେ ପବନରେ ଉଡ଼େ ଏବଂ ବର୍ଷାଦିନେ ପାଣିରେ ଭାସିବୁଲେ ଏଣେତେଣେ। ପ୍ଲାଷ୍ଟିକ୍ କପ୍‌ର ଦ୍ରୁତ ପ୍ରସାର ଯୋଗୁ ଚା ଦୋକାନରେ ଆଉ ରହିଲାନି ଗ୍ଲାସ୍ ବା କପ୍ ଧୋଇବାର ଝିନ୍‌ଝଟ। ଏଥିରେ ଖୁସିହେଲେ ଉଭୟ ଗରାଖ ଓ ଦୋକାନୀ। ମାତ୍ର ରାସ୍ତାକଡ଼ରେ ପଡ଼ିରହିଲା ଗଦାଗଦା ପ୍ଲାଷ୍ଟିକ୍। ଫାଷ୍ଟଫୁଡ଼ ଦୋକାନଠାରୁ ରେଷ୍ଟୁରାଣ୍ଟ ପର୍ଯ୍ୟନ୍ତ ସବୁଠି ସୃଷ୍ଟିହେଲା ପଲିଥିନ୍ ପାହାଡ଼। ସେ ପାହାଡ଼ ତଳେ କେଉଁଠି ମାଟି ଅଦୃଶ୍ୟ ହେଲା ତ କେଉଁଠି ତା'ର ପ୍ରଭାବରେ ଟାଙ୍ଗରା ପାଲଟିଗଲା ସବୁଜ ଖେତ। ପ୍ଲାଷ୍ଟିକ୍ ଆବର୍ଜନାର ବାଧା ଅତିକ୍ରମ କରି ସମ୍ପୂର୍ଣ୍ଣ ନିମ୍ନଗାମୀ ହୋଇପାରିଲାନି ଭୂପୃଷ୍ଠ ଜଳ। ପୁନଃଭରଣା ନ ହୋଇପାରିବା କାରଣରୁ ହ୍ରାସ ପାଇବାକୁ ଲାଗିଲା ଭୂତଳ ଜଳସ୍ତର। ନାଳନର୍ଦ୍ଦମାରେ ପଡ଼ିରହିଥିବା ପ୍ଲାଷ୍ଟିକ୍ ଆବର୍ଜନା ଭିତରେ ବଂଶବୃଦ୍ଧି କରିଚାଲିଲେ ମ୍ୟାଲେରିଆ ଓ ଡେଙ୍ଗୁ ଆଦି ରୋଗର ବାହକ। ପ୍ଲାଷ୍ଟିକ୍ ବର୍ଜ୍ୟ ଯୋଗୁ ଅବରୋଧ ହେଲା ନଦୀନାଳର ପଥ। ସୃଷ୍ଟି ହେଲା କୃତ୍ରିମ ବିପର୍ଯ୍ୟୟ। ଏ ସମ୍ପର୍କରେ 'ପ୍ରକୃତିକୁ ଆମେ ଯାହା ଦେଇଥିଲେ (କପ୍, ପ୍ଲେଟ, ବୋତଲ ଆଦି ପ୍ଲାଷ୍ଟିକ ବର୍ଜ୍ୟ) ପ୍ରକୃତି ତାହା ଆମକୁ ଫେରାଇ ଦେଇଛି' ଶୀର୍ଷକ ଏକ ବିମର୍ଶକର ଖବର ଓ ଫଟୋ ସାମାଜିକ ଗଣମାଧ୍ୟମରେ ପ୍ରକାଶ ପାଇଥିଲା ଗତବର୍ଷ କେରଳ ବନ୍ୟା ପରେ। ଏଥିରେ ପ୍ରଦର୍ଶିତ ପ୍ଲାଷ୍ଟିକ୍ ଆବର୍ଜନା ଭର୍ତ୍ତି ପୋଲଟି ଥିଲା ଏର୍ନାକୁଲମ୍ ଜିଲାର ମାଲାୟାଟ୍ଟୁର-କୋଡ଼ାନାଡ଼ ପୋଲ। ଆବର୍ଜନା ଦ୍ୱାରା ପୋଲଟି ଏମିତି ଆଚ୍ଛାଦିତ ହୋଇପଡ଼ିଥିଲା ଯେ, ଆଦୌ ଦିଶୁ ନ ଥିଲା ତା'ର କଂକ୍ରିଟ୍ ଅଂଶ। ଅର୍ଥାତ୍ ଏ ବନ୍ୟା ତାଣ୍ଡବ ମୂଳରେ କେବଳ ପ୍ରକୃତିର କ୍ରୋଧ ନ ଥିଲା, ଏଥିସହିତ ଥିଲା ପ୍ଲାଷ୍ଟିକ୍ ଆବର୍ଜନାର ଏକ ବିଶେଷ ଯୋଗଦାନ।

ପ୍ଲାଷ୍ଟିକ୍‌ର ବହୁଳ ବ୍ୟବହାର ଯୋଗୁ କେବଳ ପରିବେଶ ପ୍ରଦୂଷଣ ନୁହେଁ, ଆମ ଶରୀର ଭିତରେ ବଢ଼ିବାରେ ଲାଗିଛି ପ୍ଲାଷ୍ଟିକ୍ ବର୍ଜ୍ୟର ବିଷ। କିଛିମାସ ତଳେ ଆମେରିକାର ବୈଜ୍ଞାନିକମାନଙ୍କ ଦ୍ୱାରା ପ୍ରକାଶ ପାଇଥିବା ଏକ ସୂଚନା ଅନୁସାରେ ୟୁଜ୍ ଆଣ୍ଡ ଥ୍ରୋ କପ୍ ଆମ ଶରୀର ପାଇଁ ଅତ୍ୟନ୍ତ କ୍ଷତିକାରକ। ଏଥିରେ ଗରମ ଚା ବା କଫି ପିଇଲେ ତା'ର କିଛି ଅଂଶ ତରଳିଯାଇ ପାନୀୟ ସହିତ ମିଶି ପେଟ ଭିତରକୁ ଯାଏ ଏବଂ ଆମ ଶରୀରରେ ସୃଷ୍ଟିକରେ ମାରାତ୍ମକ ରୋଗ। ଆମେ ବ୍ୟବହାର କରୁଥିବା ପଲିଥିନ୍ ଥଳି ବିଶେଷ କରି ମାଛ, ମାଂସ ଓ ଫଳ ଆଣିଲା ବେଳେ ଦୋକାନୀ ଯେଉଁ କଳା ରଙ୍ଗର ପତଳା ପଲିଥିନ୍ ଥଳି ଦେଉଛି, ତାହା ଏତେ ମାରାତ୍ମକ ଯେ ସେଥିରେ ବେଶି ସମୟ ରହିଲେ ବିଷାକ୍ତ ହୋଇଯାଏ ଖାଦ୍ୟ ପଦାର୍ଥ। ବିଶେଷଜ୍ଞଙ୍କ ମତରେ ଏଭଳି ଜରିରେ ରହୁଥିବା ଖାଦ୍ୟପଦାର୍ଥ ନିୟମିତ ଖାଇଲେ ବଢ଼ିଯାଏ କର୍କଟ ରୋଗରେ ଆକ୍ରାନ୍ତ ହେବାର ସମ୍ଭାବନା। ବୁଲା ଗୋରୁ ଓ ଅନ୍ୟ ଜୀବଜନ୍ତୁଙ୍କ ପାଇଁ ମଧ୍ୟ ଘାତକ ସାବ୍ୟସ୍ତ ହୋଇଛି ପଲିଥିନ୍। ଖାଦ୍ୟ ପଦାର୍ଥ ଲାଗିଥିବା ପଲିଥିନ୍ ଥଳି ଏଣେତେଣେ ପଡ଼ିବା ଦ୍ୱାରା ତାକୁ ଗୋରୁ ଖାଇ ଯାଆନ୍ତି, ଯାହା ତାଙ୍କ ପାକସ୍ଥଳୀରେ ଜମାହୋଇ ବନ୍ଦ କରିଦିଏ ହଜମ ପ୍ରକ୍ରିୟା। ଏହାଦ୍ୱାରା ସେମାନେ ଆଉ ଖାଦ୍ୟ ଖାଇପାରନ୍ତିନି ଓ ମୃତ୍ୟୁବରଣ କରନ୍ତି ଅକାଳରେ। ଗଣମାଧ୍ୟମରେ ପ୍ରକାଶିତ ସୂଚନାନୁସାରେ ଏହି କାରଣରୁ ପ୍ରତିମାସରେ ହାରାହାରି ଦୁଇଟି ଷଣ୍ଢ ମରୁଛନ୍ତି କେବଳ ରାଜଧାନୀ ଭୁବନେଶ୍ୱରରେ। ପ୍ଲାଷ୍ଟିକ୍‌ର ସହନଶୀଳତା ଏତେ ବେଶି ଯେ ଶହଶହ ବର୍ଷ ପର୍ଯ୍ୟନ୍ତ ତା'ର ବିଘଟନ ଘଟେନି ମାଟିରେ। ତାକୁ ନିଆଁରେ ପୋଡ଼ିଲେ ସେଥିରୁ ନିର୍ଗତ ଧୂଆଁ ବି ପଲିଥିନ୍‌ଠାରୁ ଅଧିକ ବିଷାକ୍ତ। ଅଧିକଦିନ ଖରାବର୍ଷା ସଂସ୍ପର୍ଶରେ ଆସିଲେ ପ୍ଲାଷ୍ଟିକ୍ ଭାଙ୍ଗିବାକୁ ଆରମ୍ଭକରେ ଏବଂ କ୍ରମଶଃ ଅତି କ୍ଷୁଦ୍ର ଅଣୁରେ ପରିଣତ ହୋଇ ମିଶିଯାଏ ପାଣି ଓ ପବନରେ। ଅର୍ଥାତ୍ ନଦୀରୁ ପାଇପ୍ ଯୋଗେ ଆସୁଥିବା ଆମ ପାନୀୟ ଜଳ ଏପରି କି ଆମେ ଶ୍ୱାସକ୍ରିୟା କରୁଥିବା ପବନରେ ବି ପ୍ଲାଷ୍ଟିକ୍ ଅଣୁ ଅଦୃଶ୍ୟ ଭାବରେ ବିଦ୍ୟମାନ। ସେହି ଦୂଷିତ ପାଣି ଓ ପବନ ବ୍ୟବହାର କରି ନୀରବ ମୃତ୍ୟୁ ଆଡ଼କୁ ଗତିକରୁଛି ମଣିଷ। ଏବେ ପୃଥିବୀରେ ଏମିତି କୌଣସି ସ୍ଥାନ ନାହିଁ ଯେଉଁଠି ପ୍ଲାଷ୍ଟିକ୍ ଜାହିର କରୁନି ତା'ର ସ୍ଥିତି। ମେରୁ ଅଞ୍ଚଳଠାରୁ ଅତଳ ସମୁଦ୍ର ଯାଏ ପ୍ଲାଷ୍ଟିକ୍ ଆବର୍ଜନାରେ ଅଣନିଃଶ୍ୱାସୀ ହୋଇଗଲାଣି ପୃଥିବୀ। ଗାଁ ସହର ବିଲବାଡ଼ି ରାସ୍ତାଘାଟ ନଈନାଳ ଡେଇଁ ସମୁଦ୍ରକୁ ସମାଧି ବନେଇ ସାରିଲାଣି ଗଦାଗଦା ପ୍ଲାଷ୍ଟିକ୍ ବର୍ଜ୍ୟ। ତଥ୍ୟ କହେ ପ୍ରତି ମିନିଟ୍‌ରେ ସମୁଦ୍ରରେ ମିଶୁଛି ଗୋଟିଏ ଟ୍ରକ୍ ପ୍ଲାଷ୍ଟିକ୍ ବର୍ଜ୍ୟ। ପ୍ଲାଷ୍ଟିକ୍ ଟୁକୁରା ଖାଇ ମୃତ୍ୟୁମୁଖରେ ପଡୁଛନ୍ତି ଅସଂଖ୍ୟ କଇଁଛ, ଡଲଫିନ୍ ଓ ପେଙ୍ଗୁଇନ୍ ଆଦି ସାମୁଦ୍ରିକ ଜୀବ। ପ୍ଲାଷ୍ଟିକ୍ ସଂସ୍ପର୍ଶରେ ଆସିଥିବା ମାଛକୁ ଧରିଆଣି ଖାଇବା ଦ୍ୱାରା ରୋଗକୁ ଆମନ୍ତ୍ରଣ କରୁଛି ମଣିଷ। ଏତଦ୍‌ଭିନ୍ନ ସମୁଦ୍ର ଓ ହ୍ରଦ ଜଳରୁ ପ୍ରସ୍ତୁତ ଲୁଣରେ ବି ମିଶୁଛି ପ୍ଲାଷ୍ଟିକ୍‌କଣିକା। ବଜାରରେ ଉପଲବ୍ଧ ନାମୀଦାମୀ କମ୍ପାନୀର ଲୁଣରେ ମିଳୁଛି ପ୍ଲାଷ୍ଟିକ୍ ଅଣୁର ସନ୍ଧାନ। ଅର୍ଥାତ୍ ଆମକୁ ଚାରିପଟରୁ ଘେରିଗଲାଣି ପ୍ଲାଷ୍ଟିକ୍‌ବଳୟ। ମାଟିପାଣିପବନ ସବୁଥିରେ ଭରିଗଲାଣି ବିଷ। ସାଂଘାତିକ ହେଲାଣି ସ୍ଥିତି। ଏ ସମସ୍ତ ଅସ୍ୱସ୍ତିକର ଖବର ଭିତରେ ଭଲ ଖବରଟି ହେଉଛି ଗତ ଅକ୍ଟୋବର ୨ରୁ ପଲିଥିନ୍ ବ୍ୟବହାର ଉପରେ କଟକଣା ଜାରି କରିଛନ୍ତି ସରକାର। ଏହି ପରିପ୍ରେକ୍ଷୀରେ ଆମେ ଜାଣିରଖିବା ଦରକାର କୌଣସି ଦେଶଭକ୍ତିଠାରୁ ବି କିଛି କମ୍ ନୁହେଁ ପରିବେଶ ସୁରକ୍ଷା। ସେଥିପାଇଁ ପରିବେଶ ସୁରକ୍ଷା ଉପରେ ସର୍ବାଧିକ ଗୁରୁତ୍ୱ ଦେଉଥିଲେ ଜାତିର ପିତା ମହାତ୍ମା ଗାନ୍ଧୀ। ସେ କହୁଥିଲେ, ସ୍ୱଚ୍ଛ ଭାରତ ହିଁ ସୁଖୀ ଭାରତ ଗଠନର ସମୃଦ୍ଧ ଆଧାର। ଏହି ଆହ୍ୱାନକୁ ନିଷ୍ଠାର ସହିତ ଗ୍ରହଣ କଲେ ପ୍ଲାଷ୍ଟିକ୍ ଦାନବ କବଳରୁ ମୁକ୍ତ ହେବ ମଣିଷ। ଯେହେତୁ ପ୍ଲାଷ୍ଟିକ୍ ଦାନବର ମୃତ୍ୟୁ ନାହିଁ, ତାକୁ ଆମ ଜୀବନଶୈଳୀରୁ ବାଦ୍ ଦେବା ହିଁ ସମୟର ଆହ୍ୱାନ। ଏ ଆହ୍ୱାନ କେବଳ ଓଡ଼ିଶା କିମ୍ବା ଭାରତବାସୀଙ୍କ ପାଇଁ ନୁହେଁ ସମଗ୍ର ମାନବ ଜାତି ପାଇଁ। ଏ ଆହ୍ୱାନକୁ ନିଷ୍ଠାର ସହିତ ଗ୍ରହଣ ନ କଲେ ପ୍ଲାଷ୍ଟିକ୍ ପଞ୍ଝାରୁ କେବେ ବି ମୁକୁଳିପାରିବନି ପୃଥିବୀ।

ବିଜୁ ପଟ୍ଟନାୟକ ନଗର, ଭଦ୍ରକ,
ମୋ- ୯୪୩୮୮୫୫୦୮୮

# ମୋ ସରକାର: ଗାନ୍ଧୀରୁ ନବୀନ



ତୁଷାରକାନ୍ତ

ମହାତ୍ମା ଗାନ୍ଧୀ ଆମ ସମସ୍ତଙ୍କ ପାଇଁ ତିନୋଟି ଗୁରୁତ୍ୱପୂର୍ଣ୍ଣ କଥା କହିଯାଇଛନ୍ତି- ତାହା ହେଉଛି (୧) ପ୍ରକୃତି ସମସ୍ତଙ୍କ ଚଳିବା ପାଇଁ ଯଥେଷ୍ଟ ଦେଇଛି, ଲୋଭର ପରିପୂରଣ ପାଇଁ ନୁହେଁ, (୨) ଯୋଜନାଟିଏ କଲାବେଳେ ଲକ୍ଷ୍ୟ ରଖିଥିବ, ତାହାଦ୍ୱାରା ସମାଜର ସବୁଠାରୁ ତଳେ ଥିବା ଲୋକଟି କେତେ ମାତ୍ରାରେ ଉପକୃତ ହେଉଛି ଓ (୩) ତୁମ ପାଖକୁ ଯେଉଁ ଲୋକଟି କୌଣସି କାମ ପାଇଁ ଆସୁଛି, ସେ ତୁମ କାମର ବାଧକ ନୁହଁ, ତୁମ ନିୟୋଜନ ତାଙ୍କରି ପାଇଁ। ଏହି ତିନୋଟି କଥା ଯେଉଁମାନଙ୍କ ପାଇଁ ଅଭିପ୍ରେତ, ସେମାନେ ସେଗୁଡ଼ିକୁ କେତେ ମାତ୍ରାରେ ନିଜ ନିଜ କ୍ଷେତ୍ରରେ ପାଳନ କରୁଛନ୍ତି, ତାହା ଦାଣ୍ଡରେ ପଡ଼ି ହାଟରେ ଗଡୁଛି। ଜଳବାୟୁ ପରିବର୍ତ୍ତନଜନିତ ପୃଥିବୀର ଅସ୍ତିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟିହେବା ଅବସରରେ, ତାଙ୍କର ପ୍ରଥମ କଥାଟି ଆଜିର ଆବଶ୍ୟକତା ହୋଇପଡ଼ିଛି, କିନ୍ତୁ ନିଜ ଦେଶର ଅର୍ଥନୈତିକ ପ୍ରଗତି ପାଇଁ ପ୍ରତ୍ୟେକ ରାଷ୍ଟ୍ରମୁଖ୍ୟ କହୁଛନ୍ତି, ଅନ୍ୟମାନେ ସେ ଦିଗରେ ଆଗ୍ରହ ଦେଖାନ୍ତୁ।

ତାଙ୍କର ଦ୍ୱିତୀୟ କଥାକୁ ବିସ୍ତାରିତ ଭାବେ କହିଲେ ହେବ: 'ମୁଁ ତୁମକୁ ଗୋଟିଏ ପରାମର୍ଶ ଦେଉଛି। ଯେତେବେଳେ ତୁମେ ସଂଶୟରେ ଅଛ ବା ନିଜ ଚିନ୍ତାରେ ଘାରି ହେଉଛ, ସେତେବେଳେ ଏହି ପରାମର୍ଶଟିକୁ ପ୍ରୟୋଗ କର। ତୁମେ ଦେଖିଥିବା ସବୁଠାରୁ ଗରିବ ଏବଂ ଅସହାୟ ଲୋକଟିର କଥା ମନେପକାଅ ଏବଂ ନିଜକୁ ନିଜେ ପଚାର ଯେ ତୁମେ ଯାହା କରିବାକୁ ଯାଉଛ, ତାହା ସେହି ଲୋକଟିର କୌଣସି ଉପକାରରେ ଲାଗିବ କି? ଏହା ତାକୁ ତା' ନିଜ ଜୀବନ ଓ ଭାଗ୍ୟରେ ପରିବର୍ତ୍ତନ ଆଣିବାରେ ସହାୟକ ହେବ କି? ସେତେବେଳେ ତୁମର ସଂଶୟ ଓ ସ୍ୱାର୍ଥଭାବନା ଆପେ ଆପେ ଦୂରେଇ ଯିବ।

ସେଇଟିକୁ ଗତ ସ୍ୱାଧୀନତା ଦିବସ ପାଳନ ଅବସରରେ ଆମ ମୁଖ୍ୟମନ୍ତ୍ରୀ ଲୋକସେବାଭବନର ଅଂଶ ରୂପେ ନବନିର୍ମିତ 'ଖାରବେଳ ଭବନ'ରେ 'ପରଶମଣି' ସ୍ୱରୂପ ମାର୍ବଲ ଫଳକରେ ସ୍ଥାନିତ କରିଛନ୍ତି ବୋଲି ଖବର ପ୍ରକାଶ ପାଇଥିଲା। ପରଶମଣି ଏପରି ଏକ ପଦାର୍ଥ, ଯାହା ସଂସ୍ପର୍ଶରେ ଆସିଲେ ପଥର ମଣି ବା ମାଣିକ୍ୟ ହୋଇଯିବ। ଅତଏବ ଗାନ୍ଧୀଙ୍କର ସେଇ ଅବ୍ୟର୍ଥ ଉପଦେଶକୁ ଯଦି ସବୁ ସରକାରୀ କର୍ମଚାରୀ ପାଳନ କରନ୍ତେ ତେବେ ସେମାନଙ୍କର ଅପୂର୍ବ ରୂପାନ୍ତର ସମ୍ଭବ ହୁଅନ୍ତା ଓ ଜନସେବାରେ ସେମାନେ ନିଜକୁ ଉତ୍ସର୍ଗ କରି ପାରନ୍ତେ।

ଗାନ୍ଧିଜୀଙ୍କ ଭାବନାରେ ଉଦ୍‌ବୁଦ୍ଧ ହୋଇ ଆମ ମୁଖ୍ୟମନ୍ତ୍ରୀ ଗତ ଗାନ୍ଧୀ ଜୟନ୍ତୀ ଦିବସରୁ 'ମୋ ସରକାର' ଯୋଜନାର ଶୁଭାରମ୍ଭ କରିଛନ୍ତି। ଏଥିପାଇଁ ଖବରକାଗଜରେ ପ୍ରକାଶିତ ବିଜ୍ଞାପନରେ ଗାନ୍ଧିଜୀଙ୍କ କଥିତ 'ମୋ ସରକାର' ଓ ନବୀନଜୀଙ୍କ ସ୍ଥିରୀକୃତ 'ମୋ ସରକାର' ବାବଦରେ ଲେଖାମାନ ପ୍ରକାଶ ପାଇଛି। ଅବଶ୍ୟ, ଗାନ୍ଧିଜୀ 'ମୋ ସରକାର' ଭଳି ଶୀର୍ଷକ ଜରିଆରେ ଏପରି କହିଥିଲେ କି ନାହିଁ, ତାହା ଜଣାନାହିଁ। ଦୁଇଟି ଯାକର ଉପସ୍ଥାପନାର ଆବଶ୍ୟକତା ଅନୁଭୂତ ହେଉଥିବାରୁ ନିମ୍ନରେ ସେହି ଦୁଇଟି ପ୍ରଦତ୍ତ ହେଲା-

ଗାନ୍ଧିଜୀଙ୍କ ମୋ ସରକାର: ଯଦି ତୁମେ ଜଣେ ପୋଲିସ କର୍ମଚାରୀ, ତେବେ ତୁମେ ଲାଞ୍ଚଠାରୁ ଦୂରେଇ ରୁହ। ଗରିବ ଲୋକମାନଙ୍କୁ ଖରାପ ବ୍ୟବହାର ନ କରି ସେମାନଙ୍କ ପ୍ରତି ସହାନୁଭୂତିଶୀଳ ହେବା ପାଇଁ ସଂକଳ୍ପବଦ୍ଧ ହୁଅ। ତୁମେ ବୁଝିବା ଦରକାର ଯେ ତୁମେ ଲୋକମାନଙ୍କ ସେବକ, ସେମାନଙ୍କର ମାଲିକ ନୁହଁ। ସେମାନଙ୍କର ଅସୁବିଧା ସମୟରେ ସେମାନଙ୍କୁ ସାହାଯ୍ୟ କରିବା ତୁମର ନୈତିକ କର୍ତ୍ତବ୍ୟ। - ମହାତ୍ମା ଗାନ୍ଧୀ, ୧୯୧୬

ନବୀନଜୀଙ୍କ ମୋ ସରକାର: ଜନସାଧାରଣ ହେଉଛନ୍ତି ଗଣତନ୍ତ୍ରର ଆତ୍ମା। ଗଣତନ୍ତ୍ରରେ ପ୍ରତିଟି ଅନୁଷ୍ଠାନ ଲୋକଙ୍କ କଲ୍ୟାଣ ପାଇଁ, ଲୋକଙ୍କ ପଇସାରେ, ଲୋକଙ୍କ ସେବା ଓ ସଶକ୍ତୀକରଣ ପାଇଁ ସୃଷ୍ଟି କରାଯାଇଛି। ପୋଲିସ ଥାନା, ଡାକ୍ତରଖାନା, ସରକାରୀ କାର୍ଯ୍ୟାଳୟ ଲୋକଙ୍କ ସେବା ପାଇଁ ଅଛି। ଲୋକମାନେ ହିଁ ଏହାର ପ୍ରକୃତ ମାଲିକ। ଏହିସବୁ କାର୍ଯ୍ୟାଳୟକୁ ଆସୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରାଯିବା ସହ ବୃତ୍ତିଗତ ଏବଂ ସେବା ମନୋଭାବ ନେଇ ସେମାନଙ୍କ ସମସ୍ୟା ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରାଯାଉ। ଲୋକମାନେ ହେଉଛନ୍ତି ପ୍ରକୃତ ସରକାର ଏବଂ ଏଠାରେ କାମ କରୁଥିବା ସମସ୍ତ କର୍ମଚାରୀ ଲୋକଙ୍କ ପଇସାରେ ହିଁ ବେତନ ପାଉଛନ୍ତି।

ଏଠି ମନେପଡ଼ିଯାଉଛି ୨୦୦୫ ମସିହା ନିର୍ବାଚନ ପରର କଥାଟିଏ। ବିଜେଡି ଓ ଭାଜପାର ମିଳିତ ଶକ୍ତି ବିଧାନସଭା ନିର୍ବାଚନରେ ଜିତିବା ପରେ ମୋ ପାଖକୁ ନବୀନ ପଟ୍ଟନାୟକଙ୍କ କଣ୍ଠରୁ କମ୍ପ୍ୟୁଟରୀକୃତ ବାର୍ତ୍ତାଟିଏ ଆସିଥିଲା, ଯାହା ଶୁଦ୍ଧ ଓଡ଼ିଆ ଭାଷାରେ ହେଉଛି, ''ଆମକୁ ଜିତାଇଥିବାରୁ ଧନ୍ୟବାଦ। ଆପଣଙ୍କର କିଛି କହିବାର ଥିଲେ, ଏହା ପରର 'ପିପ୍' ଶବ୍ଦ ପରେ ଆପଣ କହିପାରନ୍ତି।'' ତା'ପରେ ବାର୍ତ୍ତା ସରିଯାଇଥିଲା, 'ପିପ୍' ଶବ୍ଦ ଶୁଭିଥିଲା ଓ ମୁଁ କହିଥିଲି, 'ରାଜ୍ୟର କେତେକ ସମସ୍ୟା ଉପରେ ଆଲୋଚନା ଲାଗି ମୁଁ ଆପଣଙ୍କୁ ୫ ମିନିଟ୍ ପାଇଁ ଭେଟିବାକୁ ଚାହୁଁଛି।' ସେଇଦିନୁ ଚାହିଁଛି ଓ ଏ ପର୍ଯ୍ୟନ୍ତ ଭେଟିବାର ସୁଯୋଗ ମିଳିନାହିଁ। ରାଜ୍ୟବାସୀଙ୍କ ସ୍ୱାର୍ଥସମ୍ବଳିତ କିଛି ବିଷୟ ଉପରେ ୨୦୧୦ ଜୁନ୍ ମାସଠାରୁ ଏପର୍ଯ୍ୟନ୍ତ ପ୍ରାୟ ୨୦ଟି ଚିଠି ଉପରେ କାର୍ଯ୍ୟାନୁଷ୍ଠାନ ଛାଡ଼ନ୍ତୁ, ଅନୁରୋଧ ସତ୍ତ୍ୱେ ପ୍ରାପ୍ତିସ୍ୱୀକାର ବି ମିଳିନାହିଁ।

ଆମ ଓଡ଼ିଆରେ ଢଗଟିଏ ଅଛି, 'ବଡ଼ ବଡ଼ ଗଲେ ଫସର ଫାଟି, ସାନ ଆଇଲେ ବେସର ବାଟି'। ଯେଉଁଠି ଗାନ୍ଧିଜୀଙ୍କ ବାଣୀସମୂହ ଓ 'ମୋ ସରକାର' (ସତ୍ୟ ଉପରେ ଆଧାରିତ) ଫସରଫାଟି ଗଲା, ସେଠି ନବୀନଜୀଙ୍କ 'ମୋ ସରକାର' କିଛି ତଳସ୍ତରର ସରକାରୀ କର୍ମଚାରୀଙ୍କ ଦୁର୍ନୀତିଜନିତ ନିଲମ୍ବନ ବା ବରଖାସ୍ତରେ ଯେ ସୀମିତ ରହିବ, ତାହା କିଏ କହିବ? ସେମାନେ ସେହି ଦୁର୍ନୀତି ଯେଉଁମାନଙ୍କ ପାଇଁ କରି ଭାଗ ଦିଅନ୍ତି, ସେମାନଙ୍କୁ ଛୁଇଁବା ଅସମ୍ଭବ, କାରଣ ସେମାନେ ତ ଦଣ୍ଡ ପ୍ରଦାନକାରୀ। ତେବେ ଏ ଆରମ୍ଭ ଶୁଭଙ୍କର ହେଉ, ଏହା ହିଁ କାମନା।

ମୋ- ୮୮୯୫୮୫୭୩୧୮

## ଏଇ ଭାରତରେ

ବର୍ଷେ କି ଦୁଇ ବର୍ଷ ନୁହେଁ ଦୀର୍ଘ ୧୪ ବର୍ଷ ଏକ ସ୍କୁଲ ବନ୍ଦ ରହିବା ପରେ ଏବେ ଖୋଲିଛି। ଛତିଶଗଡ଼ ବିଜାପୁର ଜିଲାର ନକ୍ସଲ ପ୍ରଭାବିତ ଉସୁର ବ୍ଲକ୍ ମୁଖ୍ୟାଳୟଠାରୁ ୩୫ କିମି ଦୂର ମଲ୍ଲେମପେଣ୍ଟା ଗାଁରେ ଏହି ସ୍କୁଲ ଅବସ୍ଥିତ। ଏଥିରେ ୬୦ ପିଲା ନାମ ଲେଖାଇଛନ୍ତି। ଏହି ସ୍କୁଲ ଗାଁରେ ଥିବା ଏକ ଝୁମ୍ପୁଡ଼ି ଘରେ ଆରମ୍ଭ କରାଯାଇଛି। ସରକାରୀ ଶିକ୍ଷକ ବି ନାହାନ୍ତି। ପଢାଇବା ଦାୟିତ୍ୱ ନେଇଛନ୍ତି ଦୁଇଜଣ ବେକାର ଯୁବକ। ଗାଁଲୋକେ ଟଙ୍କା ଆଦାୟ କରି ପିଲାମାନଙ୍କୁ ସିଲଟ, ଖଡି ଓ ପେନ୍‌ସିଲ ଦେଇଛନ୍ତି। ସ୍କୁଲ୍ ଏକ ମାସ ହେବ ଖୋଲିଲାଣି। କିନ୍ତୁ ଶିକ୍ଷା ବିଭାଗ ଏଯାଏ ପିଲାଙ୍କ ପାଖରେ ପହଞ୍ଚିପାରିନି କି କିଛି ସାମଗ୍ରୀ ମଧ୍ୟ ଦେଇନାହିଁ। ଛତିଶଗଡ଼ରେ ମାଓବାଦୀଙ୍କ ବିରୋଧରେ ସାଲୱା ଜୁଡୁମ୍ ଆରମ୍ଭ କରାଯିବା ପରେ ଏହି ସ୍କୁଲ୍ ସମେତ ଅନ୍ୟ କେତୋଟି ପ୍ରାଥମିକ ସ୍କୁଲ୍‌କୁ ମଧ୍ୟ ବନ୍ଦ କରିଦିଆଯାଇଥିଲା। ଏହି ସ୍କୁଲଗୁଡିକ ମଧ୍ୟରେ ଥିଲା ମଲ୍ଲେମପେଣ୍ଟାର ସ୍କୁଲ। ଅନେକ ସ୍କୁଲ୍‌କୁ ଦୁର୍ଗମ ଅଞ୍ଚଳରୁ ମୁଖ୍ୟରାସ୍ତା କଡକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ପିଲାମାନେ ଏହିସବୁ ସ୍କୁଲ୍‌କୁ ଆସିବା ଏତେ ସହଜ ନ ଥିଲା। କିନ୍ତୁ ଦୀର୍ଘ ବର୍ଷ ପରେ ପୁଣି ସ୍କୁଲ୍ ମଲ୍ଲେମପେଣ୍ଟାରେ ଖୋଲାଯାଇଥିବାରୁ ଗାଁ ଲୋକେ ବହୁତ ଖୁସି ଅଛନ୍ତି। ଆସନ୍ତା ମାସଠାରୁ ଏହି ସ୍କୁଲ୍‌ରେ ମଧ୍ୟାହ୍ନଭୋଜନ ଦିଆଯିବ ବୋଲି ଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି।

## ଚିରନ୍ତନୀ

ସିକ୍ତ ଅଧର ମମ
ସିକ୍ତ ମୋ ଲପନ
ସିକ୍ତ ଏ ଦେହ ମନ ଜୀବନ
ଅନ୍ତରେ ଅନ୍ତରେ
ସେ ପରଶ ସଞ୍ଚରେ
ପୂରିଉଠେ ଜାଗରଣ ସପନ
ସିକ୍ତ ଏ ଦେହ ମନ ଜୀବନ!

(ଶିଶିର-ହାସ୍ୟ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସାପ୍ତାହିକ ପଞ୍ଜିକା

ଅକ୍ଟୋବର ୨୮- ଉତ୍ତରପଶ୍ଚିମ ସିରିଆରେ ଆମେରିକାର ଗୁପ୍ତ ଚଢ଼ାଉରେ କୁଖ୍ୟାତ ଆତଙ୍କବାଦୀ ସଙ୍ଗଠନ ଆଇଏସ୍‌ଆଇଏସ୍ ମୁଖ୍ୟ ଅବୁ ବକ୍କର ଅଲ୍ ବାଗ୍‌ଦାଦୀ ନିହତ ହୋଇଛନ୍ତି।

୨୯- ଜମ୍ମୁ-କଶ୍ମୀରର ସ୍ଥିତି ଅନୁଧ୍ୟାନ ପାଇଁ ଏକ ୟୁରୋପୀୟ ପ୍ରତିନିଧି ଦଳ ଶ୍ରୀନଗରରେ ପହଞ୍ଚିଛନ୍ତି।

୩୦- ଆଜିଠାରୁ ଜମ୍ମୁ-କଶ୍ମୀର ଓ ଲଦାଖ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳ ରୂପେ ପରିଣତ ହେଲା।

୩୧- ପାକିସ୍ତାନର ପୂର୍ବ ପଞ୍ଜାବ ପ୍ରଦେଶସ୍ଥିତ ଲିଆକତପୁର ନିକଟରେ ଏକ ଯାତ୍ରୀବାହୀ ଟ୍ରେନ୍‌ରେ ଭୟାବହ ଅଗ୍ନିକାଣ୍ଡ ଘଟି ୭୪ ଜଣ ଜୀବନ୍ତ ଦଗ୍ଧ ହୋଇଛନ୍ତି।

ନଭେମ୍ବର ୧- ଜମ୍ମୁ-କଶ୍ମୀରର ଉପରାଜ୍ୟପାଳ ଗିରୀଶ ଚନ୍ଦ୍ର ମୁର୍ମୁଙ୍କ ଶପଥ ଗ୍ରହଣ ଉତ୍ସବରେ ଯୋଗ ଦେଇଥିବାରୁ ପିଡିପି ରାଜ୍ୟ ସଭା ସଦସ୍ୟ ନାଜିର ଅହମଦ ଲୱେଙ୍କୁ ଦଳରୁ ବହିଷ୍କାର କରାଯାଇଛି।

## ସୁ-ଡୋ-କୁ (su|do|ku)

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | E | | | 8 | 6 | 4 | D | | | 1 | | | 3 |
| | | 1 | | 5 | | | 7 | | 2 | A | | D | | |
| 4 | | | | | 1 | | 3 | | B | | | | | |
| | | | 4 | | C | B | | 8 | | D | | 6 | | |
| | | | | | | | | | 6 | 0 | 3 | 2 | | |
| | 9 | A | | C | | | 5 | | 0 | B | | | | |
| 7 | B | D | | 2 | | | | | | | A | | | 1 |
| 2 | | | | 4 | | | 1 | 0 | E | | | 7 | | |
| | C | | | | | E | | 4 | | | | 5 | | D |
| | | | | 0 | A | | | | | | 5 | | | B |
| | | | | D | | | 6 | | 3 | | | | | 0 |
| | | | 1 | | | 5 | 2 | | | | | | | |
| | | 4 | 5 | 8 | | D | | A | C | 9 | | | | |
| 0 | | 6 | B | | | 7 | 8 | | A | E | | | | |
| 9 | | B | | | 7 | 1 | | | | | | | 6 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | 1 | 0 | 2 | 7 | B | 3 | 5 | 8 | A | D | 9 | 4 | E | C |
| 2 | 5 | 7 | 1 | C | 3 | A | D | 4 | 0 | E | 6 | 8 | 9 | B |
| A | 8 | E | 9 | 5 | D | 6 | 2 | 1 | C | B | 4 | 0 | 7 | 3 |
| B | C | D | 6 | 8 | 4 | 0 | E | 9 | 7 | 3 | 1 | 5 | 2 | A |
| 4 | 9 | 3 | E | A | 0 | 7 | C | B | 2 | 8 | 5 | 1 | D | 6 |
| C | 4 | B | 5 | 2 | E | 1 | 9 | 6 | D | 0 | A | 3 | 8 | 7 |
| 9 | 0 | 6 | B | 1 | 8 | D | 7 | 3 | 5 | 4 | 2 | C | A | E |
| 1 | 3 | 8 | C | D | 6 | E | A | 5 | B | 9 | 7 | 2 | 4 | 0 |
| 7 | 2 | 5 | 0 | 9 | A | 4 | 8 | C | 3 | 1 | E | 6 | B | D |
| D | E | A | 3 | 4 | 7 | B | 0 | 2 | 6 | C | 8 | 9 | 1 | 5 |
| 5 | 6 | 4 | 7 | E | C | 8 | 1 | D | 9 | A | 3 | B | 0 | 2 |
| 3 | A | 1 | 4 | B | 2 | 9 | 6 | 0 | E | 7 | C | D | 5 | 8 |
| 0 | B | 2 | A | 6 | 9 | C | 4 | 7 | 8 | 5 | D | E | 3 | 1 |
| E | D | C | 8 | 3 | 1 | 5 | B | A | 4 | 2 | 0 | 7 | 6 | 9 |
| 8 | 7 | 9 | D | 0 | 5 | 2 | 3 | E | 1 | 6 | B | A | C | 4 |

ଗତକାଲିର ଉତ୍ତର

## ଆମ ସମସ୍ୟା

### ଟ୍ରାଫିକ ନିୟମକୁ ସ୍ୱାଗତ

ମହାଶୟ,

ସରକାରଙ୍କ ଟ୍ରାଫିକ୍ ନିୟମକୁ ସ୍ୱାଗତ। ଭାରତରେ ଅଧିକାଂଶ ଲୋକ ନିଜ ଜୀବିକା ନିର୍ବାହ ପାଇଁ ଏବଂ ଛୋଟ ବ୍ୟବସାୟ କରି ଚଳିବା ଲାଗି ବିଭିନ୍ନ ପ୍ରକାର ପୁରୁଣା ଗାଡି ଉପରେ ନିର୍ଭର କରିଥାଆନ୍ତି। ଏମାନେ କୌଣସି ନୂଆ ଗାଡି କିଣିପାରି ନ ଥାନ୍ତି। ଯିଏ ବା ଗାଡି ବିକ୍ରି କରିବ ନୂଆ ଗାଡିକୁ ୧୦/୧୫ ବର୍ଷ ପରେ ବିକ୍ରି କରିବ। ଅନ୍ୟପକ୍ଷରେ ଭାରତରେ ଅନେକ ଶିକ୍ଷିତ ବେକାର କିଛି ଉପାୟ ନ ପାଇ ବାଧ୍ୟ ହୋଇ ନୂଆ କିମ୍ବା ପୁରୁଣା ଅଟୋମାନ କିଣି ଜୀବିକା ନିର୍ବାହ କରିଥାଆନ୍ତି। ଯଦି ସରକାର ନୂଆ ଗାଡି କିଣି ପାରୁ ନ ଥିବା, ପୁରୁଣା ଗାଡି କିଣି ନିଜର ପରିବାର କିମ୍ବା ଜୀବିକା ନିର୍ବାହ କରୁଥିବା ଲୋକଙ୍କୁ ଚିହ୍ନଟ କରି ଏମାନଙ୍କୁ ନୂଆ ଗାଡ଼ି କିଣିବା ପାଇଁ ଆର୍ଥିକ ସହଯୋଗ କରନ୍ତେ କିମ୍ବା ଛୋଟବଡ ସରକାରୀ ଚାକିରିଟିଏ ଦିଅନ୍ତେ, ତା'ହେଲେ ନୂଆ ଟ୍ରାଫିକ୍ ନିୟମକୁ ନେଇ କାହାରି କିଛି ଅଭିଯୋଗ ରହନ୍ତା ନାହିଁ।

ସଂଗ୍ରାମ ସେନାପତି, ଭିଆଇପି ରୋଡ, ପୁରୀ

### ଓଡ଼ିଆ ଭାଷା ଓ ଟିଭି ଚାନେଲ

ରାଜ୍ୟରେ ନବେ ଦଶକ ଆରମ୍ଭରେ ଦୂରଦର୍ଶନ ଦ୍ୱାରା ପ୍ରସାରିତ ହିନ୍ଦୀ ସିରିଏଲ ଓ ଚଳଚ୍ଚିତ୍ର ଓଡ଼ିଆ ଭାଷା ପ୍ରତି ବିପଦ ସୃଷ୍ଟି କରିଥିଲା। ନବେ ଦଶକ ଶେଷ ଆଡ଼କୁ ଆରମ୍ଭ ହେଲା ଘରୋଇ ଟିଭି ଚାନେଲ ଯୁଗ। ରାଜ୍ୟର ଲୋକେ ଏବେ ହିନ୍ଦୀ ସିରିଏଲଠୁ ଦୂରେଇଯିବା ଓଡ଼ିଆ ଭାଷା ପାଇଁ ଶୁଭ ଲକ୍ଷଣ। ଥିଲାବାଲା ନୂଆ ଓଡ଼ିଆ ଚଳଚ୍ଚିତ୍ର ସିନେମା ହଲ୍‌ରେ ନ ଦେଖି ଟିଭିରେ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବା କୃପଣତାର ପରିଚୟ। ରାଜ୍ୟରେ ଆଲବମ୍ ସଙ୍ଗୀତ ଶିଳ୍ପ ଭୁଶୁଡି ପଡିଥିବା ବେଳେ ପଡ଼ୋଶୀ ରାଜ୍ୟମାନଙ୍କରେ ଭୋଜପୁରୀ ଓ ଅନ୍ୟ ଭାଷାର ଆଲବମ୍ ଶିଳ୍ପ ଆଗକୁ ଆଗକୁ ବଢିଚାଲିଛି। ସେମାନଙ୍କଠୁ ଆମେ ଶିଖିବା ଦରକାର।

ମନୋରଞ୍ଜନ ପାତ୍ର, ସୁନହଟ, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ସାପ କାମୁଡ଼ାରେ ନାବାଳକର ମୃତ୍ୟୁ

**କାଲିମେଳା,୩ା୧୧(ଡି.ଏନ.ଏ.)-** ମାଲକାନଗିରି ଜିଲା କାଲିମେଳା ବ୍ଲକ ଅନ୍ତର୍ଗତ ଚିତ୍ରାଙ୍ଗପାଲି ପଞ୍ଚାୟତର ତୁମଗୁଡ଼ା ଗ୍ରାମର ଜଣେ ୪ ବର୍ଷର ଶିଶୁକୁ ଏକ ବିଷଧର ସାପ କାମୁଡିଦେବାରୁ ତା'ର ମୃତ୍ୟୁ ହୋଇଛି। ସେ ହେଲେ ଗ୍ରାମର ପାଣ୍ଡୁ ମାଡକାମିଙ୍କ ପୁଅ ରମେଶ ମାଡକାମି । ପାଣ୍ଡୁଙ୍କର ରମେଶ ଓ ଦେବେନ୍ଦ୍ର (୫) ନାମରେ ୨ପୁଅ। ଶନିବାର ରାତିରେ ପରିବାରର ସମସ୍ତେ ଖାଇସାରି ଶୋଇଥିଲେ । ପାଣ୍ଡୁଙ୍କ ପାଖରେ ସାନପୁଅ ରମେଶ ଶୋଇଥିଲେ। ହଠାତ ରମେଶଙ୍କୁ ଏକ ବିଷଧର ସାପ କାମୁଡି ଦେଇଥିଲା। ଫଳରେ ସେ ଗୁରୁତର ହୋଇ ପଡ଼ିଥିଲେ। ତୁମଗୁଡା ଗ୍ରାମକୁ ରାସ୍ତାଘାଟ ନ ଥିବାରୁ ରମେଶଙ୍କୁ ପରିବାର ଲୋକେ ସଙ୍ଗେସଙ୍ଗେ ମେଡିକାଲ ଆଣିପାରି ନ ଥିଲେ । ସକାଳେ ରମେଶଙ୍କୁ ଏମଭି-୫୫ ଗ୍ରାମରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ପୋଟେରୁ ଫାଣ୍ଡି ପୋଲିସ ମୃତଦେହ ଜବତ କରି କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ।

### କମୁନି ପରିବା ଦର

**ଚିତ୍ରକୋଣ୍ଡା,୩ା୧୧(ଡି.ଏନ.ଏ.)** ଚଳିତ ବର୍ଷ କାର୍ତ୍ତିକ ମାସ ଶେଷ ହେବାକୁ ବସିଲାଣି ମାତ୍ର ପରିବା ଦର ଖସୁନି। ଏହି ସମୟରେ ଆଖପାଖ ଅଞ୍ଚଳର ପରିବା ବଜାରକୁ ଆସିବା କଥା। ସ୍ଥାନୀୟ ଅଞ୍ଚଳର ପରିବା ଆସିଲେ ଦର କମିଥାଏ। ଚଳିତ ବର୍ଷ ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ କେତେକ ସ୍ଥାନରେ ପରିବା ଚାଷ ନଷ୍ଟ ହେବା ଏବଂ କେତେକ ସ୍ଥାନରେ ଚାଷୀ ବିଳମ୍ବରେ ପରିବା ଚାଷ ଆରମ୍ଭ କରିଥିବାରୁ ଏପର୍ଯ୍ୟନ୍ତ ସ୍ଥାନୀୟ ଅଞ୍ଚଳର ପରିବା ବଜାରକୁ ଆସିପାରିନାହିଁ। ଚିତ୍ରକୋଣ୍ଡା ସାପ୍ତାହିକ ହାଟ ଉପରେ ଆଖପାଖ ଅଞ୍ଚଳର ୧୦ରୁ ଉର୍ଦ୍ଧ୍ୱ ପଞ୍ଚାୟତର ୧୦ ହଜାର ଉର୍ଦ୍ଧ୍ୱ ଲୋକ ନିର୍ଭର କରନ୍ତି। ଏବେ ବଜାରରେ ଫୁଲ କୋବି କେଜି ୮୦ଟଙ୍କା, ଭେଣ୍ଡି ଓ ପୋଟଳ କେଜି ୬୦ଟଙ୍କା, ପିଆଜ ୫୦ଟଙ୍କା, ଧନିଆ ପତ୍ର ବିଡା ୧୦ ଟଙ୍କା, କଖାରୁ କେଜି ୩୦ ଟଙ୍କା, ଜହ୍ନି ୪୦, ଟମାଟୋ ଓ ବାଇଗଣ କେଜି ୪୦ ଟଙ୍କା ରହିଛି। ୪୦ ଟଙ୍କା ତଳକୁ କୌଣସି ପରିବା ମିଳୁନାହିଁ। ଫଳରେ ସାଧାରଣ ଲୋକେ ନାହିଁ ନ ଥିବା ହଇରାଣ ହେଉଛନ୍ତି।

### ଦୁଇ ଟ୍ରକ୍ ମୁହାଁମୁହିଁ ଧକ୍କା: ୨ ଡ୍ରାଇଭର ଗୁରୁତର


**ବସ୍ତା, ୩ା୧୧(ସ୍ୱ.ପ୍ର.):** ବାଲେଶ୍ୱର ଜିଲା ବସ୍ତା ବ୍ଲକ ଦେଇଯାଇଥିବା ୬୦ନଂ. ଜାତୀୟ ରାଜପଥର ଭେଲୋରା ନିକଟରେ ବାରମ୍ବାର ଦୁର୍ଘଟଣା ଘଟୁଥିଲେ ମଧ ପ୍ରଶାସନ ତରଫରୁ ସେଭଳି କିଛି ଆଖିଦୃଶିଆ ପଦକ୍ଷେପ ନିଆଯାଉନାହିଁ। ଅଣ୍ଡରପାସ୍ କାମ ସରୁ ନ ଥିବାରୁ ଯାତାୟାତରେ ବହୁତ ହଇରାଣ ହେବାକୁ ପଡୁଛି। ରବିବାର ଦୁଇ ଟ୍ରକ ମଧରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଦୁଇ ଟ୍ରକର ଡ୍ରାଇଭର ଗୁରୁତର ଆହତ ହୋଇଥିଲେ।

# ଦକ୍ଷିଣ ଓଡ଼ିଶା ସାହିତ୍ୟ ସମ୍ମିଳନୀ

## ଆଦିବାସୀଙ୍କ ଉପରେ ଗବେଷଣାମୂଳକ ସାହିତ୍ୟ ସୃଷ୍ଟି ଉପରେ ଗୁରୁତ୍ୱ

**ମାଲକାନଗିରି/କୁଡୁମୁଲୁଗୁମ୍ମା, ୩ା୧୧ (ସ୍ୱ.ପ୍ର./ଡି.ଏନ୍.ଏ.)**

ମାଲକାନଗିରି ଜିଲା କୁଡୁମୁଲୁଗୁମ୍ମାସ୍ଥିତ ଡାରୱିନ୍ ସ୍ମାରକୀ +୩ ମହାବିଦ୍ୟାଳୟଠାରେ ନାଗରିକ ମଞ୍ଚ କୁଡୁମୁଲୁଗୁମ୍ମା ଶାଖା ପକ୍ଷରୁ ଦକ୍ଷିଣ ଓଡ଼ିଶା ସାହିତ୍ୟ ସମ୍ମିଳନୀ ଆରମ୍ଭ ହୋଇଛି। ଏହି ସାରସ୍ୱତ ସମ୍ପର୍କ ଶିବିରକୁ ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ଉଦ୍‌ଘାଟନ କରିଥିଲେ। ଏଥିରେ ଜିଲାର ବିଭିନ୍ନ ବ୍ଲକ ଓ ୨ଟି ବିଜ୍ଞାପିତ ଅଞ୍ଚଳ ପରିଷଦରୁ ଶତାଧିକ ସାହିତ୍ୟିକ ଯୋଗ ଦେଇଥିଲେ। ଉତ୍ସବରେ ବିଧାୟକ ବାକା କହିଥିଲେ ଯେ, ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲାରେ ସାହିତ୍ୟର ଅଗ୍ରଗତି ହେଲେ ହିଁ ସାମାଜିକ ବିକାଶ ସମ୍ଭବପର ହୋଇପାରିବ । ଅନ୍ୟତମ ଅତିଥି ରୂପେ ରାଜ୍ୟ ମୁଖ୍ୟ କାର୍ଯ୍ୟାଳୟରୁ ଦଣ୍ଡପାଣି ମହାପାତ୍ର ଯୋଗ ଦେଇଥିଲେ। ମହାପାତ୍ର କହିଲେ ଯେ, ମାଲକାନଗିରିର ଆଦିବାସୀମାନଙ୍କ ସମ୍ପର୍କରେ ଅଧିକରୁ ଅଧିକ ଗବେଷଣାମୂଳକ ସାହିତ୍ୟ ସୃଷ୍ଟି କରିବା ଦିଗରେ ସାହିତ୍ୟିକମାନେ ଯତ୍ନବାନ ହେବା ଆବଶ୍ୟକ। ସମ୍ମିଳନୀର ଜିଲା ମୁଖ୍ୟ ଆବାହକ କିଶୋର ଚନ୍ଦ୍ର ପ୍ରଧାନ କହିଲେ ଦକ୍ଷିଣ ଓଡ଼ିଶା ସାହିତ୍ୟ ସମ୍ମିଳନୀ ପକ୍ଷରୁ ଆଗାମୀ ଦିନରେ ଗ୍ରାମାଞ୍ଚଳରୁ ସହରାଞ୍ଚଳ ପର୍ଯ୍ୟନ୍ତ ପ୍ରତି କ୍ଷେତ୍ରରେ ସାହିତ୍ୟ ସମ୍ମିଳନୀର ସଙ୍ଗଠନ ପ୍ରକ୍ରିୟାକୁ ସୁଦୂରପ୍ରସାରୀ କରାଯିବ । ସମ୍ମିଳନୀର ଉପ ସଭାପତି ଗୌରାଙ୍ଗ ରାଉତ, ବିଧାୟକ ପ୍ରତିନିଧି ଶ୍ରୀସାଧୁ ହନ୍ତାଳ ଉପାନ୍ତ ଅଞ୍ଚଳରେ ସାହିତ୍ୟର ଉନ୍ନତି ପାଇଁ ଗୁରୁତ୍ୱାରୋପ କରିଥିଲେ । ଜିଲା ଯୁଗ୍ମ ଆବାହକ ବଳରାମ ପୂଜାରୀ, ବ୍ଲକ ସମ୍ପାଦକ ଭଗବାନ ସାହୁ, ଚିତ୍ରକୋଣ୍ଡା ନିର୍ବାଚନମଣ୍ଡଳୀ ସଙ୍ଗଠନ ସମ୍ପାଦକ ବାଳକୃଷ୍ଣ ପ୍ରଧାନ, କଲେଜ ସମ୍ପାଦକ, ଅଧ୍ୟାପକ ଅଶୋକ ପ୍ରଧାନ, ଦିବାକର ସୁନା, ରାମହରି ସାହୁ, ଯୁଗଳ ସ୍ୱାଇଁ, ନିରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅର୍ପିତା ଦାଶ, ଅନାମିକା ସାନା, ନିରଞ୍ଜନ ସ୍ୱାଇଁ, ବଳରାମ ପୂଜାରୀ, ମହେଶ୍ୱର ମହାରଣାଙ୍କୁ ସାରସ୍ୱତ ସଞ୍ଜିବନୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ଦିଲୀପ ଓଝା, ନାରାୟଣ ଭୋଳ, ରାମକୃଷ୍ଣ ପାଢ଼ୀ, ଶୁଭାଶିଷ କର, ଅଦେ ଚାର୍କୀ, ଦୀପକ ବଳ, ସନ୍ତୋଷ ପାତ୍ର ପ୍ରମୁଖ ଯୋଗଦେଇ ସାହିତ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ସାହିତ୍ୟିକ ବଳରାମ ପୂଜାରୀ ମଞ୍ଚ ପରିଚାଳନା କରିଥିଲେ।



ସାହିତ୍ୟ ସମ୍ମିଳନୀରେ ଅତିଥିମାନେ ପ୍ରତିଭାଙ୍କୁ ପୁରସ୍କୃତ କରୁଛନ୍ତି ।

# ଜିଲାସ୍ତରୀୟ ସରପଞ୍ଚ ସମ୍ମିଳନୀ

**ମାଲକାନଗିରି,୩ା୧୧ (ଡି.ଏନ୍.ଏ.)–**

ମାଲକାନଗିରି ଜିଲା ସରପଞ୍ଚ ସଙ୍ଗଠନ ପକ୍ଷରୁ ରବିବାର ମାଲକାନଗିରି ନଗର ଭବନଠାରେ ଜିଲାସ୍ତରୀୟ ସମ୍ମିଳନୀ ଓ ସମ୍ବର୍ଦ୍ଧନା ଉତ୍ସବ ଜିଲା ସଭାପତି ଭୀମା ବାର୍ସେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ଜିଲାର ବିଭିନ୍ନ ପଞ୍ଚାୟତରୁ ୭୦ରୁ ଉର୍ଦ୍ଧ୍ୱ ମହିଳା ଏବଂ ପୁରୁଷ ସରପଞ୍ଚ ଅଂଶଗ୍ରହଣ କରିଥିଲେ । ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ଦଶରଥ ପଡିଆମି, ଜିଲା ଆଇନ ପରାମର୍ଶଦାତା ରାମ ପଟ୍ଟନାୟକ, ପଦ୍ମଗିରି ପୂର୍ବତନ ସରପଞ୍ଚ ଲକ୍ଷ୍ମଣ ନାୟକ, ଉପଦେଷ୍ଟା ଦୁର୍ଯ୍ୟୋଧନ ପାତ୍ର, କେଶବ ନାୟକ ଯୋଗ ଦେଇଥିଲେ। ଜିଲାରେ ପଞ୍ଚାୟତିରାଜ ବିଭାଗ ତରଫରୁ ସରପଞ୍ଚମାନଙ୍କୁ ମିଳିଥିବା ସାମ୍ବିଧାନିକ ଅଧିକାରକୁ ଜିଲା ପ୍ରଶାସନ ଅଧିକାରୀମାନେ ଅଣଦେଖା କରୁଥିବା ନେଇ ସମ୍ମିଳନୀରେ ଅଭିଯୋଗ ହୋଇଥିଲା। ସରପଞ୍ଚମାନେ ନିଜ ପଞ୍ଚାୟତର ବିଭିନ୍ନ ଉନ୍ନତିମୂଳକ ଯୋଜନା ସମ୍ପର୍କରେ ପଞ୍ଚାୟତ ବୈଠକରେ ନିଷ୍ପତ୍ତି ନେଇ ପ୍ରଶାସନକୁ ଜଣାଉଛନ୍ତି। ପ୍ରଶାସନ ସେମାନଙ୍କ ନିଷ୍ପତ୍ତିକୁ ଗୁରୁତ୍ୱ ନ ଦେଇ ବିଡିଓ, ଜେଇ, ପିଇଓ, ଜିଆରଏସ୍‌ଙ୍କୁ ଗୁରୁତ୍ୱ ଦେଉଛି। ଫଳରେ ଏହି ଅଧିକାରୀମାନେ ସେମାନଙ୍କ ପଞ୍ଚାୟତରେ ମନଇଚ୍ଛା କାମ କରୁଛନ୍ତି। ଜିଲାରେ ଚାଷୀମାନେ ସମବାୟ ଋଣ ଆଣିବା ସମୟରେ ବୀମା କମ୍ପାନୀଗୁଡିକ ଅଗ୍ରିମ ଋଣରୁ ଅର୍ଥ ନେଉଥିଲେ ମଧ ବିଗତ ୩ବର୍ଷ ହେଲା ଜିଲାରେ କୌଣସି ଚାଷୀଙ୍କୁ ସେମାନଙ୍କ କ୍ଷତିପୂରଣ ବାବଦ ବୀମା ଅର୍ଥ ନ ମିଳିବା, ଚାଷୀଙ୍କ କ୍ଷତି ହୋଇଥିବା ଫସଲ ନେଇ କୃଷି ବିଭାଗ କିମ୍ବା ସମବାୟ ବିଭାଗ ବୀମା କମ୍ପାନୀକୁ ଜଣାଉ ନ ଥିବା ଯୋଗୁ କମ୍ପାନୀମାନେ ଚାଷୀଙ୍କ ବୀମା ନେଇ ବନ୍ଧା ଯାଇଥିବା ଟଙ୍କା ନେଇଯାଉଛନ୍ତି। ତେଣୁ ତୁରନ୍ତ ପ୍ରଶାସନ, ବୀମା କମ୍ପାନୀ ଓ କୃଷି ବିଭାଗ ଏଥିଲାଗି କ୍ଷତିପୂରଣ ଦେବାକୁ ଦାବି ହୋଇଥିଲା। ସେହିପରି ସରପଞ୍ଚମାନଙ୍କ ଦରମା ଏବଂ ପେନସନ୍ ବ୍ୟବସ୍ଥା କରିବା ପାଇଁ ବୈଠକରେ ମତ ପ୍ରକାଶ ପାଇଥିଲା। ଜିଲାରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ସଦର ବ୍ଲକ ଗୋରାଖଣ୍ଡା ସରପଞ୍ଚ ଏରା ପଡିଆମି, ବଣ୍ଡାଘାଟି ବଡଡୁରାଲ ସରପଞ୍ଚ ପଦ୍ମା ଶିଶା, ରାସବେଡା ସରପଞ୍ଚ ପ୍ରମିଳା ଗଣ୍ଡାଙ୍କୁ ଗତ ସପ୍ତାହରେ ରାଜ୍ୟ ସରକାର ଭୁବନେଶ୍ୱରଠାରେ ସମ୍ମାନିତ କରିଥିଲେ। ସମ୍ମିଳନୀରେ ମଧ ଏହି ତିନି ସରପଞ୍ଚଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଜିଲାସ୍ତରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସିନ୍ଧ୍ରିମାଳ ସରପଞ୍ଚ ସମାରୀ ମାଡକାମି, ଚଲାଣଗୁଡା ସରପଞ୍ଚ ପୁଷ୍ପାରାଣୀ ପଡିଆମି, ଗୌଡଗୁଡା ସରପଞ୍ଚ ମମତା ମାଢ଼ି, ପୋଟ୍ରେଲ ସରପଞ୍ଚ ଭୀମା ବାର୍ସେ, ନାକାମାମୁଡି ସରପଞ୍ଚ ବିଶ୍ୱନାଥ ହନ୍ତାଳ, କୁଟୁନିପାଲି ସରପଞ୍ଚ ନରସିଂହ ଚାଲାଣ, ଜିଲା ଆଦିବାସୀ ମହାସଂଘ ଉପଦେଷ୍ଟା ଘନଶ୍ୟାମ ମାଡକାମି ଓ ସଙ୍ଗଠକ ସନୁ ଅନୁଗୁଙ୍କୁ ମଧ ସମ୍ମିଳନୀରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ରାଜ୍ୟ ଅମଲା ସଂଘ ଉପସଭାପତି ଶ୍ୟାମ ନାୟକ ପରିଚାଳନା କରଥିଲେ।



ସରପଞ୍ଚ ସମ୍ମିଳନୀରେ ଅତିଥିଙ୍କ ଗହଣରେ ସମ୍ମାନିତ ସରପଞ୍ଚମାନେ ।

### ସଂସ୍କୃତ ଶିକ୍ଷକ ସମ୍ମିଳନୀ

**କୋରୁକୋଣ୍ଡା, ୩ା୧୧ (ଡି.ଏନ.ଏ.)–** ତାର୍ଲାକୋଟା ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ରବିବାର ସଂସ୍କୃତ ଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଭାଷାଗୁଡ଼ିକର ଜନନୀ ସଂସ୍କୃତ । ସଂସ୍କୃତ ଭାଷାରେ ଲେଖା ବିଜ୍ଞାନସମ୍ମତ। ମାତୃଭାଷା ପ୍ରତି ଅବହେଳା ମା' ପ୍ରତି ଅସମ୍ମାନ ବୋଲି ଏଥିରେ ମତ ପ୍ରକାଶ ପାଇଥିଲା। ନିଖିଳ ଉତ୍କଳ ସଂସ୍କୃତ ଶିକ୍ଷକ ସଂଘ ପକ୍ଷରୁ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ନୂତନ କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। ସର୍ବସମ୍ମତିକ୍ରମେ ସଭାପତି ରୂପେ ମହେଶ୍ୱର ମିଶ୍ର, କାର୍ଯ୍ୟକାରୀ ସଭାପତି ଚତୁର୍ଭୁଜ ଦାଶ, ଉପସଭାପତି ଗୋଦାବରୀଶ ଦାଶ, ନିରଞ୍ଜନ ମୁଖୀ, ଚନ୍ଦ୍ରଶେଖର ଦେ, ସମ୍ପାଦକ କରୁଣାକର ମଲ୍ଲିକ, ସାଙ୍ଗଠନିକ ସମ୍ପାଦକ ବିନାୟକ ପାଣିଗ୍ରାହୀ, ସହସମ୍ପାଦକ ସୁକୁମାର ପଣ୍ଡା, ଅମୀୟ ମିଶ୍ର, ରାଜେନ୍ଦ୍ର ସାହୁ, କୋଷାଧ୍ୟକ୍ଷ ରୂପେ ରଶ୍ମିତା ମହାରଣା ନିର୍ବାଚିତ ହୋଇଥିଲେ। ଉପଦେଷ୍ଟା ରୂପେ ଦିବାକର ପତି, ନିତ୍ୟାନନ୍ଦ ପଣ୍ଡା, ଭ୍ରମରବର ମଲ୍ଲିକ, ପୂର୍ଣ୍ଣଚନ୍ଦ୍ର ସାହୁ ମନୋନୀତ ହୋଇଥିଲେ। ମହେଶ୍ୱର ମିଶ୍ର ଓ କରୁଣାକର ମଲ୍ଲିକ ପରିଚାଳନା କରିଥିଲେ।




■ ଓଡ଼ିଶା ମୋଟର ଚାଳକ ସଂଘ ପକ୍ଷରୁ ସମ୍ମିଳନୀ

# ଚାଳକଙ୍କୁ ସାମାଜିକ ସୁରକ୍ଷାରେ ଅନ୍ତର୍ଭୁକ୍ତ କରିବାକୁ ଦାବି



ସମ୍ମିଳନୀରେ ଯୋଗ ଦେଇଥିବା ମୋଟର ଚାଳକ ସଂଘର କର୍ମକର୍ତ୍ତାମାନେ ।

**ମାଲକାନଗିରି,୩ା୧୧ (ଡି.ଏନ୍.ଏ.)–**

ଓଡ଼ିଶା ମୋଟର ଚାଳକ ସଂଘ ମାଲକାନଗିରି ଶାଖା ପକ୍ଷରୁ ରବିବାର ସ୍ଥାନୀୟ ନଗର ଭବନ ସମ୍ମିଳନୀ କକ୍ଷରେ ରାଜ୍ୟ ସାଧାରଣ ସମ୍ପାଦକ ପ୍ରଭାକର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାର ବିଭିନ୍ନ ଅଞ୍ଚଳରୁ ୫୦ରୁ ଉର୍ଦ୍ଧ୍ୱ ଗାଡିଚାଳକ ଅଂଶଗ୍ରହଣ କରିଥିଲେ । ସରକାର କର୍ତ୍ତବ୍ୟନିଷ୍ଠ ଚାଳକଙ୍କ ପାଇଁ ସାମାଜିକ ସୁରକ୍ଷା ବ୍ୟବସ୍ଥା କରୁ ନ ଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ତୁରନ୍ତ ଚାଳକଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ଦାବି ହୋଇଥିଲା। ସରକାର କେନ୍ଦୁପତ୍ର ତୋଳାଳି, ନିର୍ମାଣ ଶ୍ରମିକ, ଭିନ୍ନକ୍ଷମ, ପେନସନ୍ ଭୋଗୀ, ଗରିବ ଲୋକମାନଙ୍କ ପାଇଁ ସାମାଜିକ ସୁରକ୍ଷା ବ୍ୟବସ୍ଥା କରି ସେମାନଙ୍କ ସହ ତାଙ୍କ ପରିବାର ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ, ଘରବାଡ଼ି, ବିବାହ, ପେନସନ୍ ଆଦି ସୁବିଧା କରିଥିଲେ ମଧ ଜଣେ ଗାଡିଚାଳକ ନିଜ ଗାଡିରେ ମାଲ ପରିବହନ ଏବଂ ଲୋକମାନଙ୍କୁ ନେଇ ସୁରକ୍ଷିତ ଜାଗାରେ ପହଞ୍ଚାଇବାର ଗୁରୁ ଦାୟିତ୍ୱ ନେଇଥାଏ । ଚାଳକମାନଙ୍କ ପାଇଁ ରହିବା, ଭଲ ଖାଦ୍ୟ ଖାଇବା, ସ୍ନାନାଗାର, ବିଶ୍ରାମାଗାର କେଉଁଠି ନ ଥିବାରୁ ଯେକୌଣସି ସ୍ଥାନରେ ଯେନତେନ ପ୍ରକାରେ ସେମାନେ ବିଶ୍ରାମ ନେଇଥାନ୍ତି। ଦାୟିତ୍ୱବାନ୍ ଗାଡିଚାଳକ ନିଶା ସେବନ କରନ୍ତି ନାହିଁ । ଜଣେ ଗାଡିଚାଳକ ମାଲକାନଗିରିରୁ ଭୁବନେଶ୍ୱର ୭୦୦ କିଲୋମିଟର ଗାଡି ଚଲାଇ ମାଲିକଙ୍କଠାରୁ ମାତ୍ର ୪୫୦ ଟଙ୍କା ପାଆନ୍ତି। ଅନ୍ୟ ଗାଡିଚାଳକମାନେ ମାସିକ ୪/୫ ହଜାର ଟଙ୍କା ପାଆନ୍ତି। ଏଥିରେ ପରିବାର ଚଳାଇବା ସେମାନଙ୍କ ପକ୍ଷେ କଷ୍ଟକର ହୋଇଥାଏ। ସରକାର ତୁରନ୍ତ ଚାଳକମାନଙ୍କୁ ସାମାଜିକ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ କରିବା ସହ ପ୍ରତ୍ୟେକ ବସ୍‌ଷ୍ଟାଣ୍ଡରେ ସେମାନଙ୍କ ରହିବା, ଖାଦ୍ୟପେୟ ବ୍ୟବସ୍ଥା ସହ ଦରମା ବୃଦ୍ଧି କରିବା ପାଇଁ ବୈଠକରେ ଦାବି ହୋଇଥିଲା। ସରକାର ସେମାନଙ୍କ ଦାବି ପୂରଣ ନ କଲେ ଆଗାମୀ ଦିନରେ ସମସ୍ତ ସରକାରୀ ଓ ବେସରକାରୀ ଗାଡିମୋଟର ଚାଳକମାନେ ଚକାବନ୍ଦ ଆନ୍ଦୋଳନ କରିବେ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଡି. ଶ୍ରୀନିବାସ ରାଓ, ନବରଙ୍ଗପୁର ସଭାପତି ବରାହ ଭଞ୍ଜନ, ମାଲକାନଗିରିର ବିଜୟ ଫଟକା, ବିକ୍ରମ ପାତ୍ର, ପ୍ରଦୀପ ସିର୍କା ନିଜ ମତ ରଖିଥିଲେ। ଆଗାମୀ ବୈଠକରେ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ କରାଯିବା ପାଇଁ ଦିନ ଧାର୍ଯ୍ୟ କରାଯିବ ବୋଲି ରାଜ୍ୟ ସମ୍ପାଦକ ମଲ୍ଲିକ କହିଛନ୍ତି।

# ଉଦ୍‌ଘାଟନ ଅପେକ୍ଷାରେ ନବ ନିର୍ମିତ ବ୍ଲକ ଗୃହ

**ଚିତ୍ରକୋଣ୍ଡା,୩ା୧୧(ଡି.ଏନ.ଏ.)–** ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ୧୮ଟି ପଞ୍ଚାୟତକୁ ନେଇ ଗଠିତ ହେବା ପରଠାରୁ ୨ବର୍ଷ ହେଲା ବ୍ଲକ କାର୍ଯ୍ୟାଳୟ ଅସ୍ଥାୟୀ ଭାବରେ ଚାଲୁଛି। ଏଥିପାଇଁ ନବ ନିର୍ମିତ କୋଠା କାର୍ଯ୍ୟ ସରିଗଲାଣି। ଷ୍ଟାଫ କ୍ୱାର୍ଟର୍ସ କାର୍ଯ୍ୟ ମଧ ସରି ଆସିଲାଣି। ନବନିର୍ମିତ କୋଠା ଉଦ୍‌ଘାଟିତ ହୋଇପାରୁ ନ ଥିବାରୁ ଏଠଶକୁ ବ୍ଲକ କାର୍ଯ୍ୟାଳୟ ସ୍ଥାନାନ୍ତର ହୋଇପାରୁନାହିଁ। ଏବେ ବ୍ଲକ କାର୍ଯ୍ୟାଳୟ ଚାଲୁଥିବା ଗୃହରେ ସ୍ଥାନାଭାବ ସମସ୍ୟା ଯୋଗୁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଜନସାଧାରଣଙ୍କ ସହ କର୍ମଚାରୀମାନେ ସମସ୍ୟା ଭୋଗୁଛନ୍ତି। ତୁରନ୍ତ ଏହି କାର୍ଯ୍ୟାଳୟ ଉଦ୍‌ଘାଟନ ଲାଗି ସାଧାରଣରେ ଦାବି ହେଉଛି।

# କାଲିମେଳା: ରୋଗରେ ପଡି ଯୁବକଙ୍କ ମୃତ୍ୟୁ

**କାଲିମେଳା, ୩ା୧୧ (ଡି.ଏନ୍.ଏ)** କାଲିମେଳା ବ୍ଲକ ସଦର ପଞ୍ଚାୟତ ବ୍ଲକ କଲୋନୀର ଜଣେ ରୋଗାଗ୍ରସ୍ତ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ଜଣଙ୍କ ହେଲେ ସୁନାଧର ଗାଦବା(୩୫)। ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ପୋଲିସ ଏହାର ତଦନ୍ତ ଚଳାଇଛି। ପ୍ରକାଶ ଯେ, ଦୀର୍ଘ ଦିନରୁ ସୁନାଧର ଛାତି,ପେଟ ଓ ଜଣ୍ଡିସ ଭଳି ରୋଗରେ ପିଡିତ ଥିଲେ। ରବିବାର ସକାଳେ ତାଙ୍କ ସ୍ତ୍ରୀ ସନ୍ମତୀ କାମକୁ ଯାଇଥିବାବେଳେ ତାଙ୍କର ମୃତ୍ୟୁ ହୋଇଥିଲା। ପରିବାର ଲୋକେ ତଥାପି ମଧ ତାଙ୍କୁ କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇଁ କାଲିମେଳା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରାଇଛି। କାଲିମେଳା ପୋଲିସ ୨୯/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

ଭାକ୍ରା ବ୍ୟାସ ପରିଚାଳନା ବୋର୍ଡ (ପାୱାର୍ ୱିଙ୍ଗ୍)
BHAKRA BEAS NATION'S PRIDE

**ଇ-ଟେଣ୍ଡର ଆମନ୍ତ୍ରଣକାରୀ ବିଜ୍ଞପ୍ତି**

ଏନ୍‌ଆଇଟି ନଂ.466/ପିଏଚ୍‌ଡି/ପିଓଏନ୍‌ଜି-341 ତାରିଖ: 30.10.2019
**କାର୍ଯ୍ୟାଳୟର ନାମ:** ଚିଫ୍ ଇଞ୍ଜିନିୟର / ସିଷ୍ଟମ୍ ଅପରେଶନ୍, ପ୍ଲାନିଂ ଓ ଡିଜାଇନ୍ (ପାୱାର ପ୍ଲାଣ୍ଟସ୍), ଡିଟିଇ. ବିବିଏମ୍‌ବି (ପିଡବ୍ଲ୍ୟୁ), ଏସ୍‌ଏଲ୍‌ଡିସି କମ୍ପ୍ଲେକ୍ସ, ଇଣ୍ଡଷ୍ଟ୍ରିଆଲ ଏରିଆ, ଫେଜ୍-I, ଚଣ୍ଡିଗଡ଼-160002, ଟେଲିଫାକ୍ସ: 0172-2637035
**କାର୍ଯ୍ୟର ନାମ:** ବିବିଏମ୍‌ବିର ବିଭିନ୍ନ ପାୱାର ହାଉସ୍ ତଥା ସବ୍ ଷ୍ଟେଶନଗୁଡ଼ିକ ପାଇଁ ଏଚ୍‌ଟି ପାୱାର କେବୁଲ ସଂଗ୍ରହଣ ଲାଗି ଅନ୍‌ଲାଇନ୍ ଟେଣ୍ଡର

| | |
|---|---|
| ଏହାର ୱେବ୍‌ସାଇଟ୍‌ରୁ ଟେଣ୍ଡର ସ୍ୱତନ୍ତ୍ରତା/ଟେଣ୍ଡର କାଗଜପତ୍ର ଡାଉନଲୋଡିଂ | ଆରମ୍ଭ ତାରିଖ: 01.11.2019, 10.00 ଘଟିକାରୁ<br>ଶେଷ ତାରିଖ: 20.12.2019, 17.00 ଘଟିକା ପର୍ଯ୍ୟନ୍ତ |
| ସମ୍ପୂର୍ଣ୍ଣ ପ୍ରାକ୍-ଯୋଗ୍ୟତା ଦସ୍ତାବିଜ ଅପ୍‌ଲୋଡିଂର ଶେଷ ତାରିଖ ଓ ସମୟ | 05.12.2019, 17.00 ଘଟିକା ପର୍ଯ୍ୟନ୍ତ |
| ବିଡ୍ ଦାଖଲର ଆରମ୍ଭ ତାରିଖ ଓ ସମୟ | 01.11.2019, 10.00 ଘଟିକାଠାରୁ |
| ଅନ୍‌ଲାଇନ୍ ବିଡ୍ ଦାଖଲର ଶେଷ ତାରିଖ ଓ ସମୟ | 06.01.2020, 11.00 ଘଟିକା ପର୍ଯ୍ୟନ୍ତ |
| https://bbmbeproc.abcprocure.comରେ ଅନ୍‌ଲାଇନ୍ ବିଡ୍ ଖୋଲାଯିବାର ତାରିଖ ଓ ସମୟ (ଭାଗ-I) | 06.01.2020, 11.30 ଘଟିକା ପରଠାରୁ |

ବିଡ୍‌ଗୁଡ଼ିକ ଅନ୍‌ଲାଇନ୍‌ରେ ଦାଖଲ କରାଯିବ। ଟେଣ୍ଡର କାଗଜପତ୍ର ମୂଲ୍ୟ, ସ୍ୱତନ୍ତ୍ରତା ମୂଲ୍ୟ, ବିସ୍ତୃତ ଏନ୍‌ଆଇଟି ଏବଂ ଅମାନତ ରାଶି ତଥା ସବିଶେଷ ଏନ୍‌ଆଇଟି ପାଇଁ ଦୟାକରି ବିବିଏମ୍‌ବି ୱେବ୍‌ସାଇଟ୍ ପରିଦର୍ଶନ କରନ୍ତୁ: **www.bbmbeproc.abcprocure.com, www.bbmb.gov.in**

372-PR-SO-7 ନିଜର ଉତ୍ତମ ଭବିଷ୍ୟତ ପାଇଁ ଆଜି ଶକ୍ତି ସଞ୍ଚୟ କରନ୍ତୁ




# ପ୍ରତିଶ୍ରୁତି ରଖିଲେ ବିଧାୟକ, ଆଲୋକିତ ହେଲା ରାସ୍ତା

**ଗୋବିନ୍ଦପାଲ୍ଲୀ,୩ା୧୧(ଡି.ଏନ.ଏ.)–**

ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବକା ନିଜ ପ୍ରତିଶ୍ରୁତି ରଖିଛନ୍ତି। ଗୋବିନ୍ଦପାଲି ନିକଟ ମାଳିଗୁଡା ଓ ପଲକାଗୁଡା ଗ୍ରାମବାସୀ ଗୋବିନ୍ଦାପଲିକୁ ଆସି ଜିନିଷପତ୍ର କିଣିସାରି ଘରକୁ ଫେରିବା ବେଳକୁ ଅନ୍ଧାର ହୋଇଯାଇଥାଏ। ଅନ୍ଧାର ରାସ୍ତାରେ ସେମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଭାଲୁ,ହେଟାବାଘ, ସାପ ଆଦିର ଭୟ ମଧ ଥିଲା। ଏ ସମ୍ପର୍କରେ ଅନେକ ଥର ପ୍ରଶାସନ ନିକଟରେ ଜଣାଇଥିଲେ ମଧ କିଛି ସୁଫଳ ମିଳି ନ ଥିଲା। ବିଧାୟକ ରୂପେ ପୂର୍ଣ୍ଣଚନ୍ଦ୍ର ବକା ନିର୍ବାଚିତ ହେବା ପରେ ୱାର୍ଡସଭ୍ୟ ରତ୍ନ ପରିଜା ଓ ସାମାଜିକ କର୍ମୀ ବାପି ଭୁକ୍ତାଙ୍କ ସହ ଯାଇ ଗ୍ରାମବାସୀ ତାଙ୍କୁ ଏ ବିଷୟରେ ଜଣାଇଥିଲେ। ସମ୍ପୃକ୍ତ ରାସ୍ତାରେ ଆଲୋକ ବ୍ୟବସ୍ଥା କରିବାକୁ ବିଧାୟକ ବାକା ପ୍ରତିଶ୍ରୁତି ଦେଇଥିଲେ। କିଛି ଦିନ ମଧ୍ୟରେ ଶନିବାର ଏ ଦିଗରେ ପଦକ୍ଷେପ ନିଆଯାଇଛି। ଉକ୍ତ ରାସ୍ତାରେ ଆଲୋକ ଜଳିଛି। ତାରିଣୀ ମନ୍ଦିର ଛକ ଓ ମଳିଗୁଡାଠାରେ ଲାଗିଛି। ଆଗାମୀ ଦିନରେ କମାରଗୁଡା ଯିବା ରାସ୍ତାରେ ୨ଟି ଲାଇଟ ଲଗାଇଲେ ଲୋକେ ଉପକୃତ ହେବେ ବୋଲି ମତ ପ୍ରକାଶ ପାଉଛି।

■ ସ୍ୱାଭିମାନ ଅଞ୍ଚଳରେ ମୃତ ବ୍ୟକ୍ତିଙ୍କ ନାମରେ ଉଠୁଛି ଭତ୍ତା ଟଙ୍କା

# ବିଡିଓ କହିଲେ, ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ

**ଚିତ୍ରକୋଣ୍ଡା,୩ା୧୧(ଡି.ଏନ.ଏ.)**

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ସ୍ୱାଭିମାନ ଅଞ୍ଚଳରେ ଶତାଧିକ ମୃତ ବ୍ୟକ୍ତିଙ୍କ ନାମରେ ୩/୪ ବର୍ଷ ହେଲା ଭତ୍ତା ଟଙ୍କା ଉଠାଯାଉଛି। ରାଲେଗାଡ଼ ପଞ୍ଚାୟତରେ ୪ ଜଣ ମୃତ ବ୍ୟକ୍ତିଙ୍କ ନାମରେ ଭତ୍ତା ଟଙ୍କା ଉଠାଯାଉଥିବା ବେଳେ ଧୂଳିପୁଟରେ ୮ ଜଣ, ଗାଜୁଲୁମାମୁଡିରେ ୨୯ ଜଣ, ଯନ୍ତ୍ରୀରେ ୧୬ ଜଣ, ପଣଷପୁଟରେ ୬ ଜଣ, ଯୋଡ଼ାମ୍ବ ପଞ୍ଚାୟତରେ ୫ଜଣ ମୃତବ୍ୟକ୍ତିଙ୍କ ନାମରେ ଭତ୍ତା ଟଙ୍କା ଉଠାଯାଉଛି। ଏହାବ୍ୟତୀତ ଆଖପାଖ ଅନ୍ୟ ପଞ୍ଚାୟତର ଭତ୍ତା ଟଙ୍କା ନେଇ ହିସାବ କଲେ ଶତାଧିକ ମୃତବ୍ୟକ୍ତିଙ୍କ ନାମରେ ଭତ୍ତା ଅର୍ଥ ହଡପ କରାଯାଉଛି। ଗତ ଦୁଇ ମାସ ତଳେ ଗୁଣ୍ଡାୱାର୍ଡା ପଞ୍ଚାୟତରେ ହୋଇଥିବା ସାମାଜିକ ସମୀକ୍ଷା ଗ୍ରାମସଭାରେ ୧୨ ଜଣ ମୃତ ବ୍ୟକ୍ତିଙ୍କ ନାମରେ ଭତ୍ତା ଟଙ୍କା ପ୍ରଦାନ କରାଯାଉଥିବା ଅଭିଯୋଗ ହୋଇଥିଲା। ବହୁ ଦିନର ବ୍ୟବଧାନ ପରେ ସାମାଜିକ ସମୀକ୍ଷା ହୋଇଥିଲା। ଜିଲାସ୍ତରୀୟ ସାମାଜିକ ସମୀକ୍ଷକ ଦଳର ଏକ ସ୍ୱତନ୍ତ୍ର ଟିମ୍ ଚିତ୍ରକୋଣ୍ଡା ବ୍ଲକ ଅଧୀନ ସ୍ୱାଭିମାନ ଅଞ୍ଚଳକୁ ଯାଇ ୯ଟି ପଞ୍ଚାୟତର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଓ ଜାତୀୟ ସାମାଜିକ ସହାୟତା ଯୋଜନାର ସାମାଜିକ ସମୀକ୍ଷା କରିଥିଲେ। ଜିଲା ସାମାଜିକ ସମୀକ୍ଷକ ସୁବ୍ରତ କୁମାର ସାମଲ ନେତୃତ୍ୱ ନେଇଥିଲେ। ସଂଗ୍ରାମ କେଶରୀ ମାହାଲିକ, ବେଲାଳସେନ ଗୁଣ୍ଠା, ରାକେଶ ଦାସ, ଟି. ମୁରଲୀକ୍ରିଷ୍ଣା, ଚନ୍ଦ୍ରକାନ୍ତ ପଣ୍ଡା, ସୁଜାତା ବିଶ୍ୱାସ, ଅଜିତ ସଗରିଆ, ସାବିନା ସାହା ସାମାଜିକ ସମୀକ୍ଷା ପରିଚାଳନା କରିଥିଲେ। ମୃତ ବ୍ୟକ୍ତିଙ୍କ ନାମରେ ଭତ୍ତା ଟଙ୍କା ଉଠାଯାଉଥିବା ଅଭିଯୋଗ ସମ୍ପର୍କରେ ବିଡିଓ ଲରିମନ ଖରସେଲଙ୍କୁ ପଚାରିବାରୁ ସେ କହିଥିଲେ ଯେ, ଆସିଥିବା ଅଭିଯୋଗର ତଦନ୍ତ କରାଯିବ। ଯଦି କୌଣସି ପଞ୍ଚାୟତରେ ଏଭଳି ହୋଇଥାଏ ସତ୍ୟତା ମିଳିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

**OFFICE OF THE NOTIFIED AREA COUNCIL, BINKA**
**Dist: Subarnapur (Pin-767019),Email id: nacbinka@gmail.com, Phone/Fax: 06654-241113**
**E-tender call notice No. 1606/ 02.11.2019**

**Tender Reference No. BINKA-NAC-04/2019-20**

Bid Documents consisting of work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract and other necessary documents can be seen in the Govt. website i.e. **www.tendersorissa.gov.in**.

| | | |
|---|---|---|
| 1 | Type of the work:- | Civil work |
| 2 | No. of works:- | 13 Nos. |
| 3 | Estimated Cost:- | As per DTCN |
| 4 | Period of Completion:- | As per DTCN |
| 5 | Date & Time of Bidding from:- | Dtd. 04.11.2019 after 10.00 AM |
| 6 | Last date & time for receipt online:- | Dtd. 13.11.2019 upto 05.00 PM |
| 7 | Documents will be received by post/O/o Executive Officer on or before:- | Dtd. 14.11.2019 upto 05.30 PM |
| 8 | Bids received shall be opened on:- | Dtd. 15.11.2019 at 10.00 AM |
| 9 | Name and address of the Officer inviting Bid:- | Executive Officer, Binka N.A.C. |

Further details can be seen from the procurement portal i.e. **www.tendersorissa.gov.in**.

**Sd./- Executive Officer**
**Notified Area Council, Binka**

## ପାକିସ୍ତାନକୁ ଆମେରିକାର ସମାଲୋଚନା

ଆତଙ୍କବାଦୀ ସଂଗଠନ ଲଶ୍କର-ଇ-ତୋଇବା (ଏଲ୍‌ଇଟି) ଏବଂ ଜୈଶ-ଇ-ମହମ୍ମଦ (ଜେଇଏମ୍) ଭାରତ ପାଇଁ ବିପଦ ହୋଇ ରହିଆସିଥିବା ଆମେରିକା କହିଛି। ଗତ ସାଧାରଣ ନିର୍ବାଚନରେ ପାକିସ୍ତାନ ଲଶ୍କର ସଂଗଠନର କେତେଜଣ ସଦସ୍ୟଙ୍କୁ ପ୍ରାର୍ଥୀ କରିଥିବାରୁ ଆମେରିକା ଏହାର ସମାଲେଚନା କରିଛି।


ଆଗ୍ରାର ତାଜମହଲ ନିକଟସ୍ଥ ଦଶହରା ଘାଟରେ ଛଟ୍‌ପୂଜା ଅବସରରେ ଉଦୀୟମାନ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେଉଛନ୍ତି ମହିଳାମାନେ।


ମେକ୍ସିକୋ ସିଟିରେ ମୃତକଙ୍କ ଦିବସ ପାଳନ ବେଳେ ପ୍ରଦର୍ଶନକାରୀମାନେ ପରେଡ୍‌ରେ ଭାଗନେଇଛନ୍ତି।

■ ଦିଲ୍ଲୀ ହାଇକୋର୍ଟରେ ଓକିଲ-ପୋଲିସ ସଂଘର୍ଷ ମାମଲା

# ବିଚାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ

ନୂଆଦିଲ୍ଲୀ,୩।୧୧(ପି.ଟି.)

ଦିଲ୍ଲୀର ତିସ୍ ହଜାରୀ ଜେଲ୍ ପରିସରରେ ଶନିବାର ଘଟିଥିବା ଓକିଲ-ପୋଲିସ ସଂଘର୍ଷ ଘଟଣାର ବିଚାର ବିଭାଗୀୟ ତଦନ୍ତ ଲାଗି ରବିବାର ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଦିଲ୍ଲୀ ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଏସ୍.ପି. ଗର୍ଗ ଏହି ମାମଲାର ତଦନ୍ତ କରିବେ ବୋଲି ମୁଖ୍ୟ ବିଚାରପତି ଡି.ଏନ୍. ପଟେଲ ଏବଂ ଜଷ୍ଟିସ୍ ସି. ହରି ଶଙ୍କରଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। ଗଣମାଧ୍ୟମ ରିପୋର୍ଟ ଆଧାରରେ ହାଇକୋର୍ଟ ନିଜଆଡ଼ୁ ମାମଲାକୁ ଶୁଣାଣି ପାଇଁ ଗ୍ରହଣ କରିଥିଲେ।

ଏଥିସହିତ ତଦନ୍ତ ସମୟରେ ସ୍ୱତନ୍ତ୍ର କମିଶନର ସଞ୍ଜୟ ସିଂ ଏବଂ ଅତିରିକ୍ତ ଡିସିପି ହରିନ୍ଦର ସିଂଙ୍କୁ ବଦଳି କରିବା ଲାଗି ଖଣ୍ଡପୀଠ ଦିଲ୍ଲୀ ପୋଲିସ କମିଶନରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କୌଣସି ଆଇନଜୀବୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ବୋଲି ଖଣ୍ଡପୀଠ ପକ୍ଷରୁ ସ୍ପଷ୍ଟ କରିଦିଆଯାଇଛି।

ଶନିବାର ଅପରାହ୍ଣରେ ତିସ୍ ହଜାରୀ କୋର୍ଟ କମ୍ପ୍ଲେକ୍ସରେ ପୋଲିସ ଓ ଆଇନଜୀବୀଙ୍କ ମଧ୍ୟରେ ସଂଘର୍ଷ ଘଟି ଅନେକ ପୋଲିସ ଓ ଆଇନଜୀବୀ ଆହତ ହୋଇଥିଲେ। ଏଥିସହିତ ୧୭ ଗାଡ଼ି ଭଙ୍ଗାରୁଜା କରାଯାଇଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ତଦନ୍ତ ପାଇଁ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ ହୋଇଥିବା ଶୁଣାଣି ବେଳେ ଦିଲ୍ଲୀ ପୋଲିସ ଅଦାଲତଙ୍କୁ ଜଣାଇଥିଲେ। ଏହି ଘଟଣାରେ ଜଣେ ଏଏସ୍‌ଆଇଙ୍କୁ ନିଲମ୍ବିତ କରାଯିବା ସହ ଅନ୍ୟ ଜଣଙ୍କୁ ବଦଳି କରାଯାଇଛି। ସଂଘର୍ଷରେ ୨୧ ପୋଲିସ ଓ ୮ ଓକିଲ ଆହତ ହୋଇଥିବା ଦିଲ୍ଲୀ ପୋଲିସ ପକ୍ଷରୁ ଆଇନଜୀବୀ ରାହୁଲ ମେହରା କୋର୍ଟରେ କହିଥିଲେ। ତେବେ ଓକିଲମାନଙ୍କ ପକ୍ଷରୁ ଏହାକୁ ଖଣ୍ଡନ କରାଯାଇଥିଲା। ଅଧିକ ସଂଖ୍ୟାରେ ଓକିଲ ଆହତ ହୋଇଥିବା ସେମାନେ ଦର୍ଶାଇବା ସହ ପୋଲିସ ଗୁଳିରେ ଦୁଇଜଣ ଆହତ ହୋଇଥିବା କହିଥିଲେ।

# ଦିଲ୍ଲୀ ଛାଡ଼ିବାକୁ ଚାହାନ୍ତି ୪୦ ପ୍ରତିଶତ

ନୂଆଦିଲ୍ଲୀ,୩।୧୧

ବାୟୁ ପ୍ରଦୂଷଣକୁ ନେଇ ଦିଲ୍ଲୀବାସୀ ଅତିଷ୍ଠ ହୋଇପଡିଲେଣି। ଦିଲ୍ଲୀ ଓ ଜାତୀୟ ରାଜଧାନୀ ଅଞ୍ଚଳ(ଏନ୍‌ସିଆର୍)ର ୪୦ ପ୍ରତିଶତରୁ ଊର୍ଦ୍ଧ୍ୱ ବାସିନ୍ଦା ସହର ଛାଡ଼ି ଅନ୍ୟତ୍ର ଚାଲିଯିବାକୁ ଇଚ୍ଛା ପ୍ରକାଶ କରିଥିଲାବେଳେ ଏହି ସମୟରେ ବାହାରକୁ ଭ୍ରମଣରେ ଯିବାକୁ ୧୬ ପ୍ରତିଶତ ଚାହୁଁଥିବା ଏକ ସର୍ଭେ ବେଳେ କହିଛନ୍ତି। ଦିଲ୍ଲୀ ଓ ଏନ୍‌ସିଆର୍‌ର ୧୭ ହଜାର ଲୋକଙ୍କଠାରୁ ମତାମତ ସଂଗ୍ରହ କରାଯାଇଥିଲା। ପ୍ରଦୂଷଣରୁ ରକ୍ଷା ପାଇବା ପାଇଁ ସେମାନଙ୍କ ପାଖରେ ଅନ୍ୟ ବିକଳ୍ପ ନ ଥିବା ୧୩ ପ୍ରତିଶତ ବାସିନ୍ଦା କହିଥିଲେ। ବାୟୁ ପ୍ରଦୂଷଣ ଯନ୍ତ୍ର (ଏୟାର ପ୍ୟୁରିଫାୟର), ମାସ୍କ ଆଦି ବ୍ୟବହାର କରି ଦିଲ୍ଲୀରେ ରହିବାକୁ ଚାହାନ୍ତି ବୋଲି ୩୧ ପ୍ରତିଶତ ମତ ଦେଇଥିଲେ। ଅନ୍‌ଲାଇନ ସଂସ୍ଥା 'ଲୋକାଲ ସର୍କଲ୍ସ' ପକ୍ଷରୁ ଏହି ସର୍ଭେ କରାଯାଇଥିଲା।

ଗତ ସପ୍ତାହରେ ବାୟୁ ପ୍ରଦୂଷଣ ସେମାନଙ୍କୁ ତଥା ସେମାନଙ୍କ ପରିବାରକୁ କିପରି ପ୍ରଭାବିତ କରିଛି ବୋଲି ପ୍ରଶ୍ନ ହେବାରୁ ଅଧିକାଂଶ ପରିବାରରେ କେହି ନା କେହି ହସ୍ପିଟାଲ ଯାଇଥିବା ଓ ଡାକ୍ତରଙ୍କ ପରାମର୍ଶ ନେଇଥିବା କହିଥିଲେ। ତେବେ ପ୍ରଦୂଷଣଜନିତ ସ୍ୱାସ୍ଥ୍ୟ ସମସ୍ୟା ସତ୍ତ୍ୱେ ୪୪ ପ୍ରତିଶତ ହସ୍ପିଟାଲ ଯାଇ ନାହାନ୍ତି। ୧୪ ପ୍ରତିଶତ କହିଛନ୍ତି, ପ୍ରଦୂଷଣର କୌଣସି ପ୍ରଭାବ ସେମାନଙ୍କ ସ୍ୱାସ୍ଥ୍ୟ ଉପରେ ପଡ଼ିନାହିଁ।


■ଅନ୍ୟ ସହର ଯିବାକୁ ବାବୁଙ୍କ ଚେତାବନୀ

ଦିଲ୍ଲୀ-ଏନ୍‌ସିଆର୍ ଅଞ୍ଚଳରେ ବାୟୁ ମାନ ସୂଚକାଙ୍କ (ଏକ୍ୟୁଆଇ) ରବିବାର ୬୨୫ରେ ପହଞ୍ଚିଥିଲାବେଳେ ଦିଲ୍ଲୀ ଓ ଅନ୍ୟ ପଡୋଶୀ ସହରର ସ୍କୁଲ କଲେଜ ବନ୍ଦ କରିଦିଆଯାଇଛି। ୩୭ଟି ବିମାନକୁ ଅନ୍ୟ ବିମାନ ବନ୍ଦରକୁ ପଠାଇ ଦିଆଯାଇଛି। ପ୍ରତିବର୍ଷ ଶୀତଦିନେ ଦିଲ୍ଲୀରେ ଏଭଳି ସ୍ଥିତି ଦେଖାଦେଉଥିଲାବେଳେ ତାହାର ପ୍ରତିକାର ଦିଗରେ ବିଶେଷ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ନରେନ୍ଦ୍ର ମୋଦି ସରକାରରେ ଉଚ୍ଚ ପଦବୀରେ ଥିବା ଜଣେ ବାବୁ ଦିଲ୍ଲୀ ଛାଡ଼ିବା ପାଇଁ ଚେତାବନୀ ଦେଇଛନ୍ତି। ମୋଦିଙ୍କ ଘନିଷ୍ଠ ଭାବେ ଜଣାଶୁଣା ନୀତି ଆୟୋଗ ସିଇଓ ଅମିତାଭ କାନ୍ତ କେରଳ ଚାଲିଯିବା ପାଇଁ ଟୁଇଟର ମାଧ୍ୟମରେ ଆଗ୍ରହ ପ୍ରକାଶ କରିଛନ୍ତି। ଆମ୍ ଆଦ୍‌ମୀ ପାର୍ଟି ଶାସନରେ ଥିବା ଦିଲ୍ଲୀ, ଭାଜପା-ଜେଜେପି ଶାସନାଧୀନ ହରିୟାଣାର ଗୁରୁଗ୍ରାମ ଓ ଫରିଦାବାଦ ଏବଂ ଭାଜପା ଶାସନାଧୀନ ଉତ୍ତରପ୍ରଦେଶର ନୋଏଡା ଓ ଗାଜିଆବାଦରେ ବାୟୁର ମାନ ଅତ୍ୟନ୍ତ ଖରାପ। ଦିଲ୍ଲୀ ଛାଡ଼ି ବାମଦଳ ଶାସିତ ରାଜ୍ୟ କେରଳରେ ରହିବାକୁ କାନ୍ତ ଟୁଇଟ୍ କରିଥିଲାବେଳେ ଏହା କେନ୍ଦ୍ର ସରକାରଙ୍କୁ କ୍ଷୁବ୍ଧ କରିଛି।



## ସଂକ୍ଷେପରେ

### ଶପଥ ନେଲେ ମଧ୍ୟପ୍ରଦେଶ ହାଇକୋର୍ଟ ମୁଖ୍ୟ ବିଚାରପତି



**ଭୋପାଳ,୩।୧୧(ପି.ଟି.):** ମଧ୍ୟପ୍ରଦେଶ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ଜଷ୍ଟିସ୍ ଏ.କେ. ମିତ୍ତଲ ରବିବାର ଶପଥ ନେଇଛନ୍ତି। ରାଜଭବନରେ ରାଜ୍ୟପାଳ ଲାଲ୍‌ଜୀ ଟଣ୍ଡନ ତାଙ୍କୁ ଶପଥ ପାଠ କରାଇଥିଲେ। ପୂର୍ବରୁ ଜଷ୍ଟିସ୍ ମିତ୍ତଲ ମେଘାଳୟ ହାଇକୋର୍ଟର ମୁଖ୍ୟ ବିଚାରପତି ଥିଲେ। ଶପଥ ଗ୍ରହଣ ଉତ୍ସବରେ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ କମଳନାଥ, ରାଜ୍ୟର ଏକାଧିକ ମନ୍ତ୍ରୀ, ମୁଖ୍ୟ ସଚିବ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ନେପାଳର ୭ ରାଜ୍ୟପାଳ ବହିଷ୍କୃତ

**କାଠମାଣ୍ଡୁ,୩।୧୧(ପି.ଟି.):** ନେପାଳ ରାଷ୍ଟ୍ରପତି ବିଦ୍ୟାଦେବୀ ଭଣ୍ଡାରୀ ରବିବାର ସମସ୍ତ ୭ ପ୍ରଦେଶର ରାଜ୍ୟପାଳଙ୍କୁ ବହିଷ୍କାର କରିଛନ୍ତି। ରାଜ୍ୟପାଳମାନଙ୍କୁ ମନ୍ତ୍ରୀ ପରିଷଦର ସରକାରଙ୍କ ସୁପାରିସକ୍ରମେ ସାମ୍ବିଧାନିକ ନିୟମାନୁସାରେ ସେମାନଙ୍କ ପଦବୀରୁ ହଟାଯାଇଛି ବୋଲି ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି। ବହିଷ୍କୃତ ହୋଇଥିବା ରାଜ୍ୟପାଳମାନେ ହେଲେ ବାହାଦୁର ତୁମହାଙ୍ଗ, ରତ୍ନେଶ୍ୱର କାୟସ୍ଥ, ଅନୁରାଧା କୋଇରାଲା, ବାବୁରାମ କୁଁଅର, ଉମାକାନ୍ତ ଝା, ଦୁର୍ଗା ଖନାଲ ଓ ରତ୍ନେଶ୍ୱର ମଲ୍ଲ। ଦୁଇବର୍ଷ ତଳେ ଶେର୍ ବାହାଦୁର ଦେଉବା ସରକାରଙ୍କ ଅମଳରେ ଏହି ପ୍ରାଦେଶିକ ମୁଖ୍ୟମାନଙ୍କୁ ନିଯୁକ୍ତି ଦିଆଯାଇଥିଲା।

### ମାଙ୍କଡ଼ଠାରୁ ପଥର ଖସି ଶିଶୁର ମୃତ୍ୟୁ

**ମୁଜାଫରନଗର,୩।୧୧(ପି.ଟି.):** ଉତ୍ତରପ୍ରଦେଶର ମୁଜାଫରନଗର ଜିଲା ଅନ୍ତର୍ଗତ ସୋହଜାନି ଗ୍ରାମରେ ୪ ମାସର ଶିଶୁଟି ଘରେ ଶୋଇଥିଲାବେଳେ ମାଙ୍କଡ଼ ଏକ ପଥର ଖସାଇଦେବାରୁ ତାଙ୍କର ମୃତ୍ୟୁ ଘଟିଛି। ପୋଲିସ କହିବା ଅନୁଯାୟୀ, ଶନିବାର ଛାତ ଉପରେ ଥିବା ମାଙ୍କଡ଼ଟି ପଥର ଖଣ୍ଡେ ଉଠାଉଥିଲାବେଳେ ତାହା ଖସିପଡିଥିଲା। ତଳ ମହଲାରେ ଶୋଇଥିବା ଶିଶୁ ଉପରେ ଉକ୍ତ ପଥର ଖଣ୍ଡ ପଡିବାରୁ ସେ ଗୁରୁତର ଆହତ ହୋଇଥିଲେ। ହସ୍ପିଟାଲକୁ ନିଆଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଇତିହାସର ଆଇନାରେ

### ନଭେମ୍ବର ୪ର ପ୍ରମୁଖ ଘଟଣା

୨୦୦୮ ନଭେମ୍ବର ୪ରେ ବାରାକ ଓବାମା ଆମେରିକା ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିଲେ। ଆମେରିକା ରାଷ୍ଟ୍ରପତି ନିର୍ବାଚିତ ହେବାରେ ସେ ଥିଲେ ପ୍ରଥମ ଅଣଶ୍ୱେତାଙ୍ଗ।

୧୯୯୫ ନଭେମ୍ବର ୪ରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ୟିଝାକ୍ ରବିନଙ୍କୁ ଜଣେ ଉଗ୍ରପନ୍ଥୀ ହତ୍ୟା କରିଥିଲେ। ଏହି ସମୟରେ ଇସ୍ରାଏଲୀ ଓ ପାଲେଷ୍ଟାଇନ ବାସୀଙ୍କ ମଧ୍ୟରେ ସଂଘର୍ଷ ଚାଲିଥିଲା।

# ପ୍ରିୟଙ୍କା ହ୍ୟାକିଂର ଶିକାର

ନୂଆଦିଲ୍ଲୀ,୩।୧୧(ପି.ଟି.)



ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ହ୍ୱାଟ୍ସଆପ୍‌ରେ ଗୁପ୍ତଚରଗିରିକୁ ନେଇ ବିବାଦ ତେଜିବାରେ ଲାଗିଥିବାବେଳେ କେନ୍ଦ୍ର ବିରୋଧରେ ସାଂଘାତିକ ଅଭିଯୋଗ ଆଣିଛି କଂଗ୍ରେସ। ଦଳର ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ହ୍ୟାକିଂର ଶିକାର ହୋଇଛନ୍ତି। ପ୍ରିୟଙ୍କାଙ୍କ ଫୋନ୍ ହ୍ୟାକ୍ କରାଯିବା ନେଇ ଏକ ମେସେଜ୍ ତାଙ୍କ ଫୋନ୍‌କୁ ଆସିଥିଲା ବୋଲି ରବିବାର କଂଗ୍ରେସ ମୁଖପାତ୍ର ରଣଦୀପ ସୁର୍ଜେୱାଲା ଅଭିଯୋଗ ଆଣିବା ପରେ ରାଜନୀତି ସରଗରମ ହୋଇଛି। ଏନ୍‌ସିପି ନେତା ପ୍ରଫୁଲ ପଟେଲ ଓ



## ହ୍ୱାଟ୍ସଆପ୍ ସ୍ପାଏଗେଟ୍
## ଭାଜପା ବିରୋଧରେ କଂଗ୍ରେସର ଅଭିଯୋଗ

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ନିକଟକୁ ଫେସ୍‌ବୁକ୍ ମାଲିକାନାରେ ଥିବା ମେସେଜିଂ ପ୍ଲାଟ୍‌ଫର୍ମରୁ ହ୍ୟାକିଂ ମେସେଜ୍ ଆସିବା ନେଇ ଖବରଦାତାଙ୍କ ପ୍ରଶ୍ନର ଉତ୍ତର ଦେଇ ସୁର୍ଜେୱାଲା କହିଛନ୍ତି, ପ୍ରିୟଙ୍କା ଗାନ୍ଧୀଙ୍କ ଫୋନ୍‌କୁ ମଧ୍ୟ ଏକ ହ୍ୱାଟ୍ସଆପ୍ ମେସେଜ୍ ଆସିଥିଲା। ହ୍ୱାଟ୍ସଆପ୍ ପକ୍ଷରୁ ଯେତେବେଳେ ଅନ୍ୟମାନଙ୍କ ପାଖକୁ ହ୍ୟାକିଂ ମେସେଜ୍ ଯାଇଥିଲା, ସେତେବେଳେ ସମାନ ଧରଣର ମେସେଜ୍ ପ୍ରିୟଙ୍କା ମଧ୍ୟ ପାଇଥିଲେ। ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ନରେନ୍ଦ୍ର ମୋଦିଙ୍କ ଭାଜପା ଅନ୍ୟ ଦଳ ରାଜନେତା ଓ ଲୋକଙ୍କ ଉପରେ ନଜର ରଖିବା ପାଇଁ ଏପରି ଗୁପ୍ତଚରଗିରି କରାଉଥିଲା କି। କ୍ଷମତାରେ ଥିବା ଲୋକେ ଦଣ୍ଡନୀୟ ଅପରାଧରେ ସମ୍ପୃକ୍ତ ଥିଲେ କି। ବିଶିଷ୍ଟ ବ୍ୟକ୍ତିମାନଙ୍କ ଉପରେ ଏହି ବେଆଇନ ସ୍ପାଏୱେର୍‌କୁ ନିୟୋଜିତ କରାଯାଇଥିଲା କି ବୋଲି ସୁର୍ଜେୱାଲା ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷରେ ପ୍ରଫୁଲ ପଟେଲ କହିଛନ୍ତି, ଫୋନ୍ ହ୍ୟାକ୍ ଅଭିଯୋଗ ଭିତ୍ତିହୀନ। ତାଙ୍କ ପାଖକୁ ଏପରି କୌଣସି ମେସେଜ୍ ଆସିନାହିଁ। ପ୍ରକାଶ ଯେ, ଇସ୍ରାଏଲ୍‌ର ସ୍ପାଏୱେର ପେଗାସସ୍ ପକ୍ଷରୁ ବିଶ୍ୱର ବିଭିନ୍ନ ଦେଶରେ ମାନବାଧିକାର କର୍ମୀ ଓ ଖବରଦାତାଙ୍କ ଉପରେ ନଜର ରଖାଯାଇଥିଲା। ସେମାନଙ୍କ ମଧ୍ୟରୁ ୧୨୧ ଜଣ ଭାରତୀୟ ଥିବା ଜଣାପଡ଼ିଥିଲା। ଏନେଇ ଭାରତ ସରକାରଙ୍କୁ ଗତ ସେପ୍ଟେମ୍ବରରେ ହ୍ୱାଟ୍ସଆପ୍ ପକ୍ଷରୁ ଅବଗତ କରାଯାଇଥିଲା। କିନ୍ତୁ ପୂର୍ବରୁ ମିଳିଥିବା ଏ ସଂକ୍ରାନ୍ତ ତଥ୍ୟ ଅପର୍ଯ୍ୟାପ୍ତ ଓ ଅସମ୍ପୂର୍ଣ୍ଣ ଥିଲା ବୋଲି ସୂଚନା ଓ ପ୍ରଯୁକ୍ତିବିଦ୍ୟା (ଆଇଟି) ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ତେବେ ପେଗାସସ୍ ସ୍ପାଏୱେର୍ ନେଇ ଗତ ସପ୍ତାହରେ ସରକାର ସ୍ପଷ୍ଟୀକରଣ ମାଗିଥିବାବେଳେ ମେସେଜିଂ ପ୍ଲାଟ୍‌ଫର୍ମ ଏବେ ତା'ର ଜବାବ ରଖିଥିବା ଜଣାପଡ଼ିଛି।

## ତଦନ୍ତ କରିବେ ୨ ପାର୍ଲାମେଣ୍ଟ କମିଟି

ନୂଆଦିଲ୍ଲୀ,୩।୧୧(ପି.ଟି.)

କଂଗ୍ରେସ ନେତାମାନଙ୍କ ନେତୃତ୍ୱରେ ଦୁଇଟି ପାର୍ଲାମେଣ୍ଟ କମିଟି ହ୍ୱାଟ୍ସଆପ୍ ଗୋଇନ୍ଦାଗିରି ନେଇ ତଦନ୍ତ କରିବେ। ଏହି ଦୁଇ କମିଟି ସ୍ୱରାଷ୍ଟ୍ର ସଚିବଙ୍କ ସମେତ କେତେଜଣ ଶୀର୍ଷ ସରକାରୀ ଅଧିକାରୀଙ୍କଠାରୁ ଏ ସଂକ୍ରାନ୍ତ ତଥ୍ୟ ମାଗିବେ ବୋଲି ନିଷ୍ପତ୍ତି ନେଇଛନ୍ତି। ସ୍ୱରାଷ୍ଟ୍ର ବ୍ୟାପାର ସମ୍ପର୍କିତ ପାର୍ଲାମେଣ୍ଟାରି କମିଟି ଅଧ୍ୟକ୍ଷ ତଥା କଂଗ୍ରେସ ନେତା ଆନନ୍ଦ ଶର୍ମା ହ୍ୱାଟ୍ସଆପ୍ ଗୋଇନ୍ଦାଗିରିକୁ ଚିନ୍ତାଜନକ ବୋଲି ଦର୍ଶାଇଛନ୍ତି। ସେ କହିଛନ୍ତି, ଆସନ୍ତା ୧୫ ତାରିଖରେ ବସିବାକୁ ଥିବା କମିଟିର ପରବର୍ତ୍ତୀ ବୈଠକରେ ଏହି ପ୍ରସଙ୍ଗରେ ଆଲୋଚନା କରାଯିବ। ସ୍ୱରାଷ୍ଟ୍ର ସଚିବ ପରବର୍ତ୍ତୀ ବୈଠକରେ ଜମ୍ମୁ-କଶ୍ମୀର ସ୍ଥିତି ନେଇ କମିଟିକୁ ଅବଗତ କରାଇବେ। ଉକ୍ତ କମିଟିରେ ତାଙ୍କଠାରୁ ହ୍ୱାଟ୍ସଆପ୍ ଗୋଇନ୍ଦାଗିରି ସମ୍ପର୍କରେ ତଥ୍ୟ ମଗାଯିବ। ସେହିପରି ସୂଚନା ଓ ପ୍ରଯୁକ୍ତିବିଦ୍ୟା (ଆଇଟି) ସମ୍ପର୍କିତ ପାର୍ଲାମେଣ୍ଟାରି କମିଟି ଅଧ୍ୟକ୍ଷ ଶଶୀ ଥରୁର କହିଛନ୍ତି, ସାଇବର ସୁରକ୍ଷା ଆମ ଏଜେଣ୍ଡାର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ଏନେଇ ଅନ୍ୟ ସଦସ୍ୟମାନଙ୍କ ସହ ଇ-ମେଲ୍‌ରେ ପରାମର୍ଶ କରାଯିବ। ସରକାରଙ୍କଠାରୁ ସ୍ପଷ୍ଟୀକରଣ ଲୋଡ଼ାଯିବ ବୋଲି ସେ କହିଛନ୍ତି।


ଆନନ୍ଦ ଶର୍ମା


ଶଶୀ ଥରୁର

# ଛଟ୍ ପୂଜା ବେଳେ ୮ ମୃତ

ପାଟନା/ରାଞ୍ଚି,୩।୧୧ (ପି.ଟି./ଆଇଏଏନ୍‌ଏସ୍)

**ବିହାରରେ ୫, ଝାଡ଼ଖଣ୍ଡରେ ୩**

ବିହାରରେ ରବିବାର ଛଟ୍ ପୂଜା ପାଳନବେଳେ ଦୁଇଟି ପୃଥକ୍ ଦୁର୍ଘଟଣାରେ ୫ ଜଣଙ୍କ ମୃତ୍ୟୁ ଘଟିଥିବାସ୍ଥଳେ ୧୭ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୨ ମହିଳା ଓ ୨ ଜଣ ଶିଶୁ ଅଛନ୍ତି। ସମସ୍ତିପୁର ଜିଲାର ହାସନପୁର ଥାନା ଅନ୍ତର୍ଗତ ବଡ଼ଗାଁଓ ଅଞ୍ଚଳରେ ଶ୍ରଦ୍ଧାଳୁମାନେ ଏକ ପୁଷ୍କରିଣୀ ପାଖରେ ରୁଣ୍ଡ ହୋଇଥିଲାବେଳେ ମନ୍ଦିର ପାଚେରି ଭୁଶୁଡ଼ି ପଡ଼ିବାରୁ ୩ ଜଣଙ୍କ ମୃତ୍ୟୁ ଘଟିବା ସହ ୧୦ ଜଣ ଆହତ ହୋଇଥିଲେ। ଶନିବାର ରାତିରେ ଔରଙ୍ଗାବାଦର ସୂର୍ଯ୍ୟ ମନ୍ଦିରରେ ଦଳାଚକଟାରେ ୨ ଶିଶୁ ପ୍ରାଣ ହରାଇଥିଲେ। ଏହି ଘଟଣାରେ ୭ ଜଣ ଆହତ ହୋଇଛନ୍ତି। ସେହିପରି ଝାଡ଼ଖଣ୍ଡରେ ଛଟ୍ ପୂଜା ବେଳେ ରବିବାର ପାଲାମୁ ଓ ଗିରିଡିହ ଜିଲାରେ ଦୁଇ ଭଉଣୀଙ୍କ ସମେତ ୩ ଜଣ ପାଣିରେ ବୁଡ଼ିଯାଇ ପ୍ରାଣ ହରାଇଛନ୍ତି। ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେବା ଲାଗି ନଦୀଘାଟରେ ଶ୍ରଦ୍ଧାଳୁଙ୍କ ସମାବେଶ ହୋଇଥିଲା। ବାଙ୍କା ନଦୀ ଶଯ୍ୟାରେ ଖୋଳାଯାଇଥିବା ଚୁଆରେ ଦୁଇଭଉଣୀ ବୁଡ଼ିଯାଇଥିଲେ। ଗିରିଡିହ ଜିଲାର ରାଜକୁମାର ବର୍ମା ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେଲାବେଳେ ପୁଷ୍କରିଣୀରେ ବୁଡ଼ିଯାଇଥିଲେ ବୋଲି ପୋଲିସ କହିଛି।

## ଦୁର୍ଘଟଣା ନେଲା ୧୫ ଜୀବନ

କାଠମାଣ୍ଡୁ,୩।୧୧(ପି.ଟି.)

ନେପାଳର ସିନ୍ଧୁପାଲଚୌକ୍ ଜିଲାରେ ରବିବାର ଏକ ଯାତ୍ରୀବାହୀ ବସ୍ ନଦୀ ଭିତରକୁ ଖସିପଡ଼ିଛି। ଏହି ମର୍ମନ୍ତୁଦ ଦୁର୍ଘଟଣାରେ ଜଣେ ୩ ବର୍ଷୀୟ ଶିଶୁଙ୍କ ସମେତ ୧୫ ଜଣଙ୍କ ଜୀବନ ଯାଇଛି। ଦୋଲଖା ଜିଲାରୁ ରାଜଧାନୀ କାଠମାଣ୍ଡୁ ଅଭିମୁଖେ ଯାଉଥିବା ବସ୍‌ଟି ରାସ୍ତାରେ ଭାରସାମ୍ୟ ହରାଇ ୧୦୦ ମିଟର ତଳକୁ ଖସି ନଦୀରେ ପଡ଼ିଥିଲା। ଫଳରେ ୧୫ ଜଣଙ୍କ ମୃତ୍ୟୁ ଘଟିବା ସହ ୨୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି।

# ପ୍ରତିରକ୍ଷା ସହଯୋଗ ବଢ଼ାଇବେ ଭାରତ, ଥାଇଲାଣ୍ଡ

ବ୍ୟାଙ୍କକ୍,୩।୧୧(ପି.ଟି.)



ପ୍ରତିରକ୍ଷା ଶିଳ୍ପ କ୍ଷେତ୍ରରେ ସହଯୋଗ ବୃଦ୍ଧି ଲାଗି ଭାରର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ତାଙ୍କ ଥାଇଲାଣ୍ଡ ପ୍ରତିପକ୍ଷ ପ୍ରୟୁତ୍ ଚାନ୍-ଓ-ଚା ସହମତି ପ୍ରକାଶ କରିଛନ୍ତି। ଆସିଆନ୍ ସମିଟ୍ ଅବସରରେ ରବିବାର ଦୁଇ ନେତାଙ୍କ ମଧ୍ୟରେ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଏହାବ୍ୟତୀତ ଦୁଇଦେଶ ମଧ୍ୟରେ ବାଣିଜ୍ୟିକ ସମ୍ପର୍କ ଓ ଯୋଗାଯୋଗ ବୃଦ୍ଧି ଉପରେ ମଧ୍ୟ ଉଭୟ ନେତା ଜୋର ଦେଇଥିଲେ। ଭାରତ ଓ ଥାଇଲାଣ୍ଡ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ଗତବର୍ଷ ୨୦ ପ୍ରତିଶତ ବୃଦ୍ଧି ପାଇଥିବାରୁ ଏହାକୁ ଦୁଇ ପ୍ରଧାନମନ୍ତ୍ରୀ ସ୍ୱାଗତ କରିଥିଲେ। ଏଥିସହିତ ବାଣିଜ୍ୟ ଓ ପୁଞ୍ଜିନିବେଶ ଅଧିକ ବଢ଼ାଇବା ଲାଗି କ'ଣ ସବୁ ପଦକ୍ଷେପ ନିଆଯାଇପାରିବ ତାହା ଉପରେ ଦୁଇଦେଶର ଅଧିକାରୀମାନେ ଆଲୋଚନା କରିବାକୁ ନିଷ୍ପତ୍ତି ହୋଇଥିଲା। ଥାଇଲାଣ୍ଡ ସହ ଭାରତର ବିମାନ ଯୋଗାଯୋଗ ବେଶ୍ ବୃଦ୍ଧି ପାଇଛି। ବ୍ୟାଙ୍କକ ଓ ଗୁଆହାଟୀ ମଧ୍ୟରେ ସିଧାସଳଖ ବିମାନ ଚଳାଚଳ ଆରମ୍ଭ ହୋଇଥିଲାବେଳେ ଥାଇଲାଣ୍ଡର ରାନୋଙ୍ଗ ବନ୍ଦର ଏବଂ ଭାରତର କୋଲକାତା, ଚେନ୍ନାଇ, ବିଶାଖାପାଟଣା ବନ୍ଦର ମଧ୍ୟରେ ସହଯୋଗ ପାଇଁ ଚୁକ୍ତିନାମା ଚୂଡ଼ାନ୍ତ ହୋଇଛି। ପ୍ରାଚ୍ୟଦେଶଗୁଡିକ ସହ ସମ୍ପର୍କ ବୃଦ୍ଧିକୁ ଭାରତ ପ୍ରାଧାନ୍ୟ ଦେଇଆସୁଛି। ପ୍ରଧାନମନ୍ତ୍ରୀ ଇଣ୍ଡୋନେସିଆ ରାଷ୍ଟ୍ରପତି ଜୋକୋ ୱିଡୋଡୋଙ୍କ ସହ ମଧ୍ୟ ଦ୍ୱିପାକ୍ଷିକ ଆଲୋଚନା କରିଥିଲେ।

# 'ଶିବସେନା ପାଖରେ ୧୭୦ ବିଧାୟକ'

ମୁମ୍ବାଇ,୩।୧୧

ଶିବସେନା ପାଖରେ ୧୭୦ ବିଧାୟକଙ୍କ ସମର୍ଥନ ରହିଛି। ଏହି ସଂଖ୍ୟା ୧୭୫ରୁ ମଧ୍ୟ ଅଧିକ ହୋଇପାରେ। ତେଣୁ ଭାଜପା ସହ ଆଲୋଚନା କେବଳ ମୁଖ୍ୟମନ୍ତ୍ରୀ ପଦକୁ ନେଇ ହେବ ବୋଲି ବରିଷ୍ଠ ଶିବସେନା ନେତା ସଞ୍ଜୟ ରାଉତ୍ କହିଛନ୍ତି। ମହାରାଷ୍ଟ୍ରରେ ସରକାର ଗଠନ ନେଇ ଅଚଳାବସ୍ଥା ଜାରି ରହିଥିବାବେଳେ ସଞ୍ଜୟଙ୍କ ଏହି ମନ୍ତବ୍ୟ ଦୁଇ ସହଯୋଗୀଙ୍କ ମଧ୍ୟରେ ମତଭେଦକୁ ଅଧିକ ତୀବ୍ର କରିଛି। ୨୮୮ ଆସନ ବିଶିଷ୍ଟ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଅକ୍ଟୋବର ୨୧ରେ ହୋଇଥିଲା, ଯାହାର ଫଳାଫଳ ଗତ ୨୪ ତାରିଖରେ ଆସିଥିଲା। ସରକାର ଗଠନ ପାଇଁ ମ୍ୟାଜିକ୍ ନମ୍ବର ୧୪୫ ହୋଇଥିବାବେଳେ ଭାଜପା ୧୦୫ ଓ ଏହାର ସହଯୋଗୀ ୫୬ ଆସନ ଦଖଲ କରିବାରେ ସକ୍ଷମ ହୋଇଛନ୍ତି। ସେହିପରି ବିରୋଧୀ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ୫୪ ଓ କଂଗ୍ରେସ ୪୪ ଆସନରେ ସଫଳତା ପାଇ ସନ୍ତୁଷ୍ଟ ହୋଇଛନ୍ତି। ଫଳରେ ଭାଜପା ସହ ୫୦:୫୦ ସୂତ୍ରରେ ସରକାର ଗଠନ ପାଇଁ ଶିବସେନା ଅଡ଼ିବସିଛି। କିନ୍ତୁ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବାକୁ ନାରାଜ। ତେଣୁ ଶିବସେନା ଯଥାସାଧ୍ୟ ନିଜ ମୂଲଚାଲ ସାମର୍ଥ୍ୟ ବଢ଼ାଇବା ପାଇଁ ଉଦ୍ୟମ ଜାରି ରଖିଛି। ଏହିକ୍ରମରେ ରାଜ୍ୟ ସଭା ସଦସ୍ୟ ସଞ୍ଜୟ ରାଉତ୍ ରବିବାର କହିଛନ୍ତି, ଅଚଳାବସ୍ଥା ଜାରି ରହିଛି। ସରକାର ଗଠନ ନେଇ ଅଦ୍ୟାବଧି କିଛି ଆଲୋଚନା ହୋଇନାହିଁ। ଆଲୋଚନା ହେଲେ ତାହା କେବଳ ମୁଖ୍ୟମନ୍ତ୍ରୀ ପଦକୁ ନେଇ ହେବ। ଭାଜପାର ସାହସ ଥିଲେ ମହାରାଷ୍ଟ୍ରରେ ରାଷ୍ଟ୍ରପତି ଶାସନ ଜାରି କରି ଦେଖାଉ। ଏପରି କଲେ ତାହା ଭାଜପା ପାଇଁ ଚଳିତ ଶତାବ୍ଦୀର ସବୁଠୁ ବଡ଼ ପରାଜୟର କାରଣ ସାଜିବ ବୋଲି ସଞ୍ଜୟ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ଅଚଳାବସ୍ଥା ଦୂର କରିବା ପାଇଁ ଫଡ୍‌ନବିସ ସୋମବାର ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହଙ୍କୁ ଭେଟିବେ। ସେହିପରି ବିକଳ୍ପ ପନ୍ଥା ଲାଗି ଏନ୍‌ସିପି ମୁଖ୍ୟ ଶରଦ ପାୱାର ମଧ୍ୟ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ସାକ୍ଷାତ କରିପାରନ୍ତି।

## 'ବଜାରକୁ ୫୦:୫୦ ବିସ୍କୁଟ ଆସିଛି କି'

ହାଇଦ୍ରାବାଦ,୩।୧୧



ମହାରାଷ୍ଟ୍ରରେ ୫୦:୫୦ ସୂତ୍ରରେ କ୍ଷମତା ଭାଗବଣ୍ଟା ପାଇଁ ଶିବସେନା ଅଡ଼ିବସିଥିବାବେଳେ ଏହାକୁ ନେଇ ଏଆଇଏମ୍‌ଆଇଏମ୍ ଅଧ୍ୟକ୍ଷ ତଥା ହାଇଦ୍ରାବାଦ ଏମ୍‌ପି ଅସାଦୁଦ୍ଦିନ୍ ଓୱାଇସି ତାଚ୍ଛଲ୍ୟ କରିଛନ୍ତି। ଲଗାଣ ବର୍ଷା ଯୋଗୁ ଫସଲହାନି ହୋଇଛି। କ୍ଷତିଗ୍ରସ୍ତ ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଥିବାବେଳେ ଏମାନେ ୫୦:୫୦ କଥା କହୁଛନ୍ତି। ବଜାରକୁ ନୂଆ ଫିଫ୍ଟି ଫିଫ୍ଟି ବିସ୍କୁଟ ଆସିଛି କି ବୋଲି ଓୱାଇସି ପ୍ରଶ୍ନ କରିଛନ୍ତି। ଏହାସହ ଭାଜପା କିମ୍ବା ଶିବସେନାକୁ ଏଆଇଏମ୍‌ଆଇଏମ୍ ସମର୍ଥନ ଦେବନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

ମହାରାଷ୍ଟ୍ରରେ ଶିବସେନା କ୍ଷମତାରେ ରହିବ କି ନାହିଁ ସେ ନେଇ ଲୋକେ ଖୁବ୍‌ଶୀଘ୍ର ଜାଣିବାକୁ ପାଇବେ।

**-ଉଦ୍ଧବ ଠାକ୍‌ରେ, ଶିବସେନା ଅଧ୍ୟକ୍ଷ**



## ସଂକ୍ଷେପରେ

### ସ୍କ୍ରାପ ଗୋଦାମରେ ଚଢାଉ, ୪ ଅଟକ



**ନବରଙ୍ଗପୁର,୩।୧୧(ବି.ପ)–** ନବରଙ୍ଗପୁର ସହର ସ୍ଥିତ ଇସମାଇଲ ଖାନଙ୍କ ସ୍କ୍ରାପ ଗୋଦାମ,କାର୍ଯ୍ୟାଳୟ ଓ ଘରେ ପୋଲିସର ଏକ ସ୍ୱତନ୍ତ୍ର ଟିମ ରବିବାର ଚଢାଉ କରିଛି । ବିଦ୍ୟୁତ ତାର, କେବୁଲ ଓ ଅନ୍ୟାନ୍ୟ ଚୋରି ସାମଗ୍ରୀ ଏଠାକୁ ଆସୁଥିବା ପୋଲିସ ସନ୍ଦେହ କରି ଚଢାଉ କରିଛି । ପ୍ରାଥମିକ ତଦନ୍ତରୁ ପୋଲିସ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସଂଗ୍ରହ କରିଛି । ଏହି ଘଟଣାରେ ଇସମାଇଲ ସମେତ ୪ ଜଣ ଶ୍ରମିକଙ୍କୁ ପୋଲିସ ନବରଙ୍ଗପୁର ଥାନାରେ ଅଟକ ରଖି ପଚରାଉଚରା ଜାରି ରଖିଛି ।

### କାନ୍ଥ ପଡ଼ି ଶ୍ରମିକ ଗୁରୁତର

**ବ୍ରହ୍ମପୁର ଅଫିସ,୩।୧୧:** ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଅଶୋକ ନଗରରେ ରବିବାର ଅପରାହ୍ନରେ ଏକ ଘରର ସିଡ଼ି ନିର୍ମାଣ ଚାଲିଥିବା ବେଳେ କାନ୍ଥ ପଡ଼ିଯିବାରୁ ଶ୍ରମିକ ଦେବରାଜ ସେଠୀ ଗୁରୁତର ଆହତ ହୋଇଛନ୍ତି । ତାଙ୍କ ଡାହାଣ ହାତ କାନ୍ଥରେ ଚାପି ହୋଇ ଯାଇଥିଲା । ସେ ଯନ୍ତ୍ରଣାରେ ଛଟପଟ ହେଉଥିଲେ ମଧ କେହି ଉଦ୍ଧାର କରିପାରି ନ ଥିଲେ । ଘର ମାଲିକ ଏ ନେଇ ଅଗ୍ନିଶମ ବିଭାଗକୁ ଜଣାଇଥିଲେ । ଷ୍ଟେଶନ ଅଫିସର ସୁଶାନ୍ତ ମହାପାତ୍ର, ମୁଖ୍ୟ ଆଗ୍ନିକ ସାମୁଏଲ ଦାସ, ଆଗ୍ନିକ ଅରବିନ୍ଦ ପ୍ରଧାନ, ରଘୁନାଥ ସେଠି, ବିନୋଦ ବେହେରା ଓ ଆର.ଏଲ.ନାୟକ ପ୍ରମୁଖ ପହଞ୍ଚି ଦେବରାଜଙ୍କ ହାତ ଉପରେ ପଡି ରହିଥିବା କାନ୍ଥକୁ ଭାଙ୍ଗି ତାଙ୍କୁ ଉଦ୍ଧାର କରିଥିଲେ । ତାଙ୍କୁ ଗୁରୁତର ଅବସ୍ଥାରେ ଏମକେସିଜି ମେଡିକାଲକୁ ପଠାଯାଇଛି ।

### ମଦ ଛଡ଼ାଇ ଆଣି ପୋଡ଼ିଲେ ଉତ୍ୟକ୍ତ ମହିଳା

**ହାତୀଓଟ,୩।୧୧:** ପୋଲସରା ବ୍ଲକ ମନ୍ଦାର ଗ୍ରାମପଞ୍ଚାୟତର ମାଳତିବାଡ଼ିରେ ବିକ୍ରୟ କରାଯାଉଥିବା ମଦକୁ ବନ୍ଦ କରିବା ପାଇଁ ଗତ ଗୁରୁବାର ଗ୍ରାମର ୧୦ଟି ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନେ କହିଥିଲେ । କିନ୍ତୁ ବିକ୍ରେତାମାନେ ୩ ଦିନ ବିତି ଯାଇଥିଲେ ମଧ ବନ୍ଦ କରି ନ ଥିଲେ । ଫଳରେ ରବିବାର ସନ୍ଧ୍ୟା ୭ଟାରେ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ଏକତ୍ରିତ ହୋଇ ବିକ୍ରେତାଙ୍କ ଘରୁ ମଦ ଛଡ଼ାଇ ଆଣି ନିଆଁ ଲାଗଇ ଦେଇଥିଲେ । ଏହି ସମୟରେ କେତେଜଣ ଦୁର୍ବୃତ୍ତ ଆନ୍ଦୋଳନକାରୀ ମହିଳାଙ୍କୁ ମାଡ଼ ମାରିବା ସହ ଖରାପ ବ୍ୟବହାର କରିଥିବା ନେଇ ସେମାନେ ପୋଲସରା ଥାନା ଅଭିଯୋଗ କରିଛନ୍ତି । ଖବର ପାଇ ଏଏସ୍ଆଇ ବାବୁଲାଲ ରାଉଳଙ୍କ ସହ ଏଏସ୍ଆଇ ମାଝି ଘଟଣାସ୍ଥଳରେ ପହଞ୍ଚି ଉଭୟ ପକ୍ଷଙ୍କୁ ବୁଝାଶୁଝା କରିବାରୁ ପରିସ୍ଥିତି ଶାନ୍ତ ପଡ଼ିଛି । ମହିଳାମାନଙ୍କୁ ଖରାପ ବ୍ୟବହାର କରିଥିବା ବ୍ୟକ୍ତିମାନଙ୍କୁ ସୋମବାର ଥାନାକୁ ଆସିବା ପାଇଁ ଏଏସ୍ଆଇ ରାଉଳ କହିଛନ୍ତି ।

### ପୂର୍ବ ଶତ୍ରୁତା ନେଇ ଆକ୍ରମଣ ଅଭିଯୋଗ, ୭ ଆହତ

**ଦିଗପହଣ୍ଡି,୩।୧୧(ଡି.ଏନ.ଏ.):** ଦିଗପହଣ୍ଡି ଥାନା ଖଜୁରିପଲ୍ଲୀ ଗ୍ରାମରେ ରବିବାର ସନ୍ଧ୍ୟା ପ୍ରାୟ ସାଢ଼େ ୪ ଟାରେ ଦୁଇ ପରିବାର ମଧରେ ସଂଘର୍ଷ ଘଟିଛି । ଏଥିରେ ଉଭୟ ପରିବାରର ୭ ଜଣ ଆହତ ହୋଇଛନ୍ତି । ଆହତଙ୍କ ମଧରୁ ୪ ଜଣ ଗୁରୁତର ଅଛନ୍ତି । ସେମାନଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ଗ୍ରାମର ଜଣେ ଯୁବକ ତାଙ୍କ ବାଇକ୍‌ରେ ଯାଉଥିବା ବେଳେ ଅପରଗୋଷ୍ଠୀର ଜଣେ ଶିଶୁଙ୍କୁ ଧକ୍କା ଦେବାରୁ ଦୁଇ ଗୋଷ୍ଠୀ ମଧରେ ସଂଘର୍ଷ ଘଟିଥିଲା । ଏ ନେଇ ଉଭୟ ଗୋଷ୍ଠୀ ପକ୍ଷରୁ ଦିଗପହଣ୍ଡି ଥାନାରେ ଏତଲା ଦିଆଯାଇଥିବା ପୋଲିସ କହିଛି ।

### ଗ୍ୟାସ ଲିକ୍‌ରୁ ନିଆଁଲାଗି ୬ଆହତ

**ହିଞ୍ଜିଳିକାଟୁ,୩।୧୧(ଡି.ଏନ୍.ଏ.)–** ହିଞ୍ଜିଳିକାଟୁ ମତ୍ସ୍ୟଜୀବୀସାହିରେ ଏକ ଗୃହ ପ୍ରବେଶ ଭୋଜି ରୋଷେଇବେଳେ ଗ୍ୟାସ ସିଲିଣ୍ଡରରୁ ନିଆଁ ଲାଗି ୬ଜଣ ଆହତ ହୋଇଛନ୍ତି । ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଥିଲା । ଆହତମାନଙ୍କୁ ତୁରନ୍ତ ଉଦ୍ଧାର କରି ହିଞ୍ଜିଳିକାଟୁ ଡ଼ାକ୍ତରଖାନାରେ ଚିକିତ୍ସିତ କରାଯାଇଛି ।

# ଅବ୍ୟବସ୍ଥାରେ ଡୁମୁଣିଗୁଡା ନୂତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ




ବିଦ୍ୟାଳୟ ସମସ୍ୟା ସମ୍ପର୍କରେ ଗ୍ରାମବାସୀ ଜଣାଉଛନ୍ତି ।



ସ୍କୁଲ ଘର କାନ୍ଥ ଭାଙ୍ଗିଯାଇଛି ।

- ୮ଟି ଶ୍ରେଣୀ ପାଇଁ ରହିଛି ୩ କୋଠରି
- ଗୃହ ଅଭାବରୁ ଛାତ୍ରୀଛାତ୍ର ଖୁନ୍ଦାଖୁନ୍ଦି ହୋଇ ବସୁଛନ୍ତି
- ଖରାରେ ବସି ପିଲାଙ୍କୁ ଖାଇବାକୁ ପଡୁଛି ମଧାହ୍ନ ଭୋଜନ

**ଡାବୁଗାଁ,୩।୧୧(ଡି.ଏନ.ଏ)**

ସର୍ବଶିକ୍ଷା ଅଭିଯାନରେ ପିଲାମାନଙ୍କ ପାଠପଢା ପାଇଁ ବିଭିନ୍ନ ଯୋଜନା କରାଯାଉଛି । କିନ୍ତୁ ବିଦ୍ୟାଳୟର ଭିତ୍ତିଭୂମି ପ୍ରତି ଦୃଷ୍ଟି ଦିଆଯାଉନାହିଁ । କେଉଁଠି ଶିକ୍ଷକ ଅଭାବ ତ ଆଉକେଉଁଠି ବିଦ୍ୟାଳୟ ଗୃହ ନାହିଁ । ଏଠି ଯୋଗୁଁ ବିଦ୍ୟାଳୟକୁ ଆସି ପିଲାମାନେ ପାଠ ପଢିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏପରିକି ଗୃହ ଅଭାବରୁ ୩ଟି ଶ୍ରେଣୀର ଛାତ୍ରୀଛାତ୍ର ଖୁନ୍ଦାଖୁନ୍ଦି ହୋଇ ପାଠ ପଢୁଛନ୍ତି । ଏହିପରି ଅବ୍ୟବସ୍ଥା ମଧରେ ଚାଲିଛି ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଡୁମୁଣିଗୁଡା ନୂତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ।

ଡାବୁଗାଁ ପଞ୍ଚାୟତ ଅଧୀନରେ ରହିଛି ଡୁମୁଣିଗୁଡା ଗ୍ରାମ । ବଣପାହାଡ ଘେରା ଏହି ଗ୍ରାମର ଆଦିବାସୀ ପିଲାମାନେ ଶିକ୍ଷିତ ହେବା ପାଇଁ ଗ୍ରାମରେ ୧୯୫୮ ମସିହାରେ ସରକାରଙ୍କ ତରଫରୁ ବିଦ୍ୟାଳୟ ସ୍ଥାପନ କରାଯାଇଥିଲା । ଏଥିରେ ପ୍ରଥମେ ୧ମ ଶ୍ରେଣୀରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ଥିଲା । ୨୦୧୪ ମସିହାରେ ୬ଷ୍ଠ ଶ୍ରେଣୀ ଓ ପରେ ୭ମ ଓ ୮ମ ଶ୍ରେଣୀ ପର୍ଯ୍ୟନ୍ତ ପିଲା ପାଠ ପଢୁଛନ୍ତି । ଏହି ବିଦ୍ୟାଳୟରେ ୧ମ ଶ୍ରେଣୀ ଠାରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୧୮୮ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି । ବିଦ୍ୟାଳୟରେ ୮ଟି ଶ୍ରେଣୀ ପାଇଁ ୩ଟି ଗୃହ ରହିଛି ଏବଂ ଏଥିରୁ ସମସ୍ତ ଶ୍ରେଣୀ ଗୃହ ଭଗ୍ନ ଅବସ୍ଥାରେ ରହିଛି । ୩ ଟି ଶ୍ରେଣୀ ଗୃହରେ ପାଠ ପଢା ଚାଲିଛି । ଗୋଟିଏ ଶ୍ରେଣୀ ଗୃହରେ ପ୍ରଥମ, ୨ୟ ଓ ୩ୟ ଶ୍ରେଣୀର ପିଲା, ଅନ୍ୟ ଏକ ଗୃହରେ ୪ର୍ଥ ଓ ୫ମ ଶ୍ରେଣୀ ଓ ଅନ୍ୟ ଏକ ଶ୍ରେଣୀଗୃହରେ ୬ ଷ୍ଠ, ୭ମ ଓ ୮ମ ଶ୍ରେଣୀର ପିଲା ଏକା ସଙ୍ଗେବସି ପାଠ ପଢୁଛନ୍ତି । ଏହି ବିଦ୍ୟାଳୟରେ ୫ ଜଣ ଶିକ୍ଷୟିତ୍ରୀ ଓ ଜଣେ ଶିକ୍ଷକଙ୍କୁ ପାଠ ପଢାଇବା ପାଇଁ ନିଯୁକ୍ତି ଦିଆଯାଇଛି । ମଧାହ୍ନ ଭୋଜନ ପ୍ରସ୍ତୁତି ଗୃହ ମଧ ଭାଙ୍ଗି ଯାଇଛି । ବର୍ଷାଦିନେ ରୋଷେଇ ଘର ଉପରେ ଜରିପାଲ ପକାଇ ମଧାହ୍ନ ଭୋଜନ ପ୍ରସ୍ତୁତି କରାଯାଏ । ଖରାରେ ବସି ପିଲାମାନଙ୍କୁ ମଧାହ୍ନ ଭୋଜନ ଖାଇବାକୁ ପଡୁଛି । ଶ୍ରେଣୀଗୃହ ନିର୍ମାଣ କରିବା ପାଇଁ ପୂର୍ବରୁ ଗ୍ରାମବାସୀ ଶିକ୍ଷା ବିଭାଗକୁ ଲିଖିତ ଭାବେ ଜଣାଇ ଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ଏହାର ସମାଧାନ ହେଉନାହିଁ । ଶୀଘ୍ର ବିଦ୍ୟାଳୟ ଗୃହ ନିର୍ମାଣ ପାଇଁ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମହେଶ୍ୱର ମାଝି,ୱାର୍ଡ ସଭ୍ୟ କୁସୁମା ଜାନୀ, ବିଚିତ୍ର ହରିଜନ, ପବିତ୍ର ହରିଜନ, ସୁଶିଳା ମାଝୀ, ସରାମଣି ଜାନୀ, ନବୀନ ନାୟକ, ଅବିଆଣ ହରିଜନ,ସଲିମଧର ଜାନୀ, ଦେବ ହରିଜନ, ରାମଚନ୍ଦ୍ର ଜାନୀ ପ୍ରମୁଖ ଗ୍ରାମବାସୀ ଦାବି କରିଛନ୍ତି । ଏନେଇ ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟ ଓ ଗ୍ରାମବାସୀ ୨୮।୧୦।୧୯ ତାରିଖରେ ଡାବୁଗାଁ ତହସିଲ କାର୍ଯ୍ୟାଳୟ ଠାରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମରେ ଜିଲାପାଳଙ୍କୁ ଭେଟି ଲିଖିତ ଅଭିଯୋଗ କରିଥିଲେ । ଏହାପରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ରମାକାନ୍ତ ନାୟକ ଏବଂ ବିଡିଓ ରଞ୍ଜିତା ମେରୀ ନାୟକ ଉକ୍ତ ବିଦ୍ୟାଳୟକୁ ଯାଇ ପରିଦର୍ଶନ କରିଥିଲେ । ଏନେଇ ଡାବୁଗାଁ ଭାରପ୍ରାପ୍ତ ବିଡିଓ ପଦ୍ମନାଭ ତ୍ରିପାଠୀଙ୍କୁ ପଚାରିବାରୁ ଉକ୍ତ ବିଦ୍ୟାଳୟ ଗୃହ ମରାମତି ପାଇଁ ଡାବୁଗାଁ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ୨ ଲକ୍ଷ ଟଙ୍କା ବ୍ୟୟରେ ଗୃହ ଶୀଘ୍ର ମରାମତି କରାଯିବ । ବିଦ୍ୟାଳୟ ପାଖକୁ ଲାଗି ସରକାରୀ ଜାଗା ରହିଛି ସେଠାରେ ଆଗାମୀ ଆର୍ଥିକ ବର୍ଷରେ ନୂତନ ଗୃହ ନିର୍ମାଣ ପାଇଁ ଯୋଜନା ରହିଛି ବୋଲି କହିଥିଲେ ।




(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅରଜିଲା ଧନ ପରକୁ ଦେଇ**
**ଗରଜି ମରୁଛୁ ଯାହା**
**ଦରଜ ନ ମେଣ୍ଟି ହଇରାଣ ହେଲୁ**
**ଦରଜ ହେଲାଣି ବାହା ।**

ଟଙ୍କା ଯାଏ ସିଧା ଆସେ ବଙ୍କା । ଟଙ୍କା ପଇସା ଅନ୍ୟକୁ ଉଧାର ଦେଲେ ତାହା ଠିକ୍ ସମୟରେ ଫେରି ପାଇବାର କୌଣସି ନିଶ୍ଚିତତା ନ ଥାଏ । ନେବା ଲୋକ ଆଜି ଦେବା କାଲି ଦେବା କହି ଦିନ ଗଡ଼ାଇ ଚାଲୁଥିବା ବେଳେ ତାଙ୍କ ପଛରେ ଗୋଡ଼େଇ ଗୋଡ଼େଇ ନିରାଶା ଭୋଗିବା ସାର ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି ।

**ଅଙ୍ଗୁଳି ସନ୍ଧିରେ ମଳି**
**ଭିତରେ ଭିତରେ ସଲାସୁତୁରାଲୋ**
**ଉପରେ ଉପରେ କଳି ।**

ଲୋକେ ଜାଣିବାକୁ ଦୁହିଁଙ୍କ ମଧରେ ପ୍ରବଳ ଶତ୍ରୁତା ଅଥଚ ନିଜ ନିଜ ଉପରେ ବୁଝାମଣା ଏକଦମ୍ ଠିକ୍ । ସ୍ୱାମୀ ସ୍ତ୍ରୀଙ୍କ ସମ୍ବନ୍ଧ ପରି ଘନିଷ୍ଠ ସମ୍ବନ୍ଧ । କପଟୀ ବ୍ୟକ୍ତିଙ୍କ ଏପରି ଭିତିରିଆ ମନ୍ଦ ସ୍ୱଭାବକୁ ବାହାର ଲୋକେ ସହଜରେ ଜାଣି ନ ପାରି ଧୋକା ଖାଇଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

ଓଡ଼ିଆ ଢଗଢ଼ମାଳି ଓ ରୁଢ଼ି ପ୍ରୟୋଗ
–ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

## କୋଷାଗୁମୁଡା ବଣିକ ସଂଘ ବୈଠକ



ବୈଠକରେ ଉପସ୍ଥିତ ବ୍ୟବସାୟୀମାନେ ।

**କୋଷାଗୁମୁଡା, ୩।୧୧(ଡି.ଏନ.ଏ)**

ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ ଜୁନାପାଣି ଶିବମନ୍ଦିର ପରିସରରେ ରବିବାର ବଣିକ ସଂଘ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ବ୍ୟବସାୟୀମାନଙ୍କ ସମସ୍ୟା ବିଷୟରେ ଆଲୋଚନା କରାଯାଇଥିଲା । ସର୍ବସମ୍ମତିକ୍ରମେ ବୈଠକରେ ପ୍ରତ୍ୟେକ ମାସର ଶେଷ ଶନିବାର ଦୋକାନ ବଜାର ସଂପୂର୍ଣ୍ଣ ଭାବରେ ବନ୍ଦ ରହିବ ବୋଲି ନିଷ୍ପତ୍ତି ନିଆଯାଇଥିଲା । ବୈଠକରେ ୨୦୦ରୁ ଊର୍ଦ୍ଧ୍ୱ ବ୍ୟବସାୟୀ ଯୋଗ ଦେଇଥିଲେ । ପ୍ରତ୍ୟେକ ମାସର ଶେଷ ଶନିବାର ସନ୍ଧ୍ୟାରେ ଜଗନ୍ନାଥ ମନ୍ଦିର ପରିସରରେ ବୈଠକ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଛି । ବୈଠକରେ ସର୍ବସମ୍ମତିକ୍ରମେ ସଭାପତି ଭାବେ ପ୍ରଣବ ପଟ୍ଟନାୟକ, ସମ୍ପାଦକ କୃତିଦୀପ୍ତ ପରିଡା, ଉପସଭାପତି ସେନାପତି ବିଶୋୟୀ, ସହସମ୍ପାଦକ ପ୍ରକାଶ ପରିଡା, କୋଷାଧ୍ୟକ୍ଷ ନବନିତ ସିଂଙ୍କୁ ନିର୍ବାଚିତ କରାଯାଇଥିଲା । ୨୦ଜଣଙ୍କୁ ସଦସ୍ୟ ମନୋନୀତ ହୋଇଥିଲେ । ଗାଁ ଏବଂ ବଜାରକୁ ସ୍ୱଚ୍ଛତା ରଖାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା ।

## ବ୍ରାହ୍ମଣ ସମାଜର କାର୍ଯ୍ୟକାରିଣୀ ବୈଠକ



ବୈଠକରେ ବ୍ରାହ୍ମଣ ସମାଜର ସଦସ୍ୟମାନେ ।

**ନବରଙ୍ଗପୁର,୩।୧୧(ବି.ପ୍ର)**

ଅବିଭକ୍ତ କୋରାପୁଟ ଜିଲା ବ୍ରାହ୍ମଣ ସମାଜର ଏକ କାର୍ଯ୍ୟକାରିଣୀ ବୈଠକ ନବରଙ୍ଗପୁର ସହରସ୍ଥିତ ସୌରାସାହି କଲ୍ୟାଣ ମଣ୍ଡପରେ ରବିବାର ଅନୁଷ୍ଠିତ ହୋଇଥିଲା । ନବରଙ୍ଗପୁର ଜିଲା ବ୍ରାହ୍ମଣ ସମାଜର ସଭାପତି ସୁରେଶ ଚନ୍ଦ୍ର ତ୍ରିପାଠୀ ଅଧକ୍ଷତା କରିଥିଲେ । ଏହି ସଭାରେ ରାୟଗଡା ଜିଲା ବ୍ରାହ୍ମଣ ସମାଜର ଉପସଭାପତି ନରସିଂହ ନାଥ ପାଢୀ, ସହସମ୍ପାଦକ ରଞ୍ଜନ କୁମାର ରଥ, ମାଲକାନଗିରି ଜିଲା ସଭାପତି ବିନାୟକ ଶତପଥୀ, କୋରାପୁଟ ଜିଲା ଉପସଭାପତି ନରେଶ ନାଥ ନାୟକ, ସଙ୍ଗଠନ ସମ୍ପାଦକ ନୃସିଂହ ପ୍ରସାଦ ମିଶ୍ର, ନବରଙ୍ଗପୁର ଜିଲା ବ୍ରାହ୍ମଣ ସମାଜ ମହିଳା ଶକ୍ତି ବାହିନୀର ସଭାନେତ୍ରୀ ସାବିତ୍ରୀ ରଥ, ସମ୍ପାଦିକା ରେଣୁକା ଆଚାର୍ଯ୍ୟ, ଉପଦେଷ୍ଟା ଝାଡେଶ୍ୱର ଖାଡଙ୍ଗା, ଉମାଶଙ୍କର ତ୍ରିପାଠୀ, ସୁବାସ ଚନ୍ଦ୍ର ଦାସ, ରଘୁନାଥ ପାଢୀ, ଶଶାଙ୍କ ଶେଖର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ । ଅବିଭକ୍ତ କୋରାପୁଟ ଜିଲା ପାଇଁ ପ୍ରତି ଜିଲାର ୪ ଜଣ ସଭ୍ୟଙ୍କୁ ନେଇ ଏକ ସମନ୍ୱୟ କମିଟି ଗଠନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ପ୍ରତି ମାସରେ ଏହି ସମନ୍ୱୟ କମିଟିମାନଙ୍କ ସମନ୍ୱୟ ବୈଠକରେ ବ୍ରାହ୍ମଣମାନଙ୍କ ରହିଥିବା ସମସ୍ୟା ଓ ସମାଧାନ ନେଇ ନିଷ୍ପତ୍ତି ଗ୍ରହଣ କରାଯିବା ପାଇଁ ସ୍ଥିର କରାଯାଇଥିଲା । ବ୍ରାହ୍ମଣମାନଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା କରିବା ନିମନ୍ତେ ଦାବି ଉପସ୍ଥାପନ କରିବା ପାଇଁ ମତ ରଖାଯାଇଥିଲା । ଡଃ ବିଜୟ କୁମାର ମିଶ୍ର ଓ ଅଧାପକ ଶମ୍ଭୁ ପ୍ରସାଦ ହୋତା ମଞ୍ଚ ପରିଚାଳନା କରିଥିଲେ । ସରୋଜ କୁମାର ତ୍ରିପାଠୀ ଓ ଶିବ ପ୍ରସାଦ ମିଶ୍ର ବେଦମନ୍ତ୍ର ଗାନ କରିଥିଲେ । ପ୍ରଦୀପ କୁମାର ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ । ପ୍ରତି ବ୍ଲକର ସଂଯୋଜକ ଦୁତୀବାହନ ଖମାରୀ, ମନୋଜ ପଣ୍ଡା, କୃଷ୍ଣଚନ୍ଦ୍ର ନନ୍ଦ, ଅଜୟ କୁମାର ଦାସ, ଧୀରେନ୍ଦ୍ର ତ୍ରିପାଠୀ, ନୀଳକଣ୍ଠ ତ୍ରିପାଠୀ, ଶ୍ୟାମସୁନ୍ଦର ମିଶ୍ର, ସୁବାଷ ଚନ୍ଦ୍ର ତ୍ରିପାଠୀ, ରମଣୀ ରଞ୍ଜନ ତ୍ରିପାଠୀ ଓ ପଞ୍ଚାନନ ତ୍ରିପାଠୀଙ୍କ ସମେତ ଜିଲାର କର୍ମକର୍ତ୍ତାଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା । ସଙ୍ଗଠନ ସମ୍ପାଦକ ଗଣେଶ୍ୱର ଦାସ ଧନ୍ୟବାଦ ଦେଇଥିଲେ ।

## ଦୁର୍ଘଟଣାରେ ୪ ଶ୍ରମିକ ଗୁରୁତର

**ପଦ୍ମପୁର, ୩।୧୧ (ଡି.ଏନ.ଏ.):**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଧାମରା–ଜାମୁଝାଡ଼ି ରାସ୍ତାର ନଳବାଙ୍କ ଛକଠାରେ ରବିବାର ସନ୍ଧ୍ୟାରେ ଏକ ସଡ଼କ ଦୁର୍ଘଟଣା ୪ ଶ୍ରମିକ ଗୁରୁତର ହୋଇଛନ୍ତି । ଆହତମାନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ । ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ନାୟକାଣିଡିହୀ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିଛି । ସୂଚନା ଅନୁଯାୟୀ, ପାଇପ୍ କାମ ସାରି ଶ୍ରମିକମାନେ ପିକ୍‌ଅପ୍ ଭ୍ୟାନ୍‌ରେ ଫେରୁଥିବା ବେଳେ ଏକ ଷଣ୍ଢ ଗାଡ଼ି ଆଗକୁ ଚାଲିଆସିଥିଲା । ଫଳରେ ଗାଡ଼ି ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଓଲଟି ପଡ଼ିଥିଲା । ଆହତ ଶ୍ରମିକମାନେ ହେଲେ ଦିପୁନ ରାଉତ, ରବି ଖିଲାର, ଅଶ୍ୱିନୀ ପାଢୀ ଓ ଅଜୟ ମଲ୍ଲିକ । ସମସ୍ତଙ୍କ ଘର ଭଦ୍ରକ ବୋଲି ଜଣାପଡ଼ିଛି ।

## କଲାର ସମାଜ ପକ୍ଷରୁ ସହସ୍ରାର୍ଜୁନଙ୍କ ଜୟନ୍ତୀ ପାଳିତ



ବୈଠକରେ ଉପସ୍ଥିତ ଅତିଥିମାନେ ।

**ଉମରକୋଟ,୩।୧୧(ଡି.ଏନ.ଏ)–**

ଉମରକୋଟଠାରେ ଜିଲା କଲାର ସମାଜ ପକ୍ଷରୁ ଇଷ୍ଟଦେବୀ ସହସ୍ରାର୍ଜୁନଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ କଲାର ସମାଜ ପକ୍ଷରୁ ଏକ ଶୋଭାଯାତ୍ରାର ଆୟୋଜନ ହୋଇଥିଲା । ଏହି ଶୋଭାଯାତ୍ରା ନୂତନ ବସଷ୍ଟାଣ୍ଡ ଠାରୁ ବାହାରି ପେଣ୍ଡ୍ରାଣୀ ସ୍ଥିତ କଲ୍ୟାଣ ମଣ୍ଡପରେ ପହଞ୍ଚିଥିଲା । ଏହା ପରେ ଭଗବାନ ସହସ୍ରାବାହୁଙ୍କୁ ପୂଜାର୍ଚ୍ଚନା ସହ ଆଳତି କରାଯାଇଥିଲା । ଏହି ସଭାରେ ମୁଖ୍ୟଅତିଥି ଭାବେ ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ଝରିଗାଁ ବିଧାୟକ ପ୍ରକାଶ ମାଝି, ସମ୍ମାନିତ ଅତିଥି ଡାକ୍ତର ଗଦାଧର ବୈଦ, ସଭାପତି ପଦ୍ମନାଥ ପାଣ୍ଡେ, ଉପସଭାପତି ଅନିରୁଦ୍ଧ ନାୟକ, କଲାର ସମାଜ ସମ୍ପାଦକ ରାମନାଥ କଲାର, ରାମନାଥ ସେଠିଆ, ସୁଶିଳା ନାଗ, ଭଗବାନ କଲାର, ଦୁଷିଲା ନାୟକ, ବିର୍ଜୁ କଲାର, ପ୍ରବୀଣା କଲାର, ଲାଇବାନ କଲାର, ମାଧମ ମଙ୍ଗର, ଜିତୁରାମ ସେଠିଆ ଓ କଲାର ସମାଜର ସମସ୍ତେ ଯୋଗ ଦେଇଥିଲେ ।

## ଯାଦବ ମାଝି ସ୍ମାରକୀ କ୍ରିକେଟ ନିମନ୍ତେ ବୈଠକ

**ଚନ୍ଦାହାଣ୍ଡି,୩।୧୧(ଡି.ଏନ.ଏ)**

ସ୍ୱର୍ଗତ ଯାଦବ ମାଝୀଙ୍କ ୨୦ ତମ ସ୍ମାରକୀ ଆନ୍ତଃରାଜ୍ୟ କ୍ରିକେଟ ପ୍ରତିଯୋଗିତା ନିମନ୍ତେ ଏକ ବୈଠକ ଦଣ୍ଡାମୁଣ୍ଡାସ୍ଥିତ ପଲ୍ଲିଶ୍ରୀ ଯୁବକ ସଂଘ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି । ଝରିଗାଁ ବିଧାୟକ ତଥା ପଲ୍ଲୀଶ୍ରୀ ଯୁବକ ସଂଘ ସଭାପତି ଇଂ ପ୍ରକାଶ ଚନ୍ଦ୍ର ମାଝିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ମୁଖ୍ୟଅତିଥି ଭାବେ ଜିଲା ବିଜେଡି ସଂଯୋଜକ ପ୍ରମୋଦ କୁମାର ପାଢୀ ଯୋଗ ଦେଇ ଚଳିତ ବର୍ଷ ହେବାକୁ ଥିବା କ୍ରିକେଟ ପ୍ରତିଯୋଗିତା କିଭଳି ଭାବେ ଆକର୍ଷଣୀୟ ହେବ ସେ ନେଇ ମତାମତ ଦେଇଥିଲେ । ଆସନ୍ତା ଜାନୁୟାରୀ ୧୯ ତାରିଖ ଏହି ପ୍ରତିଯୋଗିତା ଆରମ୍ଭ ହୋଇ ଫେବୃୟାରୀ ୨ ତାରିଖରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ । ପ୍ରତି ମ୍ୟାଚ ୨୦ ଓଭର ବିଶିଷ୍ଟ ଖେଳାଯିବ । ୧୬ଟି ଦଳ ଏଥିରେ ଭାଗ ନେବାକୁ ସ୍ଥିର ହୋଇଥିବା ବେଳେ ବିଜୟୀ ଦଳକୁ ୪୦ ହଜାର ଓ ଉପବିଜେତାଙ୍କୁ ୩୦ ହଜାର ପ୍ରଦାନ କରାଯିବ । ଏହି ବୈଠକରେ ବଳରାମ ପଟ୍ଟନାୟକ, ମହମ୍ମଦ ହନିଫ, ସଂଗ୍ରାମ କେଶରୀ ସାହୁ, ସୀମାଞ୍ଚଳ ଗଣ୍ଡା, ରିଙ୍କୁ ମହାପାତ୍ର, ପ୍ରଶାନ୍ତ ପାରୀ, ସୀମାଞ୍ଚଳ ଗଣ୍ଡା, ନଳିନୀ ଦାସ, ବସନ୍ତ ବିଶୋଇ, ଦିଲିପ ଦାସ, ମହମ୍ମଦ ହୁସେନ, ସୌରୀରଞ୍ଜନ ସାହୁ, ନଳିନୀ ଦାସ, ଯୁବରାଜ ଜଗତ, ବ୍ରିଜଲାଲ ସୋରୀ, ବିଘ୍ନେଶ୍ୱର ଆଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।



ବୈଠକରେ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି ଓ ଅନ୍ୟମାନେ ।

# ଜିଲାସ୍ତରୀୟ ଶିଶୁ ମହୋତ୍ସବ 'ମହକ'

**ନବରଙ୍ଗପୁର,୩।୧୧(ବି.ପ୍ର)**

ଜିଲାସ୍ତରୀୟ ଶିଶୁ ମହୋତ୍ସବ 'ମହକ' କାର୍ଯ୍ୟକ୍ରମ ସ୍ଥାନୀୟ ଭୈରବ କଲ୍ୟାଣ ମଣ୍ଡପରେ ରବିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ୧୦ଟି ଶିଶୁଗୃହର ଅନ୍ତେବାସୀ ଭାଗ ନେଇଥିଲେ । ଶିଶୁମାନଙ୍କୁ ନେଇ କନିଷ୍ଠ, ବରିଷ୍ଠ ବର୍ଗରେ ସଙ୍ଗୀତ, ନୃତ୍ୟ, ଏକକ ଅଭିନୟ, ଦଳଗତ ନୃତ୍ୟ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏକକ ସଙ୍ଗୀତରେ ବରିଷ୍ଠ ବର୍ଗରେ ମନୋଜ ହରିଜନ ପ୍ରଥମ, ସିଦ୍ଧାର୍ଥ ହରିଜନ ୨ୟ, ମିଶ୍ର ହରିଜନ ୩ୟ, କନିଷ୍ଠ ବର୍ଗରେ ପ୍ରଭୁଦାନ ହରିଜନ, ଟାଲେଣ୍ଟ ସୋ–ରେ ବରିଷ୍ଠ ବର୍ଗରେ ପ୍ରଥମ ବିନୋଦ ସାନ୍ତା, ୨ୟ ରବନ ବେପାରୀ, ୩ୟ ରାଜେନ୍ଦ୍ର ଜାନି, କନିଷ୍ଠ ବର୍ଗରେ ୧ମ ପବିତ୍ର ଖୁରା, ୨ୟ ମମତା ଖୁରା, ୩ୟ ମନିଷା ଜାଲ, ଦଳଗତ ନୃତ୍ୟରେ ପ୍ରଥମ ପଣ୍ଡିତ ଦୀନଦୟାଲ ଛାତ୍ରୀ ଶିଶୁ ଗୃହ, ୨ୟ ସରଗୁଲି ଶିଶୁ ଗୃହ, ୩ୟ ଉତ୍କଳ ବାଳାଶ୍ରମ ସିନ୍ଧିଗୁଡା ଓ ସାନ୍ତ୍ୱନାମୂଳକ ପୁରସ୍କାର ଉତ୍କଳ ମାରଥମାଙ୍କୁ ମନୋନୀତ କରାଯାଇଥିଲା । ବିଚାରକ ଭାବେ ମନୋଜ କୁମାର ପଟ୍ଟନାୟକ, ମନୋରମା ମାଝି , ଲକ୍ଷ୍ମୀ ସିଂ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଜିଲା ଆଇନ ସେବା ପ୍ରାଧିକରଣ ସମ୍ପାଦକ ପସନ୍ନ କୁମାର ବେହେରା ଉଦଘାଟନ କରିଥିଲେ । ଏଥିରେ ମୁଖ୍ୟଅତିଥି ଭାବେ ଜିଲା ଜଜ ଅଶୋକ କୁମାର ପଣ୍ଡା, ରେଜିଷ୍ଟ୍ରାର ମନୋରଞ୍ଜନ ଦାସ, ଶିଶୁ ମଙ୍ଗଳ କମିଟିର ଅଧକ୍ଷ ଦିବାକର ବାହୁକ ଯୋଗ ଦେଇ ଶିଶୁମାନଙ୍କ ପାଇଁ ରହିଥିବା ଆଇନ ସମ୍ପର୍କରେ କହିଥିଲେ । ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ କୁମାର ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ । କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ଚାଇଲଡ ଲାଇନ ସଂଯୋଜକ ରବିନ୍ଦ୍ର ପ୍ରଧାନ, ସଭ୍ୟ ମିନତି ମହାପାତ୍ର, ଯଶ୍ମିନ ମହାନ୍ତି, ପ୍ରଶନ୍ନ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଶିଶୁ ସୁରକ୍ଷା ୟୁନିଟର କିଶୋର ମାର୍ଥା, କୁନିମଣି ସ୍ୱାଇଁ ପରିଚାଳନାରେ ସହଯୋଗ କରିଥିଲେ ।



ଅତିଥିମାନଙ୍କ ସହ କୃତୀ ପ୍ରତିଯୋଗୀମାନେ ।



ଆଚରଣ ଶୁଦ୍ଧ ନ ହେଲେ ମୋକ୍ଷ ମିଳିବା ଅସମ୍ଭବ।
-ସ୍ୱାମୀ ଦୟାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ଏନ୍ଏମ୍ଏମ୍ଏସ୍, ଏନ୍ଟିଏସ୍ ପରୀକ୍ଷା

ଜୟପୁର,୩।୧୧(ଡି.ଏନ୍.ଏ.):କୋରାପୁଟ ଜିଲା ଜୟପୁରଠାରେ ରବିବାର ଅଷ୍ଟମ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ପାଇଁ ଏନ୍ଏମ୍ଏମ୍ଏସ୍ ଏବଂ ଦଶମ ଶ୍ରେଣୀ ପାଇଁ ଏନ୍ଟିଏସ୍ ପରୀକ୍ଷା ଅନୁଷ୍ଠିତ ହୋଇଛି। ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ ସ୍ଥିତ ଏନ୍ଏମ୍ଏମ୍ଏସ୍ ପରୀକ୍ଷା କେନ୍ଦ୍ରରେ ୨୯୯ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୨୫୪ ଜଣ ଏବଂ ସରକାରୀ ଉଚ୍ଚ ବିଦ୍ୟାଳୟ ଏନ୍ଟିଏସ୍ ପରୀକ୍ଷା କେନ୍ଦ୍ରରେ ୨୦୧ ଜଣଙ୍କ ମଧ୍ୟରୁ ୧୮୩ ଜଣ ଛାତ୍ରୀଛାତ୍ର ଉପସ୍ଥିତ ରହି ଦୁଇଟି ପର୍ଯ୍ୟାୟରେ ପରୀକ୍ଷା ଦେଇଥିଲେ। ଏଥିରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ମାସକୁ ୫ଶହ ଟଙ୍କା ବୃତ୍ତି ପ୍ରଦାନ କରାଯିବ। ଉଭୟ ବିଦ୍ୟାଳୟର ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱରେ ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଳା ମୁନି, ପ୍ରଧାନଶିକ୍ଷକ ସୁରେନ୍ଦ୍ର ପଟ୍ଟନାୟକ, ପର୍ଯ୍ୟବେକ୍ଷକ ଭାବେ ଜିଲା ଶିକ୍ଷା ପ୍ରତିଷ୍ଠାନର ଅଧକ୍ଷ ନୀଳାଞ୍ଚଳ ପ୍ରଧାନ, ପ୍ରଶିକ୍ଷକ ରୂପଚାନ୍ଦ ସୋରେନ ରହିଥିଲେ।

### ମା' ଘର ବୈଠକ



ଜୟପୁର,୩।୧୧(ନି.ପ୍ର.): ମା'ଘର ସାମାଜିକ ସଂଗଠନ ତରଫରୁ ଜୟପୁର ସ୍ଥିତ ପଞ୍ଚାନନ ମନ୍ଦିର ମଣ୍ଡପରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଉକ୍ତ ବୈଠକରେ କୋରାପୁଟ ମା' ଘର ଜିଲା ସଭାନେତ୍ରୀ ପ୍ରଭାତୀ ରାଉତ, ଉପସଭାପତି ଭାରତୀ ମିଶ୍ର, ସମ୍ପାଦିକା ସୂର୍ଯ୍ୟମିତା ସ୍ୱାଇଁ, କୋଷାଧକ୍ଷ ରୀନା ନାୟକ, ଜିଲା ସଂଯୋଜକ ପ୍ରଭାକର ହନ୍ତାଳ, ଉପଦେଷ୍ଟା ଦଶରଥ ମାଳି ଚୟନ କ୍ରମେ ଜୟପୁର ମା ଘର ପାଇ ସଭାପତି ବିଷ୍ଣୁ ପ୍ରିୟା ସାହୁ, ଉପସଭାପତି ଭାବେ ସ୍ମିତା ପାଳ, ସାଧାରଣ ସମ୍ପାଦକ ଭାବେ ଶର୍ମିଷ୍ଠା ଦାସ, ସମ୍ପାଦିକା ଭାବେ ପ୍ରେମଲତା ଖେମୁଣ୍ଡୁ, କୋଷାଧକ୍ଷ ଭାବେ ଅହଲ୍ୟା ବିଷୋୟୀ, ଏ. ଦୁର୍ଗା ପ୍ରସାଦଙ୍କୁ ସଂଯୋଜକ ଏବଂ ବରିଷ୍ଠ ଆଇନଜୀବୀ ସଶାନନ୍ଦ ମିଶ୍ରଙ୍କୁ ଆଇନ ପରାମର୍ଶଦାତା ଭାବେ ଚୟନ କରାଯାଇଛି।

### ଶ୍ମଶାନ ସଫେଇ କଲେ ସ୍ୱେଚ୍ଛାସେବୀ ଅନୁଷ୍ଠାନ



ଜୟପୁର,୩।୧୧(ନି.ପ୍ର.): ଜୟପୁର ଜୟନଗରସ୍ଥିତ ଭୁତନାଥ ମନ୍ଦିର ନିକଟରେ ଥିବା ଶ୍ମଶାନକୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସଫେଇ କରିଛନ୍ତି। ଅନୁଷ୍ଠାନ ସଦସ୍ୟ ମହିଳା ପୁରୁଷମାନେ ସକାଳ ୭ଟାରୁ ଦିନ ତମାମ ସଫାସଫି କରିଛନ୍ତି। ଆସନ୍ତାକାଲି ମଧ ସଫେଇ କରାଯିବ ବୋଲି ଅନୁଷ୍ଠାନ ତରଫରୁ ସୂଚନା ଦିଆଯାଇଛି। ଅନୁଷ୍ଠାନ ପକ୍ଷରୁ ଅଳିଆ ଆବର୍ଜନା ସଫେଇ, ବୋର୍ଡ କଲର କରାଯାଇଛି। ଏହି କାର୍ଯ୍ୟକ୍ରମରେ ପଦ୍ମିନୀ ପାତ୍ର, ନମିତା ପାତ୍ର, ଟ୍ୱିଙ୍କଲ ମିଶ୍ର, ଆଲୋକ କୁମାର ଅନୁଗୁଳିଆ, କାଳି ଚରଣ ଦେବ ଶର୍ମା, ସୁବାସ ସାହୁ, ଧର୍ମେନ୍ଦ୍ର ଅଧିକାରୀ, ଜୟନ୍ତୀ ପଟ୍ଟନାୟକ ସାମିଲ ହୋଇଥିଲେ।



କାର୍ନିଭାଲ ଶୋଭାଯାତ୍ରାରେ ଆଦିବାସୀ ନୃତ୍ୟବାଦ୍ୟର ଝଲକ।



ଶୋଭାଯାତ୍ରାରେ ଜଳବିଭାଜିକା ମିଶନର ପ୍ରଜ୍ଞାପନ ମେଢ଼।

# ପରବ ଉପଲକ୍ଷେ କାର୍ନିଭାଲ-୨୦୧୯

■ ପ୍ରତିଯୋଗିତା ସାଙ୍ଗକୁ ଜମିଲା ସାଂସ୍କୃତିକ କାର୍ଯ୍ୟକ୍ରମ

କୋରାପୁଟ,୩।୧୧(ସ୍ୱ.ପ୍ର.)

କୋରାପୁଟରେ ଚାଲିଥିବା ରାଜ୍ୟସ୍ତରୀୟ ପରବ ଉପଲକ୍ଷେ ରବିବାର ଜିଲା ପ୍ରଶାସନ ପକ୍ଷରୁ କାର୍ନିଭାଲ-୨୦୧୯ (ଆନନ୍ଦ ମହୋତ୍ସବ) ଅନୁଷ୍ଠିତ ହୋଇଛି। ଅପରାହ୍ନରେ ଜିଲା ଜଳ ବିଭାଜିକା ମିଶନ ପ୍ରକଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରୁ ଆଦିବାସୀ ନୃତ୍ୟବାଦ୍ୟ ସହ ବିଶାଳ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ଏଥିରେ ଜିଲାର ବିଭିନ୍ନ ସ୍ଥାନରୁ ଆସିଥିବା ସାଂସ୍କୃତିକ ନୃତ୍ୟଦଳ, ବିଭିନ୍ନ ସଂଗଠନ ଓ ବିଭିନ୍ନ ବିଭାଗର ପ୍ରଜ୍ଞାପନ ମେଢ଼ ସାମିଲ ହୋଇଥିଲା। ସହର ପରିକ୍ରମା ପରେ ହାଇସ୍କୁଲ ପଡ଼ିଆରେ ଶେଷ ହୋଇଥିଲା ଶୋଭାଯାତ୍ରା। ସେଠାରେ ଉଦ୍ୟାନ ବିଭାଗ ପକ୍ଷରୁ ପୁଷ୍ପ ପ୍ରଦର୍ଶନୀ, ଜିଲା ଜଳ ବିଭାଜିକା ଓ କଫି ଉନ୍ନୟନ ବିଭାଗ ପକ୍ଷରୁ କଫି ପ୍ରଦର୍ଶନୀ, ଝୋଟି, ମେହେନ୍ଦି, ଶୋଭା ଅନୁଷ୍ଠାନ ଦ୍ୱାରା ପପେଟ ସୋ, ଦଉଡ଼ା ଟଣା ପ୍ରତିଯୋଗିତା, ମ୍ୟୁଜିକାଲ ଚେୟାର, କୋରାପୁଟ ଜିମ୍ନାସିୟମ ପକ୍ଷରୁ ବଡି ବିଲ୍ଡିଂ, ଛାତ୍ରୀଙ୍କ ଦ୍ୱାରା ନୃତ୍ୟ ଓ ଆଦିବାସୀ ନୃତ୍ୟ ପ୍ରଦର୍ଶିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲାପାଳ ମଧୁସୂଦନ ମିଶ୍ର, ଅତିରିକ୍ତ ଜିଲାପାଳ ଦେବେନ ପ୍ରଧାନ, ପୂର୍ବତନ ଏମ୍ପି ଝିନ ହିକ୍କା, କୋରାପୁଟ ବିଧାୟକ ତଥା ଜିଲା ଯୋଜନା କମିଟି ଅଧକ୍ଷ ରଘୁରାମ ପଡାଲ, ଜିଲା ପରିଷଦ ଅଧକ୍ଷା ତୁଳସୀ କିର୍ସାନି, ପଟ୍ଟାଙ୍ଗୀ ବିଧାୟକ ପ୍ରୀତମ ପାଢ଼ୀ, ସୂଚନା ଓ ଲୋକ ସଂପର୍କ ଅଧିକାରୀ ଜଗନ୍ନାଥ ପ୍ରସାଦ ରାୟଗୁରୁ, ଜିଲା ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଭବାନି ଶଙ୍କର କାଲୋ, ଜିଲା ସଂସ୍କୃତି ଅଧିକାରୀ ଅକ୍ଷୟ ସେଠୀ ଉପସ୍ଥିତ ଥିଲେ। ଶାନ୍ତି ଶୃଙ୍ଖଳା ପାଇଁ କୋରାପୁଟ ଏଏସ୍ପି ଉତ୍କଳ ରଞ୍ଜନ ଦାଶଙ୍କ ତତ୍ତ୍ୱାବଧାନରେ ବହୁ ପୋଲିସ ନିୟୋଜିତ ହୋଇଥିଲେ। ଟାଉନ ଅଧିକାରୀ ପୀତବାସ ଧାରୁଆଙ୍କ ନେତୃତ୍ୱରେ ସହରର ଟ୍ରାଫିକ ନିୟନ୍ତ୍ରଣ କରାଯାଇଥିଲା।

# ୧୧ ଶ୍ରମିକ ଉଦ୍ଧାର, ଦଲାଲ ଗିରଫ

■ରାଇଘରରୁ ଚାଲାଣ ହେଉଥିଲେ ବିଶାଖାପାଟଣା

କୋରାପୁଟ,୩।୧୧(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ରାଇଘରରୁ ବିଶାଖାପାଟଣା ଯାଉଥିବା ଏକ ବସ୍‌ରୁ ୬ ଜଣ ନାବାଳକ ଓ ୫ଜଣ ଯୁବକ ଏହିପରି ମୋଟ ୧୧ ଜଣ ଶ୍ରମିକଙ୍କୁ କୋରାପୁଟ ଟାଉନ ପୋଲିସ ଉଦ୍ଧାର କରିଛି। ଏଥିରେ ସଂପୃକ୍ତ ଦଲାଲଙ୍କୁ ମଧ ଗିରଫ କରାଯାଇଥିବା ଟାଉନ ଥାନା ଅଧିକାରୀ ପୀତବାସ ଧାରୁଆ କହିଛନ୍ତି। ସୂଚନା ଅନୁଯାୟୀ, ଶନିବାର ବିଳମ୍ବିତ ରାତିରେ କୌଣସି ସୂତ୍ରରୁ ଖବର ପାଇ ଟାଉନ ଥାନା ଏକ ବସ୍‌ରୁ ୧୧ ଜଣ ଶ୍ରମିକଙ୍କୁ ଉଦ୍ଧାର କରିଥିଲା। ସେମାନଙ୍କୁ ଚାଲାଣ କରୁଥିବା ରାଇଘର ଅଞ୍ଚଳର ଦିନେଶ ଗଣ୍ଡାଙ୍କୁ ପୋଲିସ ଗିରଫ କରିଥିଲା। ଏନେଇ କୋରାପୁଟ ଟାଉନ ଥାନାରେ କେସ୍ ନଂ ୨୭୮/୨୦୧୯ରେ ଏକ ମାମଲା ରୁଜୁ ହୋଇ ଘଟଣାର ତଦନ୍ତ ଚାଲିଛି। ଉଲ୍ଲେଖଯୋଗ୍ୟ, ଦୁଇ ଦିନ ତଳେ ଏକ ବସ୍‌ରୁ ରାଇଘର ଅଞ୍ଚଳର ୧୭ ଜଣ ଯୁବତୀଙ୍କୁ ଦାଦନ ଖଟାଇବା ପାଇଁ ନିଆଯାଉଥିବାବେଳେ ଜୟପୁରଠାରେ ପୋଲିସ ସେମାନଙ୍କୁ ଉଦ୍ଧାର କରିଥିଲା।

# ସରିପାରୁନି ଆବାସ, ପିଲାଛୁଆ ଧରି ଶ୍ୱଶୁରଘରେ ମୁଣ୍ଡ ଗୁଞ୍ଜିଛନ୍ତି ହିତାଧିକାରୀ



ଅଧାରେ ପଡିରହିଥିବା ଆବାସ ଘର ଆଗରେ ସନମତୀ ମୁଦୁଲି।

ଦଶମନ୍ତପୁର,୩।୧୧(ଡି.ଏନ୍.ଏ.)

ଦଶମନ୍ତପୁର ବ୍ଲକ ପରଜା ବେଡ଼ାପଦର ପଞ୍ଚାୟତ ସେମ୍ଫି ଗ୍ରାମର ବାସିନ୍ଦା ହେଉଛନ୍ତି ଶରତ ମୁଦୁଲି। ବର୍ଷକ ତଳେ ତାଙ୍କ ସ୍ତ୍ରୀ ସନମତୀ ମୁଦୁଲିଙ୍କ ନାମରେ ଆବାସ ଗୃହ ମିଳିଥିଲା। କିନ୍ତୁ ଏଯାବତ୍ ତାହା କେବଳ ଫାଉଣ୍ଡେଶନରେ ହିଁ ଅଟକି ରହିଛି। ପାଖରେ ସମ୍ବଳ ନ ଥିବାରୁ 'ଗୃହ ନିର୍ମାଣ କରିଦେବି' ବୋଲି କହି ଜଣେ ଠିକାଦାର ସନମତୀଙ୍କ ଘରକୁ ଠିକା ନେଇଥିଲେ। କିନ୍ତୁ ଏଯାବତ୍ ଗୃହ ଶେଷ ହେବାର ନାଁ ନେଉନାହିଁ। ଶରତ ସ୍ତ୍ରୀ ଓ ୨ ପୁଅଙ୍କୁ ନେଇ ଏବେ ଶ୍ୱଶୁର ଘରେ ରହୁଛନ୍ତି। ପଞ୍ଚାୟତରୁ ବ୍ଲକ ପ୍ରଶାସନ ଯାଏ ବୁଲି ବୁଲି ନୟାନ୍ତ ହେବା ସତ୍ତ୍ୱେ କିଛି ଫଳ ମିଳୁ ନ ଥିବା ସନମତୀ କହିଛନ୍ତି। ବିଭାଗୀୟ ଅଧିକାରୀ ଓ କର୍ମଚାରୀ ହିତାଧିକାରୀଙ୍କ ଆବାସ ଘର ନିର୍ମାଣ କାମ ତଦାରଖ କରିବା ପାଇଁ ନିର୍ଦ୍ଦେଶ ଥିଲେ ମଧ ତାହା ପାଳନ କରାଯାଉ ନାହିଁ।

# ଆନ୍ଦୋଳନ ଧମକ ଦେଲେ ଡିପ୍ଲୋମା ଇଞ୍ଜିନିୟର

ଜୟପୁର,୩।୧୧(ନି.ପ୍ର.)





ଡିପ୍ଲୋମା ଇଞ୍ଜିନିୟର ସଂଘର ଜରୁରିକାଳୀନ ବୈଠକ।

ଜୟପୁରରେ ବିଦ୍ୟୁତ ଡିପ୍ଲୋମା ଇଞ୍ଜିନିୟରମାନଙ୍କ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଛି। ସଂଘ ସଭାପତି ଇଂ. ବଳରାମ ପ୍ରସାଦ ବସୁ ମଲ୍ଲିକଙ୍କ ଅଧକ୍ଷତାରେ ହୋଇଥିବା ଏହି ବୈଠକରେ ସଂଘର ସଭ୍ୟ ଓଏଟ୍ପିସି, ଓପିଟିସିଏଲ୍, ସାଉଥ୍କୋ ୟୁଟିଲିଟିରେ କାର୍ଯ୍ୟରତ ଜୟପୁର, ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା ଡିଭିଜନର ସମସ୍ତ ଡିପ୍ଲୋମା ଇଞ୍ଜିନିୟର ଉପସ୍ଥିତ ଥିଲେ। ଜୟପୁର ବିଦ୍ୟୁତ ସର୍କଲ ସଂଘର ସହକାରୀ ସାଧାରଣ ସମ୍ପାଦକ ଇଂ. ଦିବାକର ସାହୁ ସ୍ୱାଗତ ଭାଷଣ ଦେଇ କହିଥିଲେ, ଡିପ୍ଲୋମା ଇଞ୍ଜିନିୟରଙ୍କ ସମସ୍ୟା ସମାଧାନ ଦିଗରେ ଓପିଟିସିଏଲ୍ ଓ ସାଉଥ୍କୋ ବୈମାତୃକ ମନୋଭାବ ଦେଖାଉଛନ୍ତି। ଏହି ପରିପ୍ରେକ୍ଷୀରେ ଉପସ୍ଥିତ ସଭ୍ୟମାନେ ଆନ୍ଦୋଳନ କରିବାକୁ ପ୍ରସ୍ତାବ ଦେଇଥିଲେ। ସଂଘର ୧୮ତମ କାର୍ଯ୍ୟକାରୀ କମିଟିର ନିଷ୍ପତ୍ତିକ୍ରମେ ପ୍ରତି ୫ ବର୍ଷ ପୂରଣ କରିଥିବା କନିଷ୍ଠ ଯନ୍ତ୍ରୀଙ୍କୁ ସହକାରୀ ଯନ୍ତ୍ରୀକୁ ପଦୋନ୍ନତି, ଡିପ୍ଲୋମା ଇଞ୍ଜିନିୟରଙ୍କୁ ଇ-୫ରୁ ଇ-୬କୁ ପଦୋନ୍ନତି, ୧୯୯୧ ଜୁଲାଇ ୬ ତାରିଖ ସହଚୁକ୍ତି ଅନୁଯାୟୀ ଘରଭଡ଼ା ୧୮/୨୦ ପ୍ରତିଶତ ଏବଂ ଚିକିତ୍ସା ଭତ୍ତା ୫ ପ୍ରତିଶତ ଦେବା, ଆବଶ୍ୟକ କର୍ମଚାରୀ ନିଯୁକ୍ତି, ଦୈନନ୍ଦିନ କାର୍ଯ୍ୟ ତଦାରଖ ପାଇଁ ଆବଶ୍ୟକ ଉପକରଣ ଦେବା ଭଳି ଦାବି ରହିଛି। କିନ୍ତୁ ସରକାର ଜାଣିଶୁଣି ଏହାକୁ ଟାଳୁଛନ୍ତି। ୧୫ ତାରିଖ ସୁଦ୍ଧା ସରକାର ଏବଂ ଓପିଟିସିଏଲ କର୍ତ୍ତୃପକ୍ଷ ପଦକ୍ଷେପ ନ ନେଲେ କାର୍ଯ୍ୟରତ ସମସ୍ତ ଡିପ୍ଲୋମା ଇଞ୍ଜିନିୟର ଧର୍ମଘଟକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ତରୁଣ ପ୍ରଜ୍ଞା ଭାରତୀ ପକ୍ଷରୁ ପ୍ରତିଯୋଗିତା

ଜୟପୁର,୩।୧୧(ନି.ପ୍ର./ଡି.ଏନ୍.ଏ.)

ଜୟପୁର ମଡର୍ନ ଇଂରାଜୀ ବିଦ୍ୟାଳୟରେ ତରୁଣ ପ୍ରଜ୍ଞା ଭାରତୀ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଭାରତୀୟ ସଂସ୍କୃତି ଉପରେ ଆଧାରିତ ଶଙ୍ଖବାଦନ, ହୁଳହୁଳି, ଯୋଗାସନ, ଭାଷଣ, ସମସ୍ୟା ପ୍ରବନ୍ଧ, ପୁରାଣ ପ୍ରବନ୍ଧ, ଇତିହାସ ପ୍ରବନ୍ଧ, ଗୀତା ପ୍ରବନ୍ଧ ଭଳି ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଛି। ଏଥିରେ ବିଭିନ୍ନ ବିଦ୍ୟାଳୟର ୧୨୦ରୁ ଅଧିକ ଛାତ୍ରୀଛାତ୍ର ଭାଗ ନେଇଥିଲେ। ବିଚାରକ ଭାବେ ସୁରେଶ ଦାସ, ଯୁଗଳ କିଶୋର ମିଶ୍ର, ଆର୍ଯ୍ୟରାଜ ଗୋପାଳ, ଅଶୋକ ପାଢ଼ୀ, ବାବୁଭାଇ ବଜରଙ୍ଗୀ, ନିରଞ୍ଜନ ପାଣିଗ୍ରାହୀ, କୁନି ମହାନ୍ତି, ଭାବ ଚନ୍ଦ୍ରିକା ଦେବୀ, ତପସ୍ୱିନୀ ସାହୁ, ପୁଷ୍ପାଞ୍ଜଳି ସାହୁ, ସୁବର୍ଣ୍ଣ କୁମାରୀ ଖିଲ ଯୋଗ ଦେଇଥିଲେ। ଗଙ୍ଗାଧର ନନ୍ଦ, ଯଜ୍ଞେଶ୍ୱର ପଣ୍ଡା, ଅଶୋକ ମହାରଣା, ନିରଞ୍ଜନ ପାଣିଗ୍ରାହୀ, ଅଶୋକ ପଲେଇ, ଦିଲୀପ ମଣ୍ଡଳ, ସଚ୍ଚିଦାନନ୍ଦ ମହାପାତ୍ର, ବାସୁଦେବ ମହାପାତ୍ର, ରବିନ ପଣ୍ଡା, କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୧୭ରେ ହେବାକୁ ଥିବା ବାର୍ଷିକ ଉତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ।

# ଶିଶୁଭାରତୀ ଅଧିକାରୀ କର୍ମଶାଳା



ଶାରଦାବିହାର କର୍ମଶାଳାରେ ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ରମାନେ।

ଜୟପୁର,୩।୧୧(ଡି.ଏନ୍.ଏ.)

ଜୟପୁର ଶାରଦା ବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ କୋରାପୁଟ ବିଭାଗସ୍ତରୀୟ ଶିଶୁ ଭାରତୀ ଅଧିକାରୀ କର୍ମଶାଳା ସମାରୋହ ରବିବାର ଉଦ୍‌ଯାପିତ ହୋଇଛି। ଏଥିରେ ମୁଖ୍ୟବକ୍ତା ଭାବେ ମହିଳା ମହାବିଦ୍ୟାଳୟର ଅଧ୍ୟାପକ ମନୋରଞ୍ଜନ ପ୍ରଧାନ କହିଥିଲେ, ଦେଶର ପ୍ରଗତିରେ ଶିଶୁ ଭାରତୀ ଅଧିକାରୀଙ୍କ ଅବଦାନ ଅତୁଳନୀୟ। ଗତ ଶନିବାର ସନ୍ଧ୍ୟାରେ ଏହି ଦୁଇଦିନିଆ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଏଥିରେ ବିଭାଗର ୯ଟି ସଙ୍କୁଳ ଅଧୀନ ୩୩ଟି ବିଦ୍ୟାମନ୍ଦିରର ୧୮୩ ଜଣ ଶିଶୁଭାରତୀ ଅଧିକାରୀ ଉପସ୍ଥିତ ଥିଲେ। ଶୁଭାରମ୍ଭ କାର୍ଯ୍ୟକ୍ରମରେ ବିଦ୍ୟାମନ୍ଦିର କର୍ମକର୍ତ୍ତା ଗାୟତ୍ରୀ ବାହିନୀପତି, ବିଭାଗ ପ୍ରମୁଖ ସୁବ୍ରତ ପଟ୍ଟନାୟକ, ସଙ୍କୁଳ ପ୍ରମୁଖ ଜନାର୍ଦ୍ଦନ ପଣ୍ଡା, ପରିଚାଳନା ସମିତି କର୍ମକର୍ତ୍ତା ପଙ୍କଜ ପାତ୍ର, ପରମେଶ୍ୱର ପାତ୍ର ଉପସ୍ଥିତ ଥିଲେ। ପ୍ରଧାନ ଆଚାର୍ଯ୍ୟ ପ୍ରସନ୍ନ ବସ୍ତିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ନାଲ୍କୋରେ ଦୁର୍ନୀତି ନିବାରଣ ସପ୍ତାହ

ଦାମନଯୋଡ଼ି,୩।୧୧(ଡି.ଏନ୍.ଏ.)





ଦୁର୍ନୀତି ନିବାରଣ ସପ୍ତାହ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ନାଲ୍କୋ ଖଣି ଓ ପରିଶୋଧନ ପ୍ରକଳ୍ପ ପକ୍ଷରୁ ଦୁର୍ନୀତି ନିବାରଣ ସପ୍ତାହ ପାଳିତ ହୋଇଛି। ଏହି ଅବସରରେ ଦାମନଯୋଡ଼ି, କୋରାପୁଟ ଓ ସେମିଳିଗୁଡ଼ାର ବିଭିନ୍ନ ସ୍କୁଲ, କଲେଜ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପୋଷ୍ଟର, ବକ୍ତୃତା ପ୍ରତିଯୋଗିତା, ସାଇକେଲ୍ ରାଲି, ଲୋକଙ୍କ ଭିତରେ ଗଣଦୌଡ଼, ନାଲ୍କୋ କର୍ମଚାରୀଙ୍କ ମଧ୍ୟରେ ସ୍ଲୋଗାନ, କୁଇଜ୍ ପ୍ରତିଯୋଗିତା, ଗୃହିଣୀଙ୍କ ମଧ୍ୟରେ ପୋଷ୍ଟର ପ୍ରତିଯୋଗିତା ହୋଇଥିଲା। ମରିଚମାଳ ଗ୍ରାମବାସୀଙ୍କୁ ଦୁର୍ନୀତି ବିରୋଧରେ ସଚେତନ କରାଯାଇଥିଲା। ଗତ ମଙ୍ଗଳବାର ନାଲ୍କୋର ମାନବ ସମ୍ବଳ ବିକାଶ କେନ୍ଦ୍ର ଅଡିଟୋରିୟମ୍‌ରେ 'ଇମାନଦାରୀ-ଏକ ଜୀବନଶୈଳୀ' ଶୀର୍ଷକ ଆଲୋଚନାଚକ୍ର ହୋଇଥିଲା। ଏସ୍ପି ମୁକେଶ କୁମାର ଭାମୋ ମୁଖ୍ୟ ଅତିଥି, ଦୁର୍ନୀତି ନିବାରଣ ବିଭାଗ ଡିଏସ୍ପି ସୁରେନ୍ଦ୍ରନାଥ ପାଣିଗ୍ରାହୀ ମୁଖ୍ୟବକ୍ତା ଓ ନାଲ୍କୋ ଇଡି ରବିଶଙ୍କର ଦାଶ ଓ ମହାପ୍ରବନ୍ଧକ ସୁଶିଲ ପାଢ଼ୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ନାଲ୍କୋ ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡିଜିଏମ୍ ସଦାଶିବ ପତିଙ୍କ ତତ୍ତ୍ୱାବଧାନରେ ବରିଷ୍ଠ ପ୍ରବନ୍ଧକ ସୁଶାନ୍ତ କର ମଞ୍ଚ ସଂଯୋଜନା କରିଥିଲେ। ପ୍ରବନ୍ଧକ ସନ୍ତୋଷ ସାହୁ, ପ୍ରମୋଦ ତ୍ରିପାଠୀ, ବିକ୍ରମ ହୋତା ପରିଚାଳନାରେ ସହାୟତା କରିଥିଲେ।

## ପୋଖରୀରେ ବୁଡ଼ିଗଲେ ବୃଦ୍ଧ

ବନ୍ଧୁଗାଁ, ୩।୧୧(ସ୍ୱ.ପ୍ର.)

ସିଂଲା ଥାନା ଅନ୍ତର୍ଗତ ଲଙ୍ଗଳେଶ୍ୱର ଗ୍ରାମନିବାସୀ ମାଗୁଣି ପଙ୍ଗାୟତ(୮୫) ପୋଖରୀରେ ବୁଡିଯାଇ ମୃତ୍ୟୁବରଣ କରିଛନ୍ତି। ମାଗୁଣି କୌଣସି କାମରେ ଶନିବାର ସନ୍ଧ୍ୟାରେ ପୋଖରୀକୁ ଯାଇ ଗଭୀର ପାଣି ଭିତରକୁ ଖସିଯାଇଥିଲେ। ରବିବାର ସକାଳେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ପୋଲିସକୁ ଜଣାଇଥିଲେ। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ଇଗ୍ନୋର ଅଧିଗ୍ରହଣ ଉତ୍ସବ





ଅଧିଗ୍ରହଣ ସଭାରେ ମଞ୍ଚାସୀନ ଅତିଥିମାନେ।

କୋରାପୁଟ,୩।୧୧(ସ୍ୱ.ପ୍ର.)

କୋଟ୍ସ ସଭାଗୃହରେ ରବିବାର ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ)ରେ ୨୦୧୯ ପାଇଁ ନୂତନ ଛାତ୍ରୀଛାତ୍ରଙ୍କ ଅଧିଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଛି। କୋଟ୍ସ ନିର୍ଦ୍ଦେଶକ ଡ. ଜଗବନ୍ଧୁ ସାମଲଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଦେବେନ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଇଗ୍ନୋ ପାଠ୍ୟକ୍ରମକୁ ସମୟ ଉପଯୋଗୀ ଶିକ୍ଷା ବ୍ୟବସ୍ଥା ବୋଲି ମତବ୍ୟକ୍ତ କରିଥିଲେ। ଇଗ୍ନୋ ଆଞ୍ଚଳିକ କେନ୍ଦ୍ରର ଉପନିର୍ଦ୍ଦେଶକ ଡ. ଲତିକା ମିଶ୍ର ମୁଖ୍ୟବକ୍ତା, ଡ. ରବି ନାରାୟଣ ପାତ୍ର, ପୂର୍ବତନ ଜିଲାପାଳ ଗଦାଧର ପରିଡ଼ା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଇଗ୍ନୋ ସଂଯୋଜକ ଗୋପୀନାଥ ପ୍ରଧାନ କେନ୍ଦ୍ର ବିବରଣୀ ପାଠ କରିଥିଲେ।

# ଜୟପୁରରେ ବ୍ଲକସ୍ତରୀୟ ପରବ

ଜୟପୁର,୩।୧୧(ନି.ପ୍ର./ଡି.ଏନ୍.ଏ.)

ଜୟପୁର ବ୍ଲକରେ ରବିବାର ବ୍ଲକସ୍ତରୀୟ ପରବ ଅନୁଷ୍ଠିତ ହୋଇଛି। ମା' ଝାଙ୍କଡ଼ଦେଇ ମନ୍ଦିରରୁ ପୂଜାର୍ଚ୍ଚନା ପରେ ମଶାଲ ଶୋଭାଯାତ୍ରା ବାହାରି ବ୍ଲକ ପରିସରରେ ପହଞ୍ଚିଥିଲା। ବିଡିଓ ସୁରଜ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ବାହିନୀପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି, ସଂସ୍କୃତି ଓ ପରମ୍ପରା ସହ ଭାଷାକୁ ମଧ ବଞ୍ଚାଇ ରଖିଛି ପରବ। ଆଦିବାସୀ ସଂସ୍କୃତି ଓ ବିଭିନ୍ନ କ୍ଷେତ୍ରରେ ଲୁକ୍କାୟିତ ପ୍ରତିଭା ଲୋକଲୋଚନକୁ ଆଣିବା ଓ ତାହାକୁ ଉଜ୍ଜୀବିତ ରଖିବା ଦିଗରେ ପରବ ଏକ ଆନ୍ଦୋଳନ ପାଲଟିଛି। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷ ସୁକାନ୍ତି ବାଗଦେରିଆ, ଉପାଧକ୍ଷ ଈଶ୍ୱର ବାଘ, ଜିଲା ପରିଷଦ ସଭ୍ୟ ମନଧର ଗାଦବା, ବିନ୍ଦୁରାଣୀ ମିଶ୍ର, ସମିତି ସଭ୍ୟ ରାଜେନ୍ଦ୍ର ସାହୁ, ସରପଞ୍ଚ ବୈଦ୍ୟନାଥ ନାୟକ, ତ୍ରିନାଥ ମୁଦୁଲି ଉପସ୍ଥିତ ଥିଲେ। ଆଇସିଡିଏସ୍ ଜୟପୁର ପକ୍ଷରୁ ସିଡିପିଓ ପ୍ରଭାତୀ ତ୍ରିପାଠୀ, ରଞ୍ଜିତା ପଟ୍ଟନାୟକ ସହଯୋଗ କରିଥିଲେ। ପରବ ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ, ଅତିଥିଙ୍କ ଦ୍ୱାରା ପୁରସ୍କାର ବିତରଣ ଓ ବିଭିନ୍ନ ବିଭାଗ ପକ୍ଷରୁ ସଚେତନତା ଷ୍ଟଲ ପ୍ରଦର୍ଶିତ ହୋଇଥିଲା। ଏହାପରେ ଅନୁଷ୍ଠିତ ସାଂସ୍କୃତକି କାର୍ଯ୍ୟକ୍ରମରେ ଓଡ଼ିଶୀ, ଢେମସା, ସମ୍ବଲପୁରୀ ନୃତ୍ୟର ପ୍ରତିଯୋଗିତା ହୋଇଥିଲା। ଓଡ଼ିଶୀ ନୃତ୍ୟର ସର୍ବକନିଷ୍ଠ ବର୍ଗରେ ନୃତ୍ୟାଙ୍ଗନା ହଂସିକା ସ୍ୱାଇଁ ଏବଂ ଆଦିବାସୀ ନୃତ୍ୟରେ ଲୋପାମୁଦ୍ରା ଜେନା ପୁରସ୍କୃତ ହୋଇଥିଲେ। ଅନ୍ୟପକ୍ଷରେ ପଦ୍ମଶ୍ରୀ କମଳା ପୂଜାରୀଙ୍କୁ ନିମନ୍ତ୍ରଣ ଦିଆଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। କାର୍ଯ୍ୟକ୍ରମରେ ପରିଚାଳନାଗତ ଅବ୍ୟବସ୍ଥା ମଧ ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ପରବରେ ସ୍ଥାନୀୟ କଳାକାରଙ୍କୁ ଉପେକ୍ଷା କରାଯାଇଥିବା ନେଇ ଖବରଦାତା ସମ୍ମିଳନୀରେ ଯୁବ ସଙ୍ଗଠନ ଆବାହକ ରବୀନ୍ଦ୍ର ମହାପାତ୍ର ଅଭିଯୋଗ କରିଛନ୍ତି।



ପରବ ଶୋଭାଯାତ୍ରାରେ ଲୋକ ନୃତ୍ୟର ଝଲକ।



ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ମଞ୍ଚରେ ପରବ ମଶାଲ ସ୍ଥାପନ କରୁଛନ୍ତି।

## ମନେ ପଡ଼ିଲେନି ପଦ୍ମଶ୍ରୀ କମଳା ପୂଜାରୀ

## OFFICE OF THE DISTRICT MANAGER ODISHA STATE CIVIL SUPPLIES CORPORATION LTD., KHORDHA

### Auction Sale of Mobile VAN

No. CAD-532: Sealed tenders are invited for auction sale of old Mobile Van bearing No. OR/02L/2549 of this organization. The up-set price of said vehicle is fixed to Rs. 1,40,000/- only. The last date of receipt of tender is dt. 15.11.19 upto 5.30 PM. The detail tender documents with terms & conditions of the tender shall be available in the District website i.e. www.khordha.nic.in or can be obtained from DM, OSCSC. Ltd., Khordha.

Sd./- District Manager
OSCSC Ltd., Khordha

07007/11/0003/1920

## OFFICE OF THE DIVISIONAL FOREST OFFICER, PURI WILDLIFE DIVISION

CHAKRATIRTHA ROAD, PURI e-mail- dfopuri@gmail.com
Tele Phone / Fax - 06752-228281
Tender Notice No.5674, Date: 23.10.2019

### TENDER CALL NOTICE

No.MM-85 :- Sealed tenders are invited in two Bid systems from established / reputed / registered / experienced and accredited manufacturers for supply of following item for use in Puri Wildlife Division, Puri.

| Item | Cost of tender paper | EMD to be deposited |
|---|---|---|
| 1 | 2 | 3 |
| HDPE Floating Jetty | Rs.1,000/- | Rs.70,000/- |

Non transferable tender documents for supply of the item stated above will be available and can be available and can be collected in person from the office of the Divisional Forest Officer, Puri Wildlife Division, Chakratirtha Road, Puri, Odisha on payment of tender document cost specified above. The tender document cost which is non-refundable, should be payable in shape of crossed Demand Draft drawn in favour of the "**Divisional Forest Officer, Puri Wildlife Division**" payable at Puri.

1. Tender papers / documents will be available for sale in the O/o the Divisional Forest Officer, Puri Wildlife Division, Chakratirtha Road, Puri, During office hours from the date of publication of Tender Notice.
2. Receiving of Tender Papers will be within 3 P.M. of Dt.08.11.2019
3. Tender opening time 4 P.M. of dt.08.11.2019

Sd./- Divisional Forest Officer
Puri Wildlife Division, Puri

08031/11/0002/1920

## ODISHA TOURISM DEVELOPMENT CORPORATION LIMITED

(A Government of Odisha Undertaking)
Panthanivas (Old Block), Lewis Road, Bhubaneswar – 751014

No. CAD-526

### QUOTATION CALL NOTICE

Sealed quotations are invited separately for different sections from registered Shopkeepers / Suppliers for supply of Groceries, Vegetables, Non- Veg. Items to the Panthanivases / Restaurants of OTDC inside the State for a period of one year w.e.f.1st day of signing of agreement. The detail information can be had from our website www. panthanivas.com. The last date of submitting quotation is by 2.00 P.M. on 14.11.2019.

Sd./-MANAGING DIRECTOR
37002/11/0013/1920 O.T.D.C. Ltd.


# ଗଣମାଧ୍ୟମରେ ରହିବାକୁ ଭାଜପାର ପ୍ରୟାସ: ବିଜେଡି

**ଭୁବନେଶ୍ୱର,୩।୧୧(ବ୍ୟୁରୋ)**

ସ୍ମିତାରାଣୀ ବିଶ୍ୱାଳଙ୍କ ମୃତ୍ୟୁ ଘଟଣାକୁ ନେଇ ଶାସକ ଦଳକୁ ଭାଜପା ବାରମ୍ବାର ଟାର୍ଗେଟ କରିଚାଲିଛି। ଅନ୍ୟପଟେ ଭାଜପା ଅଭିଯୋଗ ଉପରେ ବିଜେଡି କଡା ପ୍ରତିକ୍ରିୟା ପ୍ରକାଶ କରିଛି। ବିଜେଡି ମୁଖପାତ୍ର ସୁଲତା ଦେଓ କହିଛନ୍ତି, ପୀଡିତା ପରିବାରକୁ ନ୍ୟାୟ ଦେବା ନାଁରେ ଭାଜପା ପ୍ରତିଦିନ ଖବରଦାତା ସମ୍ମିଳନୀ ଜରିଆରେ ଫାର୍ସ କରୁଛି। ଏହାଦ୍ୱାରା ଦଳ ମାମଲାର ତଦନ୍ତକୁ ଅଧିକ ବାଟବଣା କରିବାକୁ ଚେଷ୍ଟା କରୁଛି। ଭାଜପା ନେତ୍ରୀ ପ୍ରଭାତୀ ପରିଡାଙ୍କ ପ୍ରତିକ୍ରିୟାର ଜବାବରେ ସୁଲତା ଦେଓ କହିଛନ୍ତି ଯେ, ପ୍ରତିଦିନ ଏଣୁ ତେଣୁ କହିବା ଅପେକ୍ଷା ଯଦି ଦଳ ନିକଟରେ କିଛି ତଥ୍ୟ ଅଛି ତାହା ପୁଲିସ୍ କିମ୍ବା ଅଦାଲତ ନିକଟରେ ଦାଖଲ କରିବା ଉଚିତ। ମାତ୍ର ଦଳ ମିଛର ଆଶ୍ରୟ ନେଇ କେବଳ ମନଗଢା କଥା କହୁଥିବାରୁ ଏଥିରୁ ତାର ହତାଶାଭାବ ସ୍ପଷ୍ଟ ବାରିହୋଇ ପଡୁଛି । ଦଳର କିଛି ହାରୁ ନେତା ଏଭଳି ସମ୍ବେଦନଶୀଳ ଘଟଣାକୁ ନେଇ ହୀନ ରାଜନୀତି କରିବାକୁ ପଛାଉ ନାହାନ୍ତି । ଯାଜପୁର ଘଟଣାରେ ଭାଜପା ମିଛ କହିବାର ସବୁ ସୀମା ଟପିଗଲାଣି। ଯଦି ଗଣମାଧ୍ୟମରେ ରହିବା ପାଇଁ ଭାଜପା ଏଭଳି ମନଗଢା ଓ ଭିତ୍ତିହୀନ ଖବର ଆଧାରରେ ପ୍ରତିଯୋଗିତା କରୁଥାଏ ତେବେ କିଛି ଅସୁବିଧା ନାହିଁ । ଏହି ଘଟଣାରରେ ପୀଡିତା ପରିବାରକୁ ନ୍ୟାୟ ଦେବାପାଇଁ ସରକାର ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି ବୋଲି ସୁଲତା କହିଛନ୍ତି।


idco Your power to grow ISO 9001 & 14001 Corporation | ODISHA NEW OPPORTUNITIES | CAD-530

## OFFICE OF THE CHIEF GENERAL MANAGER (P&C) IDCO, IDCO TOWERS, JANPATH, BHUBANESWAR-751022

Tender Call Notice No. H.O./P&C/EST/E-1243/02/2019/ 18619, Dt:- 31.10.2019

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

1. Name of the Work :- Construction of Internal Road & CD works at Kapileswarpur Industrial Estate, Khorda.
2. Estimated cost :- Rs. 103.07 Lakhs (Approx.).
3. Period of completion :- 03 (Three) Calendar Months.
4. Other details :

| Procurement Officer | Bid/ Tender reference No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar | Tender/ Bid reference No. PC/EST/ E-37/ 2019-20 | 06.11.2019 at 16.00 Hrs. | 22.11.2019 up to 17.00 Hrs. |

Further details can be seen from the e-Procurement Portal: **www.tendersodisha.gov.in** and Corrigendum if any will not be published in newspapers and can only be seen in the e-procurement portal **www.tenderodisha.gov.in** and **www.idco.in**.

Sd./-
Chief General Manager (P&C) I/C,
IDCO, Bhubaneswar

14003/11/0004/1920

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES | CAD-528

## OFFICE OF THE CHIEF GENERAL MANAGER (P&C) IDCO, IDCO TOWERS, JANPATH, BHUBANESWAR-751022

Tender Call Notice No. H.O./P&C/ EST/E-1243/03/2019/ 18562, Dt:- 30.10.2019

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

1. Name of the Work :- Construction of RCC/ SFRC Pre-cast compound wall at Kapileswarpur I.E., Khorda.
2. Estimated cost :- Rs. 87.19 Lakhs (Approx.).
3. Period of completion :- 03 (Three) Calendar Months.
4. Other details :

| Procurement Officer | Bid/ Tender reference No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar | Tender/ Bid reference No. PC/EST/ E-36/ 2019-20 | 05.11.2019 at 16.00 Hrs. | 21.11.2019 up to 17.00 Hrs. |

Further details can be seen from the e-Procurement Portal: **www.tendersodisha.gov.in** and Corrigendum if any will not be published in newspapers and can only be seen in the e-procurement portal **www.tenderodisha.gov.in** and **www.idco.in**.

Sd./-
Chief General Manager (P&C) I/C,
IDCO, Bhubaneswar

14003/11/0002/1920


## ନୋଟିସ

F-61

ଠିକଣା:

Khwaja Rehmat Ali
At : 2RB – 16/3
Unit – VIII
Gopabandhu Nagar,
Bhubaneswar

ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି ଯେ ଆପଣ ବିନା ଛୁଟି ଦରଖାସ୍ତ ଓ ବିନା ଅନୁମତିରେ ସରକାରୀ କାର୍ଯ୍ୟରେ ଗତ ୩୧.୦୭.୨୦୧୯ ଠାରୁ ଅଦ୍ୟାବଧି ଅନୁପସ୍ଥିତ ରହିଅଛନ୍ତି । ଆପଣ ସରକାରୀ କାର୍ଯ୍ୟରେ ଯୋଗ ନଦେଇ କର୍ତ୍ତବ୍ୟରେ ଅବହେଳାପୂର୍ବକ କାର୍ଯ୍ୟ ସ୍ଥଳରେ ନିରବଚ୍ଛିନ ଭାବେ ଅନୁପସ୍ଥିତ ରହିଛନ୍ତି । ଆପଣଙ୍କୁ ବାରମ୍ବାର ନିର୍ଦ୍ଦେଶ ଦେବା ସତ୍ତ୍ୱେ ଆପଣ ସରକାରୀ କାର୍ଯ୍ୟରେ ଯୋଗ ଦେଉନାହାନ୍ତି କିମ୍ବା କୌଣସି ଉତ୍ତର ମଧ ରଖୁନାହାଁନ୍ତି । ଆପଣଙ୍କ ଏତାଦୃଶ ଅନୁପସ୍ଥିତି କାରଣରୁ ସରକାରୀ କାର୍ଯ୍ୟ ପରିଚାଳନାରେ ଗୁରୁତର ବ୍ୟାଘାତ ସୃଷ୍ଟି ହେଉଛି ଏବଂ ଯେଉଁ କାର୍ଯ୍ୟ ନିମନ୍ତେ ଆପଣଙ୍କୁ ନିଯୁକ୍ତି ପ୍ରଦାନ କରଯାଇଥିଲା ତାହାର ଉଦ୍ଦେଶ ସାଧିତ ହେଉନାହିଁ ।

ଏଣୁ ଆପଣଙ୍କୁ ଉକ୍ତ ନୋଟିସ ଜରିଆରେ ଜଣାଇ ଦିଆଯାଉଛି ଯେ ଏହି ସମ୍ବାଦ ପ୍ରକାଶନର ୧୫ (ପନ୍ଦର) ଦିନ ମଧରେ ଆପଣ ନିଜ ଅଫିସ କାର୍ଯ୍ୟରେ ଯୋଗଦାନ କରିବେ ଓ ପରବର୍ତ୍ତୀ ସମୟରେ ଅନୁପସ୍ଥିତିର କାରଣ ଆବଶ୍ୟକୀୟ / ଆନୁସଙ୍ଗିକ ଦସ୍ତାବିଜ ସହ ଉପସ୍ଥାପନ କରିବେ । ଉକ୍ତ ନିର୍ଦ୍ଧାରିତ ସମୟ ମଧରେ କାର୍ଯ୍ୟରେ ଯୋଗ ନଦେଲେ ଆପଣଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

- ସ୍ୱା -
(ବିରଞ୍ଚି ନାରାୟଣ ଦାଶ)
ଅନୁଶାସନ ସଚିବ
ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

24001/11/0261/1920

# ଢେଙ୍କାନାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

## ଘୋଷଣା

No.: II-57

**L.A. No.: ୭୫/୧୮– ଢେଙ୍କାନାଳ–୪୦୯୮/RRCS ତା୨୮।୦୮।୨୦୧୯**

ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ – ୨୦୧୩ (R.F.C.T.L.A.R&R Act - ୨୦୧୩)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା– କରଡ଼ାବଣି, ଥାନା– ଗନ୍ଦିଆ, ତହସିଲ– ଗନ୍ଦିଆ, ଜିଲ୍ଲା– ଢେଙ୍କାନାଳରେ ନିମ୍ନ ତଫସିଲମତେ ପ୍ରାୟ ଏ.୪୬.୬୭୦ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି। ଏହି ଭୂମି ଅଧିଗ୍ରହଣର ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ – ୨୦୧୩ (R.F.C.T.L.A.R.&R Act - ୨୦୧୩)ର ୧୧(୧) ଧାରା ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୫୯୧, ତା୦୬।୦୨।୨୦୧୯ରିଖରେ ପ୍ରକାଶିତ ହୋଇଅଛି। ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା– କରଡ଼ାବଣି, ଥାନା– ଗନ୍ଦିଆ, ତହସିଲ– ଗନ୍ଦିଆ, ଜିଲ୍ଲା– ଢେଙ୍କାନାଳ ନିମନ୍ତେ ବିସ୍ଥାପିତ ପରିବାର ଥିବାରୁ କମିଶନର ପୁନର୍ବାସ ଓ ଥଇଥାନ ଦ୍ୱାରା ଧାରା ୧୭(୧) ଅନୁସାରେ ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନାର ସାରମର୍ମ ଏଥିସହିତ ସଂଲଗ୍ନ କରାଗଲା।

କିମ୍ବା

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, ମୌଜା– କରଡ଼ାବଣି, ଥାନା– ଗନ୍ଦିଆ, ତହସିଲ– ଗନ୍ଦିଆ, ଜିଲ୍ଲା– ଢେଙ୍କାନାଳରେ କୌଣସି ବିସ୍ଥାପିତ ପରିବାର ନଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ ଜିଲ୍ଲା ୱେବ୍‌ସାଇଟ୍‌ରେ ଓ ରାଜ୍ୟ ସରକାରଙ୍କ ୱେବସାଇଟରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ମଣ୍ଡଳ ଅଧିକାରୀ, ଢେଙ୍କାନାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

### ତଫସିଲ – କ

### (ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

**ଜିଲ୍ଲା: ଢେଙ୍କାନାଳ** **ତହସିଲ: ଗନ୍ଦିଆ**

| ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|
| କରଡ଼ାବଣି | ଗ୍ରାମାଞ୍ଚଳ | ସଂଲଗ୍ନ | ସଂଲଗ୍ନ | ୧୦୬.୨୭୦ | ୪୬.୬୭୦ | ସଂଲଗ୍ନ |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

| ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|
| ପ୍ରଯୁଜ୍ୟ ନୁହେଁ | | | | | | |

ଅଧିସୂଚନାର ବୈଧ ତାରିଖ ୧୯।୦୩।୨୦୧୯

ରାଜ୍ୟପାଳଙ୍କ ଆଦେଶକ୍ରମେ
ଜିଲ୍ଲାପାଳ

### ରେଙ୍ଗାଲି ଦକ୍ଷିଣ ପାର୍ଶ୍ୱ କେନାଲ

**ମୌଜା– କରଡ଼ାବଣି, ତହସିଲ– ଗଁଦିଆ, ନମ୍ବର – ୫୦୫, ଥାନା– ଗଁଦିଆ, ନମ୍ବର – ୧୮୩, ଜିଲ୍ଲା– ଢେଙ୍କାନାଳ,**


କେନାଲର ନାମ: (୧) ଦର୍ପଣ ଶାଖା କେନାଲର କ୍ରମିକ ଦୂରତା ୮୮୧୫୧ମି. ଠାରୁ ୯୦୩୪୧ମି. ପର୍ଯ୍ୟନ୍ତ।
(୨) ବାରମାଣ ଡିଷ୍ଟ୍ରିବ୍ୟୁଟାରୀ ଦୂରତା ୦ମି. ଠାରୁ ୧୨୦୧ମି. ପର୍ଯ୍ୟନ୍ତ।

| ଖତିୟାନର କ୍ରମିକ ନମ୍ବର | ପ୍ଲଟ ନମ୍ବର | ମୋଟ ରକବା | ଅର୍ଜିତ ରକବା | ରୟତଙ୍କ ନାମ ଏବଂ ପିତା/ସ୍ୱାମୀଙ୍କ ନାମ |
|---|---|---|---|---|
| ରୟତି ଜମି | | | | |
| ୨ | ୧୪୫୦ | ୧.୬୪୦ | ୦.୦୮୦ | ଅଗଣି ପ୍ରଧାନ, ପି.– ସାଗର ପ୍ରଧାନ |
| ୪ | ୧୬୧୪/୧୮୨୭ | ୦.୩୨୦ | ୦.୨୧୦ | ଅନାଦି ବାରିକ, ପି.– ଚିନ୍ତାମଣି ବାରିକ |
| ୯ | ୫୩୬ | ୦.୩୨୦ | ୦.୩୨୦ | ଆସେଲୀ ସ୍ୱାଇଁ, ପି.– ଦନେଇ ସ୍ୱାଇଁ ଓଗେର |
| ୧୧ | ୧୯୦ | ୦.୫୦୦ | ୦.୫୦୦ | ଉଦ୍ଧବ ଦେହୁରୀ, ପି.– ଚକ୍ର ଦେହୁରୀ ଓଗେର |
| | ୧୯୫ | ୧.୭୨୦ | ୦.୦୨୦ | |
| ୧୪ | ୧୦୧୫ | ୦.୨୧୦ | ୦.୨୧୦ | କପିଳ ଲେଙ୍କା, ପି.– ପରି ଲେଙ୍କା |
| | ୨୯୧ | ୦.୨୧୦ | ୦.୨୧୦ | |
| | ୫୨୪ | ୦.୫୩୦ | ୦.୩୩୦ | |
| | ୧୧୮୦ | ୦୫୫୦ | ୦.୪୦୦ | |
| | ୧୪୪୯ | ୧.୫୫୦ | ୧.୨୨୦ | |
| | ୧୪୬୪ | ୦.୬୨୦ | ୦.୦୫୦ | |
| ୧୬ | ୨୭୨/୧୬୨୭ | ୦.୧୦୦ | ୦.୧୦୦ | କରୁଣାକର ପୃଷ୍ଟି, ପି.– କାହ୍ନୁ ପୃଷ୍ଟି ଓଗେର |
| | ୧୯୨ | ୦.୧୬୦ | ୦.୦୧୦ | |
| | ୨୩୯ | ୦.୧୬୦ | ୦.୦୨୦ | |
| | ୨୪୦ | ୦.୧୮୦ | ୦.୦୬୦ | |
| ୧୯ | ୧୧୫୪ | ୦.୨୩୦ | ୦.୧୭୦ | କରୁଣାକର ପୃଷ୍ଟି, ପି.– କାହ୍ନୁ ପୃଷ୍ଟି ଓଗେର |
| | ୧୧୫୦ | ୦.୫୪୦ | ୦.୩୯୦ | |
| | ୨୬୨ | ୦.୨୨୦ | ୦.୧୬୦ | |
| | ୨୬୬ | ୦.୧୬୦ | ୦.୧୬୦ | |
| ୨୬ | ୧୩୮୯ | ୦.୭୭୦ | ୦.୨୭୦ | କୀର୍ତ୍ତନ ସ୍ୱାଇଁ, ପି.– ଭୋଳି ସ୍ୱାଇଁ ଓଗେର |
| ୨୭ | ୧୧୫୭ | ୦.୬୪୦ | ୦.୪୬୦ | କୀର୍ତ୍ତନ ସ୍ୱାଇଁ, ପି.– ଭୋଳେଶ୍ୱର ସ୍ୱାଇଁ ଓଗେର |
| | ୧୧୫୬ | ୦.୧୫୦ | ୦.୧୫୦ | |
| | ୧୧୫୫ | ୦.୧୬୦ | ୦.୧୬୦ | |
| | ୧୧୫୩ | ୦.୫୨୦ | ୦.୦୮୦ | |
| | ୨୫୦ | ୦.୧୭୦ | ୦.୦୨୦ | |
| | ୨୬୧ | ୦.୪୧୦ | ୦.୪୧୦ | |
| | ୨୬୫ | ୦.୧୯୦ | ୦.୧୯୦ | |
| | ୩୧୨ | ୦.୫୯୦ | ୦.୨୫୦ | |
| | ୧୩୭୦/୧୭୧୭ | ୧.୪୫୦ | ୦.୨୨୦ | |
| ୩୨ | ୨୯୩ | ୦.୨୦୦ | ୦.୧୭୦ | କୃତ୍ତିବାସ ଲେଙ୍କା, ପି.– ଦରି ଲେଙ୍କା |
| | ୪୨୬ | ୦.୩୨୦ | ୦.୩୨୦ | |
| ୩୯ | ୧୮୯ | ୦.୫୩୦ | ୦.୫୩୦ | ଗୁରୁବାରୀ ସାମଲ, ପି.– ଦାସ ସାମଲ ଓଗେର |
| ୪୫ | ୧୪୦୬ | ୧.୩୨୦ | ୦.୪୦୦ | ଗୋପାଳ ଚରଣ ପୃଷ୍ଟି, ପି.– କରୁଣାକର ପୃଷ୍ଟି ଓଗେର |
| ୪୬ | ୫୨୩ | ୦.୩୫୦ | ୦.୧୧୦ | ଗୋପାଳ ଚରଣ ପୃଷ୍ଟି, ପି.– କରୁଣାକର ପୃଷ୍ଟି ଓଗେର |
| | ୫୪୧ | ୦.୧୦୦ | ୦.୦୧୦ | |
| | ୫୪୩ | ୦.୩୪୦ | ୦.୦୩୦ | |
| ୪୭ | ୯୪୦ | ୦.୩୨୦ | ୦.୦୧୦ | ଗୋପାଳ ଚରଣ ପୃଷ୍ଟି, ପି.– କରୁଣାକର ପୃଷ୍ଟି ଓଗେର |
| | ୯୬୬ | ୦.୭୨୦ | ୦.୦୨୦ | |
| | ୨୫୭/୧୮୦୬ | ୦.୧୦୦ | ୦.୧୦୦ | |
| | ୪୧୫ | ୦.୧୧୦ | ୦.୦୨୦ | |
| ୫୦ | ୨୯୪ | ୦.୨୫୦ | ୦.୨୫୦ | ଚକ୍ରଧର ଲେଙ୍କା, ପି.– ଦରି ଲେଙ୍କା |
| ୫୬ | ୨୪୬ | ୨.୩୦୦ | ୦.୨୪୦ | ଚହନି ସାହୁ, ପି.– ମାନ ସାହୁ |
| | ୧୩୯୪ | ୦.୪୧୦ | ୦.୧୬୦ | |
| ୫୮ | ୨୯୨ | ୦.୩୭୦ | ୦.୩୭୦ | ଚୈତନ୍ୟ ଲେଙ୍କା, ପି.– ହରି ଲେଙ୍କା ଓଗେର |
| | ୨୯୫ | ୦.୦୮୦ | ୦.୦୧୦ | |
| | ୫୨୨ | ୦.୩୮୦ | ୦.୧୦୦ | |
| | ୫୪୦ | ୦.୧୨୦ | ୦.୦୭୦ | |
| ୬୧ | ୪୨୨ | ୦.୦୬୦ | ୦.୦୩୦ | ଚୈତନ୍ୟ ଲେଙ୍କା, ପି.– ହରି ଲେଙ୍କା ଓଗେର |
| | ୪୨୪ | ୦.୧୨୦ | ୦.୦୧୦ | |
| | ୫୩୯ | ୦.୧୦୦ | ୦.୧୦୦ | |
| ୬୨ | ୧୪୦୨ | ୦.୨୨୦ | ୦.୦୧୦ | ଚୈତନ୍ୟ ଲେଙ୍କା, ପି.– ହରି ଲେଙ୍କା ଓଗେର |
| ୬୪ | ୧୧୮୮ | ୦.୮୪୦ | ୦.୧୬୦ | ଚୈତନ୍ୟ ସାହୁ, ପି.– ସିନ୍ଧୁ ସାହୁ ଓଗେର |
| | ୧୧୮୯ | ୦.୧୫୦ | ୦.୦୧୦ | |
| ୬୯ | ୨୪୨ | ୦.୧୫୦ | ୦.୧୫୦ | ଯୁଧିଷ୍ଠିର ବେହେରା, ପି.– କାଶି ବେହେରା |
| ୭୦ | ୧୮୬/୧୮୯୬ | ୦.୫୧୦ | ୦.୦୧୦ | ଯୁଧିଷ୍ଠିର ବେହେରା, ପି.– କାଶି ବେହେରା ଓଗେର |
| ୭୪ | ୯୪୨ | ୦.୧୬୦ | ୦.୦୩୦ | ଦାମ ଜଟ, ପି.– ମଧୁ ଜଟ ଓଗେର |
| | ୫୨୫ | ୦.୨୩୦ | ୦.୨୩୦ | |
| | ୫୨୬ | ୦.୧୬୦ | ୦.୧୬୦ | |
| | ୧୩୬୬ | ୧.୨୫୦ | ୦.୨୫୦ | |
| | ୧୩୬୭ | ୧.୦୦୦ | ୦.୩୪୦ | |
| ୭୭ | ୨୬୭ | ୦.୧୦୦ | ୦.୧୦୦ | ଦାଶରଥି ପୃଷ୍ଟି, ପି.– କାହ୍ନୁ ପୃଷ୍ଟି |
| | ୨୭୦ | ୦.୨୧୦ | ୦.୦୨୦ | |
| | ୨୯୯/୧୮୧୫ | ୦.୩୦୦ | ୦.୩୦୦ | |
| | ୯୪୦/୧୮୭୦ | ୦.୨୬୦ | ୦.୦୧୦ | |
| ୭୯ | ୧୮୯/୧୬୯୭ | ୦.୪୦୦ | ୦.୪୦୦ | ଦିବାକର ନାଏକ, ପି.– ଗଣି ନାଏକ |
| ୮୪ | ୧୦୦୮ | ୦.୬୬୦ | ୦.୬୬୦ | ଦୈତାରୀ ବେହେରା, ପି.– କୁଞ୍ଜ ବେହେରା ଓଗେର |
| | ୧୪୧୬ | ୧.୪୨୦ | ୦.୫୨୦ | |
| | ୧୦୧୯/୨୭୧୪ | ୦.୧୦୦ | ୦.୧୦୦ | |
| ୮୯ | ୨୫୭ | ୦.୩୬୦ | ୦.୩୬୦ | ଧରଣୀଧର ପୃଷ୍ଟି, ପି.– କାହ୍ନୁ ପୃଷ୍ଟି |
| | ୨୯୯ | ୦.୨୬୦ | ୦.୧୨୦ | |
| | ୪୧୬ | ୦.୧୪୦ | ୦.୦୧୦ | |
| | ୪୧୭ | ୦.୦୮୦ | ୦.୦୮୦ | |
| ୯୪ | ୧୪୬୨ | ୦.୧୧୦ | ୦.୦୧୦ | ନାଥ ଓଝା, ପି.– କ୍ଷେତ୍ର ଓଝା |
| | ୧୪୬୭/୧୬୭୧ | ୦.୧୬୦ | ୦.୧୬୦ | |
| ୯୫ | ୨୫୮ | ୦.୧୮୦ | ୦.୦୧୦ | ନାଥ ପୃଷ୍ଟି, ପି.– ପୁନି ପୃଷ୍ଟି |
| | ୨୬୯ | ୦.୦୮୦ | ୦.୦୮୦ | |
| | ୪୨୦ | ୦.୪୩୦ | ୦.୩୮୦ | |
| ୯୭ | ୧୪୦୮ | ୦.୮୨୦ | ୦.୪୪୦ | ଶ୍ରୀ ଦଧିବାମନ ଜୀଉ ବିଜେ ନିଜଗାଁ ମାର୍ଫତ, ନାଥ ପୃଷ୍ଟି, ପି.– ପୁନି ପୃଷ୍ଟି ଓଗେର |
| ୧୦୦ | ୪୨୭ | ୦.୫୦୦ | ୦.୦୧୦ | ନାରାୟଣ ଲେଙ୍କା, ପି.– ମଣି ଲେଙ୍କା |
| ୧୦୧ | ୯୪୪ | ୦.୪୫୦ | ୦.୪୫୦ | ନାରାୟଣ ଜଟ, ପି.– ଚନ୍ଦ୍ର ଜଟ |
| | ୯୭୧ | ୦.୩୯୦ | ୦.୦୧୦ | |
| ୧୦୩ | ୧୪୧୫ | ୦.୫୫୦ | ୦.୩୩୦ | ନାରାୟଣ ପୃଷ୍ଟି, ପି.– କାହ୍ନୁ ପୃଷ୍ଟି ଓଗେର |
| ୧୦୫ | ୧୦୦୭ | ୦.୪୦୦ | ୦.୦୯୦ | ନିଧି ସ୍ୱାଇଁ, ପି.– ଗୋବିନ୍ଦ ସ୍ୱାଇଁ ଓଗେର |
| | ୧୦୦୬ | ୦.୨୧୦ | ୦.୦୯୦ | |
| | ୯୪୧ | ୦.୨୬୦ | ୦.୦୫୦ | |
| | ୨୪୮ | ୦.୬୧୦ | ୦.୦୪୦ | |
| | ୧୩୯୧ | ୧.୩୩୦ | ୦.୪୮୦ | |
| ୧୦୮ | ୧୫୭୪ | ୧.୫୩୦ | ୦.୩୩୦ | ନୀଳମଣି ମହାଳିକ, ପି.– ଭଗବାନ ମହାଳିକ ଓଗେର |
| | ୧୫୭୫ | ୦.୨୮୦ | ୦.୧୫୦ | |
| ୧୦୯ | ୨୬୮ | ୦.୧୨୦ | ୦.୧୨୦ | ନୃସିଂହ ଚରଣ ପୃଷ୍ଟି, ପି.– ମଧୁ ପୃଷ୍ଟି ଓଗେର |
| ୧୧୧ | ୯୬୭/୧୭୩୯ | ୦.୩୮୦ | ୦.୩୮୦ | ନୃସିଂହ ଚରଣ ପୃଷ୍ଟି, ପି.– ମଧୁ ପୃଷ୍ଟି ଓଗେର |
| | ୯୬୭ | ୦.୩୯୦ | ୦.୩୪୦ | |
| | ୧୪୧୧ | ୦.୬୭୦ | ୦.୫୭୦ | |
| | ୪୧୯ | ୦.୩୨୦ | ୦.୩୨୦ | |
| ୧୧୭ | ୫୨୭ | ୦.୪୬୦ | ୦.୪୬୦ | ପାଣୁ ସାହୁ, ପି.– ବୁରୁନ୍ଦୁ ସାହୁ ଓଗେର |
| | ୫୩୨ | ୦.୫୦୦ | ୦.୪୬୦ | |
| | ୧୪୦୯ | ୦.୬୫୦ | ୦.୫୦୦ | |
| ୧୧୯ | ୧୦୦୯ | ୦.୧୮୦ | ୦.୦୮୦ | ପାଣୁ ସାହୁ, ପି.– ବୁରୁନ୍ଦୁ ସାହୁ ଓଗେର |
| ୧୨୧ | ୧୧୮୧ | ୦.୯୬୦ | ୦.୭୮୦ | ପ୍ରାଣବନ୍ଧୁ ଲେଙ୍କା, ପି.– କପିଳ ଲେଙ୍କା ଓଗେର |
| ୧୨୫ | ୧୦୧୩ | ୦.୧୦୦ | ୦.୦୩୦ | ବଂଶୀ ବିନ୍ଧାଣୀ, ପି.– ଭଳି ବିନ୍ଧାଣୀ |
| | ୧୦୧୬ | ୦.୪୨୦ | ୦.୦୭୦ | |
| | ୧୪୨୦ | ୧.୦୦୦ | ୦.୪୦୦ | |
| | ୧୪୨୧ | ୦.୧୮୦ | ୦.୧୮୦ | |
| ୧୨୭ | ୧୩୯୫ | ୦.୩୨୦ | ୦.୦୬୦ | ବାଞ୍ଛା ଜଟ, ପି.– ହରି ଜଟ |
| | ୧୩୯୯ | ୦.୩୧୦ | ୦.୨୦୦ | |
| ୧୩୫ | ୧୧୭୮ | ୧.୩୦୦ | ୦.୦୫୦ | ବାବାଜୀ ପାଣ୍ଡବ, ପି.– ପାଣୁ ପାଣ୍ଡବ ଓଗେର |
| | ୧୪୨୨ | ୦.୭୧୦ | ୦.୪୬୦ | |
| ୧୪୪ | ୧୪୪୫/୧୮୬୫ | ୧.୫୭୦ | ୦.୦୧୦ | ବିନୋଦ ବିହାରୀ ଲେଙ୍କା, ପି.– ବ୍ରଜବନ୍ଧୁ ଲେଙ୍କା |
| ୧୫୦ | ୫୮୫ | ୦.୦୬୦ | ୦.୦୬୦ | ବୁଧିମନ୍ତ ମଲ୍ଲିକ, ପି.– ଶ୍ରୀଧର ମଲ୍ଲିକ ଓଗେର |
| ୧୫୧ | ୨୪୭ | ୧.୭୪୦ | ୧.୨୦୦ | ବୁଧିମନ୍ତ ମଲ୍ଲିକ, ପି.– ଶ୍ରୀଧର ମଲ୍ଲିକ ଓଗେର |
| ୧୫୩ | ୫୮୮ | ୨.୧୦୦ | ୦.୪୨୦ | ବୁଧିମନ୍ତ ମଲ୍ଲିକ, ପି.– ଶ୍ରୀଧର ମଲ୍ଲିକ ଓଗେର |
| | ୧୬୧୩ | ୧.୯୦୦ | ୧.୦୦୦ | |
| ୧୬୨ | ୧୦୧୯/୧୬୭୭ | ୦.୧୩୦ | ୦.୧୧୦ | ବୋଧି ପ୍ରଧାନ, ପି.– କାଳୀ ପ୍ରଧାନ |
| | ୧୦୧୭ | ୦.୩୨୦ | ୦.୨୯୦ | |
| ୧୭୦ | ୯୭୦ | ୦.୪୩୦ | ୦.୪୧୦ | ଭାବି ରାଉତ, ସ୍ୱା.– ପୂର୍ଣ୍ଣ ରାଉତ |
| ୧୭୪ | ୨୯୬ | ୦.୨୪୦ | ୦.୧୨୦ | ଭିକାରୀ ଲେଙ୍କା, ପି.– ବାସୁଦେବ ଲେଙ୍କା ଓଗେର |
| | ୪୨୫ | ୦.୨୨୦ | ୦.୨୨୦ | |
| ୧୭୮ | ୧୫୭୧ | ୨.୧୦୦ | ୦.୨୦୦ | ମହନ୍ତ ମହାଳିକ, ପି.– ମାଗୁଣି ମହାଳିକ ଓଗେର |
| | ୧୫୭୨ | ୧.୩୨୦ | ୦.୮୨୦ | |
| | ୧୫୭୩ | ୪.୬୩୦ | ୦.୯୦୦ | |
| ୧୮୦ | ୧୬୧୯/୨୮୨୮ | ୦.୬୨୦ | ୦.୧୦୦ | ମାଗି ମହାଳିକ, ସ୍ୱା.– ନୀଳମଣି ମହାଳିକ |
| ୧୮୨ | ୧୦୧୯ | ୨.୧୦୦ | ୦.୧୮୦ | ମାଟିଆ ମଳିକ, ପି.– ସେନେଇ ମଳିକ ଓଗେର |
| ୧୮୩ | ୧୪୪୭ | ୦.୮୦୦ | ୦.୪୮୦ | ମାଧବ ଲେଙ୍କା, ପି.– ମୁରଲୀ ଲେଙ୍କା ଓଗେର |
| | ୧୪୪୮ | ୦.୨୬୦ | ୦.୨୬୦ | |
| | ୧୪୪୮/୧୮୫୬ | ୦.୧୨୦ | ୦.୦୩୦ | |
| | ୧୪୪୭/୧୮୫୭ | ୦.୯୧୦ | ୦.୦୧୦ | |
| | ୧୪୫୧ | ୦.୨୪୫ | ୦.୧୫୦ | |
| | ୧୪୫୨ | ୦.୫୯୫ | ୦.୫୦୦ | |
| ୧୮୫ | ୪୧୮ | ୦.୩୭୦ | ୦.୩୦୦ | ମାଧବ ଲେଙ୍କା, ପି.– ମୁରଲୀ ଲେଙ୍କା ଓଗେର |
| | ୫୩୩ | ୦.୦୬୦ | ୦.୦୬୦ | |
| | ୫୩୩/୧୮୨୩ | ୦.୦୮୦ | ୦.୦୮୦ | |
| ୧୮୬ | ୧୪୧୨ | ୦.୧୨୦ | ୦.୦୪୦ | ମାଧବ ଲେଙ୍କା, ପି.– ମୁରଲୀ ଲେଙ୍କା ଓଗେର |
| | ୧୪୧୩ | ୦.୬୩୦ | ୦.୪୩୦ | |
| | ୧୪୧୪ | ୦.୧୨୦ | ୦.୧୨୦ | |
| | ୧୪୬୩ | ୦.୫୭୦ | ୦.୪୭୦ | |
| ୧୯୩ | ୯୬୮ | ୦.୩୬୦ | ୦.୨୭୦ | ରାମ ରାଉଳ, ପି.– ଈଶ୍ୱର ରାଉଳ ଓଗେର |
| | ୯୪୯ | ୧.୬୪୦ | ୦.୧୦୦ | |
| ୧୯୪ | ୧୧୮୭ | ୦.୯୦୦ | ୦.୫୦୦ | ରାମ ରାଉଳ, ପି.– ଈଶ୍ୱର ରାଉଳ ଓଗେର |
| ୧୯୫ | ୧୪୧୭ | ୦.୯୧୦ | ୦.୫୨୦ | ଶ୍ରୀ ଦଧିବାମନ ଜୀଉ ବିଜେ ନିଜଗାଁ ମାର୍ଫତ, ରାମ ରାଉଳ, ପି.– ଈଶ୍ୱର ରାଉଳ ଓଗେର |
| ୧୯୭ | ୧୬୧୪ | ୦.୯୦୦ | ୦.୨୮୦ | ଲାକ୍ଷମାନ ପଲେଇ, ପି.– ଯାଦୁ ପଲେଇ |
| | ୧୬୨୦/୧୮୨୯ | ୦.୬୧୦ | ୦.୦୧୦ | |
| ୧୯୮ | ୫୩୭ | ୦.୩୬୦ | ୦.୩୬୦ | ଲସମିଧର ରାଉତ, ପି.– ମାଗୁଣି ରାଉତ |
| ୨୦୦ | ୨୫୫ | ୦.୩୪୦ | ୦.୧୮୦ | ସୌରୀ ରାଉତ, ପି.– ଯତନି ରାଉତ |
| | ୨୬୩ | ୦.୨୦୦ | ୦.୦୧୦ | |
| | ୨୬୪ | ୦.୨୯୦ | ୦.୨୯୦ | |
| | ୫୮୩ | ୪.୫୬୦ | ୧.୩୦୦ | |
| | ୧୩୯୭ | ୦.୭୮୦ | ୦.୪୩୦ | |
| | ୧୩୯୮ | ୦.୧୮୦ | ୦.୦୭୦ | |
| ୨୦୭ | ୨୯୦ | ୧.୦୪୦ | ୦.୭୨୦ | ଶତୃଘ୍ନ ପୃଷ୍ଟି, ପି.– କରୁଣାକର ପୃଷ୍ଟି ଓଗେର |
| ୨୧୪ | ୯୬୪/୧୮୭୪ | ୦.୮୨୦ | ୦.୭୪୦ | ଶ୍ରୀଧର ପ୍ରଧାନ, ପି.– ବସନ୍ତ ପ୍ରଧାନ ଓଗେର |
| | ୨୭୨ | ୦.୧୧୦ | ୦.୦୨୦ | |
| ୨୨୦ | ୧୧୬୨ | ୧.୧୦୦ | ୦.୦୨୦ | ହାଡ଼ିବନ୍ଧୁ ଦାସ, ପି.– ରାମଚନ୍ଦ୍ର ଦାସ ଓଗେର |
| ୨୨୧ | ୯୬୯ | ୧.୧୧୦ | ୦.୯୦୦ | ହୃଦାନନ୍ଦ ଜଟ, ପି.– ଧନୀ ଜଟ ଓଗେର |
| ୨୨୪ | ୨୫୬ | ୦.୫୦୦ | ୦.୩୦୦ | ହୃଷିକେଶ ପୃଷ୍ଟି, ପି.– ମଧୁ ପୃଷ୍ଟି ଓଗେର |
| | ୨୭୧ | ୦.୨୧୦ | ୦.୧୦୦ | |
| | ୨୮୮ | ୦.୮୦୦ | ୦.୦୩୦ | |
| | ୪୨୧ | ୦.୩୯୦ | ୦.୨୭୦ | |
| ୨୨୪/୨ | ୧୯୧ | ୦.୧୬୦ | ୦.୧୬୦ | କୋକିଳ ବେହେରା, ସ୍ୱା.– ଯୁଧିଷ୍ଠିର ବେହେରା |
| | ୧୯୪ | ୦.୮୬୦ | ୦.୮୦୦ | |
| ୨୨୪/୩ | ୨୮୯ | ୦.୧୧୦ | ୦.୦୧୦ | ବୈରାଗୀ ଚରଣ ପୃଷ୍ଟି, ପି.– ନୃସିଂହ ପୃଷ୍ଟି |
| ୨୧୪/୧୫ | ୧୦୧୪ | ୦.୨୦୦ | ୦.୧୪୦ | ଆକୁଳ ଜଟ, ପି.– କୁଶ ଜଟ |
| ୨୨୪/୩୧ | ୧୧୮୨ | ୦.୪୧୦ | ୦.୪୧୦ | ଗୋପୀ ପଧାନ, ପି.– କ୍ଷେତ୍ର ପଧାନ |
| | ୧୧୮୩ | ୦.୮୮୦ | ୦.୭୪୦ | |
| | ୧୧୮୦/୧୬୪୩ | ୦.୧୮୦ | ୦.୦୧୦ | |
| ୨୨୪/୩୬ | ୧୮୮/୧୯୩୧ | ୦.୬୯୦ | ୦.୬୯୦ | ବିଦ୍ୟାଧର ପାତ୍ର, ପି.– ବାଞ୍ଛା ପାତ୍ର ଓଗେର |
| ୨୨୪/୪୭ | ୫୨୧ | ୦.୫୨୦ | ୦.୧୦୦ | ପ୍ରଫୁଲ୍ଲ କୁମାର ରାଉତ, ପି.– ସୌରୀ ରାଉତ |
| ୨୨୪/୮୬ | ୧୩୯୫/୨୦୨୭ | ୦.୧୬୦ | ୦.୧୬୦ | ଲକ୍ଷ୍ମୀଧର ସାହୁ, ପି.– ପ୍ରାଣବନ୍ଧୁ ସାହୁ ଓଗେର |
| ୨୨୪/୧୧୪ | ୧୦୦୩ | ୦.୬୨୦ | ୦.୪୮୦ | ସୁଲଭ ସେଠୀ, ପି.– ଶଙ୍କର ସେଠୀ |
| ୨୨୪/୧୧୮ | ୨୯୮ | ୧.୪୦୦ | ୦.୭୦୦ | ଭାରତ ଚନ୍ଦ୍ର ପୃଷ୍ଟି, ପି.– ମାନଗୋବିନ୍ଦ ପୃଷ୍ଟି ଓଗେର |
| ୨୨୪/୧୪୨୦ | ୧୩୫୮/୨୦୪୬ | ୦.୫୨୦ | ୦.୦୪୦ | ସୁକାନ୍ତ ପ୍ରଧାନ, ପି.– ଗୋପୀ ପ୍ରଧାନ |
| ୨୨୪/୧୩୪ | ୧୧୪୯ | ୦.୫୧୦ | ୦.୦୧୦ | ଅନ୍ତର୍ଯ୍ୟାମୀ ସେଠୀ, ପି.– ଶଙ୍କର ସେଠୀ |
| ୨୨୪/୧୩୬ | ୧୩୬୧/୨୦୫୬ | ୦.୮୦୦ | ୦.୧୧୦ | ଶରତ ଚନ୍ଦ୍ର ସାହୁ, ପି.– କୈଳାଶ ଚନ୍ଦ୍ର ସାହୁ |
| ୨୨୪/୧୪୫ | ୧୩୬୨/୨୦୬୪ | ୦.୬୦୦ | ୦.୧୬୦ | ବଟକୃଷ୍ଣ ଲେଙ୍କା, ପି.– ବିଶ୍ୱମ୍ବର ଲେଙ୍କା |
| ୨୨୪/୧୪୮ | ୧୪୦୭ | ୦.୪୯୦ | ୦.୨୦୦ | ଅଶୋକ କୁମାର ଲେଙ୍କା, ପି.– କେଶବ ଚନ୍ଦ ଲେଙ୍କା ଓଗେର |
| ୨୨୪/୧୪୯ | ୯୯୩ | ୦.୪୯୦ | ୦.୦୨୦ | ଦଶରା ଜଟ, ପି.– ଯୁଧିଷ୍ଟି ଜଟ |
| | ୯୪୩ | ୦.୧୮୦ | ୦.୧୦୦ | |
| ୨୨୪/୧୫୨ | ୧୪୫୨/୨୦୭୧ | ୦.୪୬୦ | ୦.୦୧୦ | କେଶବ ଚନ୍ଦ୍ର ଲେଙ୍କା, ପି.– ନାରାୟଣ ଲେଙ୍କା |
| ୨୨୪/୧୬୦ | ୨୫୯ | ୦.୧୪୦ | ୦.୦୫୦ | ଯୁଗଳ ପରିଡ଼ା, ପି.– ଭୀମ ପରିଡ଼ା |
| | ୨୬୦ | ୦.୩୪୦ | ୦.୩୪୦ | |
| ୧/୨୨୪/୨୭ | ୧୪୧୦/୧୯୩୬ | ୦.୯୬୦ | ୦.୬୪୦ | ସନାତନ ପଧାନ, ପି.– ଧାଡ଼ି ପଧାନ |
| | ୯୬୪/୧୯୩୩ | ୦.୫୧୦ | ୦.୦୨୦ | |
| ୧–୨୨୪/୨୮ | ୯୬୪ | ୦.୭୫୦ | ୦.୭୫୦ | ବୋଧି ପଧାନ, ପି.– କାଳିଆ ପଧାନ |
| | ୯୬୩ | ୦.୧୯୦ | ୦.୧୯୦ | |
| | ୧୪୧୦ | ୦.୮୮୦ | ୦.୭୫୦ | |
| | | ୧୦୬.୨୭୦ | ୪୬.୬୭୦ | |

24034/14/0061/1920

## ଟାଇପ-୧ ଡାଇବେଟିସ୍ ପାଇଁ ରୋଟାଭାଇରସ ଇନ୍‌ଫେକ୍‌ଶନ ଦାୟୀ

ଡାଇବେଟିସ୍ ଏବେ ଏକ ସାଧାରଣ ସ୍ୱାସ୍ଥ୍ୟ ସମସ୍ୟା ପାଲଟିଗଲାଣି। ଆମ ଦେଶରେ ଏହି ରୋଗୀଙ୍କ ସଂଖ୍ୟା ଏପରି ବଢ଼ି ଚାଲିଛି ଯେ, ଭାରତକୁ 'ଡାଇବେଟିସ୍‌ର ରାଜଧାନୀ' (କ୍ୟାପିଟାଲ ଅଫ୍ ଡାଇବେଟିସ୍) ଭାବରେ ଅଭିହିତ କରାଯାଉଛି। ସାଧାରଣତଃ ଡାଇବେଟିସ୍ ଦୁଇ ପ୍ରକାର : ଟାଇପ-୧, ଟାଇପ-୨। ନିକଟରେ ଅଷ୍ଟ୍ରେଲିଆସ୍ଥିତ ମେଲ୍‌ବୋର୍ନ ୟୁନିଭର୍ସିଟିର ବିଶେଷଜ୍ଞଙ୍କ ଦ୍ୱାରା ହୋଇଥିବା ସର୍ଭେରୁ ଜଣାପଡ଼ିଛି ଯେ, ରୋଟାଭାଇରସ ଇନ୍‌ଫେକ୍‌ଶନ ମଧ୍ୟ ଟାଇପ-୧ ଡାଇବେଟିସ୍ ପାଇଁ ଦାୟୀ। ଏପରି ଇନ୍‌ଫେକ୍‌ଶନକୁ କମାଇବା ପାଇଁ ଟିକାକରଣ ବ୍ୟବସ୍ଥା ରହିବା ଦ୍ୱାରା ଏପରି ଆଶଙ୍କା କେତେକାଂଶରେ କମ୍ ରହିଛି ବୋଲି ସେମାନେ ପ୍ରକାଶ କରିଛନ୍ତି। ସେମାନେ କେତେଜଣ ଟାଇପ-୧ ଡାଇବେଟିସ୍ ରୋଗୀଙ୍କ ଉପରେ ତର୍ଜମା କରିବା ସମୟରେ ଏପରି ତଥ୍ୟ ଜଣାପଡ଼ିଥିଲା।






## ବୁଦ୍ଧିମତ୍ତା ବଢ଼ାଏ ଯୋଗ

ନିୟମିତ ଯୋଗ କରିବା ଦ୍ୱାରା କି ଉପକାର ମିଳେ ତାହା କେବଳ ଅନୁଭବୀ ହିଁ ଜାଣେ। ତେଣୁ ଆଜିକାଲି ଅନେକେ ଏହାକୁ ଦୈନନ୍ଦିନ ଜୀବନ ତାଲିକାରେ ସାମିଲ କରିଛନ୍ତି। ଯୋଗ କରିବା ଫଳରେ ଆମର ଯେଉଁ ଉପକାର ହୋଇଥାଏ ସେହି ତାଲିକାରେ ନିକଟରେ ଆଉ ଏକ କଥାକୁ ସାମିଲ କରାଯାଇଛି। ତାହା ହେଲା ବୁଦ୍ଧିମତ୍ତା। ଅର୍ଥାତ୍, ପ୍ରତିଦିନ ଯୋଗ କରିବା ଦ୍ୱାରା ବୁଦ୍ଧିମତ୍ତାର ବିକାଶ ଘଟିଥାଏ। 'ବୁଦ୍ଧିମତ୍ତା ଓ ଯୋଗ' ଶୀର୍ଷକ ବିଷୟକୁ ନେଇ ଲଣ୍ଡନ ୟୁନିଭର୍ସିଟିର ମନୋବିଜ୍ଞାନୀମାନେ ନିକଟରେ ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କର ବୁଦ୍ଧିମତ୍ତାକୁ ଯୋଗ କରୁ ନ ଥିବା ବ୍ୟକ୍ତିଙ୍କର ବୁଦ୍ଧିମତ୍ତା ସହ ତୁଳନା କରାଯାଇଥିଲା। ଆଶ୍ଚର୍ଯ୍ୟଜନକ ଭାବରେ ନିୟମିତ ଯୋଗ କରୁଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ଅଧିକାଂଶ ବ୍ୟକ୍ତିଙ୍କର ବୁଦ୍ଧିମତ୍ତା ଯୋଗ କରୁ ନ ଥିବା ବ୍ୟକ୍ତିଙ୍କଠାରୁ ପ୍ରଖର ଥିବାର ଜଣାପଡ଼ିଥିଲା। ତେବେ ଯୋଗ କରିବା ପୂର୍ବରୁ ପରିବେଶ ଏବଂ ନିଜର ସ୍ୱାସ୍ଥ୍ୟ ପ୍ରତି ନଜର ଦେବାକୁ ସେମାନେ ପରାମର୍ଶ ଦେଇଛନ୍ତି।

## ନିଃସଙ୍ଗତାର ସାଥୀ ରୋବୋ

ଆଜିକାଲି ରୋବୋକୁ ବିଭିନ୍ନ କାମରେ ନିୟୋଜିତ କରାଯାଉଛି। ଏପରି କି ଚିକିତ୍ସା ବିଜ୍ଞାନରେ ବିଭିନ୍ନ ଜଟିଳ ଅପରେଶନରେ ଏହା ଡାକ୍ତରମାନଙ୍କୁ ସାହାଯ୍ୟ କରିବାର ଉଦାହରଣ ମଧ୍ୟ ରହିଛି। ନିକଟରେ ଜାପାନର ବୈଜ୍ଞାନିକମାନେ ଏପରି ଏକ ରୋବୋ ପ୍ରସ୍ତୁତ କରିଛନ୍ତି ଯାହା ନିଃସଙ୍ଗତା ଦୂରକରିପାରିବ। ଏହାର ସହାୟତା ନେଇ ଜଣେ ମନପସନ୍ଦର ଗୀତ ମଧ୍ୟ ଶୁଣିପାରିବ। ଏପରି କି ମନର କ୍ଳାନ୍ତି ଦୂରକରିବା ପାଇଁ ଉକ୍ତ ହାଇଟେକ୍ ରୋବୋ ସହ ବାର୍ତ୍ତାଳାପ କରିପାରିବ। ସମ୍ପୃକ୍ତ ବ୍ୟକ୍ତିର ମନୋଭାବକୁ ଭଲ ଭାବରେ ଅନୁଧ୍ୟାନ କରିବା ପରେ ତାହାର କିପରି ସମାଧାନ କରାଯାଇପାରିବ ସେ ନେଇ ଟିପ୍ସ ମଧ୍ୟ ଦେଇପାରିବ। ତେବେ ପରୀକ୍ଷାମୂଳକ ଭାବରେ ଏଥିରୁ ସଫଳତା ମିଳିଥିଲେ ମଧ୍ୟ ବଜାରରେ ଉପଲବ୍ଧ ହେବାକୁ ଆଉ କିଛି ସମୟ ଲାଗିବ ବୋଲି ପ୍ରସ୍ତୁତକର୍ତ୍ତା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।




## କେଶରୁ ଜାଣିହେବ ସ୍କିଜୋଫ୍ରେନିଆ ଲକ୍ଷଣ

ସ୍କିଜୋଫ୍ରେନିଆ ହେଉଛି ଏକ ମସ୍ତିଷ୍କଜନିତ ରୋଗ। ଏପରି ରୋଗ ଦ୍ୱାରା ଆକ୍ରାନ୍ତ ହେଲେ ସ୍ମରଣଶକ୍ତି ପ୍ରଭାବିତ ହୋଇଥାଏ। ମସ୍ତିଷ୍କରେ ହାଇଡ୍ରୋଜେନ ସଲ୍‌ଫାଇଡ୍ ଅଧିକ କ୍ଷରଣ ହେଲେ ଏହି ରୋଗର ଆଶଙ୍କା ଅଧିକ ରହିଥାଏ। ଆମେରିକାସ୍ଥିତ ଇଏବିଓ ମଲିକୁଲାର ମେଡିସିନ ସଂସ୍ଥା ଦ୍ୱାରା ଏ ନେଇ ଏକ ଗବେଷଣା କରାଯାଇଥିଲା। ଏହି ଗବେଷଣା ସମୟରେ ସେମାନେ ଏକ ଏନ୍‌ଜାଇମକୁ ଠାବକରିବାରେ ସକ୍ଷମ ହୋଇଥିଲେ। ଉକ୍ତ ଏନ୍‌ଜାଇମ୍ ମସ୍ତିଷ୍କରେ ହାଇଡ୍ରୋଜେନ ସଲ୍‌ଫାଇଡ୍ ଅଧିକ କ୍ଷରଣରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ତେବେ କେଶକୁ ଅନୁଧ୍ୟାନକରି ଏପରି ଏନ୍‌ଜାଇମକୁ ସେମାନେ ଖୋଜି ପାଇଥିଲେ। ଏହାଦ୍ୱାରା ହାଇଡ୍ରୋଜେନ ସଲ୍‌ଫାଇଡ୍ ଅଧିକ କ୍ଷରଣକୁ ସହଜରେ ରୋକାଯାଇପାରିବ ଏବଂ ସ୍କିଜୋଫ୍ରେନିଆ ମୃତ୍ୟୁହାରକୁ ମଧ୍ୟ କେତେକାଂଶରେ ନିୟନ୍ତ୍ରିତ କରାଯାଇପାରିବ ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।



## ଲିଭର ରୋଗ ଚିହ୍ନଟ ହେବାର ନୂଆ ଉପାୟ

ଲିଭର ରୋଗକୁ ଚିହ୍ନଟ କରିବାର ଏକ ନୂଆ ଉପାୟ ନିକଟରେ ଉଦ୍ଭାବିତ ହୋଇଛି। ଏ କ୍ଷେତ୍ରରେ ସଫଳତା ଅର୍ଜନ କରିଛନ୍ତି ଆମେରିକାସ୍ଥିତ ଜର୍ଜିଆ ୟୁନିଭର୍ସିଟିର ବିଶେଷଜ୍ଞମାନେ। ଉକ୍ତ ୟୁନିଭର୍ସିଟିର ପ୍ରଫେସର ୟାଙ୍ଗଙ୍କ ନେତୃତ୍ୱରେ ଏକ ବିଶେଷଜ୍ଞ ଗ୍ରୁପ୍ ଏ ନେଇ ଗବେଷଣା କରିଥିଲେ। ବର୍ତ୍ତମାନ ଆମେରିକାରେ ନୋନାଲକୋହୋଲିକ ଫ୍ୟାଟି ଲିଭର ରୋଗ ନିଜର କାୟାବିସ୍ତାର କରିଚାଲିଛି। ଏହି ରୋଗକୁ ସହଜରେ ଚିହ୍ନଟ କରିବାର ଏକ ଉପାୟ ସେମାନେ ଖୋଜିପାଇଛନ୍ତି। ପ୍ରଥମେ ଏକ ମୂଷାର ଟିସୁକୁ ପରୀକ୍ଷାକରି ସେମାନେ ସଫଳ ହୋଇଥିଲେ। ମନୁଷ୍ୟମାନଙ୍କ କ୍ଷେତ୍ରରେ ଏପରି ପ୍ରଣାଳୀ ମଧ୍ୟ ସଫଳ ହେବ ବୋଲି ଦୃଢ଼ୋକ୍ତି ବ୍ୟକ୍ତ କରିଛନ୍ତି ପ୍ରଫେସର ୟାଙ୍ଗ୍।




## ନୋବେଲ ପୁରସ୍କାର ରସାୟନ ବିଜ୍ଞାନ -୨୦୧୯



ପ୍ର. ରମେଶ ଚନ୍ଦ୍ର ପରିଡ଼ା

"ଏବେ ଆମେ ବ୍ୟବହାର କରୁଥିବା ଅସଂଖ୍ୟ ସ୍ମାର୍ଟଫୋନ୍, ଲ୍ୟାପ୍‌ଟପ୍ ତଥା ଅନ୍ୟାନ୍ୟ ବହନୀୟ ଇଲେକ୍‌ଟ୍ରୋନିକ୍ ଯନ୍ତ୍ରପାତି ଏବଂ ରାଜମାର୍ଗରେ ଗଡ଼ିବାକୁ ଆରମ୍ଭ କରିଥିବା ନୂତନ ପିଢ଼ିର ଯାନବାହନ ଯେଉଁ ପୁନଃ ଚାର୍ଜକ୍ଷମ ବ୍ୟାଟେରି ଦ୍ୱାରା ଚାଳିତ ତାହା ହେଲା ଲିଥିୟମ୍ ଆୟନ୍ ବ୍ୟାଟେରି। ସାମରିକ ଏବଂ ବିମାନ ଚାଳନା କ୍ଷେତ୍ରରେ ମଧ୍ୟ ଏହାର ବ୍ୟବହାର ବ୍ୟାପକ ହେବାରେ ଲାଗିଛି। ଏହି ଅତ୍ୟାବଶ୍ୟକ ତଥା ସୁଦୂରପ୍ରସାରୀ ଭବିଷ୍ୟତ ସମ୍ପନ୍ନ ବ୍ୟବସ୍ଥାଟିର ଉଦ୍ଭାବନ ତଥା ବିବିଧ କ୍ଷେତ୍ରରେ ତାହାର ବ୍ୟବହାର ପାଇଁ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇଛନ୍ତି ଆମେରିକାର ଜନ୍ ବି.ଗୁଡ୍‌ଏନଫ୍ ଏବଂ ଏମ୍.ଷ୍ଟାନ୍‌ଲୀ ଉଇଟିଂହାମ୍ ଓ ଜାପାନର ଅକିରା ୟୋସିନୋ। ଦ୍ରୁତ କ୍ଷୟପ୍ରାପ୍ତ ସଂସାଧନ ଜୀବାଶ୍ମ ଇନ୍ଧନର ବିକଳ୍ପ ରୂପେ ଉଭାହେବା ସହ ବାୟୁ ପ୍ରଦୂଷଣ ହ୍ରାସ କରିବା ଦିଗରେ ଏହାର ଭୂମିକାର ଗୁରୁତ୍ୱ କଥା ବିଚାରକୁ ନେଇ ସେମାନଙ୍କୁ ପ୍ରଦାନ କରାଯାଇଛି ଚଳିତ ବର୍ଷର ରସାୟନ ବିଜ୍ଞାନରେ ନୋବେଲ ପୁରସ୍କାର।"



ଜନ୍ ବି.ଗୁଡ୍‌ଏନଫ୍ | ଏମ୍.ଷ୍ଟାନ୍‌ଲୀ ଉଇଟିଂହାମ୍ | ଅକିରା ୟୋସିନୋ

# ସମାଜକୁ ଜୀବାଶ୍ମ ଇନ୍ଧନ ମୁକ୍ତ କରିବା ବ୍ୟାଟେରି

ଏବେ ଆମେ ବ୍ୟବହାର କରୁଥିବା ଅସଂଖ୍ୟ ସ୍ମାର୍ଟଫୋନ୍, ଲ୍ୟାପ୍‌ଟପ୍ ତଥା ଅନ୍ୟାନ୍ୟ ବହନୀୟ ଇଲେକ୍‌ଟ୍ରୋନିକ୍ ଯନ୍ତ୍ରପାତି ଏବଂ ରାଜମାର୍ଗରେ ଗଡ଼ିବାକୁ ଆରମ୍ଭ କରିଥିବା ନୂତନ ପିଢ଼ିର ଯାନବାହନ ଯେଉଁ ପୁନଃ ଚାର୍ଜକ୍ଷମ ବ୍ୟାଟେରି ଦ୍ୱାରା ଚାଳିତ ତାହା ହେଲା ଲିଥିୟମ୍ ଆୟନ୍ ବ୍ୟାଟେରି। ସାମରିକ ଏବଂ ବିମାନ ଚାଳନା କ୍ଷେତ୍ରରେ ମଧ୍ୟ ଏହାର ବ୍ୟବହାର ବ୍ୟାପକ ହେବାରେ ଲାଗିଛି। ଏହି ଅତ୍ୟାବଶ୍ୟକ ତଥା ସୁଦୂରପ୍ରସାରୀ ଭବିଷ୍ୟତ ସମ୍ପନ୍ନ ବ୍ୟବସ୍ଥାଟିର ଉଦ୍ଭାବନ ତଥା ବିବିଧ କ୍ଷେତ୍ରରେ ତାହାର ବ୍ୟବହାର ପାଇଁ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇଛନ୍ତି ଆମେରିକାର ଜନ୍ ବି.ଗୁଡ୍‌ଏନଫ୍ ଏବଂ ଏମ୍.ଷ୍ଟାନ୍‌ଲୀ ଉଇଟିଂହାମ୍ ଓ ଜାପାନର ଅକିରା ୟୋସିନୋ। ଦ୍ରୁତ କ୍ଷୟପ୍ରାପ୍ତ ସଂସାଧନ ଜୀବାଶ୍ମ ଇନ୍ଧନର ବିକଳ୍ପ ରୂପେ ଉଭାହେବା ସହ ବାୟୁ ପ୍ରଦୂଷଣ ହ୍ରାସ କରିବା ଦିଗରେ ଏହାର ଭୂମିକାର ଗୁରୁତ୍ୱ କଥା ବିଚାରକୁ ନେଇ ସେମାନଙ୍କୁ ପ୍ରଦାନ କରାଯାଇଛି ଚଳିତବର୍ଷର ରସାୟନ ବିଜ୍ଞାନରେ ନୋବେଲ ପୁରସ୍କାର।

ଜର୍ମାନୀର ଜେନାଠାରେ ୧୯୨୨ ମସିହାରେ ଜନ୍ମଲାଭ କରିଥିଲେ ଗୁଡ୍‌ଏନଫ୍। ସେ ଶିକାଗୋ ବିଶ୍ୱବିଦ୍ୟାଳୟରୁ ୧୯୫୨ ମସିହାରେ ପିଏଚ୍.ଡି. ପ୍ରାପ୍ତ ହୋଇଥିଲେ ଏବଂ ଏବେ ଟେକ୍ସାସ୍ ବିଶ୍ୱବିଦ୍ୟାଳୟର ଇଞ୍ଜିନିୟରିଂ ବିଭାଗରେ ଥିବା ଏଚ୍.କୋକ୍ରେଲ୍ ଚେୟାରରେ ପ୍ରଫେସର ରୂପେ ଅଧିଷ୍ଠିତ । ନୋବେଲ ପୁରସ୍କାର ଇତିହାସରେ ଏହା ଲାଭ କରିବାରେ ସେ ହେଉଛନ୍ତି ସବୁଠାରୁ ବୟସ୍କ ବ୍ୟକ୍ତି। ସେହିପରି ଇଂଲଣ୍ଡରେ ୧୯୪୧ ମସିହାରେ ଜନ୍ମିତ ଉଇଟିଂହାମ୍ ୧୯୬୮ ମସିହାରେ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟରୁ ପିଏଚ୍.ଡି. ଲାଭ କରିଥିଲେ। ବର୍ତ୍ତମାନ ସେ ବିଂହାମନ୍ ବିଶ୍ୱବିଦ୍ୟାଳୟ ଏବଂ ନ୍ୟୁୟର୍କ ଷ୍ଟେଟ୍ ବିଶ୍ୱବିଦ୍ୟାଳୟରେ ପ୍ରଫେସର ରୂପେ କାର୍ଯ୍ୟରତ। ଅନ୍ୟପକ୍ଷରେ ୟୋସିନୋଙ୍କ ଜନ୍ମ ହୋଇଥିଲା ଜାପାନର ସୁଇଟାଠାରେ ୧୯୪୮ ମସିହାରେ। ତାଙ୍କୁ ୨୦୦୫ ମସିହାରେ ଓସାକା ବିଶ୍ୱବିଦ୍ୟାଳୟରୁ ପିଏଚ୍.ଡି. ମିଳିଲା ପରେ ସେ ଟୋକିଓସ୍ଥିତ ଆଶି କାସେଇ କର୍ପୋରେଶନର ଫେଲୋ ଏବଂ ନାଗୋୟା(ଜାପାନ)ସ୍ଥିତ ମେଇଜୋ ବିଶ୍ୱବିଦ୍ୟାଳୟଠାରେ ପ୍ରଫେସର ଦାୟିତ୍ୱରେ ଅଛନ୍ତି।

ଲିଥିୟମ୍-ଆୟନ୍ ବ୍ୟାଟେରିର ଇତିହାସ ଆରମ୍ଭ ହୋଇଛି ୧୯୭୦ ଦଶକରୁ-ଉପସାଗରୀୟ ଯୁଦ୍ଧକାଳରେ ତୈଳ ସଙ୍କଟ ଉପୁଜିବା କାଳରୁ। ସେତେବେଳେ ଶକ୍ତି ଉତ୍ପାଦନ ଲାଗି ଜୀବାଶ୍ମ ଇନ୍ଧନମୁକ୍ତ ଟେକ୍ନୋଲୋଜିର ବିକାଶ କରିବାକୁ ଉଇଟିଂହାମ୍ ଗବେଷଣା ଆରମ୍ଭ କରିଥିଲେ । ଫଳରେ ସେ ଲିଥିୟମ ବ୍ୟାଟେରିର କ୍ୟାଥୋଡ୍ ମେରୁ (ବିଯୁକ୍ତ ମେରୁ) ରୂପେ କାର୍ଯ୍ୟ କରିବା ପାଇଁ ଉପଯୁକ୍ତ ହୋଇଥିବା ଟାଇଟାନିୟମ ଡାଇସଲ୍‌ଫାଇଡ୍‌ର ସନ୍ଧାନ ପାଇଲେ । ଆଣବିକ ସ୍ତରରେ ତହିଁରେ ଲିଥିୟମ୍ ଆୟନକୁ ସନ୍ନିବିଷ୍ଟ କରିବା ଲାଗି ଯଥେଷ୍ଟ ଖାଲିସ୍ଥାନ ଥିଲା । ଏହି ବ୍ୟାଟେରିର ଆନୋଡ୍ ମେରୁ (ଯୁକ୍ତ ମେରୁ) ଆଂଶିକ ଭାବେ ଧାତବ ଲିଥିୟମ୍‌ରେ ତିଆରି ହୋଇଥିଲା, ଯାହାର ଇଲେକ୍‌ଟ୍ରନ ବିମୁକ୍ତ କରିବାର ଶକ୍ତିଶାଳୀ ସାମର୍ଥ୍ୟ ଥିଲା । ଏହି ବ୍ୟାଟେରିର ଅନ୍ତର୍ନିହିତ ଶକ୍ତି ଥିଲା ୨ ଭୋଲ୍ଟ ମଧ୍ୟରେ। ତେବେ ବ୍ୟବହାରଯୋଗ୍ୟ ହୋଇପାରିଲା ନାହିଁ। କାରଣ ତହିଁରେ ବ୍ୟବହୃତ ଲିଥିୟମ୍ ଧାତୁ ଅତ୍ୟଧିକ କ୍ରିୟାଶୀଳ ଥିଲା।

ଏହା ପରେ ଗୁଡ୍‌ଏନଫ୍ ବ୍ୟାଟେରିର ଅନ୍ତର୍ନିହିତ ସାମର୍ଥ୍ୟ ବୃଦ୍ଧି ପାଇଁ ଚିନ୍ତାକଲେ। ସେ ଉଇଟିଂହାମ ବ୍ୟବହାର କରିଥିବା ଧାତବ ସଲ୍‌ଫାଇଡ୍ ବଦଳରେ ଅନ୍ୟ ଏକ ଧାତବ ଅକ୍ସାଇଡ୍‌କୁ କ୍ୟାଥୋଡ୍ ମେରୁ ରୂପେ ବ୍ୟବହାର କରିବାକୁ ଚିନ୍ତାକଲେ । ଅତଏବ ୧୯୮୦ ମସିହାରେ ସେ ଲିଥିୟମ୍ ଆୟନରେ ସନ୍ନିବିଷ୍ଟ ହୋଇଥିବା କୋବାଲ୍ଟ ଅକ୍ସାଇଡ୍‌କୁ ଏ କାର୍ଯ୍ୟରେ ଲଗାଇଲେ । ଫଳରେ ୪ ଭୋଲ୍ଟ ପର୍ଯ୍ୟନ୍ତ ଶକ୍ତି ଉତ୍ପନ୍ନ ସମ୍ଭବ ହେଲା ଏବଂ ଅଧିକ ଶକ୍ତିଶାଳୀ ବ୍ୟାଟେରି ପ୍ରସ୍ତୁତି ଲାଗି ପଥ ଉନ୍ମୁକ୍ତ ହେଲା । ତତ୍ପରେ ଏହି କ୍ୟାଥୋଡ୍ ମେରୁ ବ୍ୟବହାରକରି ୟୋସିନୋ ବ୍ୟବସାୟିକ ଭାବେ ସଫଳ ହୋଇପାରିଲା ଭଳି ପ୍ରଥମ ବ୍ୟାଟେରି ତିଆରି କଲେ ୧୯୮୫ ମସିହାରେ । ତା'ପରେ ଅଙ୍ଗାରକରେ ଗଢ଼ା ପେଟ୍ରୋଲିୟମ କୋକ୍‌କୁ ମଧ୍ୟ ଏଥିପାଇଁ ସେ ବିନିଯୋଗ କରିବାକୁ ଲାଗିଲେ । କ୍ୟାଥୋଡ୍ ମେରୁରେ ଥିବା କୋବାଲ୍ଟ ଅକ୍ସାଇଡ୍ ଭଳି ଏହା ମଧ୍ୟ ଲିଥିୟମ ଆୟନକୁ ସନ୍ନିବିଷ୍ଟ କରିପାରିଲା। ଏସବୁ ପରୀକ୍ଷା ନିରୀକ୍ଷା ଫଳରେ କ୍ରମେ ହାଲୁକା ଏବଂ ଦୃଢ଼ତା ସମ୍ପନ୍ନ ବ୍ୟାଟେରିମାନ ତିଆରି ସମ୍ଭବ ହେଲା ; ଯାହାକି ଶହ ଶହ ଥର ପୁନଃ ପୁନଃ ଭାବେ ଚାର୍ଜ କରାଯାଇପାରିବ । ଏଗୁଡ଼ିକ ବଜାରରେ ଉପଲବ୍ଧ ହେଲା । ୧୯୯୧ ମସିହାରେ ଉକ୍ତ ବ୍ୟାଟେରିଗୁଡ଼ିକର ସୁବିଧା ହେଲା ଯେ, ତାହା କ୍ୟାଥୋଡ୍ ମେରୁକୁ କ୍ଷୟ କରୁଥିବା ରାସାୟନିକ ପ୍ରକ୍ରିୟାଭିତ୍ତିକ ନୁହେଁ, ବରଂ ଆନୋଡ୍ ଓ କ୍ୟାଥୋଡ୍ ମଧ୍ୟରେ ନିୟମିତ ଏପାଖ ସେପାଖ ହୋଇ ପ୍ରବାହିତ ହେଉଥିବା ଲିଥିୟମ ଆୟନ ଉପରେ ନିର୍ଭରଶୀଳ ।

ବର୍ତ୍ତମାନ ଅନେକ ପ୍ରକାର ଲିଥିୟମ- ଆୟନ ବ୍ୟାଟେରି ଉପଲବ୍ଧ ହେଲାଣି । ଉଦାହରଣ ସ୍ୱରୂପ, କେତେକ କମ୍ପାନୀ ମୁଖ୍ୟତଃ ଲିଥିୟମ ପଲିମର ବ୍ୟାଟେରି ପ୍ରସ୍ତୁତ କରୁଛନ୍ତି । ଏଥିରେ ଲିଥିୟମ କୋବାଲ୍ଟ ଅକ୍ସାଇଡ୍‌କୁ କ୍ୟାଥୋଡ୍ ମେରୁ ଏବଂ ଅଧିକ ଦହନଗୁଣଧାରୀ ଜୈବ ରାସାୟନ (ଇଥର୍ ଭଳି) ବଦଳରେ ଏକ ପ୍ରକାର ପଲିମର ଜେଲ୍‌କୁ ବିଦ୍ୟୁତ୍ ଦ୍ରବଣରେ ଉପଯୋଗ କରାଯାଇଛି। ଏହାବ୍ୟତୀତ, ଲିଥିୟମ-ଲୌହ ଫସ୍‌ଫେଟ୍, ଲିଥିୟମ-ମାଙ୍ଗାନିଜ୍ ଅକ୍‌ସାଇଡ୍ ଏବଂ ନିକେଲ ମାଙ୍ଗାନିଜ୍-କୋବାଲ୍ଟ ଅକ୍‌ସାଇଡ୍‌କୁ କ୍ୟାଥୋଡ୍ ରୂପେ ବ୍ୟବହର କରୁଥିବା ବ୍ୟାଟେରିମାନ ମଧ୍ୟ ଏବେ ମିଳିଲାଣି। ସେଗୁଡିକ କମ୍ ଶକ୍ତି-ସାନ୍ଦ୍ରତା ବିଶିଷ୍ଟ, କିନ୍ତୁ ଦୀର୍ଘସ୍ଥାୟୀ ଓ ନିରାପଦ। ଏ ପ୍ରକାର ବ୍ୟାଟେରି ଏବେ ବିବିଧ ଉଚ୍ଚମାନର ଇଲେକ୍‌ଟ୍ରୋନୀୟ ତଥା ମେଡିକାଲ ଯନ୍ତ୍ରପାତି ଏବଂ ଅନ୍ୟାନ୍ୟ ବ୍ୟବସ୍ଥାରେ ବ୍ୟବହୃତ ହେଉଛି। ଗାଡ଼ିମୋଟରରେ ବ୍ୟବହାର କଥା ବିଚାରକୁ ନେଇ ଏଗୁଡିକ ମଧ୍ୟରେ ସର୍ବାଧିକ ଗୁରୁତ୍ୱ ଲାଭ କରିଛି ଶେଷୋକ୍ତଟି।

ଅଧିକ ଉନ୍ନତମାନର ଲିଥିୟମ-ଆୟନ୍ ବ୍ୟାଟେରି ତିଆରି ଲାଗି ଏବେ ମଧ୍ୟ ଉଦ୍ୟମ ଚାଲୁ ରହିଛି। ଫଳରେ ଆଗାମୀ ଦିନରେ ଏହାର ଉପଯୋଗ କାଳ, ଶକ୍ତି ସାନ୍ଦ୍ରତା, ନିରାପତ୍ତା, ଚାର୍ଜିଂ ବେଗ ଆଦି ବୃଦ୍ଧି ତଥା ଦାମ୍ ହ୍ରାସ ପାଇବ ବୋଲି ଆଶା କରାଯାଏ। ତେବେ ବର୍ତ୍ତମାନ ଅଧିକ ଧ୍ୟାନ ଦିଆଯାଉଛି ସହଜରେ ନିଆଁ ନ ଧରିଲା ଭଳି ବିଦ୍ୟୁତ୍ ଦ୍ରବଣର ବିକାଶ ଉପରେ। ସେଥିପାଇଁ ଯେଉଁ ପନ୍ଥାମାନ ଅନୁସରଣ କରାଯାଉଛି ତାହାର ଅନ୍ତର୍ଭୁକ୍ତ ହେଲେ ଜଳଯୁକ୍ତ ଲିଥିୟମ- ଆୟନ୍ ବ୍ୟାଟେରି , ସେରାମିକ କଠିନ ବିଦ୍ୟୁତ୍ ଦ୍ରବଣ, ପଲିମର ବିଦ୍ୟୁତ୍ ଦ୍ରବଣ, ଆୟନଯୁକ୍ତ ତରଳ ପଦାର୍ଥ ଏବଂ ଫ୍ଲୋରିନ୍‌ଯୁକ୍ତ ରସାୟନ।

ଏସବୁର ବିକାଶ ମନରେ ପ୍ରତ୍ୟୟ ଆଣେ ଯେ ନିକଟରେ ଦିନେ ଲିଥିୟମ-ଆୟନ୍ ବ୍ୟାଟେରି ସମାଜକୁ ଜୀବାଶ୍ମ ଇନ୍ଧନମୁକ୍ତ କରିବା ସଙ୍ଗେ ସଙ୍ଗେ ବାୟୁ ପ୍ରଦୂଷଣ ହ୍ରାସ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ। ଅତଏବ ଏଭଳି ଯୁଗାନ୍ତକାରୀ ଉଦ୍ଭାବନ ମାଧ୍ୟମରେ ଗୁଡ୍‌ଏନଫ୍ , ଉଇଟିଂହାମ ଓ ୟୋସିନୋ ମାନବଜାତିର କଲ୍ୟାଣ ପାଇଁ ଯେଉଁ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇଛନ୍ତି ତାହା ସେମାନଙ୍କୁ ୯ ନିୟୁତ ସ୍ୱିଡିସ୍ କ୍ରୋନାର ରସାୟନ ବିଜ୍ଞାନରେ ନୋବେଲ ପୁରସ୍କାର ଦେବାର ଯଥାର୍ଥତା ପ୍ରମାଣ କରିଛି। କାରଣ ନୋବେଲ କମିଟିର ସଦସ୍ୟ ସାରା ସ୍ନୋଗେରୁପ ଲିନ୍‌ସେଙ୍କ ଭାଷାରେ ଏହା ଆମକୁ ଏକ ବୈଷୟିକ ବିପ୍ଳବ ମଧ୍ୟକୁ ବାଟ କଢ଼ାଇ ନେଇପାରିଛି।



-ଉଷା ନିବାସ, ୧୨୪/୨୪୪୫,
ଖଣ୍ଡଗିରି ବିହାର, ଭୁବନେଶ୍ୱର-୩୦
ମୋ : ୯୯୩୭୯୮୫୭୬୭

“ ଚ୍ୟାଲେଞ୍ଜ ସତ୍ତ୍ୱେ ଅକ୍ଟୋବର ଯାନ ବିକ୍ରିରେ ଉନ୍ନତି ଆସିଛି। ଆସନ୍ତା ମାସଗୁଡିକରେ ବିକ୍ରିରେ ଉନ୍ନତ ଅଭିବୃଦ୍ଧି ନେଇ ଆଶାବାଦୀ ରହିଛୁ।
– ଶଶାଙ୍କ ଶ୍ରୀବାସ୍ତବ, ମାରୁତି ସୁଜୁକି ଇଡି



“ ଇ–କମର୍ସ କମ୍ପାନୀଗୁଡିକ ଏଫ୍‌ଡିଆଇ ନିୟମ ଅବମାନନା ସହ ଦେଶର ଖୁଚୁରା ବାଣିଜ୍ୟକୁ ଧ୍ୱଂସ କରୁଥିବାରୁ ଏହା ବିରୋଧରେ ଦେଶବ୍ୟାପୀ ଧର୍ମଘଟ କରାଯିବ।
– ପ୍ରଭୀନ ଖଣ୍ଡେଲୱାଲ, ମହାସଚିବ, ସର୍ବଭାରତୀୟ ବ୍ୟବସାୟୀ ମହାସଂଘ



## ସଂକ୍ଷେପରେ

### ବିଶ୍ୱ ଅଭିବୃଦ୍ଧିର କେନ୍ଦ୍ର ହେବ ଦକ୍ଷିଣ ଏସିଆ

**ୱାଶିଂଟନ,୩-୧୧:** ଭାରତ ନେତୃତ୍ୱରେ ଦକ୍ଷିଣ ଏସିଆ ଏବେ ବିଶ୍ୱ ଅଭିବୃଦ୍ଧିର କେନ୍ଦ୍ର ହେବା ଦିଗରେ ଅଗ୍ରସର ହେଉଛି। ୨୦୪୦ ବେଳକୁ ବିଶ୍ୱ ଅଭିବୃଦ୍ଧିର ଏକ ତୃତୀୟାଂଶ କେବଳ ଦକ୍ଷିଣ ଏସୀୟ ଦେଶଗୁଡିକ ଯୋଗଦାନ ରଖିବେ ବୋଲି ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି(ଆଇ ଏମ୍‌ଏଫ୍) ନିକଟରେ ହୋଇଥିବା ଏକ ଅଧ୍ୟୟନରୁ ଏହା ସାମ୍ନାକୁ ଆସିଛି। ଏହି ରାଷ୍ଟ୍ରଗୁଡିକ ମଧ୍ୟରେ ଭାରତ, ବାଂଲାଦେଶ, ନେପା, ଶ୍ରୀଲଙ୍କା, ଭୁଟାନ ଏବଂ ମାଳଦୀପ ଭଳି ରାଷ୍ଟ୍ର ରହିଛନ୍ତି। ପାକିସ୍ତାନ ଏବଂ ଆଫଗାନିସ୍ତାନକୁ ଅଧ୍ୟୟନରେ ସାମିଲ କରାଯାଇନାହିଁ। ଦକ୍ଷିଣ ଏସିଆର ଯୁବ ଏବଂ ବୃହତ୍ତ ଶ୍ରମଶକ୍ତି, ଉଦାରଶୀଳ ପରିବେଶ ଭିତ୍ତିଭୂମି ବିକାଶ ଦିଗରେ ହେଉଥିବା ଉଦ୍ୟମକୁ ଆହୁରି ତ୍ୱରାନ୍ୱିତ କରିବ ବୋଲି ଇଜ ସାଉଥ ଏସିଆ ରେଡି ଫର ଟେକ୍ ଅଫ୍? ଏ ସଷ୍ଟେନେବଲ ଆଣ୍ଡ ଇନକ୍ଲୁସିଭ ଗ୍ରୋଥ ଏଜେଣ୍ଡା ନାମକ ପେପରରେ ଉଲ୍ଲେଖ କରାଯାଇଛି।

### ସୋନି ଆଣିଲା ନୂଆ କ୍ୟାମେରା

**ଭୁବନେଶ୍ୱର,୩-୧୧:** ସୋନି ଇଣ୍ଡିଆ ପକ୍ଷରୁ ଆର୍‌ଏକ୍ସ ୧୦୦ ଭିଆଇଆଇ କ୍ୟାମେରା ମଡେଲ ବଜାର ପ୍ରବେଶ କରାଯାଇଛି। ଏହା ଆରଏକ୍ସ କ୍ୟାମେରା ସିରିଜରେ ନୂତନ ସଂଯୁକ୍ତି। କମ୍ପାକ୍ଟ କ୍ୟାମେରା ବର୍ଗରେ ଏହା ନୂଆ ସ୍ତର ଛୁଇଁଛି। ନୂଆ ମଡେଲରେ ଆଲ୍‌ଫା ୯ ମିରରଲେସ କ୍ୟାମେରା ଟେକ୍ନୋଲୋଜି ବ୍ୟବହାର କରାଯାଇଛି। ଏହା ଉଭୟ ଷ୍ଟିଲ ଏବଂ ମୁଭି ଶୁଟିଂରେ କାମରେ ଆସିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଦୈନନ୍ଦିନର ଶୁଟିଂ ଆବଶ୍ୟକତାକୁ ଧ୍ୟାନରେ ରଖି ଏଭଳି ଏକ ମଡେଲର କ୍ୟାମେରା ଗ୍ରାହକଙ୍କ ଲାଗି ବଜାରକୁ ଛଡାଯାଇଥିବା ସୋନି ଇଣ୍ଡିଆର ଡିଜିଟାଲ ଇମେଜିଂ ଡିଭିଜନ ମୁଖ୍ୟ ହିରୋୟୁକି ଟୋକୁନୁ କହିଛନ୍ତି।

### ବିଦ୍ୟୁତ୍ ବିତରଣ କମ୍ପାନୀଙ୍କ ଉପରେ ୭୦ ହଜାର କୋଟିର ବକେୟା

**ନୂଆଦିଲ୍ଲୀ,୩-୧୧:** ବିତରଣ କମ୍ପାନୀଙ୍କ ଉପରେ ବିଜୁଳି ଶକ୍ତି ଉତ୍ପାଦନ କରୁଥିବା ସଂସ୍ଥାଙ୍କ ବକେୟା ପ୍ରାୟ ୩୭% ବୃଦ୍ଧି ଘଟି ୬୯,୫୬୮ କୋଟି ଟଙ୍କାକୁ ବୃଦ୍ଧି ଘଟିଛି। ଚଳିତ ବର୍ଷ ସେପ୍ଟେମ୍ବର ସୁଦ୍ଧା ବିତରଣକାରୀ କମ୍ପାନୀଗୁଡିକ ଏଭଳି ବୃହତ୍ତ ପରିମାଣର ବକେୟା ରଖିଛନ୍ତି। ଗତ ବର୍ଷ ସେପ୍ଟେମ୍ବରରେ ଏହା ୫୦,୫୮୩ କୋଟି ଟଙ୍କା ରହିଥିଲା।

### ସହଜ ହେବ ମୋଟର ବୀମା କ୍ଲେମ

**ନୂଆଦିଲ୍ଲୀ,୩-୧୧:** ଇନସ୍ୟୁରାନ୍ସ ରେଗୁଲେଟୋରି ଆଣ୍ଡ ଡେଭଲପମେଣ୍ଟ ଅଥରିଟି (ଆଇଆର୍‌ଡିଏଆଇ) ବର୍ତ୍ତମାନ ସେଲ୍ଫ ଆସେସମେଣ୍ଟର ସୀମା ବଢାଇବା ଲାଗି ବିଭିନ୍ନ ପ୍ରସ୍ତୁତି କରୁଛି। ଏହି ପ୍ରସ୍ତାବ କାର୍ଯ୍ୟକାରୀ ହେଲେ ଯାନ ମାଲିକଙ୍କ ଲାଗି ବୀମା କ୍ଲେମ ପାଇବା ସହଜ ହେବ ବୋଲି ଜଣାପଡିଛି। ମୋଟର ଦୁର୍ଘଟଣା କ୍ଲେମ ଲାଗି ନିଜସ୍ୱ ଘୋଷଣା ସୀମା ଏବେ ୫୦ ହଜାର ରହିଛି। ଅଣମୋଟର କ୍ଷେତ୍ରରେ ଏହା ୧ ଲକ୍ଷ ରହିଛି। ଏହାଠାରୁ ଅଧିକ ମୂଲ୍ୟର କ୍ଲେମ ଲାଗି ସର୍ଭେୟର ନିଯୁକ୍ତ କରିବାକୁ ପଡୁଛି। ନୂଆ ପ୍ରସ୍ତାବ ମୁତାବକ ଯାନ ଦୁର୍ଘଟଣା କ୍ଷେତ୍ରରେ ୭୫ ହଜାର ଟଙ୍କା ପର୍ଯ୍ୟନ୍ତ କ୍ଲେମ ଗ୍ରାହକ ନିଜେ ଘୋଷଣା କରିପାରିବେ। ଅଣ ମୋଟର କ୍ଷେତ୍ରରେ ଏହା ୧.୫ ଲକ୍ଷ ରହିଛି ବୋଲି ଆଇଆର୍‌ଡିଏଆଇ ପକ୍ଷରୁ ଜାରି ଡ୍ରାଫ୍ଟ ପେପରରେ ଉଲ୍ଲେଖ ରହିଛି।

### ୟୁନିୟନ ବ୍ୟାଙ୍କର ସତର୍କତା ସଚେତନତା କାର୍ଯ୍ୟକ୍ରମ

Union Bank of India

**ଭୁବନେଶ୍ୱର,୩-୧୧:** ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ସତର୍କତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ୱାକାଥନ ଅନୁଷ୍ଠିତ ହୋଇଥିଲା। ବ୍ୟାଙ୍କର ଉପମହାପ୍ରବନ୍ଧକ ରୂପଲାଲ ମୀନା ଏଥିରେ ଯୋଗ ଦେଇ ସ୍ୱଚ୍ଛତା ଏବଂ ଭ୍ରଷ୍ଟାଚାରମୁକ୍ତ ଜୀବନଶୈଳୀ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ସତର୍କତା ଶପଥପାଠ କରାଯାଇଥିଲା। କାର୍ଯ୍ୟକ୍ରମରେ ସହାୟକ ମହାପ୍ରବନ୍ଧକ ପ୍ରକାଶ ଚନ୍ଦ୍ର ପତି, ସତର୍କତା ଅଧିକାରୀ ସୋହନ କୁମାର ସିଂ ଏବଂ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ୩୪୨୭ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଶାଖା ବନ୍ଦ

**ନୂଆଦିଲ୍ଲୀ,୩-୧୧**

- ୫ ବର୍ଷ ସମୟ ଅବଧିରେ ବନ୍ଦ ହୋଇଛି
- ଏସ୍‌ବିଆଇର ୭୫ ପ୍ରତିଶତ ଶାଖା ସାମିଲ

ଗତ ୫ ବର୍ଷରେ ଦେଶର ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ୩୪୨୭ ଶାଖା ବନ୍ଦ କରିଥିବା ଜଣାପଡିଛି। ସୂଚନା ଅଧିକାର କର୍ମୀ ଚନ୍ଦ୍ର ଶେଖର ଗୌଡ ରିଜର୍ଭ ବ୍ୟାଙ୍କକୁ ଏ ନେଇ ମାଗିଥିବା ଏକ ସୂଚନାରୁ ଏହା ସାମ୍ନାକୁ ଆସିଛି। ମିଶ୍ରଣ କିମ୍ବା ବନ୍ଦ ପ୍ରକ୍ରିୟା ମୁତାବକ ଏହି ଶାଖାଗୁଡିକ ବନ୍ଦ କରାଯାଇଛି। ବନ୍ଦ ହୋଇଥିବା ମୋଟ ଶାଖା ମଧ୍ୟରୁ ପ୍ରାୟ ୭୫% ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ)ର। ଏସ୍‌ବିଆଇ ସହ ଏହାର ୫ ସହଯୋଗୀ ବ୍ୟାଙ୍କ ଏବଂ ମହିଳା ବ୍ୟାଙ୍କର ମିଶ୍ରଣ ପରେ ଅନେକ ଶାଖା ବନ୍ଦ କରାଯାଇଥିଲା। ୧୦ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମିଶ୍ରଣ ଦ୍ୱାରା ୪ ବଡ ବ୍ୟାଙ୍କ ଗଠନ ଦିଗରେ ଏବେ ସରକାର କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ଏଭଳି ସମୟରେ ବ୍ୟାଙ୍କ ବନ୍ଦ ନେଇ ସୂଚନା ଲୋକ ଲୋକଚନକୁ ଆସିଛି। ରିଜର୍ଭ ବ୍ୟାଙ୍କ ସୂଚନା ମୁତାବକ ଦେଶର ୨୬ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ୨୦୧୪–୧୫ରେ ୯୦ ଶାଖା ବନ୍ଦ କରିଥିଲେ। ସେହିଭଳି ୨୦୧୫–୧୬ରେ ୧୨୬ ଶାଖା, ୨୦୧୬–୧୭ ୨୫୩ ଶାଖା, ୨୦୧୭–୧୮ରେ ୨୦୮୩ ଶାଖା ଏବଂ ୨୦୧୮–୧୯ରେ ୮୭୫ ଶାଖା ବନ୍ଦ କିମ୍ବା ଅନ୍ୟ ଶାଖା ସହ ମିଶ୍ରଣ କରି ଦିଆଯାଇଛି। ଏହି ପ୍ରକ୍ରିୟାରେ ଏସ୍‌ବିଆଇର ସର୍ବାଧିକ ୨,୫୬୮ଶାଖା ପ୍ରଭାବିତ ହୋଇଛି। ଶାଖାଗୁଡିକ ବନ୍ଦ ନେଇ ସ୍ପଷ୍ଟ କରିବାକୁ ଉତ୍ତର ଲୋଡାଯାଇଥିଲେ ମଧ୍ୟ କେନ୍ଦ୍ରୀୟ ବ୍ୟାଙ୍କ ସୂଚନା ଦେଇ ନ ଥିବା ଜଣାପଡ଼ିଛି।




### ମିଶ୍ରଣ ହୋଇଥିବା ବିଭିନ୍ନ ବ୍ୟାଙ୍କ

ରିଜର୍ଭ ବ୍ୟାଙ୍କ ସୂଚନା ମୁତାବକ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ସହ ଭାରତୀୟ ମହିଳା ବ୍ୟାଙ୍କ, ଷ୍ଟେଟ ବ୍ୟାଙ୍କ ଅଫ୍ ବିକାନେର ଏବଂ ଜୟପୁର, ଷ୍ଟେଟ ବ୍ୟାଙ୍କ ଅଫ୍ ହାଇଦ୍ରାବାଦ, ଷ୍ଟେଟ ବ୍ୟାଙ୍କ ଅଫ୍ ମହୀଶୂର, ଷ୍ଟେଟ ବ୍ୟାଙ୍କ ଅଫ ପଟିଆଲା, ଷ୍ଟେଟ ବ୍ୟାଙ୍କ ଅଫ୍ ଟ୍ରାଭାଙ୍କୋରର ମିଶ୍ରଣ ୨୦୧୭ ଏପ୍ରିଲଠାରୁ କାର୍ଯ୍ୟକାରୀ ହୋଇଥିଲା। ଏହାବାଦ ବ୍ୟାଙ୍କ ଅଫ୍ ବରୋଦା ସହ ବିଜୟା ଏବଂ ଦେନା ବ୍ୟାଙ୍କର ମିଶ୍ରଣ ୨୦୧୯ ଏପ୍ରିଲ ପହିଲାରୁ ହୋଇଛି।

### ପ୍ରଭାବିତ ହେବ ଆଉ ୭ ହଜାର ଶାଖା

ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମିଶ୍ରଣକୁ ଦେଶର ବ୍ୟାଙ୍କ କର୍ମଚାରୀ ସଂଘଗୁଡିକ ପକ୍ଷରୁ ବିରୋଧ କରାଯାଉଛି। ଅଲ୍ ଇଣ୍ଡିଆ ବ୍ୟାଙ୍କ ଏମ୍ପ୍ଲଇ ଆସୋସିଏଶନ (ଏଆଇବିଇଏ) ମହାସଚିବ ସିଏଚ୍ ଭେଙ୍କଟଚଳମ କହିଛନ୍ତି ଯେ, ଦେଶର ୧୦ ରାଷ୍ଟ୍ରାୟତ୍ତ ବ୍ୟାଙ୍କକୁ ମିଶାଇ ସରକାର ୪ ବଡ଼ ବ୍ୟାଙ୍କ କରିବା ଲାଗି ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏହା ଦ୍ୱାରା ପ୍ରାୟ ୭ ହଜାର ଶାଖା ପ୍ରଭାବିତ ହେବାର ଆଶଙ୍କା ଉପୁଜିଛି। ଏହା ମଧ୍ୟରେ ସହର ଏବଂ ମହାନଗରର ଅଧିକାଂଶ ଶାଖା ସାମିଲ ରହିଥିବା ସେ କହିଛନ୍ତି।

### ବ୍ୟାଙ୍କ ମିଶ୍ରଣ ସମୟର ଆବଶ୍ୟକତା

ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମିଶ୍ରଣ ସମୟର ଆବଶ୍ୟକତା ବୋଲି ଅର୍ଥନୀତିଜ୍ଞ ଜୟନ୍ତୀ ଲାଲ ଭଣ୍ଡାରୀ କହିଛନ୍ତି। ଛୋଟ ଛୋଟ ବ୍ୟାଙ୍କଗୁଡିକୁ ବଡ ବ୍ୟାଙ୍କ ସହ ମିଶ୍ରଣ ଦ୍ୱାରା ଆଗାମୀ ଦିନରେ ରାଜକୋଷକୁ ଫାଇଦା ହେବ। ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକର ଦୃଢ ବିତ୍ତୀୟ ସ୍ଥିତି ଯୋଗୁ ଋଣ ଯୋଗାଣ ଉନ୍ନତ କରି ପାରିବେ। ଏହା ଦେଶର ବିକାଶରେ ସହାୟକ ହେବ ବୋଲି ସେ କହିଛନ୍ତି।

## ହିରୋର ମାନୁଫାକ୍ଚରିଂ ସଫଳତା



**ନୂଆଦିଲ୍ଲୀ,୩-୧୧**

ହିରୋମୋଟୋକର୍ପ ଲିମିଟେଡ ପକ୍ଷରୁ ଏହାର ହରିଦ୍ୱାର ମାନୁଫାକଚରିଂ ଫାସିଲିଟି ୨୫ ନିୟୁତ ୟୁନିଟ୍ ଉତ୍ପାଦନର ସଫଳତା ହାସଲ କରିଛି। ୨୦୦୮ରେ କମ୍ପାନୀ ଏହି ଫାସିଲିଟିକୁ ଶୁଭାରମ୍ଭ କରିଥିଲା। ୧୧ ବର୍ଷ ମଧ୍ୟରେ କମ୍ପାନୀ ଏହି ସଫଳତା ହାସଲ କରିବାକୁ ସକ୍ଷମ ହୋଇଛି। ଏହା ବିଶ୍ୱର ସର୍ବବୃହତ୍ ଫାସିଲିଟି। ଏହାର ଦୈନିକ ଉତ୍ପାଦନ କ୍ଷମତା ୯,୫୦୦ ୟୁନିଟ ରହିଛି। ଏହା ହିରୋମୋଟୋକର୍ପ ଲାଗି ଏକ ବଡ ସଫଳତା ବୋଲି ପରିଚାଳନା ବିଭାଗ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବିକ୍ରମ କେଶବେକର କହିଛନ୍ତି। ସେ କହିଛନ୍ତି କମ୍ପାନୀ ମାନୁଫାକଚରିଂ କ୍ଷେତ୍ରରେ ସର୍ବଦା ଏକ ସ୍ୱତନ୍ତ୍ର ସ୍ଥାନରେ ରହିଛି। ଉକ୍ତ ସଫଳତା ଲାଗି ଗ୍ରାହକ, ନିବେଶକ ଏବଂ ଅଂଶୀଦାରଙ୍କୁ କେଶବେକର ଧନ୍ୟବାଦ ଦେଇଛନ୍ତି।

## କିଆ ପକ୍ଷରୁ ଲକି ଡ୍ରାଇଭ ଟୁ ସିଓଲ୍

**ନୂଆଦିଲ୍ଲୀ,୩-୧୧**

KIA

କିଆ ମୋଟର୍ସ ପକ୍ଷରୁ ଭାରତ ବଜାର ଲାଗି ଲକି ଡ୍ରାଇଭ ଟୁ ସିଓଲ କଣ୍ଟେଷ୍ଟ ଘୋଷଣା କରାଯାଇଛି। ଏହି କଣ୍ଟେଷ୍ଟ ଦ୍ୱାରା କମ୍ପାନୀ ୧୦ ଭାଗ୍ୟଶାଳୀ ବିଜେତା ବାଛିବା ସହ ସେମାନଙ୍କୁ ଦକ୍ଷିଣ କୋରିଆର ସିଓଲ ଭ୍ରମଣ କରିବାର ସୁବିଧା ପ୍ରଦାନ କରିବ। କେପପ୍ କଲଚରାଲ ଇଭେଣ୍ଟରେ ଯୋଗଦେବା ଲାଗି ଭାଗ୍ୟଶାଳୀ ବିଜେତା ସେମାନଙ୍କ ସହ ଆଉ ଜଣେ ନେବାର ସୁଯୋଗ ପାଇବେ। କୋରିଆର ସଂସ୍କୃତି, ଖାଦ୍ୟ, କେପପ୍ ସହ ୟୁଟ୍ୟୁବର ଲୋକପ୍ରିୟ କେପପ ଗାର୍ଲ ଗ୍ରୁପ ବ୍ରାଣ୍ଡ ମେମ୍ବର୍ସ ବ୍ଲାକ ପିଙ୍କଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ୨୫ ଅକ୍ଟୋବରରୁ ଏଥିଲାଗି କମ୍ପାନୀର ପୋର୍ଟାଲରେ ପଞ୍ଜୀକରଣ ଆରମ୍ଭ ହୋଇଛି ଯାହା ୬ ନଭେମ୍ବର ଯାଏ ଚାଲିବ। ଏଭଳି ଏକ କାର୍ଯ୍ୟକ୍ରମ ଦ୍ୱାରା ଗ୍ରାହକଙ୍କୁ ଭିନ୍ନ ଅନୁଭୂତି ପ୍ରଦାନ କରିବାର ଲକ୍ଷ୍ୟ ଧାର୍ଯ୍ୟ କରିଥିବା କିଆ ମୋଟର୍ସ ଇଣ୍ଡିଆର ସେଲ୍‌ସ ମାର୍କେଟିଂ ଉପସଭାପତି ମନୋହର ଭଟ୍ଟ କହିଛନ୍ତି।

## ବିଭିନ୍ନ ବ୍ୟାଙ୍କ ପକ୍ଷରୁ ଏକତା ଦିବସ

### ବ୍ୟାଙ୍କ ଅଫ୍ ବରୋଦା

ବ୍ୟାଙ୍କ ଅଫ୍ ବରୋଦା (ବିଓବି) ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ଏକତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ୱାକାଥନ ଅନୁଷ୍ଠିତ ହୋଇଥିଲା। କ୍ଷେତ୍ରୀୟ ମୁଖ୍ୟ ସୋମନାଥ ନନ୍ଦ, ଡିଆର୍‌ଏମ–୧ ଭାରତ ଭୂଷଣ, ଡିଆର୍‌ଏମ୍–୨ ଭୁବନେଶ୍ୱର ଶାଖା ମୁଖ୍ୟ ମନୋରଞ୍ଜନ ପାତ୍ରଙ୍କ ସମେତ କଟକ, ଭୁବନେଶ୍ୱର ଶାଖାର କର୍ମଚାରୀମାନେ ଏଥିରେ ଯୋଗ ଦେଇଥିଲେ।

### ଆନ୍ଧ୍ର ବ୍ୟାଙ୍କ

ଆନ୍ଧ୍ର ବ୍ୟାଙ୍କ କ୍ଷେତ୍ରୀୟ କାର୍ଯ୍ୟାଳୟ ବରମୁଣ୍ଡାଠାରେ ଏକତା ଦିବସ ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କର ସର୍କଲ କାର୍ଯ୍ୟାଳୟ, କ୍ଷେତ୍ରୀୟ କାର୍ଯ୍ୟାଳୟ, କ୍ଷେତ୍ରୀୟ ନିରୀକ୍ଷଣାଳୟ, ମୁଦ୍ରା କୋଷ ଏବଂ ବରମୁଣ୍ଡା ଶାଖା କାର୍ଯ୍ୟାଳୟର କର୍ମଚାରୀମାନେ ଏଠାରେ ଯୋଗ ଦେଇଥିଲେ। ମଣ୍ଡଳ ମହାପ୍ରବନ୍ଧକ ରମାକାନ୍ତ ପ୍ରଧାନ, କ୍ଷେତ୍ରୀୟ ଉପମହାପ୍ରବନ୍ଧକ କେଭିଭିଏନ୍‌ଏସ୍ ରାମମୂର୍ତ୍ତି ପ୍ରମୁଖ ଏଥିରେ ଅଂଶଗ୍ରହଣ କରିଥିଲେ।

## ୧୬,୪୬୪ କୋଟି ପୁଞ୍ଜି ନିବେଶ କଲେ ଏଫ୍‌ପିଆଇ

**ନୂଆଦିଲ୍ଲୀ,୩-୧୧**

ଅକ୍ଟୋବର ମାସରେ ବିଦେଶୀ ପୋର୍ଟଫୋଲିଓ ନିବେଶକ (ଏଫ୍‌ପିଆଇ)ମାନେ ଦେଶର ପୁଞ୍ଜି ବଜାରରେ ୧୬,୪୬୪ କୋଟି ଟଙ୍କା ନିବେଶ କରିଛନ୍ତି। ବଜାରସ୍ଥିତିରେ ଉନ୍ନତି ଆସିବା ଯୋଗୁ ନିବେଶକମାନେ ଲଗାତାର ଭାବେ ଦ୍ୱିତୀୟ ମାସ ଲାଗି ଏଭଳି ନିବେଶ କରିଛନ୍ତି। ଡିପୋଜିଟୋରି ତଥ୍ୟ ମୁତାବକ ୩୧ ଅକ୍ଟୋବର ପର୍ଯ୍ୟନ୍ତ ଏଫ୍‌ପିଆଇମାନେ ଶେୟାରରେ ୧୨,୪୭୫.୭ କୋଟି ଏବଂ ବଣ୍ଡ ବଜାରରେ ୩,୯୮୮.୯ କୋଟି ଟଙ୍କା ନିବେଶ କରିଥିବା ଜଣାପଡିଛି। ଏଫ୍‌ପିଆଇମାନେ ସେପ୍ଟେମ୍ବରରେ ପୁଞ୍ଜି ବଜାରରେ ୬,୫୫୭ କୋଟି ଟଙ୍କା ନିବେଶ କରିଥିଲେ।


## CLASSIFIED DISPLAY

MORE SPACE • SAME PRICE — TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY ASTROLOGY

BUSINESS BUSINESS

Registration Free..Govt. Approved
ସିୟା ରାମ ରିଲାଏନ୍ସ JEO
କଂପାନୀ ଦ୍ୱାରା ନିଜର ଖାଲି ଜମି ଓ ଛାତ ଉପରେ 3G/4G ରେଡିଏସନ ଫ୍ରୀ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 90,000/- ଟଙ୍କା ପାଆନ୍ତୁ । ଚାକିରି + ୨୦ ବର୍ଷର କୋଟ ଅଗ୍ରୀମେଣ୍ଟ
Plot No - 15/012, Devaraja Mohalla, Bangalore, Karnataka 570001
9529777097
9560376626

KUBER FINANCE
Kuber ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, କୃଷି ଆଧାରକାର୍ଡ ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ମାତ୍ର ୧ ଦିନରେ, 2% ସୁଧ 40% ଛାଡ । ଘରେ ବସି ପାଆନ୍ତୁ
ଖର୍ଚ୍ଚ ଲୋନ ପାସ ହେଲା ପରେ
Plot No-14/524, Chandini Chowk, Kolkata
Call or SMS Now
8146524009

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ ସମସ୍ତ ପ୍ରକାର LOAN
BARSA FINANCE
ଯୋଗାଇ ଦେଉଛି । ସୁଧ=1%
M = 7656825259 7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
GLOBAL FINANCE LTD. ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9415725066
H.No. 12, Sohana Distt. Mohali

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

BUSINESS
ଖାଲିଥିବା ଜମି ଓ ଛାତ ଉପରେ Bansal Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
07376033092

FINANCE FINANCE

ଋଣ ଧମାକା
ଟଙ୍କା ଦରକାର, ଆମକୁ କୁହନ୍ତୁ
ମୁଦ୍ରା ଫାଇନାନ୍ସ
1980ରୁ ଆପଣଙ୍କ ସେବାରେ
ମାର୍କଶିଟ୍ | ପ୍ରପର୍ଟି | ଆଧାରକାର୍ଡ | ପର୍ସନାଲ | ପଶୁପାଳନ | ଗୃହ ଋଣ | ବ୍ୟବସାୟ | ଗ୍ରୁପ୍ ଋଣ
ଏଗ୍ରିକଲ୍ଚର ଋଣ
ସବୁ ପ୍ରକାର ଋଣ
2% ସୁଧ - 50% ଛାଡ଼ ସହିତ
24 ଘଣ୍ଟାରେ ଘରେ ବସି ଉପଲବ୍ଧ
ଠକମାନଙ୍କ ପ୍ରତି ସାବଧାନ
7289948952
8929619951
SCO-106, Second Floor, Vishal Tower, Cannaught Place, Delhi.

ଶ୍ରୀରାମ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
ଧୋକେବାଜ ଙ୍କୁ ସାବଧାନ
Mahaveer Nagar, Lewis Road, Bangalore
08587970541
09499469559

FINANCE
All India ଋଣ ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୦% ସୁଧ ୫୦% ଛାଡ ଘରେବସି ପାଆନ୍ତୁ
Call / SMS Now
Janavi - 7566-888-563
Sagar - 7773-817-838
Manasi- 8827-505-029
Manisa- 7772-970-949
Sradha - 7583-808-884
Visakha- 8269-150-310
Vasundhara Mall, West Boring Canal Rd, Rajapur, Patna, Bihar 800001

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଭାରତର ନଂ. 1 କମ୍ପାନୀ
Hindusthan Tower Group
ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି ଓ ହାଇୱେ ପାର୍ଶ୍ୱ ଜମିରେ
DIGITAL
ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଆଡ୍‌ଭାନ୍ସ: 60 ଲକ୍ଷ
ଭଡ଼ା: 60 ହଜାର
94735-96956, 98070-64437
ADDRESS: T-51, GAUTAMPURI, DELHI

ଶୁଭଜନଲକ୍ଷ୍ମୀ ଫାଇନାନ୍ସ
ଗୃହ ଋଣ, ମାର୍କଶିଟ୍ ଋଣ, କୃଷି ଋଣ, ପର୍ସନାଲ ଋଣ, ଗ୍ରୁପ୍ ଋଣ, ମାତ୍ର 5 ବାର୍ଷିକ ସୁଧ ହାରରେ ।
ଯୋଗାଯୋଗ କରନ୍ତୁ
9899289162
9858323204
Dehradun, UK

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Bhagyalaxmi Finance
Reg No. U6519TN198PLC00855
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗ୍ରୁପ୍, ବ୍ୟବସାୟ ଓ ସମସ୍ତ ଋଣ 2-3 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ 40% ରିହାତି
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି, ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
ମୋ.7689936101
7310644390
Vishal Mansion, Mahatma Gandhi Road, UP

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1988ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ବ୍ୟାଙ୍କ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ୟୁଏସ୍ ଫର୍ମୁଲାୱାନ ଗ୍ରାଁ ପ୍ରି କ୍ୱାଲିଫାଇଂରେ ଅଳ୍ପକେ ପୋଲ୍ ପୋଜିଶନରୁ ବଞ୍ଚିତ ହୋଇଥିଲେ ମଧ୍ୟ ଫର୍ମକୁ ଫେରିଥିବାରୁ ମୁଁ ଖୁସି।
– ସେବାଷ୍ଟିଆନ ଭେଟେଲ, ଫେରାରି ଡ୍ରାଇଭର



ଟୋକିଓ ଅଲିମ୍ପିକ୍ସ ପୂର୍ବରୁ ଭାରତୀୟ ପୁରୁଷ ହକି ଦଳକୁ ଡିଫେନ୍ସ ବିଭାଗ ଏବଂ ଫିନିଶିଂରେ ଅଧିକ ପାରଙ୍ଗମ ହେବାକୁ ପଡ଼ିବ।
– ଗ୍ରାହମ ରିଡ୍, ଜାତୀୟ ପୁରୁଷ ହକି କୋଚ୍

## ସଂକ୍ଷେପରେ

### ମୃତ୍ୟୁଞ୍ଜୟ ମଣ୍ଡଳଙ୍କୁ ଚାମ୍ପିୟନ ଟାଇଟଲ୍

**କଟକ ଅଫିସ,୩।୧୧:** ମଧୁପାଟଣାସ୍ଥିତ ପ୍ରମିଳା ମଣ୍ଡପଠାରେ ଆଇ.ଏସ୍ ଚେସ୍ ସେଣ୍ଟର, କଟକ ଜିଲା ଚେସ୍ ଆସୋସିଏଶନ ଏବଂ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଚାଲିଥିବା ପ୍ୟାରୀମୋହନ ସାମନ୍ତରାୟ ସ୍ମାରକୀ ରାଜ୍ୟସ୍ତରୀୟ ସ୍କୁଲ ଚେସ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ୭ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ଚାମ୍ପିୟନ ଟାଇଟଲ ହାସଲ କରିଛନ୍ତି କଟକର ମୃତ୍ୟୁଞ୍ଜୟ ମଣ୍ଡଳ। ମୃତ୍ୟୁଞ୍ଜୟ ୭ ପଏଣ୍ଟ ହାସଲ କରିଥିଲେ। ସତ୍ୟମ ନାୟକ, ପ୍ରତ୍ୟାଶା ଜେନା, ସିଦ୍ଧାର୍ଥ ଭୂୟାଁ, ଓମ ପ୍ରକାଶ, ଅଞ୍ଜଳି ମିଶ୍ର, ପିୟୁଷ କୁମାର ସାହୁ, ଓମ ଆଦିତ୍ୟ ରାଉତ, ବିଶ୍ୱପ୍ରୀତ ରାୟ, ଆୟୁଷ ଅଭିଷେକ ଦାସ ଯଥାକ୍ରମେ ୨ୟରୁ ୧୦ମ ସ୍ଥାନରେ ରହିଛନ୍ତି।

### ଧୋନୀଙ୍କୁ ପଛରେ ପକାଇଲେ ରୋହିତ

**ନୂଆଦିଲ୍ଲୀ,୩।୧୧:** ସ୍ଥାନୀୟ ଅରୁଣ ଜେଟଲୀ ଷ୍ଟାଡିୟମରେ ବାଂଲାଦେଶ ବିପକ୍ଷରେ ରବିବାର ଖେଳାଯାଇଥିବା ପ୍ରଥମ ଟି୨୦ ମ୍ୟାଚ୍‌ରେ କାମଚଳା ଭାରତୀୟ ଅଧିନାୟକ ରୋହିତ ଶର୍ମା ନିଜ କ୍ୟାରିୟରରେ ସଫଳତାର ଆଉ ଏକ ଫର୍ଦ୍ଦ ଯୋଡ଼ିଛନ୍ତି। ଭାରତ ପାଇଁ ସର୍ବାଧିକ ଟି୨୦ ମ୍ୟାଚ୍ ଖେଳିଥିବା ଖେଳାଳିଙ୍କ ମଧ୍ୟରେ ରୋହିତ ମହେନ୍ଦ୍ର ସିଂ ଧୋନୀଙ୍କୁ ପଛରେ ପକାଇ ଦେଇଛନ୍ତି। ୨୦୦୭ ଟି୨୦ ବିଶ୍ୱକପ୍‌ରେ ପଦାର୍ପଣ କରିଥିବା ରୋହିତ ୯୯ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିସାରିଛନ୍ତି। ଏଥିସହ ଦେଶ ପାଇଁ ସର୍ବାଧିକ ଟି୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବାର ରେକର୍ଡର ସେ ଅଧିକାରୀ ହୋଇଛନ୍ତି। ଏହି ଧାରାରେ ଧୋନୀ ୯୮ ମ୍ୟାଚ୍ ସହ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ବିଶ୍ୱରେ ସର୍ବାଧିକ ଅନ୍ତର୍ଜାତୀୟ ଟି୨୦ ମ୍ୟାଚ୍ ଖେଳିବାର ରେକର୍ଡ ପାକିସ୍ତାନ ଅଲରାଉଣ୍ଡର ଶୋଏବ ମଲିକ (୧୧୧ ମ୍ୟାଚ୍)ଙ୍କ ନାମରେ ରହିଛି। ତାଙ୍କ ପଛକୁ ଶାହିଦ ଆଫ୍ରିଦୀ (୯୯) ରହିଛନ୍ତି।

# ପ୍ରଥମ ଟି୨୦ରେ ଭାରତ ପରାସ୍ତ

**ନୂଆଦିଲ୍ଲୀ,୩।୧୧(ପି.ଟି.)**

ଭାରତ ବିପକ୍ଷ ପ୍ରଥମ ଅନ୍ତର୍ଜାତୀୟ ଟି୨୦ ମ୍ୟାଚ୍‌ରେ ଭ୍ରମଣକାରୀ ବାଂଲାଦେଶ ୩ଟି ବଲ୍ ବାକି ରଖି ୭ ଉଇକେଟରେ ଅତି ସହଜରେ ବିଜୟ ହାସଲ କରିଛି। ସ୍ଥାନୀୟ ଅରୁଣ ଜେଟ୍‌ଲୀ ଷ୍ଟାଡିୟମରେ ଟସ୍ ଜିତି ବାଂଲାଦେଶ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ଭାରତ ପ୍ରଥମେ ବ୍ୟାଟିଂ କରି ୬ ଉଇକେଟ ହରାଇ ୧୪୮ ରନ ସଂଗ୍ରହ କରିଥିଲା। ଜବାବରେ ବାଂଲାଦେଶ ୧୯.୩ ଓଭରରେ ୩ ଉଇକେଟ ହରାଇ ୧୫୪ ରନକରି ବିଜୟୀ ହୋଇଛି। ଫଳରେ ୩ ମ୍ୟାଚ ବିଶିଷ୍ଟ ଏହି ସିରିଜରେ ବାଂଲାଦେଶ ୧-୦ରେ ଅଗ୍ରଣୀ ହାସଲ କରିଛି।୧୪୯ ରନ ଟାର୍ଗେଟ ପିଛା କରି ବାଂଲାଦେଶ ଓପନର ଲିଟନ ଦାସଙ୍କୁ ହରାଇ ଆରମ୍ଭରୁ ଝଟ୍‌କା ଖାଇଥିଲା। ସେ ମାତ୍ର ୭ ରନକରି ଦୀପକ ଚହରଙ୍କ ବଲ୍‌ରେ କଭର ପଏଣ୍ଟରେ ରାହୁଲଙ୍କୁ କ୍ୟାଚ୍ ଦେଇଥିଲେ। ସେହିପରି ନବାଗତ ବ୍ୟାଟ୍ସମ୍ୟାନ ମହମ୍ମଦ ନଇମ ୨୮ ବଲରୁ ୨ ଚୌକା ଓ ୧ ଛକା ସହ ୨୬ ରନ କରିଥିବା ବେଳେ ସ୍ପିନର ଯୁଜବେନ୍ଦ୍ର ଚହଲଙ୍କ ବଲ୍‌ରେ ଲଙ୍ଗଅନ୍‌ରେ ଶିଖର ଧାୱନଙ୍କୁ କ୍ୟାଚ ଦେଇଥିଲେ। ତୃତୀୟ ଉଇକେଟରେ ସୌମ୍ୟ ସରକାର ଓ ଉଇକେଟକିପର ବ୍ୟାଟ୍ସମ୍ୟାନ ମୁସ୍‌ଫିକର ରହିମ ୬୦ ରନ ସଂଗ୍ରହ କରିଥିଲେ। ସରକାର ୩୫ ବଲରୁ ୧ ଚୌକା ଓ ୨ ଛକା ସହ ୩୯ ରନ କରିଥିବା ବେଳେ ଖଲିଲ ଅହମ୍ମଦଙ୍କ ଦ୍ୱାର କ୍ଲିନ୍ ବୋଲ୍ଡ ହୋଇଥିଲେ। ମୁସଫିକର ରହିମ ୬୦ (୪୩ ବଲ, ୮ ଚୌକା, ୧ ଛକା) ରନ ଓ ମହମୁଦୁଲ୍ଲା ୧୫ ରନ କରି ଅପରାଜିତ ରହିବା ସହ ଦଳକୁ ବିଜୟୀ କରାଇଥିଲେ। ବୋଲିଂରେ ଭାରତ ତରଫରୁ ଚହର, ଖଲିଲ, ଚହଲ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ପୂର୍ବରୁ ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଭାରତ ଆରମ୍ଭରୁ ଅଧିନାୟକ ତଥା ଓପନର ରୋହିତ ଶର୍ମାଙ୍କ ଉଇକେଟ ହରାଇ ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ନିୟମିତ ଅନ୍ତରରେ ଉଇକେଟ ହରାଇ ଭାରତ ବଡ଼ ସ୍କୋର ହାସଲ କରିବାରେ ସଫଳ ହୋଇ ପାରି ନ ଥିଲା। ୫ ବଲରୁ ୨ ଚୌକା ସହ ୯ ରନ କରିଥିବା ବେଳେ ରୋହିତ ସାଫିଉଲ ଇସ୍‌ଲାମଙ୍କ ଭିତରକୁ ଆସୁଥିବା ବଲ୍‌ରେ ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ରୋହିତ ରିଭ୍ୟୁ ନେଇଥିଲେ ମଧ୍ୟ କୌଣସି ଫଳ ମିଳି ନ ଥିଲା। ଲୋକେଶ ରାହୁଲ ୨ ଚୌକା ସହ ୧୭ଟି ବଲ୍ ଖେଳି ୧୫ ରନ କରିଥିବା ବେଳେ ଲେଗ୍ ସ୍ପିନର ଅମିନୁଲ ଇସ୍‌ଲାମଙ୍କ ବଲ୍‌ରେ ଶର୍ଟ କଭରରେ ମହମୁଦୁଲ୍ଲାଙ୍କୁ ଏକ ସହଜ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଯୁବ ମିଡଲଅର୍ଡର ବ୍ୟାଟ୍ସମ୍ୟାନ ଶ୍ରେୟାସ ଆୟାର ୧୩ଟି ବଲ୍ ଖେଳି ୧ ଚୌକା ଓ ୨ ଛକା ସହ ୨୨ ରନକରି ସ୍କୋରକୁ ଆଗେଇ ନେଉଥିବା ବେଳେ ଆଉଟ ହୋଇଥିଲେ। ଲମ୍ବା ଶଟ୍ ଖେଳିବାକୁ ଯାଇ ସେ ଲଙ୍ଗ୍ ଅଫ୍‌ରେ ମହମ୍ମଦ ନଇମଙ୍କୁ କ୍ୟାଚ୍ ଦେଇ ଅମିନୁଲଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ଏହାପରେ ପାଳି ପଡ଼ିଥିଲା ଅଭିଜ୍ଞ ଓପନର ଶିଖର ଧାୱନଙ୍କର। ସେ ୪୨ଟି ବଲ୍ ଖେଳି ୩ ଚୌକା ଓ ୧ ଛକା ମାରି ଦଳ ତରଫରୁ ସର୍ବାଧିକ ୪୧ ରନ କରି ପ୍ୟାଭିଲିୟନ ଫେରିଥିଲେ। ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତଙ୍କ ସହ ଦ୍ୱିତୀୟ ରନ ନେବାକୁ ପ୍ରୟାସ କରିଥିଲେ। ତେବେ ଧାୱନ ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ୍ ହୋଇଥିଲେ। ପଦାର୍ପଣ କରିଥିବା ମୁମ୍ବାଇ ଯୁବ ଅଲରାଉଣ୍ଡର ଶିବମ୍ ଦୁବେ କିନ୍ତୁ ବିଫଳ ହୋଇଥିଲେ। ସେ ମାତ୍ର ୧ ରନ କରିଥିବା ବେଳେ ଅଫ୍ ସ୍ପିନର ଅଫିଫ୍ ହୋସେନଙ୍କ ଦ୍ୱାରା କଟ୍ ଆଣ୍ଡ ବୋଲ୍ଡ ହୋଇଥିଲେ। ଶେଷରେ ପନ୍ତ ୨୬ ବଲରୁ ୩ ଚୌକା ସହ ୨୭ ରନ କରି ଦ୍ରୁତ ଗତିରେ ରନ୍ ସଂଗ୍ରହ କରିବାକୁ ପ୍ରୟାସ କରିଥିଲେ। ଲମ୍ବା ଶଟ୍ ଖେଳିବାକୁ ଯାଇ ସେ ଆଉଟ୍ ହୋଇଥିଲେ। ସାଫିଉଲଙ୍କ ବଲରେ ସେ ଲଙ୍ଗଅନ୍‌ରେ ମହମ୍ମଦ ନଇମଙ୍କୁ ଏକ ସହଜ କ୍ୟାଚ ଦେଇଥିଲେ ଓ ଏଥିସହିତ ଭାରତ ଷଷ୍ଠ ଉଇକେଟ ହରାଇଥିଲା। ଏହାପରେ କ୍ରୁନାଲ ପାଣ୍ଡ୍ୟା ଓ ୱାଶିଂଟନ ସୁନ୍ଦର ଦ୍ରୁତ ଗତିରେ ରନ ସଂଗ୍ରହ କରିଥିଲେ। ମାତ୍ର ୧୦ଟି ବଲରୁ ଏହି ଦୁଇ ବ୍ୟାଟ୍ସମ୍ୟାନ ସପ୍ତମ ଉଇକେଟ ଯୋଡ଼ିରେ ଅପରାଜିତ ୨୮ ରନ କରି ଦଳକୁ ସମ୍ମାନଜନକ ସ୍କୋର ପ୍ରଦାନ କରିଥିଲେ। କ୍ରୁନାଲ ୮ ବଲରୁ ୧ ଚୌକା ଓ ୧ ଛକା ସହ ୧୫, ୱାଶିଂଟନ ୫ଟି ବଲ୍ ଖେଳି ୨ ଛକା ସହ ୧୪ ରନ କରି ଅପରାଜିତ ରହିଥିଲେ। ବାଂଲାଦେଶ ତରଫରୁ ୮ଜଣ ବୋଲର ବୋଲିଂ କରିଥିଲେ। ସଫିଉଲ ଓ ଅମିନୁଲ ୨ଟି ଲେଖାଏ, ଅଫିଫ୍ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ଭାରତ ପାଇଁ ଶିବମ ଦୁବେ ଟି୨୦ ପଦାର୍ପଣ କରିଥିବା ବେଳେ ସ୍ପିନର ଯୁଜବେନ୍ଦ୍ର ଚହଲ ପ୍ରତ୍ୟାବର୍ତ୍ତନ କରିଛନ୍ତି। ସେହିପରି ବାଂଲାଦେଶ ତରଫରୁ ଟପ୍ ଅର୍ଡର ବ୍ୟାଟ୍ସମ୍ୟାନ ମହମ୍ମଦ ନଇମ ଟି୨୦ ପଦାର୍ପଣ କରିଛନ୍ତି।



ଏକ ପୁଲ ଶଟ୍ ଖେଳିବା ଅବସରରେ ଶିଖର ଧାୱନ

## ସ୍କୋର ବୋର୍ଡ

**ଭାରତ ଇନିଂସ**
ରୋହିତ ଶର୍ମା–ଏଲବିଡବ୍ଲ୍ୟୁ– ସାଫିଉଲ୍–୯
ଶିଖର ଧାୱନ–ରନଆଉଟ (ମହମୁଦୁଲ୍ଲା/ରହିମ୍)–୪୧
ରାହୁଲ–କ–ମହମୁଦୁଲ୍ଲା–ବୋ ଅମିନୁଲ–୧୫
ଆୟାର–କ–ନଇମ୍–ବୋ–ଅମିନୁଲ–୨୨
ରିଷଭ–କ–ନଇମ୍–ବୋ–ସାଫିଉଲ–୨୭
ଦୁବେ–କ ଆଣ୍ଡ ବୋ–ଆଫିଫ୍ ହୋସେନ–୧
କ୍ରୁନାଲା ପାଣ୍ଡ୍ୟା–ନଟଆଉଟ–୧୫
ୱାଶିଂଟନ ସୁନ୍ଦର– ନଟଆଉଟ–୧୪
ଅତିରିକ୍ତ–୪
**ମୋଟ:** (୨୦ ଓଭର, ୬ ଉଇକେଟ) ୧୪୮।
ଉଇକେଟ ପତନ: ୧/୧୦, ୨/୩୬, ୩/୭୦, ୪/୯୫, ୫/୧୦୨, ୬/୧୨୦।
**ବୋଲିଂ (ବାଂଲାଦେଶ)**
ସାଫିଉଲ୍ ଇସ୍‌ଲାମ ୪–୦–୩୬–୨
ଅଲ୍ ଅମିନ ହୋସେନ ୪–୦–୨୭–୦
ମୁସ୍ତାଫିଜୁର ରହମନ ୨–୦–୧୫–୦
ଅମିନୁଲ ଇସ୍‌ଲାମ ୩–୦–୨୨–୨
ସୌମ୍ୟ ସରକାର ୨–୦–୧୬–୦
ଆଫିଫ୍ ହୋସେନ ୩–୦–୧୧–୧
ମୋସାଡେକ୍ ହୋସେନ ୧–୦–୮–୦
ମହମୁଦୁଲ୍ଲା ୧–୦–୧୦–୦।

**ବାଂଲାଦେଶ ଇନିଂସ**
ଲିଟନ ଦାସ–କ–ରାହୁଲ–ବୋ–ଚହର–୭
ନଇମ୍–କ–ଧାୱନ–ବୋ–ଚହଲ–୨୬
ସରକାର–ବୋ–ଖଲିଲ ଅହମ୍ମଦ–୩୯
ମୁସ୍‌ଫିକର ରହିମ–ନଟଆଉଟ–୬୦
ମହମୁଦୁଲ୍ଲା–ନଟଆଉଟ–୧୫
ଅତିରିକ୍ତ–୭
ମୋଟ: (୧୯.୩ ଓଭର, ୩ ଉଇକେଟ) ୧୫୪।
(ଉଇକେଟ ପତନ: ୧/୮, ୨/୫୪, ୩/୧୧୪।
**ବୋଲିଂ (ଭାରତ)**
ଦୀପକ ଚହର ୩–୦–୨୪–୧
ୱାଶିଂଟନ ସୁନ୍ଦର ୪–୦–୨୫–୦
ଖଲିଲ ଅହମ୍ମଦ ୪–୦–୩୭–୧
ଯୁଜବେନ୍ଦ୍ର ଚହଲ ୪–୦–୨୪–୧
କ୍ରୁନାଲ ପାଣ୍ଡ୍ୟା ୪–୦–୩୨–୦
ଶିବମ ଦୁବେ ୦.୩–୦–୯–୦।



ରବିବାର ଇଣ୍ଡିଆନ୍ ସୁପର ଲିଗ୍‌ରେ ବେଙ୍ଗାଲୁରୁ ଏଫ୍‌ସି ଓ ଜାମସେଦପୁର ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ମ୍ୟାଚ। ଏହା ଗୋଲଶୂନ୍ୟ ଭାବେ ଡ୍ର ରହିଥିଲା।

## ରୋହିତ, ଧାୱନଙ୍କୁ ଚକିତ କଲେ କେଶବ

**ନୂଆଦିଲ୍ଲୀ, ୩।୧୧**

ବାଂଲାଦେଶ ବିପକ୍ଷ ପ୍ରଥମ ମ୍ୟାଚ୍ ପୂର୍ବରୁ ୧୯ ବର୍ଷୀୟ ଲୋକାଲ ପେସର କେଶବ ଦାବାସ୍ ଭାରତୀୟ ଓପନର ରୋହିତ ଶର୍ମା ଓ ଶିଖର ଧାୱନଙ୍କୁ ଚକିତ କରିଦେଇଛନ୍ତି। ସେ ନିଜର ଦକ୍ଷ ବୋଲିଂରେ ରୋହିତଙ୍କୁ ଆଉଟ କରିବା ପରେ ଧାୱନଙ୍କ ଉଇକେଟ ଓପାଡ଼ି ଦେଇଛନ୍ତି। ଏହି ଘଟଣା ଭାରତୀୟ ଦଳର ଅଭ୍ୟାସ ସେସନରେ ଘଟିଥିଲା। ଏକ ସାକ୍ଷାତ୍‌କାର ସେ ଦେଇ କହିଛନ୍ତି, ଦେଶର ଦୁଇ ଦକ୍ଷ ବ୍ୟାଟ୍ସମ୍ୟାନଙ୍କୁ ଆଉଟ୍ କରି ଚମତ୍କାର ଅନୁଭବ କରୁଛି। କ'ଣ କହିବି ଜାଣିପାରୁ ନାହିଁ। ମୋତେ ଦଳୀୟ ବୋଲର ଶାର୍ଦ୍ଦୁଳ ଠାକୁର ପ୍ରଶଂସା କରିଥିଲେ। ଭଲ ଲେନ୍ଥରେ ଓ ଅତ୍ୟଧିକ ବାଉନ୍ସ ଯୋଗୁ ବଲ ରୋହିତଙ୍କ ବ୍ୟାଟ୍‌ର ଏଜ୍ ନେଇଥିଲା। ରୋହିତ ବଲ ଫେରାଇବା ପୂର୍ବରୁ କେଶବ ଉଲ୍ଲସିତ ହୋଇଥିଲେ।

## ରିପିଚେଜ୍ ରାଉଣ୍ଡରେ ରବି

**ବୁଦାପେଷ୍ଟ, ୩।୧୧ (ପି.ଟି.)**

ଏଠାରେ ଚାଲିଥିବା ୨୩ ବର୍ଷରୁ କମ୍ ରେସ୍‌ଲିଂ ୱାର୍ଲ୍ଡ ଚାମ୍ପିୟନଶିପ୍‌ରେ ୩ଥର ପଦକ ବିଜେତା ସଜନ ଭାନୱାଲ (୭୭କେଜି) ଗ୍ରୀକୋ ରୋମାନ କାଟେଗୋରିରେ ବ୍ରୋଞ୍ଜ ପଦକ ଜିତିବାରେ ସଫଳ ହୋଇ ପାରି ନାହାନ୍ତି। କିନ୍ତୁ ରବି (୯୭କେଜି) ରିପିଚେଜ୍ ରାଉଣ୍ଡରେ ପ୍ରବେଶ କରି ପଦକ ସମ୍ଭାବନା ସୃଷ୍ଟି କରିଛନ୍ତି। ବ୍ରୋଞ୍ଜ ପଦକ ମୁକାବିଲାରେ ତୁର୍କୀର ସେରକାନ୍ ଆକୋୟୁନ୍ ଭନୱାନଲ୍‌ଙ୍କୁ ୧୦–୧ରେ ପରାସ୍ତ କରିଥିଲେ। ଅନ୍ୟପକ୍ଷରେ ରବି ପ୍ରି–କ୍ୱାର୍ଟରଫାଇନାଲରେ ଜର୍ଜିଆନ କୁସ୍ତି ଯୋଦ୍ଧା ଗିଓର୍ଗି ମେଲିଆଙ୍କଙ୍କ ଦ୍ୱାରା ୮–୦ରେ ପରାଜିତ ହୋଇଥିଲେ। କିନ୍ତୁ ମେଲିଆ ଫାଇନାଲରେ ପ୍ରବେଶ କରିବାରୁ ଭାରତୀୟ ରେସ୍‌ଲରଙ୍କୁ ଏକ ପଦକ ପାଇଁ ଲଢ଼ିବା ଲାଗି ସୁଯୋଗ ଆସିଛି। ରିପିଚେଜ୍ ରାଉଣ୍ଡରେ ଜିତିପାରିଲେ ରବି ବ୍ରୋଞ୍ଜ ପଦକ ଫାଇନାଲ ପ୍ଲେ–ଅଫ୍ ପାଇଁ ଯୋଗ୍ୟତା ହାସଲ କରିବେ। ରବିବାର ପ୍ରତିଯୋଗିତାର ଅନ୍ୟାନ୍ୟ ଫଳାଫଳ ମଧ୍ୟରେ ଅର୍ଜୁନ ହାଲାକୁର୍କୀ ୫୫ କେଜି ରିପିଚେଜ୍ ବାଉଟ୍‌ରେ ଆର୍ମେନିଆର ନୋରେର୍ ହାଖୋୟାନଙ୍କ ବିପକ୍ଷ ରିପିଚେଜ୍ ବାଉଟ୍ ୨–୧୦ରେ ପରାସ୍ତ ହୋଇଥିଲେ। ୮୭ କେଜି ଶ୍ରେଣୀରେ ସୁନୀଲ କୁମାର ସ୍ୱିଡେନର ଆଲେକ୍‌ସାଣ୍ଡର ଜିଓର୍ଜି ଷ୍ଟିପାନେଟିକ୍‌ଙ୍କ ବିପକ୍ଷ ପ୍ରଥମ ରିପିଚେଜ୍ ବାଉଟ୍ ୫–୩ରେ ଜିତି ଏକ ବ୍ରୋଞ୍ଜ ପଦକ ସମ୍ଭାବନା କରିଥିଲେ। ମାତ୍ର ଦ୍ୱିତୀୟ ରିପିଚେଜ୍ ବାଉଟ୍‌ରେ କ୍ରୋଏସିଆର ଇଭାନ ହକ୍‌ଲେକ୍ ତାଙ୍କୁ ୬–୩ରେ ହରାଇ ଦେଇଥିଲେ। ପ୍ରତିଯୋଗିତାରେ ଅନ୍ୟ କୌଣସି ଭାରତୀୟ ଗୋଟିଏ ହେଲେ ରାଉଣ୍ଡ ଜିତିପାରି ନ ଥିଲେ।

### ଜାତୀୟ ଜୁନିୟର ହକି କ୍ୟାମ୍ପ

## ପୁରୁଷରେ ଓଡ଼ିଶାରୁ ୬ ଖେଳାଳି

**ନୂଆଦିଲ୍ଲୀ,୩।୧୧(ପି.ଟି.)**

ସୋମବାରଠାରୁ ବେଙ୍ଗାଲୁରୁରେ ଆରମ୍ଭ ହେବାକୁ ଥିବା ଜାତୀୟ ଜୁନିୟର ପୁରୁଷ ପ୍ରଶିକ୍ଷଣ ଶିବିର ଲାଗି ହକି ଇଣ୍ଡିଆ (ଏଚ୍‌ଆଇ) ପକ୍ଷରୁ ରବିବାର ୩୩ ଜଣିଆ ଖେଳାଳିଙ୍କ ତାଲିକା ଘୋଷଣା କରାଯାଇଛି। ଏଥିରେ ଓଡ଼ିଶାର ୬ ଖେଳାଳିଙ୍କୁ ସ୍ଥାନ ମିଳିଛି। ସେମାନେ ହେଲେ ସୁମନ ବେକ, ପ୍ରତାପ ଲାକ୍ରା, ନବୀନ କୁଜୁର, ସାହିଲ କୁମାର ନାୟକ, ସୁଦୀପ ଚିର୍ମାକୋ ଓ ଗ୍ରେଗୋରି ଖେସ୍। ୪ ସପ୍ତାହ ଧରି ଚାଲିବାକୁ ଥିବା କ୍ୟାମ୍ପ ପାଇଁ ଖେଳାଳିମାନେ ବେଙ୍ଗାଲୁରୁସ୍ଥିତ ସାଇ କେନ୍ଦ୍ରରେ ରିପୋର୍ଟ କରିବେ। ଚଳିତ ମାସରେ ଶେଷ ହୋଇଥିବା ୯ମ ସୁଲତାନ ଅଫ୍ ଜୋହର କପ୍‌ରେ ଭାରତୀୟ ଜୁନିୟର ଦଳ ମାଲେସିଆ, ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆକୁ ହରାଇଥିଲା। ଫାଇନାଲରେ ଗ୍ରେଟ ବ୍ରିଟେନଠାରୁ ହାରିବା ପରେ ଭାରତ ରନର୍ସଅପ୍ ଭାବେ ଅଭିଯାନ ଶେଷ କରିଥିଲା।



ପ୍ରତାପ ଲାକ୍ରା

### ମହିଳାରେ ମାରିଆନା, ଅଜମିନ ଓ ଜୀବନ

ସୋମବାରଠାରୁ ଆରମ୍ଭ ହେବାକୁ ଥିବା ଭାରତୀୟ ଜୁନିୟର ମହିଳା ହକି ଦଳର କ୍ୟାମ୍ପ୍ ଲାଗି ୩୯ ଜଣିଆ କୋର୍ ଗ୍ରୁପ୍ ତାଲିକା ପ୍ରକାଶ କରିଛି। ବେଙ୍ଗାଲୁରୁସ୍ଥିତ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) କେନ୍ଦ୍ରରେ କୋଚ୍ ବଲ୍‌ଜିତ୍ ସିଂ ସଇନିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି ପ୍ରଶିକ୍ଷଣ ଶିବିର ନଭେମ୍ବର ୨୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଭାରତୀୟ ଜୁନିୟର ମହିଳା ଦଳ ଡିସେମ୍ବର ୩ରୁ ଅଷ୍ଟ୍ରେଲିଆରେ ହେବାକୁ ଥିବା ତ୍ରି–ରାଷ୍ଟ୍ରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାର କାର୍ଯ୍ୟସୂଚୀ ରହିଛି। ଘରୋଇ ଅଷ୍ଟ୍ରେଲିଆ ବ୍ୟତୀତ ୩ୟ ଦଳ ଭାବେ ନ୍ୟୁଜିଲାଣ୍ଡ ଏଥିରେ ଅଂଶଗ୍ରହଣ କରିବ। ଏହି ପ୍ରତିଯୋଗିତା ଲାଗି କ୍ୟାମ୍ପରୁ ଖେଳାଳି ମନୋନୀତ କରାଯିବ। ଏହି ୩୯ ଜଣିଆ କୋର୍ ଗ୍ରୁପ୍ ତାଲିକାରେ ଓଡ଼ିଶାର ୩ ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ମିଡ୍‌ଫିଲ୍ଡର ମାରିଆନା କୁଜୁର, ଅଜମିନ କୁଜୁର ଓ ଫରୱାର୍ଡ ଜୀବନ କିଶୋରୀ ଟପ୍ପୋ।

# ରାଉରକେଲା, ରାଞ୍ଚି ଚାମ୍ପିୟନ

**ଖୁଣ୍ଟା,୩।୧୧(ଡି.ଏନ୍.ଏ.)**


ଖୁଣ୍ଟା ବ୍ଲକ ଅଧୀନ ଭୋଳାଗଡ଼ିଆ ମିନି ଷ୍ଟାଡିୟମରେ ଶିମିଳିପାଳ ସ୍ପୋର୍ଟ୍ସ ଆଣ୍ଡ ଆଥଲେଟିକ ଆସୋସିଏଶନ ପକ୍ଷରୁ ଆୟୋଜିତ ସର୍ବ ଭାରତୀୟ ୨ ଦିନିଆ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଓଡ଼ିଶା, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଓ ତେଲେଙ୍ଗାନା ରାଜ୍ୟରୁ ମୋଟ ୮ ପୁରୁଷ ଓ ୪ ମହିଳା ଫୁଟବଲ ଦଳ ଅଂଶ ଗ୍ରହଣ କରିଥିଲେ। ପୁରୁଷ ବର୍ଗରେ ଓଡ଼ିଶା ପୋଲିସ ଓ ରାଉରକେଲା ୟୁନାଇଟେଡ଼ ସ୍ପୋର୍ଟ୍ସ କ୍ଲବ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ କୌଣସି ଦଳ ଗୋଲ ଦେଇ ପାରି ନ ଥିବା ବେଳେ ଟାଇବ୍ରେକର ଜରିଆରେ ରାଉରକେଲା ଦଳ ଓଡ଼ିଶା ପୋଲିସ ଦଳକୁ ୩–୨ ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ସେହିପରି ମହିଳା ବର୍ଗରେ ଓଡ଼ିଶା ମହିଳା ପୋଲିସ ଦଳ ଓ ରାଞ୍ଚି ମହିଳା ଦଳ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିବା ବେଳେ ରାଞ୍ଚି ଦଳ ଓଡ଼ିଶା ପୋଲିସ ଦଳକୁ ୨–୦ ଗୋଲ ବ୍ୟବଧାନରେ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ବାରିପଦା ବିଧାୟକ ପ୍ରକାଶ ସୋରେନ,ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢେଇ,ପୂର୍ବତନ ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି ,ପୂର୍ବତନ ବିଧାୟକ ଗୋଲକ ବିହାରୀ ନାଏକ , ଭୋଳାଗଡ଼ିଆ ସରପଞ୍ଚ ସାବିତ୍ରୀ ହେମ୍ବ୍ରମ ଓ ଆଥଲେଟ ଜଉନା ମୁର୍ମୁ , ଆୟୋଜକ ଆସୋସିଏଶନ ଉପଦେଷ୍ଟା ଠାକୁରା ମୁର୍ମୁ ଓ ମସା ଆର୍ମି ଛାତ୍ର ସଂଗଠନର ରାଜ୍ୟ ସଭାପତି ସୁକୁଲାଲ ମାର୍ଣ୍ଡି ପ୍ରମୁଖ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହିତ ଚାମ୍ପିୟନ ଓ ରନର୍ସଅପ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ଆସୋସିଏଶନର ସକ୍ରିୟ ସଦସ୍ୟ ସାକିଲା ମୁର୍ମୁଙ୍କ ସମେତ ଅନ୍ୟ ସଦସ୍ୟମାନେ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ସଭାପତି ସର୍ଦାର ହେମ୍ବ୍ରମ ଓ ସମ୍ପାଦକ ସୁକେନ୍ଦୁ ଦାସ ମଞ୍ଚ ପରିଚାଳନା କରିଥିଲେ।



ପୁରୁଷ ବିଭାଗ ଚାମ୍ପିୟନ ରାଉରକେଲା ଦଳ।

**ସର୍ବଭାରତୀୟ ଫୁଟବଲ ଉଦ୍‌ଯାପିତ**

“ଫିଲିପ୍ ଆଇଲାଣ୍ଡରେ ଖରାପ ପ୍ରଦର୍ଶନ ପରେ ସେପଙ୍ଗ ସର୍କିଟରେ ମାଲେସିଆନ ମୋଟୋ ଜିପି ଟାଇଟଲ ହାସଲ କରିଥିବାରୁ ରୋମାଞ୍ଚିତ।
– ମାଭେରିକ୍ ଭିନେଲ୍ସ, ସ୍ପାନିଶ ମୋଟର ସାଇକେଲ ରେସର



“ଲେଭାଣ୍ଟେ ଭଳି ଦଳଠାରୁ ଶକ୍ତିଶାଳୀ ବାର୍ସିଲୋନା ପରାଜିତ ହେବା ଆଶ୍ଚର୍ଯ୍ୟଜନକ। ଦଳର କମ୍ବିନେଶନରେ ତ୍ରୁଟି ରହିଥାଇପାରେ।
– ଆଣ୍ଟୋନି ଗ୍ରିଜ୍‌ମ୍ୟାନ, ଫ୍ରେଞ୍ଚ ପ୍ରଫେଶନାଲ ଫୁଟବଲର



## ସଂକ୍ଷେପରେ

### ଭିନେଲ୍ସ ଜିତିଲେ ମାଲେସିଆନ ମୋଟୋଜିପି

**ସେପଙ୍ଗ, ୩।୧୧ (ଏଏଫ୍‌ପି):** ସ୍ପେନର ମାଭେରିକ୍ ଭିନେଲ୍ସ ଏଠାରେ ରବିବାର ଅନୁଷ୍ଠିତ ମାଲେସିଆନ ମୋଟୋ ଜିପି ଟାଇଟଲ ବିଜୟୀ ହୋଇଛନ୍ତି। ବିଶ୍ୱ ଚାମ୍ପିୟନ ମାର୍କ ମାର୍କ୍ୱେଜଙ୍କୁ ରେସ୍‌ରେ ସଂଘର୍ଷ କରିବାକୁ ହୋଇଥିଲା। ସେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଡୁକାଟି ଡ୍ରାଇଭର ଆଣ୍ଡ୍ରିଆ ଡୋଭିଜିଓସୋ ତୃତୀୟ ହୋଇଥିଲେ। କିନ୍ତୁ ଫ୍ରେଞ୍ଚ ରାଇଡର ଫାବିଓ କ୍ୱାର୍ଟାରାରୋ ପୋଲ ପୋଜିଶନରୁ ଆରମ୍ଭ କରିଥିଲେ ମଧ ୭ମ ସ୍ଥାନ ଅଧିକାର କରିଥିଲେ। ସିଜନରେ ଭିନେଲ୍ସଙ୍କର ଏହା ଦ୍ୱିତୀୟ ବିଜୟ। ଗତ ସପ୍ତାହରେ ଅଷ୍ଟ୍ରେଲିଆନ ମୋଟୋଜିପି ବେଳେ ରେସ୍‌ର ଅଧିକାଂଶ ସମୟ ଅଗ୍ରଣୀ ରହିଥିଲେ ମଧ ସାମାନ୍ୟ ତ୍ରୁଟି ଯୋଗୁ ବିଜୟ ହାସଲ କରି ପାରି ନ ଥିଲେ। ତାଙ୍କ ଟିମ୍‌ମେଟ୍ ମାର୍କ୍ୱେଜ ଟାଇଟଲ ଜିତିଥିଲେ।

### ଭିଏତ୍‌ନାମଠାରୁ ହାରିଲା ଭାରତ

**ନୂଆଦିଲ୍ଲୀ, ୩।୧୧(ପି.ଟି.):** ବିଶ୍ୱ ଫୁଟବଲର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ଫିଫା ଅନ୍ତର୍ଜାତୀୟ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଭାରତ ୦-୩ ଗୋଲ ବ୍ୟବଧାନରେ ଭିଏତ୍‌ନାମଠାରୁ ପରାସ୍ତ ହୋଇଛି। ଘରୋଇ ଦଳ ତରଫରୁ ଅଷ୍ଟମ ମିନିଟ୍‌ରେ ଥି ଏନ୍‌ହୁଙ୍ଗ୍ ପ୍ରଥମ ଗୋଲ ଦେଇ ଅଗ୍ରଣୀ କରାଇଥିଲେ। ତେବେ ୮୨ତମ ମିନିଟ୍‌ରେ ଥି ଭାନ ଗୋଲ ଦେଇଥିଲେ। ଶେଷରେ ୮୯ତମ ମିନିଟ୍‌ରେ ଥି ଥୁଇ ହାଙ୍ଗ ଗୋଲ ଦେଇ ଭିଏତନାମକୁ ୩-୦ରେ ଅଗ୍ରଣୀ କରାଇଥିଲେ। ଦ୍ୱାଦଶ ମିନିଟ୍‌ରେ ଭାରତୀୟ ଗୋଲ କିପର ଆଦିତି ଚୌହାନ ଭିଏତ୍‌ନାମ ଖେଳାଳିଙ୍କ ଏକ ଜବରଦସ୍ତ ପ୍ରୟାସକୁ ପଣ୍ଡ କରିଥିଲେ। ମ୍ୟାଚ୍‌ର ମଧରେ ଭାରତର ବାଲା ଦେବୀ ସେଣ୍ଟରୁ ଏକ ଜବରଦସ୍ତ ଶଟ୍ ମାରିଥିଲେ ଓ ଏହା ଅଳ୍ପକେ ଗୋଲ ପୋଷ୍ଟ ମିସ୍ କରିଥିଲା। ୩୨ତମ ମିନିଟ୍‌ରେ ସୁମିତ୍ରାଙ୍କ ବଦଳରେ ଦୟାଙ୍କୁ କୋଚ୍ ମେମୋଲ ରକି ଖେଳାଇଥିଲେ। ୮୦ତମ ମିନିଟ ପର୍ଯ୍ୟନ୍ତ ଗୋଲ କିପର ଚୌହାନ ଦମ୍‌ଦାର ପ୍ରଦର୍ଶନ କରିଥିଲେ ଓ ଭିଏତନାମଙ୍କୁ ଅଧିକ ଗୋଲ କରିବାର ସୁଯୋଗ ଦେଇ ନ ଥିଲେ। ମ୍ୟାଚ୍‌ର ଶେଷ ଭାଗରେ ଭିଏତନାମ ଖେଳାଳି ଦୁଇଟି ଗୋଲ ଦେଇଥିଲେ। ବୁଧବାର ଦ୍ୱିତୀୟ ମ୍ୟାଚ୍ ଖେଳାଯିବ।

# ସିରିଜ୍ ବରାବର କଲା ନ୍ୟୁଜିଲାଣ୍ଡ

**ୱେଲିଂଟନ,୩।୧୧**

ଇଂଲଣ୍ଡ ବିପକ୍ଷରେ ପ୍ରଥମ ମ୍ୟାଚ୍‌ରେ ପରାସ୍ତ ହୋଇଥିବା ନ୍ୟୁଜିଲାଣ୍ଡ ଏଠାରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍‌କୁ ୨୧ ରନ୍‌ରେ ଜିତି ନେଇଛି। ଫଳରେ ୫ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍ ଏବେ ୧–୧ରେ ସମାନ ସ୍ଥିତିରେ ରହିଛି। ବିଜୟୀ ଦଳ ପାଇଁ ଚମତ୍କାର ବୋଲିଂ କରିଥିବା ମିଚେଲ ସାଣ୍ଟନରଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଘରୋଇ ଦଳ ଧାର୍ଯ୍ୟ ୨୦ ଓଭରରେ ୮ ଉଇକେଟ ହରାଇ ୧୭୬ ରନ୍ କରିଥିଲା। ଦଳ ପାଇଁ ଜେମ୍ସ ନିଶାମ ୪୨, ମାର୍ଟିନ ଗୁପଟିଲ ୪୧, କଲିନ ଡେ ଗ୍ରାଣ୍ଡହୋମ ୨୮ ଓ ରସ ଟେଲର ୨୮ ରନ୍ କରିଥିଲେ। ଇଂଲଣ୍ଡ ପକ୍ଷରୁ ବୋଲିଂରେ କ୍ରିସ ଜୋର୍ଡାନ ୩ ଓ ସାମ କୁରାନ ୨ ଉଇକେଟ ହାତେଇଥିଲେ। ଜବାବରେ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଇଂଲଣ୍ଡ ୧୯.୫ ଓଭରରେ ୧୫୫ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ଡେଭିଡ ମଲାନ ୩୯, କ୍ରିସ ଜୋର୍ଡାନ ୩୬ ଓ ଅଧିନାୟକ ଇଆନ ମୋର୍ଗାନ ୩୨ ରନ୍ କରିଥିଲେ। ଦଳର ୮ ଜଣ ବ୍ୟାଟ୍ସମ୍ୟାନ ଦୁଇ ଅଙ୍କ ସ୍କୋର ଛୁଇଁ ପାରି ନ ଥିଲେ। ବିଜୟୀ ଦଳର ମିଚେଲ ସାଣ୍ଟନର ୩ ଉଇକେଟ ନେଇଥିବାବେଳେ ଅଧିନାୟକ ଟିମ ସୌଦି, ଲୋକି ଫର୍ଗୁସନ ଓ ଇଶ ସୋଧି ୨ଟି ଲେଖାଏ ଉଇକେଟ ହାସଲ କରିଥିଲେ। ସିରିଜ୍‌ର ତୃତୀୟ ମ୍ୟାଚ୍ ୫ ତାରିଖରେ ନେଲସନଠାରେ ଖେଳାଯିବ।



ବ୍ୟାଟିଂ ଅବସରରେ ମାର୍ଟିନ୍ ଗୁପଟିଲ।

### ସଂକ୍ଷିପ୍ତ ସ୍କୋର

**ନ୍ୟୁଜିଲାଣ୍ଡ:** ୨୦ ଓଭରରେ ୧୭୬/୮ (ମାର୍ଟିନ ଗୁପଟିଲ ୪୧, ଜେମ୍ସ ନିଶାମ ୪୨, କଲିନ ଡେ ଗ୍ରାଣ୍ଡହୋମ ୨୮, କ୍ରିସ ଜୋର୍ଡାନ ୩/୨୩, ସାମ କୁରାନ ୨/୨୨)।
**ଇଂଲଣ୍ଡ:** ୧୯.୫ ଓଭରରେ ୧୫୫/ଅଲଆଉଟ୍ (ଡେଭିଡ ମଲାନ ୨୯, କ୍ରିସ ଜୋର୍ଡାନ ୩୬, ଇଆନ ମୋର୍ଗାନ ୩୨, ମିଚେଲ ସାଣ୍ଟନର ୩/୨୫, ଟିମ୍ ସୌଦି ୨/୨୫)।

# ବାର୍ଟିଙ୍କୁ ଟାଇଟଲ



**ଶେନଝେନ, ୩।୧୧**

ବିଶ୍ୱର ୧ନମ୍ବର ମହିଳା ଟେନିସ ଖେଳାଳି ଅଷ୍ଟ୍ରେଲିଆର ଆସେଲେ ବାର୍ଟି ଏକ ବଡ଼ ଧରଣର ସଫଳତା ହାସଲ କରିଛନ୍ତି। ବାର୍ଟି ଏଠାରେ ଖେଳାଯାଇଥିବା ଡବ୍ଲ୍ୟୁଟିଏ ଫାଇନାଲ୍ସର ଟାଇଟଲ ଜିତିଛନ୍ତି। ସ୍ଥାନୀୟ ଶେନ୍‌ଝେନ ବେ ସ୍ପୋର୍ଟ୍ସ ସେଣ୍ଟରରେ ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ସେ ଗତଥରର ଚାମ୍ପିୟନ ୟୁକ୍ରେନର ଏଲିନା ସ୍ୱିତୋଲିନାଙ୍କୁ ୬–୪, ୬–୩ ସେଟରେ ହରାଇ ଚାମ୍ପିୟନ ହୋଇଛନ୍ତି। ଏଥି ସହିତ ସେ ଉଭୟ ପୁରୁଷ ଓ ମହିଳା ଟେନିସ ଇତିହାସର ରେକର୍ଡ ସର୍ବାଧିକ ଆର୍ଥିକ ପୁରସ୍କାର ହାସଲ କରିଛନ୍ତି। ବାର୍ଟି ୪.୪୨ ମିଲିୟନ ଆମେରିକୀୟ ଡଲାର ବା ୩,୪୨ ମିଲିୟନ ପାଉଣ୍ଡ ପୁରସ୍କାର ଜିତିଛନ୍ତି।

ଫାଇନାଲରେ ବିଜୟୀ ହେବା ପାଇଁ ବାର୍ଟିଙ୍କୁ ମାତ୍ର ଏକ ଘଣ୍ଟା ୨୬ ମିନିଟ ସମୟ ଆବଶ୍ୟକ ହୋଇଥିଲା। ୨୩ ବର୍ଷୀୟ ବାର୍ଟି ପୂର୍ବରୁ ସ୍ୱିତୋଲିନାଙ୍କ ବିପକ୍ଷ ସବୁ ୫ଟି ଯାକ ମ୍ୟାଚ୍‌ରେ ପରାସ୍ତ ହୋଇଥିଲେ ମଧ ଏହି ନିର୍ଣ୍ଣାୟକ ମ୍ୟାଚ୍‌ରେ ବାଜି ମାରିଥିଲେ। ଚଳିତ ବର୍ଷ ମୋର ପ୍ରଦର୍ଶନ ଆଶାନୁରୂପ ହୋଇପାରିଛି ବୋଲି ଫ୍ରେଞ୍ଚ ଓପନ୍ ଚାମ୍ପିୟନ ବାର୍ଟି କହିଛନ୍ତି। ଏହା ପୂର୍ବରୁ ସେମିଫାଇନାଲରେ ବାର୍ଟି ୪–୬, ୬–୨, ୬–୩ ସେଟରେ କାରୋଲିନା ପ୍ଲିସ୍କୋଭାଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଥିଲେ।

### ଇର୍ଫାନ ବୟୋଜ୍ୟେଷ୍ଠ ବୋଲର



**ସିଡ୍‌ନୀ,୩।୧୧:** ୧୯୯୨ରେ ଇମ୍ରାନ ଖାଁଙ୍କ ପରେ ବୟୋଜ୍ୟେଷ୍ଠ ଦ୍ରୁତ ବୋଲର ଭାବେ ମହମ୍ମଦ ଇର୍ଫାନ ପାକିସ୍ତାନ ପକ୍ଷରୁ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି। ଏଠାରେ ପାକିସ୍ତାନ ଓ ଅଷ୍ଟ୍ରେଲିଆ ମଧରେ ଖେଳାଯାଇଥିବା ବର୍ଷା ବାଧାପ୍ରାପ୍ତ ପ୍ରଥମ ଟି୨୦ ମ୍ୟାଚ୍‌ରେ ସେ ଏହି ସଫଳତା ପାଇଛନ୍ତି। ଇର୍ଫାନଙ୍କ ବୟସ ଏବେ ୩୭। ଇମ୍ରାନ ୩୯ ବର୍ଷ ବୟସରେ ପାକିସ୍ତାନ ପାଇଁ ୧୯୯୨ ବିଶ୍ୱକପ୍ ଖେଳିଥିଲେ। ମୋଟ ଉପରେ ପାକିସ୍ତାନ ପାଇଁ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିବା ବୟୋଜ୍ୟେଷ୍ଠ ଖେଳାଳି ହେଉଛନ୍ତି ମିରାନ ବକ୍‌ଶ। ସେ ୪୭ ବର୍ଷ ବୟସରେ ୧୯୫୫ରେ ଦେଶ ପାଇଁ ଏକମାତ୍ର ମ୍ୟାଚ୍ ଖେଳିଥିଲେ।

## ପ୍ରଥମ ଟି୨୦

# ଅଷ୍ଟ୍ରେଲିଆ ବିଜୟରେ ବର୍ଷା ବାଧକ

**ସିଡ୍‌ନୀ, ୩।୧୧(ଏଏଫ୍‌ପି)**

ବର୍ଷା ଯୋଗୁ ପାକିସ୍ତାନ ଏକ ନିଶ୍ଚିତ ପରାଜୟରୁ ରକ୍ଷା ପାଇଛି। ସ୍ଥାନୀୟ ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡରେ ଅଷ୍ଟ୍ରେଲିଆ ଓ ପାକିସ୍ତାନ ମଧରେ ରବିବାର ଖେଳାଯାଇଥିବା ପ୍ରଥମ ଟି୨୦ ମ୍ୟାଚ୍ ଲଗାତର ବର୍ଷା କାରଣରୁ ବିନା ଫଳାଫଳରେ ଶେଷ ହୋଇଛି। ୩ ମ୍ୟାଚ୍ ବିଶିଷ୍ଟ ସିରିଜର ଏହି ମୁକାବିଲାରେ ଅବଶ୍ୟ ଅଷ୍ଟ୍ରେଲିଆ ସୁବିଧାଜନକ ସ୍ଥିତିରେ ଥିଲା। ବିଜୟ ହାସଲରୁ ବଞ୍ଚିତ ହୋଇଥିବାରୁ ଅଷ୍ଟ୍ରେଲିଆ ନିରାଶ ହୋଇଛି। ମଙ୍ଗଳବାର କାନବେରାରେ ଦ୍ୱିତୀୟ ଓ ଶୁକ୍ରବାର ପର୍ଥରେ ତୃତୀୟ ଟି୨୦ ମ୍ୟାଚ୍ ଖେଳାଯିବ।



ବର୍ଷା କାରଣରୁ ଗ୍ରାଉଣ୍ଡ ଷ୍ଟାଫ୍ ପିଚ୍ ଘୋଡାଇବାକୁ ଯାଉଛନ୍ତି।

ବର୍ଷା ଯୋଗୁ ମ୍ୟାଚ୍‌କୁ ୧୫ ଓଭରକୁ କମାଇ ଦିଆଯାଇଥିଲା। ଅଷ୍ଟ୍ରେଲିଆ ଟସ୍‌ଜିତି ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ପାକିସ୍ତାନ ନିର୍ଦ୍ଧାରିତ ଓଭରରେ ୫ ଉଇକେଟ ହରାଇ ୧୦୭ ରନ ସଂଗ୍ରହ କରିଥିଲା। ତେବେ ଡକ୍‌ୱର୍ଥ ଲୁଇସ- ଷ୍ଟର୍ନ ନିୟମରେ ଅଷ୍ଟ୍ରେଲିଆ ସମ୍ମୁଖରେ ୧୫ ଓଭରରେ ୧୧୯ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଜବାବରେ ବ୍ୟାଟିଂ ଆରମ୍ଭ କରି ଅଷ୍ଟ୍ରେଲିଆ ୩.୧ ଓଭରରେ ବିନା କ୍ଷତିରେ ୪୧ ରନ ସଂଗ୍ରହ କରିଥିଲା ଓ ଏତିକି ବେଳେ ବର୍ଷା ହୋଇଥିଲା ଓ ଆଉ ଖେଳ ସମ୍ଭବ ହୋଇପାରି ନ ଥିଲା। ଫଳରେ ମ୍ୟାଚ୍‌କୁ ବାତିଲ କରିବାକୁ ପଡିଥିଲା। ଓପନର ଡେଭିଡ ୱାର୍ନର ୪ ବଲରୁ ୨ ଓ ଅଧିନାୟକ ଆରୋନ ଫିଞ୍ଚ ୫ ଚୌକା ଓ ୨ ଛକା ସହ ୧୬ ବଲରୁ ଦ୍ରୁତ ୩୭ ରନ କରି ଅପରାଜିତ ରହିଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ତରଫରୁ ଅଧିନାୟକ ବାବର ଆଜମ ୩୮ ବଲରୁ ୫ ଚୌକା ଓ ୨ ଛକା ସହ ଅପରାଜିତ ୫୯ ରନ ଓ ମହମ୍ମଦ ରିଜ୍‌ୱାନ ୩୧ ରନ୍ କରିଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ତରଫରୁ ମିଚେଲ ଷ୍ଟାର୍କ ଓ କେନ୍ ରିଚାର୍ଡସନ ୨ଟି ଲେଖାଏ, ଆଷ୍ଟନ ଅଗର ଗୋଟିଏ ଉଇକେଟ ନେଇଥିଲେ।


## ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ରବୀନ୍ଦ୍ରନାଥ ସେଠୀ**
ତଲବାରଙ୍ଗ, କେନ୍ଦ୍ରାପଡ଼ା,
ତିରୋଧାନ: ୧୬।୧୧।୨୦୧୮
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀ ବଳଦେବଜୀଉଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା କରୁଛୁ।
**ଶୋକସନ୍ତପ୍ତ:**
ସ୍ତ୍ରୀ: ପ୍ରଭାତୀ ସେଠୀ, ପୁଅ: ଚନ୍ଦ୍ରଭାନୁ ରାଉତ, ଝିଅ: ଅମ୍ବିକା ସେଠୀ, ଜ୍ୱାଇଁ: ଅଶୋକ ସେଠୀ, ନାତୁଣୀ: ଲାଡଲି ଓ ଗୁଡଲି।
ଧ-୧୫୦୬୬

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଭକ୍ତବୀର ପାତ୍ର**
ଆବିର୍ଭାବ: ୦୧।୦୧।୧୯୯୫
ତିରୋଧାନ: ୧୫।୧୧।୨୦୧୮
ଗ୍ରାମ: ରଘୁନାଥପୁର,ନନ୍ଦନକାନନ
ଜିଲ୍ଲା: ଖୋର୍ଦ୍ଧା
ଚାହୁଁ ଚାହୁଁ ଗୋଟେ ବର୍ଷ ବିତିଗଲା ଆଖିର ଲୁହ ପିଇକି ଭାଇ, ତୋର ସ୍ନେହ, ଶ୍ରଦ୍ଧା, ଭଲପାଇବା ଏ ଜନ୍ମରେ କେବେହେଲେ ଭୁଲି ପାରିବୁନି, ଆଜି ତୋ' ପାଇଁ ଆମେ ଖାଲି ନୁହେଁ ପୁରା ଗାଁ ଝୁରୁଛି ତତେ ଭାଇ, ତୋର ପ୍ରତିଟି କଥା ମନେ ପଡ଼ିଗଲା ଠୁ ଆଖିରୁ ଲୁହ ବୋହି ଯାଉଛି। ତୁ ଯୋଉଠି ଅଛୁ ଭଲରେ ଥା ଆଜି ତୋର ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଆମର ଏତିକି କାମନା।
**ଶୋକସନ୍ତପ୍ତ:**
ଭାଇ, ଭାଉଜ, ବୋଉ, ଭଉଣୀ, ଅଜା, ଆଈ, ମାମୁ, ମାଇଁ, ସାଙ୍ଗ ସାଥୀ, ବନ୍ଧୁ ଓ ପରିବାରବର୍ଗ।
ଧ-୬୮୫୦୪

**ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ବାସନ୍ତୀ ହୋତା**
ମାଧପୁର, ଆଠମଲ୍ଲିକ, ଅନୁଗୁଳ
ଆବିର୍ଭାବ: ୦୯।୧୦।୧୯୩୯
ତିରୋଧାନ: ୨୪।୧୦।୨୦୧୯
ତୋର ସ୍ନେହ, ତ୍ୟାଗ, କର୍ତ୍ତବ୍ୟନିଷ୍ଠା, ଆମ ପାଇଁ ସଦାସର୍ବଦା ଚିରସ୍ମରଣୀୟ ରହିବ। ତୋର ପବିତ୍ର ଆତ୍ମାର ମୋକ୍ଷ ପ୍ରାପ୍ତି ହେଉ, ଏବଂ ଆମ ପାଇଁ ସଦାସର୍ବଦା ଆଶୀର୍ବାଦ ଥାଉ।
**ଶୋକସନ୍ତପ୍ତ**
ପୁତ୍ର, ପୁତ୍ରବଧୂ, କନ୍ୟା, ଜାମାତା, ନାତି, ନାତୁଣୀ ଏବଂ ପରିବାର ଗଣ।
ଧ-୧୫୦୬୦

**ଦଶମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତା ବସନ୍ତ କୁମାରୀ ମହାନ୍ତି**
ସ୍ୱାମୀ: ସ୍ୱର୍ଗତ ନଟବର ମହାନ୍ତି
ବସନ୍ତ ନିବାସ, ଅରିଲୋ, କଟକ
ତିରୋଧାନ: ୨୬।୧୦।୨୦୦୯
ବୋଉ, ତୋତେ ହରାଇ ଆମେ ସର୍ବହରା। ତୋର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ତୋର ଆଦର୍ଶ,ଆଶୀର୍ବାଦ ଆମ ଜୀବନର ପାଥେୟ ହେଉ।
**ଶୋକସନ୍ତପ୍ତ:**
ବନ୍ଧୁ ଓ ପରିବାରବର୍ଗ।
ଧ-୧୫୦୬୧

**୧୪ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଦ୍ୱିଜବର ପାତ୍ର**
ନହରକଣ୍ଟା, ଭୁବନେଶ୍ୱର
ଆବିର୍ଭାବ: ୧୫।୦୨।୧୯୪୦
(ଶୁକ୍ଳ ମାଘସପ୍ତମୀ)
ତିରୋଧାନ: ୦୯।୧୧।୨୦୦୫
(କାର୍ତ୍ତିକ ଗୋଷ୍ଠାଷ୍ଟମୀ)
ଆପଣଙ୍କ ଅମରାତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ବନ୍ଧୁ, ପରିବାରବର୍ଗ।
ଧ-୧୫୦୩୩

**୧୪ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ଇଂ. ସ୍ୱର୍ଗତ ଚକ୍ରଧର ପାତ୍ର**
ନାଗେଶ୍ୱରଟାଙ୍ଗୀ, ଭୁବନେଶ୍ୱର
ଆବିର୍ଭାବ: ୦୪।୦୧।୧୯୩୮
ତିରୋଧାନ: ୩୦।୧୦।୨୦୦୬
ପବିତ୍ର ଗୋଷ୍ଠାଷ୍ଟମୀ ଅବସରରେ ଆପଣ ଆମକୁ ଶୋକସାଗରରେ ଭସାଇ ଆରପାରିକୁ ଚାଲିଗଲ। ଆପଣଙ୍କ ନିତୀ ଆଦର୍ଶ, ସ୍ନେହ ଆମପାଇଁ ପାଥେୟ ହୋଇରହୁ। ମହାପ୍ରଭୁ ଶ୍ରୀଜଗନ୍ନାଥ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କରନ୍ତୁ।
**ଶୋକସନ୍ତପ୍ତ:**
ସ୍ତ୍ରୀ: ପ୍ରଭାସିନୀ, ପୁଅବୋହୂ, ଝିଅଜ୍ୱାଇଁ, ନାତିନାତୁଣୀ ଏବଂ ବନ୍ଧୁବାନ୍ଧବ।
ଧ-୬୭୨୪୮


### ନେଦରଲାଣ୍ଡ ଟି୨୦ କ୍ୱାଲିଫାଇଂ ଇଭେଣ୍ଟ ଚାମ୍ପିୟନ

**ଦୁବାଇ,୩।୧୧(ଏଏଫ୍‌ପି)**

ନେଦରଲାଣ୍ଡ ଫାଇନାଲରେ ପପୁଆ ନ୍ୟୁ ଗିନିକୁ ୭ ଉଇକେଟରେ ହରାଇ ଟି୨୦ ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ଇଭେଣ୍ଟରେ ଚାମ୍ପିୟନ ହୋଇଛି। ଉଭୟ ଦଳ ଅଷ୍ଟ୍ରେଲିଆରେ ହେବାକୁ ଥିବା ବିଶ୍ୱକପ୍‌ରେ ସ୍ଥାନ ପକ୍କା କରିସାରିଛନ୍ତି। ଏହାବାଦ୍ ଓମାନ, ସ୍କଟଲାଣ୍ଡ, ନାମ୍ବିଆ ଓ ଆୟର୍ଲାଣ୍ଡ ମଧ ଯୋଗ୍ୟତା ଅର୍ଜନ କରିଛନ୍ତି। ଦୁବାଇ ଅନ୍ତର୍ଜାତୀୟ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ମ୍ୟାଚ୍‌ରେ ପିଏନ୍‌ଜି ଧାର୍ଯ୍ୟ ୨୦ ଓଭରରେ ୮ ଉଇକେଟ ହରାଇ ୧୨୮ ରନ୍ କରିଥିଲା। ଦଳ ପାଇଁ ଲେଗା ସିକା ୩୯, ସେସେ ବାଉ ୨୯ ଓ ଜାସନ କିଲା ୨୭ ରନ୍ କରିଥିଲେ। ନେଦରଲାଣ୍ଡ ପକ୍ଷରୁ ବ୍ରାଣ୍ଡନ ଗ୍ଲୋଭର ୩ ଉଇକେଟ ନେଇଥିଲେ। ଜବାବରେ ୧୯ ଓଭରରେ ୩ ଉଇକେଟ ହରାଇ ନେଦରଲାଣ୍ଡ ୧୩୪ ରନ୍ କରି ମ୍ୟାଚ୍ ଜିତି ନେଇଥିଲା। ଚାମ୍ପିୟନ ଦଳ ଲାଗି ବେନ କୁପର ୪୧, ରିଆନ ଟେନ ଡେସଙ୍କେଟ ୩୪ ଓ କଲିନ ଆକମ୍ୟାନ ୨୯ ରନ୍ କରିଥିଲେ। ପିଏନ୍‌ଜିର ବୋଲରଙ୍କ ମଧରେ ନୋସାଇନା ପୋକାନା ଓ ଅଧିନାୟକ ଅସାଦ ଭଲା ଗୋଟିଏ ଲେଖାଏ ଉଇକେଟ ପାଇଥିଲେ।

# ସେମିରେ ୟୁନିୟନ୍ ସ୍ପୋର୍ଟିଂ

**ଭୁବନେଶ୍ୱର, ୩।୧୧ (ସ୍ପୋର୍ଟ୍ସ ବ୍ୟୁରୋ)**

ଶ୍ରୀ ଜୟଦେବ ସ୍ପୋର୍ଟ୍ସ ଆସୋସିଏଶନ ଆନୁକୂଲ୍ୟରେ ରବିବାରଠାରୁ ମହମ୍ମଦ ଇମ୍ରାନ ମେମୋରିଆଲ ଟ୍ୱିନ୍ ସିଟି କ୍ରିକେଟ୍ ଟୁର୍ନାମେଣ୍ଟ (୧୭ ବର୍ଷରୁ କମ୍) ଆରମ୍ଭ ହୋଇଯାଇଛି। ନହରକଣ୍ଟାସ୍ଥିତ ଶ୍ରୀ ଜୟଦେବ କଲେଜ ଖେଳପଡ଼ିଆରେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟକୁ ଭୁବନେଶ୍ୱର ଆଥ୍‌ଲେଟିକ ଆସୋସିଏଶନର ସମ୍ପାଦକ ସୌମ୍ୟ ରଞ୍ଜନ ପରିଜା, ପୂର୍ବତନ କ୍ରୀଡ଼ା ନିର୍ଦ୍ଦେଶକ ଅଶୋକ ମହାନ୍ତି ଓ ମାଧବ ଚରଣ ସାହୁ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ପ୍ରଥମ ମ୍ୟାଚ୍‌ରେ କଟକର ୟୁନିୟନ ସ୍ପୋର୍ଟିଂ ୩ ଉଇକେଟ୍‌ରେ ଗ୍ରୀନ୍ସ କ୍ରିକେଟ୍ ଏକାଡେମୀକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ବିନାୟକ ମହାନ୍ତିଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା।

ପୁରସ୍କାର ବିତରଣୀ ଉତ୍ସବରେ ପୂର୍ବତନ କ୍ରିକେଟର୍ ସଞ୍ଜୟ ଶତପଥୀ, ଜାତୀୟ ଫୁଟ୍‌ବଲ ରେଫରି ଜିତେନ୍ଦ୍ର ସାମନ୍ତସିଂହାର ଅତିଥିଭାବେ ଯୋଗଦେଇ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଟ୍ରଫି ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧରେ ରିଣ୍ଟୁ ମିତ୍ର, ତପନ ସାହୁ, ବଦ୍ରୀ ପାତ୍ର, ବାସୁଦେବ ଓଝା, ଉମାକାନ୍ତ ବେହେରା, ଜଗମୋହନ ସ୍ୱାଇଁ, ବିଷ୍ଣୁ ସାହୁ, ଲିଙ୍ଗରାଜ ମହାନ୍ତି, ଦୀପକ ମଲ୍ଲିକ, ଅମୂଲ୍ୟ ନାୟକ, ପ୍ରଦୀପ କୁମାର ଜେନା ଓ ଶରତ ଚନ୍ଦ୍ର ସାହୁ ପ୍ରମୁଖ ଏହି ଅବସରରେ ଉପସ୍ଥିତ ରହିଥିଲେ। ମ୍ୟାଚ୍‌କୁ ପ୍ରସନ୍ନ ବେଉରା ଓ ସୁଶାନ୍ତ ଦାସ ପରିଚାଳନା କରିଥିବାବେଳେ ମନୁ ମହାପାତ୍ର ରେଫରି ଦାୟିତ୍ୱ ସମ୍ଭାଳିଥିଲେ।




ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ବିନାୟକ ମହାନ୍ତି।

## ଆନ୍ତଃ ବିଦ୍ୟାଳୟ ଗେଟ୍‌ବଲ୍

# ପଳାଶୁଣୀ ୟୁଜି ଉଚ୍ଚ ବିଦ୍ୟାଳୟ ଚାମ୍ପିୟନ

**ଭୁବନେଶ୍ୱର, ୩।୧୧ (ସ୍ପୋର୍ଟ୍ସ ବ୍ୟୁରୋ)**

ଇଣ୍ଡିଆନ୍ ଗେଟ୍‌ବଲ୍ ୟୁନିୟନ ଆନୁକୂଲ୍ୟରେ ସ୍ଥାନୀୟ ୟୁନିଟ୍–୯ ବାଳିକା ବିଦ୍ୟାଳୟ ପ୍ରାଙ୍ଗଣରେ ପ୍ରଥମ ଆନ୍ତଃ ବିଦ୍ୟାଳୟ ଗେଟ୍‌ବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଫାଇନାଲରେ ପଳାଶୁଣୀର ୟୁ.ଜି. ଉଚ୍ଚ ବିଦ୍ୟାଳୟ ୧୨–୧୧ ସ୍କୋରରେ ଓଡିଏମ୍ ପବ୍ଲିକ ସ୍କୁଲକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ସେମିଫାଇନାଲରେ ପ୍ରବେଶ କରିଥିବା କ୍ୟାପିଟାଲ ହାଇସ୍କୁଲ–ଏ ଓ କ୍ୟାପିଟାଲ ହାଇସ୍କୁଲ–ବି ଟିମ୍ ଯଥାକ୍ରମେ ୩ୟ ଓ ୪ର୍ଥ ରନର୍ସଅପ୍ ଭାବେ ଅଭିଯାନ ଶେଷ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ କ୍ୟାପିଟାଲ ହାଇସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ସୋନାଲିକା ରାୟ ମୁଖ୍ୟ ଅତିଥିଭାବେ ଏବଂ ତ୍ରିଲୋଚନ ଦେବତା, ସଞ୍ଜୟ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଇଣ୍ଡିଆନ ଗେଟ୍‌ବଲ ୟୁନିୟନର ସଭାପତି ଦୈପାୟନ ପଟ୍ଟନାୟକ, ସମ୍ପାଦକ ଦିଲ୍ଲୀପ କୁମାର ଦାସ, କୋଷାଧ୍ୟକ୍ଷ ବିଶ୍ୱରଞ୍ଜନ ମିଶ୍ର ଓ ସମସ୍ତ କର୍ମକର୍ତ୍ତା ପ୍ରତିଯୋଗିତାକୁ ସଫଳ ଭାବେ ପରିଚାଳନା କରିବାରେ ସହଯୋଗ କରିଥିଲେ।

ଏହି ପ୍ରତିଯୋଗିତାରେ ୟୁନିଟ୍–୧ ବାଳକ ଉଚ୍ଚ ବିଦ୍ୟାଳୟ, ରାମକୃଷ୍ଣ ବିଦ୍ୟାପୀଠ, ଓଡିଏମ୍ ପବ୍ଲିକ ସ୍କୁଲ, ଆଇ.ଆର୍.ସି. ଭିଜେଜ ଉଚ୍ଚ ବିଦ୍ୟାଳୟ, ଏଫ୍‌ବିଏସ୍ ବିଦ୍ୟାଳୟ, ଇତିପୁର ଉଚ୍ଚ ବିଦ୍ୟାଳୟ, କିସ୍, ପଳାଶୁଣୀ ଉଚ୍ଚ ବିଦ୍ୟାଳୟ, ୟୁନିଟ୍–୯ ବାଳିକା ବିଦ୍ୟାଳୟ, ଭେଙ୍କଟେଶ୍ୱର ସ୍କୁଲ, ସତ୍ୟସାଇ ବାଳିକା ବିଦ୍ୟାଳୟ, ଉତ୍କଳ ଆଶ୍ରମ ବିଦ୍ୟାଳୟ ଆଦି ଭୁବନେଶ୍ୱରସ୍ଥିତ ୨୪ ଗୋଟି ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସମସ୍ତ ସ୍କୁଲ ମୋଟ୍ ୬ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।




ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳିମାନେ।

## ସଂକ୍ଷେପରେ



### ଦକ୍ଷିଣକାଳୀଙ୍କ ଭସାଣି ଉତ୍ସବ

**ଗୁଣପୁର,୩।୧୧(ଡି.ଏନ.ଏ):** ରାୟଗଡା ଜିଲା ଗୁଣପୁର ସହର ଆଇଟିଡିଏ ଅଫିସ ନିକଟରେ ଗତ ୭ ଦିନ ଧରି ଚାଲୁ ରହିଥିବା ମା' ଦକ୍ଷିଣକାଳୀଙ୍କ ଭସାଣି ଉତ୍ସବ ରବିବାର ସନ୍ଧ୍ୟାରେ ସମ୍ପନ୍ନ ହୋଇଛି । ଶନିବାର ରାତିରେ ପୂର୍ଣ୍ଣାହୁତି ହୋମ ଅନୁଷ୍ଠିତ ହୋଇଥିଲା। ପରେ ମା'ଙ୍କ ଘଟକୁ ବିସର୍ଜନ କରାଯାଇଥିଲା ।

### କାର୍ତ୍ତିକମାସ ଉପଲକ୍ଷେ ପ୍ରବଚନ



**ଗୁଣପୁର,୩।୧୧(ଡି.ଏନ.ଏ):** ପବିତ୍ର କାର୍ତ୍ତିକ ମାସ ଉପଲକ୍ଷେ ଶନିବାର ରାୟଗଡା ଜିଲା ଗୁଣପୁର ଭେଙ୍କେଟେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଯୋଗ ବେଦାନ୍ତ ସେବାସମିତି ପକ୍ଷରୁ ଏକ ପ୍ରବଚନ ଏବଂ ସଂକୀର୍ତ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିଲାଗି ଜଗନ୍ନାଥ ରୋଡସ୍ଥିତ ହନୁମାନ ମନ୍ଦିରରୁ ଏକ ସଂକୀର୍ତ୍ତନ ମଣ୍ଡଳୀ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ଭେଙ୍କେଟେଶ୍ୱର ମନ୍ଦିରରେ ପହଁଞ୍ଚିଥିଲେ । ଏହାପରେ ସେଠାରେ ପ୍ରବଚନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଅହମ୍ମଦାବାଦରୁ ଆସିଥିବା ସାଧୁ ସତୀଶଭାଇ ଯୋଗଦେଇ ଗୀତା ଭାଗବତ ଉପରେ ପ୍ରବଚନ ଦେଇଥିଲେ । ସେହିପରି ରବିବାର ଗୁଡାରିଠାରେ ମଧ୍ୟ ଏପରି ପ୍ରବଚନ ଏବଂ ସଂକୀର୍ତ୍ତନ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ଗରିବ ଲୋକମାନଙ୍କୁ ଅନ୍ନ ଏବଂ ବସ୍ତ୍ର ପ୍ରଦାନ କରାଯାଇଥିଲା । ସେହିଭଳି ସନ୍ଧ୍ୟାରେ ପଦ୍ମପୁରଠାରେ ସଂକୀର୍ତ୍ତନ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଦୁର୍ଗା ପ୍ରସାଦ ପଣ୍ଡା, ଭଗବାନ ନିଶଙ୍କ, ସନ୍ତୋଷ ପାଢୀ ଏବଂ ବିପିନ ଭାଇ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ

### ଛାତ୍ର ସଂସ୍କୃତି ଜ୍ଞାନ ପରୀକ୍ଷା



**ଗୁଣପୁର,୩।୧୧(ଡି.ଏନ.ଏ):** ରାୟଗଡା ଜିଲା ଗୁଣପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ରବିବାର ବାହ୍ୟବିଦ୍ୟାଳୟ ଛାତ୍ର ସଂସ୍କୃତି ଜ୍ଞାନ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଗୁଣପୁର ସହରରେ ଥିବା କିଡ୍ସ ଗି, ଜଗନ୍ନାଥ ପବ୍ଲିକ ସ୍କୁଲ, ପୁରୁଣା ଗୁଣପୁର ଆଶ୍ରମ ବିଦ୍ୟାଳୟ ଏବଂ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ମୋଟ ୨୫୨ ଜଣ ଛାତ୍ରଛାତ୍ର ପରୀକ୍ଷାରେ ଅଂଶ ଗ୍ରହଣ କରିଥିଲେ । ଭାରତୀୟ ସଂସ୍କୃତି, ହିନ୍ଦୁ ଧର୍ମ ତଥା ଦର୍ଶନର ମହତ୍ତ୍ୱ ବିଷୟରେ ଜ୍ଞାନ ଆହରଣ କରିବା ସହିତ ଏହାକୁ ବଜାୟ ରଖିବା ଉଦ୍ଦେଶ୍ୟକୁ ପର୍ଯ୍ୟବେସିତ କରି ଏହି ପରୀକ୍ଷା ହୋଇଥିଲା । ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ ଶତପଥୀଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟ ପରୀକ୍ଷା ପ୍ରମୁଖ କିଶୋର ଚନ୍ଦ୍ର ସାହୁ ଓ ସହକାରୀ ପରୀକ୍ଷା ପ୍ରମୁଖ ଶୁଭଶ୍ରୀ ପାଣିଗ୍ରାହୀ ଏବଂ ଅନ୍ୟ ଗୁରୁମା, ଗୁରୁଜୀଙ୍କ ସହଯୋଗରେ ଏହା ସମ୍ପାଦିତ ହୋଇଥିଲା । ଅନୁଷ୍ଠାନ ସମ୍ପାଦକ ଜଗନ୍ନାଥ ପଟ୍ଟନାୟକ ଉପସ୍ଥିତ ରହି କାର୍ଯ୍ୟକ୍ରମ ତଦାରଖ କରିଥିଲେ ।

## ଆମ୍ବୁଲାନ୍ସ ଚକା ପଙ୍କଚର

# ଅନ୍ୟ ଆମ୍ବୁଲାନ୍ସରେ ଗଲେ ରୋଗୀ

ମୁନିଗୁଡା,୩।୧୧(ଡ଼ି.ଏନ.ଏ)

ରୋଗୀଙ୍କୁ ନେଇ ଯାଉଥିବା ଏକ ଆମ୍ବୁଲାନ୍ସ ଚକା ବାଟରେ ପଙ୍କଚର ହୋଇଗଲା । ରାସ୍ତାରେ ଅଟକି ରହିଲେ ରୋଗୀ । ଅଧଘଣ୍ଟା ବିଳମ୍ବରେ ଆଉ ଗୋଟିଏ ଆମ୍ବୁଲାନ୍ସ ଆସି ସମ୍ପୃକ୍ତ ରୋଗୀଙ୍କୁ ନେଇ ମେଡ଼ିକାଲରେ ପହଞ୍ଚାଇଥିଲା । ଏମିତି ଘଟଣା ଦେଖିବାକୁ ମିଳିଛି ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକରେ ।

ଉକ୍ତ ବ୍ଲକ ମଧୁମୁଣ୍ଡା ଗ୍ରାମର ଲୋଟି ସାରକା (୩୫) ଆଜକୁ ୯ ଦିନ ହେଲା ଜ୍ୱରରେ ପୀଡିତ ଥିଲେ । ରବିବାର ତାଙ୍କ ଅବସ୍ଥା ଗୁରୁତର ହେବାରୁ ପରିବାର ଲୋକେ ଆମ୍ବୁଲାନ୍ସ ସହ ଯୋଗାଯୋଗ କରିଥିଲେ । କିଛି ସମୟ ଭିତରେ ୧୦୮ ଆମ୍ବୁଲାନ୍ସ ଆସି ପହଞ୍ଚିଥିଲା । ସେଥିରେ ଲୋଟିଙ୍କୁ ପରିବାର ଲୋକେ ମୁନିଗୁଡ଼ା ଡ଼ାକ୍ତରଖାନା ନେଇଥିଲେ । ହେଲେ କୁତ୍ରାଗଡ଼ ଗ୍ରାମ ନିକଟରେ ଆମ୍ବୁଲାନ୍ସ ଚକଟି ପଙ୍କ୍ଚର ହୋଇଯାଇଥିଲା । ଫଳରେ ଦୀର୍ଘ ୩୦ ମିନିଟ୍ ଧରି ରୋଗୀ ଓ ସମ୍ପର୍କୀୟ ରାସ୍ତା କଡରେ ଅଟକି ରହିଥିଲେ । ପରେ ଆଉ ଏକ ଆମ୍ବୁଲାନ୍ସ ଆସି ଲୋଟିଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲା । ପରିତାପର ବିଷୟ , ଆମ୍ବୁଲାନ୍ସରେ ଥିବା ଷ୍ଟେପ୍‌ନିର ଅବସ୍ଥା ଏପରି ଥିଲା ଯେ, ତାହା ବଦଳାଇବା କଷ୍ଟକର । ସୂଚନା ଥାଉ କି , କିଛି ଦିନ ତଳେ ଠିକ ଏହିପରି ଭାବେ କଲ୍ୟାଣସିଂହପୁରଠାରେ ଆମ୍ବୁଲାନ୍ସର ଚକ ବାଟରେ ପଙ୍କ୍ଚର ହେବାରୁ ବିଳମ୍ବରେ ରୋଗୀ ଜଣକ ଡାକ୍ତରଖାନାରେ ପହଞ୍ଚିବା କାରଣରୁ ମୃତ୍ୟୁ ବରଣ କରିଥିଲେ । ସରକାର ଶୀଘ୍ର ଏପରି ସମସ୍ୟାକୁ ଗୁରୁତର ସହ ନେଇ ଏହାର ସମାଧାନ କରିବାକୁ ଦାବି ହେଉଛି ।


ରୋଗୀଙ୍କୁ ଅନ୍ୟ ଆମ୍ବୁଲାନ୍ସକୁ ନିଆଯାଉଛି ।


ମା' କୋଳରେ ଡମୁଣି ।

## ବୟସ ଅନୁଯାୟୀ ବଢୁନି ଶରୀର

**ଚିକିତ୍ସାରେ ଅର୍ଥ ବାଧକ**

ମୁନିଗୁଡା, ୩।୧୧(ଡି.ଏନ୍.ଏ.)

ବୟସ ୩। କିନ୍ତୁ ବୟସ ଅନୁଯାୟୀ ଶରୀରର ବିକାଶ ହେଉନି। ଡାକ୍ତରଙ୍କ ପାଖକୁ ନେବା ବେଳକୁ ସେମାନେ ରୋଗ ଚିହ୍ନି ପାରୁନାହାନ୍ତି। ଉଚ୍ଚ ଚିକିତ୍ସା କରାଇବାରେ ଅର୍ଥ ବାଧକ ସାଜିଛି। ଝିଅର ଚିକିତ୍ସା ପାଇଁ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି ରାୟଗଡା ଜିଲା ମୁନିଗୁଡା ବ୍ଲକ ଶିବପଦର ପଞ୍ଚାୟତ ବଡଦହିଖାଲ ଗ୍ରାମ ନୂଆ ସାହିର ସୋମନାଥ ପେଣ୍ଡରା ଓ ତାଙ୍କ ସ୍ତ୍ରୀ ଲଚ୍ଛମି।

ସୋମନାଥ ଓ ଲଚ୍ଛମି ବିବାହର ଚାରି ବର୍ଷ ପରେ ଏକ ଶିଶୁ ପୁତ୍ର ଜନ୍ମ ଦେଇଥିଲେ। କିଛି ଦିନ ପରେ ତାହାର ମୃତ୍ୟୁ ହୋଇଯିବା ପରେ ସେମାନେ ଭାଙ୍ଗି ପଡିଥିଲେ। ଏହାର ତିନି ବର୍ଷ ପରେ ଲଚ୍ଛମି ଏକ ଶିଶୁକନ୍ୟାଙ୍କୁ ଜନ୍ମ ଦେଇଥିଲେ। ଏହା ମଧ୍ୟରେ ତିନିବର୍ଷ ବିତି ଯାଇଥିଲେ ସୁଦ୍ଧା ଶିଶୁକନ୍ୟା ଡମୁଣିର ଶରୀର ବଢୁନାହିଁ। ଡମୁଣିଙ୍କ ସମବୟସ୍କ ପିଲାମାନେ ବାହାରେ ଚଲାବୁଲା ଖେଳାଖେଳି କରୁଥିବା ବେଳେ ଡମୁଣି ଏବେବି ମା' କୋଳରେ। ତାଙ୍କ ଶରୀରରେ କୌଣସି ପରିବର୍ତ୍ତନ ହେଉନି। ନା ସେ ଚାଲି ପାରୁଛନ୍ତି, ନା କଥା କହି ପାରୁଛନ୍ତି। ଏପରି ଅବସ୍ଥା ଦେଖି ସୋମନାଥ ଝିଅକୁ ନେଇ ପ୍ରଥମେ ମୁନିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟ ଓ ବିଷମକଟକସ୍ଥିତ ଏକ ଘରୋଇ ମେଡିକାଲରେ ଭର୍ତ୍ତି କରିଥିଲେ। ଡାକ୍ତର କିନ୍ତୁ ରୋଗ ଚିହ୍ନି ପାରି ନ ଥିଲେ। ଝିଅର ଚିକିତ୍ସା ପାଇଁ ସୋମନାଥ ନିଜର ସମସ୍ତ ସଞ୍ଚିତ ଧନ ଖର୍ଚ୍ଚ କରି ସାରିଲେଣି। ଦିନ ମଜୁରି କରି ପରିବାର ପ୍ରତିପୋଷଣ କରୁଥିବା ସୋମନାଥଙ୍କ ପକ୍ଷେ ଝିଅର ଚିକିତ୍ସା କରିବା କଷ୍ଟକର। ସରକାରୀ ସହାୟତା ମିଳିପାରିଲେ ଡମୁଣି ମଧ ଅନ୍ୟ ପିଲାଙ୍କ ପରି ଚଲାବୁଲା ଓ ଖେଳକୁଦ କରିପାରନ୍ତେ ବୋଲି ପରିବାର ଲୋକେ କହିଛନ୍ତି। ଏ ସମ୍ପର୍କରେ ମୁନିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମେଡିକାଲ ଅଫିସର ସଞ୍ଜୟ କୁମାରଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଡମୁଣିଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇ ଚିକିତ୍ସା କରାଯିବ। ଯଦି ଅଧିକ ଚିକିତ୍ସା ଆବଶ୍ୟକ ପଡେ, ତେବେ ତାଙ୍କୁ ବାହାରକୁ ମଧ ପଠାଯିବ ବୋଲି ସେ କହିଛନ୍ତି।

## ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ସାଧାରଣ ବୈଠକ

# ସ୍ଥାୟୀ ନିଯୁକ୍ତି ଦାବି



ବୈଠକରେ ସାମିଲ ହୋଇଥିବା କର୍ମଚାରୀମାନେ ।

ଜେକେପୁର, ୩।୧୧ (ଡି.ଏନ୍.ଏ.)

ରାୟଗଡ଼ା ଜିଲା ସଦର ବ୍ଲକରେ ପଞ୍ଚାୟତିରାଜ ବିଭାଗରେ କାର୍ଯ୍ୟରତ ସମସ୍ତ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଏକ ସାଧାରଣ ବୈଠକ ରବିବାର ଅନୁଷ୍ଠିତ ହୋଇଛି। ସେମାନଙ୍କୁ ସରକାର ଅଣଦେଖା କରୁଥିବା ନେଇ କର୍ମଚାରୀମାନେ ଅଭିଯୋଗ କରିଥିଲେ। ସ୍ଥାୟୀ ନିଯୁକ୍ତି, ସମାନ କାମକୁ ସମାନ ଦରମା ଦେବାକୁ ସେମାନେ ଦାବି କରିଥିଲେ। ରାଜ୍ୟ ସରକାର ସେମାନଙ୍କ ଦାବି ନ ମାନିଲେ ଆଗାମୀ ଦିନରେ ଆନ୍ଦୋଳନ ହେବ ବୋଲି ବୈଠକରେ ଆଲୋଚନା ହୋଇଛି। ବୈଠକରେ ରାୟଗଡ଼ା ବ୍ଲକର ୨୮ଟି ପଞ୍ଚାୟତର ଚତୁର୍ଥ ଶ୍ରେଣୀ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ନିଶା ଦେଇ ବ୍ୟବସାୟୀଙ୍କଠାରୁ ସୁନା ଚେନ,ଟଙ୍କା ଲୁଟ୍

ରାୟଗଡା ଅଫିସ,୩।୧୧

ସ୍ଥାନୀୟ ସାରଳା ଛକ ନିକଟ ତହସିଲଦାର କାର୍ଯ୍ୟାଳୟଠାରେ ପାନ ଦୋକାନ କରିଥିବା ସତ୍ୟନାରାୟଣ ପାଢୀଙ୍କୁ ଜଣେ ଦୁର୍ବୃତ୍ତ ନିଶାଦେଇ ସୁନା ଚେନ, ମୁଦି ଓ ଟଙ୍କା ଲୁଟି ନେଇଛନ୍ତି । ପୋଲିସ ସତ୍ୟନାରାୟଣଙ୍କ ଫୋନକୁ ଟ୍ରାକ କରି ସନ୍ଧ୍ୟାରେ କୋରାପୁଟ ଯାଉଥିବା ୩୨୬ ନଂ ଜାତୀୟ ରାଜପଥ ଶିରିକୋନା ନିକଟ ବିଦ୍ୟାଳୟ ପରିସରରୁ ସଂଜ୍ଞାହୀନ ଅବସ୍ଥାରୁ ଉଦ୍ଧାର କରିଥିଲା । ପରେ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛି। ପୋଲିସ ଅଭିଯୁକ୍ତଙ୍କୁ ଧରିବା ଲାଗି ତଦନ୍ତ ଚଳାଇଛି। ଶନିବାର ଅଭିଯୁକ୍ତ ଜଣକ ସତ୍ୟନାରାୟଣଙ୍କ ଦୋକାନକୁ ଆସିଥିଲେ। କାର୍ଯ୍ୟାଳୟରେ ମିଟିଂ ଥିବାରୁ ଥଣ୍ଡା ଅର୍ଡ଼ର କରିଥିଲେ । ପୁଣି ରବିବାର ପୂର୍ବାହ୍ନ ୯ଟାରେ ଆସି ଅର୍ଡର ସହ ଆଡଭାନ୍ସ ଦେବାକୁ ସତ୍ୟନାରାୟଣଙ୍କୁ ସାଙ୍ଗରେ ଡ଼ାକି ନେଇଥିଲେ। ମଧ୍ୟାହ୍ନ ୧୨ ଟା ପର୍ଯ୍ୟନ୍ତ ନ ଫେରିବାରୁ ପାଖ ଦୋକାନୀ ସତ୍ୟନାରାୟଣଙ୍କ ପୁଅ ସନ୍ତୋଷଙ୍କୁ ଜଣାଇଥିଲେ। ସନ୍ତୋଷ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ବାପାଙ୍କର କୌଣସି ଖୋଜ୍‌ଖବର ପାଇ ନ ଥିଲେ । ପରେ ରାୟଗଡା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ସତ୍ୟନାରାୟଙ୍କ ମୋବାଇଲ ନମ୍ବର ଟ୍ରାକ କରି ଲୋକେସନ ଜାଣିବାକୁ ପାଇଥିଲା। ପରେ ଶିରିକୋନା ବିଦ୍ୟାଳୟ ପରିସରରୁ ସଂଜ୍ଞାହୀନ ଅବସ୍ଥାରେ ସତ୍ୟନାରାୟନଙ୍କୁ ଉଦ୍ଧାର କରିଥିଲା। ଲୁଟେରା ଜଣକ କୌଣସି ନିଶା ଦେଇ ତାଙ୍କଠାରୁ ସୁନାଚେନ, ମୁଦି ଓ ଟଙ୍କା ଲୁଟି ନେଇଥିବା ଜଣାଯାଇଛି।

## ଦେସରକାରୀ କଲେଜ ଶିକ୍ଷକ, କର୍ମଚାରୀ ସଂଘ ବାର୍ଷିକ ସମ୍ମିଳନୀ

# ବର୍ଦ୍ଧିତ ଦରମା ପ୍ରଦାନ ଦାବି



ବାର୍ଷିକ ସମ୍ମିଳନୀରେ ମଞ୍ଚାସୀନ ଅତିଥି।

ଗୁଡ଼ାରୀ,୩।୧୧(ଡି.ଏନ୍.ଏ.)

ରାୟଗଡ଼ା ଜିଲା ବେସରକାରୀ କଲେଜ ଶିକ୍ଷକ ଓ କର୍ମଚାରୀ ସଂଘର ବାର୍ଷିକ ସମ୍ମିଳନୀ ଗୁଡାରୀ ବିଜ୍ଞାନ ମହାବିଦ୍ୟାଳୟରେ ରବିବାର ଅନୁଷ୍ଠିତ ହୋଇଛି। ସଂଘ ଜିଲା ସଭାପତି ଶଶିଭୂଷଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ରାଜ୍ୟ ସଂଘ ସାଧାରଣ ସମ୍ପାଦକ ଚିତ୍ତ ମହାପାତ୍ର, ସମ୍ପାଦକ ବନମାଳୀ ପାଣିଗ୍ରାହୀ, ଚିତ୍ତରଞ୍ଜନ ମିଶ୍ର, ସୂର୍ଯ୍ୟ ନାରାୟଣ ତ୍ରିପାଠୀ, ମଦନ ମହଲ୍ଲା, ପୂର୍ବତନ ସଭାପତି ନିରଞ୍ଜନ ବକ୍ସିପାତ୍ର ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ହରିଶ୍ଚନ୍ଦ୍ର ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ବୈଠକରେ ସଂଘର ବିଭିନ୍ନ ସମସ୍ୟା ନେଇ ଆଲୋଚନା କରାଯାଇଥିଲା। ସପ୍ତମ ବେତନ ଦରମା ବାବଦରେ ୨୧ ମାସର ବର୍ଦ୍ଧିତ ଦରମା ପ୍ରଦାନ, ଗ୍ରାଚ୍ୟୁଇଟି ସୀମା ୧୫ ଲକ୍ଷକୁ ବୃଦ୍ଧି, ସରକାରୀ କର୍ମଚାରୀ ପାଉଥିବା ସାଢ଼େ ୧୬ ମାସର ଗ୍ରାଚ୍ୟୁଇଟି, ୟୁଜିସି ଅଧ୍ୟାପକମାନଙ୍କ ବର୍ଦ୍ଧିତ ଦରମା ଦେବାକୁ ଦାବି ହୋଇଥିଲା। ସାତ ଘଣ୍ଟା ଡ୍ୟୁଟି ସମୟ ପରିବର୍ତ୍ତନ କରି ପୂର୍ବପରି ୫ ଘଣ୍ଟା ପ୍ରଚଳନ କରିବାକୁ ସେମାନେ ଦାବି କରିଥିଲେ। ଗୁଡାରୀ କନିଷ୍ଠ ବିଜ୍ଞାନ ମହାବିଦ୍ୟାଳୟ ଅଧ୍ୟକ୍ଷା ଅଳକା ପାଣିଗ୍ରାହୀଙ୍କୁ ବିଦାୟକାଳିନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଜିଲା ସମ୍ପାଦକ ଅରୁଣ ଖାଡ଼ଙ୍ଗା ବାର୍ଷିକ ବିବରଣୀ ପାଠ କରିଥିଲେ। ଗୁଡାରୀ କଲେଜର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ଏହି ସମ୍ମିଳନୀରେ ଯୋଗ ଦେଇଥିଲେ । ଆସନ୍ତା ବର୍ଷ ଜାନୁୟାରୀ ୫ ତାରିଖରେ ରାଜ୍ୟ ସଂଘର ସମ୍ମିଳନୀ ଅନୁଷ୍ଠିତ ହେବ। ବୈଠକରେ ଜିଲାର ସମସ୍ତ କଲେଜ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀଙ୍କ ସହ କୋରାପୁଟ, ଗଞ୍ଜାମ, ଗଜପତି ଜିଲାରୁ ବିଭିନ୍ନ କଲେଜ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ସାମିଲ ହୋଇଥିଲେ।

# ଚୁକ୍ତିଭିତ୍ତିକ ଶିକ୍ଷକ ସଂଘର ସାଧାରଣ ବୈଠକ

ରାୟଗଡ଼ା ଅଫିସ ,୩।୧୧

ରାୟଗଡ଼ା ଜିଲା ହାଇସ୍କୁଲ ଚୁକ୍ତିଭିତ୍ତିକ ଶିକ୍ଷକ ସଂଘର ଏକ ସାଧାରଣ ସଭା ଠକ୍କର ବାପା ଆଶ୍ରମ ପ୍ରାଙ୍ଗଣରେ ରବିବାର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଜିଲା ସଭାପତି ଗଦାଧର ଜେନା ,ସାଧାରଣ ସମ୍ପାଦକ ରବିନାରାୟଣ ପାଢ଼ୀଙ୍କ ସମେତ ଶତାଧିକ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ । ସର୍ବ ପ୍ରଥମେ ୨୦୧୨ -୧୩ ରେ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକମାନଙ୍କର ୬ ବର୍ଷ ଅବଧି ପୁରିଯାଇଥିଲେ ମଧ୍ୟ ସରକାରଙ୍କ ତରଫରୁ ନିୟମିତ ଶିକ୍ଷକର ମାନ୍ୟତା ନେଇ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା । ଏହି ସମ୍ପର୍କରେ ବିଧିବଦ୍ଧ ନିୟମିତ କାର୍ଯ୍ୟାଦେଶ ପ୍ରଦାନ କରିବା ନିମନ୍ତେ ଜିଲା ଶିକ୍ଷାଧିକାରୀଙ୍କୁ ସଂଘ ତରଫରୁ ଅନୁରୋଧ କରାଯାଇଛି। ପ୍ରତିମାସ ଶେଷ କାର୍ଯ୍ୟ ଦିବସରେ ଦରମା ପ୍ରଦାନ କରିବା ପାଇଁ ଚିଠି ସଂଖ୍ୟା ୩୨୬୮୬ ୨୪।୨।୨୦୧୯ ମୁତାବକ ସମସ୍ତ ଜିଲାର ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶନାମା ଜାରି କରାଯାଇଥିଲେ ସୁଦ୍ଧା ତାହା ଠିକ ଭାବରେ କାର୍ଯ୍ୟ କରାଯାଉ ନ ଥିବା ସଂଘ ପକ୍ଷରୁ କୁହାଯାଇଛି । ବିଶେଷ କରି ଅକ୍ଟୋବର ମାସ ପୂରି ଯାଇଥିଲେ ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ ଦରମା ସମ୍ବନ୍ଧୀୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ ବୋଲି ସଂଘ ପକ୍ଷରୁ ତୀବ୍ର ଅସନ୍ତୋଷ ଦେଖାଦେଇଛି । ଏହି ବୈଠକରେ ଶିକ୍ଷକ ଧର୍ମେନ୍ଦ୍ର ପରିଡ଼ା ,ସଞ୍ଜୟ କୁମାର ବାଗ ,ରାଧାନାଥ ଗମାଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ ।


ବୈଠକରେ ଉପସ୍ଥିତ ସଂଘର କର୍ମକର୍ତ୍ତା।

## ଦୃଷ୍ଟିହୀନ କଳାକାରଙ୍କ ପକ୍ଷରୁ ଭଜନ ସମାରୋହ

ରାୟଗଡା ଅଫିସ, ୩।୧୧

ରାୟଗଡ଼ା ସହର ତୁମ୍ଭିଗୁଡା ଛକ ନିକଟରେ ରବିବାର ସନ୍ଧ୍ୟାରେ ଏକ ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ଜିଲା ଶ୍ରୀ ହରଗୌରୀ ଦୃଷ୍ଟିହୀନ ଭଜନ ସମାରୋହ ସଂଘ କଳାକାରମାନେ ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ। କଳାକାରମାନେ ନିଜେ ଚାନ୍ଦା ଆଦାୟ କରି ପ୍ରତ୍ୟେକ ବର୍ଷ ବିଭିନ୍ନ ଅଞ୍ଚଳ ବୁଲି ଏଭଳି କାର୍ଯ୍ୟକ୍ରମ କରିଥାନ୍ତି। ନିଜ ଭିତରେ ଥିବା ପ୍ରତିଭାର ବିକାଶ କରିବା ଲକ୍ଷ୍ୟରେ ଏହି ଭଳି କାର୍ଯ୍ୟକ୍ରମ କରୁଛନ୍ତି ବୋଲି ସଂଘ ପକ୍ଷରୁ କୁହାଯାଇଛି। ଗାଟିଏ ପ୍ରୋଗ୍ରାମ କରିବାକୁ ପ୍ରାୟ ୬୦୦୦ ଟଙ୍କା ଖର୍ଚ୍ଚ ହୁଏ ବୋଲି ସଂଘ ପକ୍ଷରୁ କୁହାଯାଇଛି।


ରାୟଗଡ଼ା ସହର ତୁମ୍ଭିଗୁଡା ଛକ ନିକଟରେ କଳାକାରମାନେ ଭଜନ ପରିବେଷଣ କରୁଛନ୍ତି ।


ରାୟଗଡ଼ା ବ୍ଲକ କଲୋନୀରେ ପୂଜା ପାଉଥିବା ମା' ଦକ୍ଷିଣକାଳୀ।


ପୂଜା ମଣ୍ଡପରେ ଶ୍ରଦ୍ଧାଳୁଙ୍କ ଭିଡ଼।


ମିନାବଜାରରେ ମହିଳାମାନେ ସାମଗ୍ରୀ କିଣୁଛନ୍ତି।



Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

## ସଂକ୍ଷେପରେ



### ବାଲ୍‌ମୁକୁନ୍ଦ କେନ୍ଦ୍ରରେ ବିଭିନ୍ନ କାର୍ଯ୍ୟକ୍ରମ

**ପାରଳାଖେମୁଣ୍ଡି,୩।୧୧ (ସ୍ୱ.ପ୍ର.) :** ବାଲ୍‌ମୁକୁନ୍ଦ କେନ୍ଦ୍ର ପକ୍ଷରୁ ରବିବାର ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସ୍ୱାମୀ ମୁକୁନ୍ଦାନନ୍ଦଜୀଙ୍କ ନିର୍ଦ୍ଦେଶ ଏବଂ ବାଲ୍‌ମୁକୁନ୍ଦ କେନ୍ଦ୍ରର ପୁରୋଧା ହରେ ରାମ କୃଷ୍ଣ ଚୌଧୁରୀଙ୍କ ପ୍ରଚେଷ୍ଟାରେ ଶିଶୁମାନଙ୍କୁ ସ୍ୱାସ୍ଥ୍ୟବାନ ଓ ଆଦର୍ଶ ବିଦ୍ୟାର୍ଥୀଭାବେ ଗଠନ କରିବାକୁ ପ୍ରଚେଷ୍ଟା କରାଯାଉଥିବା କେନ୍ଦ୍ର ପକ୍ଷରୁ କୁହାଯାଇଛି। ରବିବାର ''ଭଲ ଚିନ୍ତା ଓ ଭଲ କାମ'' କାର୍ଯ୍ୟକ୍ରମରେ ସ୍ଥାନୀୟ ଚିନ୍ମୟ ମିଶନର ଆଚାର୍ଯ୍ୟ ସ୍ୱାମୀ ନିଗମାନନ୍ଦଜୀ ଯୋଗଦେଇ ଯୋଗାସନ ଶିକ୍ଷା ଗୋଷ୍ଠାଷ୍ଟମୀ ଓ ଅଁଳାନବମୀର ମହତ୍ୱ ବୁଝାଇଥିଲେ। କାର୍ଯ୍ୟକ୍ରମରେ ମୁରଲୀଧର ପରିଚ୍ଛା ଚିତ୍ରାଙ୍କନ ଶିକ୍ଷା ଦେଇଥିବାବେଳେ ସତ୍ୟନାରାୟଣ ଆପଟ ସଙ୍ଗୀତ ଶିକ୍ଷା ଦାନ କରିଥିଲେ । ସମସ୍ତ କାର୍ଯ୍ୟକ୍ରମକୁ କେନ୍ଦ୍ରର ସଂଯୋଜକ ନିତ୍ୟାନନ୍ଦ ଚୌଧୁରୀ ପରିଚାଳନା କରିବା ସହ ଶିଶୁମାନଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ ।

### ଭିଜିଲାନ୍ସ ସଚେତନତା ସପ୍ତାହରେ ଶପଥ ପାଠ

**ଆର.ଉଦୟଗିରି,୩।୧୧(ଡି.ଏନ.ଏ.):** ଆର.ଉଦୟଗିରି କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ଭିଜିଲାନ୍ସ ସଚେତନତା ସପ୍ତାହ ଶନିବାର ପାଳିତ ହୋଇଥିଲା। ଏହି ଅବସରରେ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ବୈଜ୍ଞାନିକମାନେ ସଚ୍ଚୋଟତା ଶପଥ ଗ୍ରହଣ କରିଥିଲେ। ଚାନ୍ଦିପୁଟସ୍ଥିତ ଇନ୍ଦିରା ସ୍ମୃତି ଉଚ୍ଚ ମାଧମିକ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ମଧରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ କଲେଜ ଅଧକ୍ଷ ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ଅଧାପକ ରମଣାୟ ଆଚାର୍ଯ୍ୟ, ଅନିଲ କୁମାର ପଟ୍ଟନାୟକ, ଅଧାପିକା ସାଗରିକା ରଇତ, ଅର୍ଚ୍ଚନା ରାଇକା, ଅନୁସୟା ପାଇକ, ତରୁଣ କୁମାର ବଡ଼ମୁଣ୍ଡି, କୃଷ୍ଣଚନ୍ଦ୍ର ପୂଜାରୀ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ଼. ସଂଗ୍ରାମ ଗୁରୁ, ସଞ୍ଜୀବ ମାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ ।

### ସାପ କାମୁଡ଼ାରେ ମହିଳା ମୃତ

**ବେଗୁନିଆପଡା,୩।୧୧(ଡି.ଏନ.ଏ.):** ସାପ କାମୁଡ଼ାରେ ବେଗୁନିଆପଡ଼ା ଫାଣ୍ଡି ବିରିବାଟିଆ ଗ୍ରାମର ଜଣେ ମହିଳାଙ୍କ ରବିବାର ମୃତ୍ୟୁ ଘଟିଛି। ସେ ହେଲେ ଭଗବାନ ସ୍ୱାଇଁଙ୍କ ସ୍ତ୍ରୀ ଲକ୍ଷ୍ମୀ (୫୦)। ଲକ୍ଷ୍ମୀ ସକାଳୁ ନିଜ ବିଲକୁ ଯାଇ କାମ କରୁଥିବା ସାପ କାମୁଡ଼ି ଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ କୋଦଳା ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କୋଦଳା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତକଙ୍କ ପରିବାରକୁ ସରକାରୀ ସହାୟତା ଦେବା ପାଇଁ ନିବେଦନ କରାଯାଇଛି।

## ସପ୍ତାହେ ରହିଲା ବୋଇତ ବନ୍ଦାଣ ଉତ୍ସବ

# ବିପଦପୂର୍ଣ୍ଣ ମହେନ୍ଦ୍ରତନୟା ନଦୀ ଘାଟ, ରାସ୍ତା

**ପାରଳାଖେମୁଣ୍ଡି,୩।୧୧ (ସ୍ୱ.ପ୍ର.)**

ଓଡ଼ିଶା-ଆନ୍ଧ୍ର ସୀମାନ୍ତ ତଥା ପାରଳାଖେମୁଣ୍ଡି ନିକଟସ୍ଥ ପୁଣ୍ୟତୋୟା ମହେନ୍ଦ୍ରତନୟା ନଦୀରେ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଅନୁଷ୍ଠିତ ହେବ ବୋଇତ ବନ୍ଦାଣ ଉତ୍ସବ। ମହେନ୍ଦ୍ରତନୟା ନଦୀର ମାହାତ୍ମ୍ୟ ସମ୍ପର୍କରେ ବିଭିନ୍ନ ପୁରାଣରେ ବର୍ଣ୍ଣିତ ରହିଛି । ପୁରାଣ ବର୍ଣ୍ଣିତ ଐତିହାସିକ ଶୈବ ପୀଠ ମହେନ୍ଦ୍ରଗିରି ପାହାଡ଼ରୁ ଏହି ନଦୀର ଉତ୍ପତ୍ତି। ଏହି ନଦୀର ବହୁ ମାହାତ୍ମ୍ୟ ରହିଥିବା ଯୋଗୁ ଏହାର ଉପର ମୁଣ୍ଡର ଉତ୍ତର ମୁହାଁଠାରେ ସେ ସମୟରେ ପୁରୀ ଜଗନ୍ନାଥ ମନ୍ଦିରର ମୁକ୍ତିମଣ୍ଡପ ଜ୍ୟୋତିଷ ଶାସ୍ତ୍ର ପ୍ରକାରେ ଦୀର୍ଘ ୯୯ ପରେ ମହା ବାରୁଣୀ ବୁଡ଼ ଅନୁଷ୍ଠିତ ହୋଇଥିଲା । ଓଡ଼ିଶା ଓ ଆନ୍ଧ୍ରର ବିଭିନ୍ନ ଜିଲ୍ଲାରୁ ୭ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ଏଠାରେ ବୁଡ଼ ପକାଇଥିଲେ । ଏହି ନଦୀର ମାହାତ୍ମ୍ୟ ଯୋଗୁ ପ୍ରତିବର୍ଷ ଏଠାରେ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଥାଏ। ଶତାଧିକ ଗ୍ରାମର ଲୋକ ଏହି ନଦୀଘାଟରେ ବୁଡ଼ ପକାଇବା ସହ ପାରମ୍ପାରିକ ବୋଇତ ବନ୍ଦାଣ କରିଥାନ୍ତି। ଚଳିତବର୍ଷ କାର୍ତ୍ତିକ ପୂର୍ଣ୍ଣିମାକୁ ଆଉ ମାତ୍ର ୧ ସପ୍ତାହ ରହିଥିବାବେଳେ ଏଠାରେ ପ୍ରବଳ ଭିଡ଼ ହେବା ସମ୍ଭାବନା ରହିଛି। ଏହି ଅବସରରେ ଜନସ୍ୱାସ୍ଥ୍ୟ ବିଭାଗ ପମ୍ପ ହାଉସ୍ ଠାରୁ ବୃନ୍ଦାବନ ପ୍ୟାଲେସ୍ ଫାଟକ ପର୍ଯ୍ୟନ୍ତ ନଦୀ କୂଳରେ ୧୧ ତାରିଖ ମଧ ରାତ୍ରିରୁ ଲୋକଙ୍କ ଭିଡ଼ ଜମିବ। ହେଲେ ଏହି ନଦୀଘାଟ ପରିସର କୌଣସି ଦୃଷ୍ଟିରୁ ସୁରକ୍ଷିତ ନ ଥିବା ଜଣାପଡ଼ିଛି। ଏହା ପରିସର ଅଞ୍ଚଳ ବଣବୁଦା ସହ ଅପରିଷ୍କାର ଓ ଦୁର୍ଗନ୍ଧମୟ ହୋଇଛି। ସେହିପରି ଏଠାକୁ ଯିବାକୁ ରହିଥିବା ରାସ୍ତାର ଅବସ୍ଥା ମଧ ଶୋଚନୀୟ ହୋଇପଡ଼ିଛି। ସେହିଭଳି ବିଦ୍ୟୁତ ଖୁଣ୍ଟ ତଥା ଆଲୋକର ବ୍ୟବସ୍ଥା ମଧ ଏଠାରେ ନାହିଁ। ତେଣୁ ଖାଲଖମା ଓ କାଦୁଅ ଭରା ଏହି ରାସ୍ତାଦେଇ ମଧରାତ୍ରିରେ ଲୋକେ ବୋଇତ ବନ୍ଦାଣ ପାଇଁ କିପରି ଯିବେ ତାହା ଏବେ ଚିନ୍ତାର କାରଣ ହୋଇଛି। ଏହା କେବଳ ଚଳିତବର୍ଷର ଅବସ୍ଥା ନୁହେଁ, ପ୍ରତିବର୍ଷ ଲୋକେ ଏହି ବିପଦପୂର୍ଣ୍ଣ ରାସ୍ତାରେ ବାଧ ହୋଇ ଯାଇଥାନ୍ତି। ଅନ୍ୟପକ୍ଷରେ ନଦୀ ରାସ୍ତାକୁ ଲାଗି ଦୀର୍ଘ ବର୍ଷ ହେଲା ବଡ଼ ଗର୍ତ୍ତ ରହିଥିବାବେଳେ ପ୍ରତିବର୍ଷ ଏହି ଗର୍ତ୍ତରେ ପଡ଼ି ଅନେକେ ଖଣ୍ଡିଆ ଖାବରା ହୋଇଥିବା ନଜିର ରହିଛି । ନଦୀଘାଟ ମଧ ଅତ୍ୟନ୍ତ ଅପରିଷ୍କାର ହୋଇପଡ଼ିଛି। ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ନଦୀ ଘାଟ ଓ ଏଠାକୁ ଯିବାକୁ ଥିବା ରାସ୍ତାର ଅବସ୍ଥା ସୁଧାରିବା ସହ ଆଲୁଅ ବ୍ୟବସ୍ଥା କରିବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

### ପରିଷ୍କାର ଓ ଆଲୁଅ ବ୍ୟବସ୍ଥା ପାଇଁ ଦାବି



ଅପରିଷ୍କାର ମହେନ୍ଦ୍ରତନୟା ଘାଟ।




# ନିଖୋଜ ୫ ଛାତ୍ରଙ୍କ ମିଳିଲା ସନ୍ଧାନ

**ଗୋଷାଣୀ,୩।୧୧ (ଡି.ଏନ୍.ଏ.)**

ଗୁରାଣ୍ଡି ଥାନା ଅନ୍ତର୍ଗତ ଜଙ୍ଗଲପାଡୁ ଗ୍ରାମର ୫ ଜଣ ୧୦ମ ଶ୍ରେଣୀ ଛାତ୍ର ଶନିବାର ସକାଳୁ ନିଖୋଜ ହୋଇଥିବାବେଳେ ପୋଲିସ୍ ସେମାନଙ୍କ ସନ୍ଧାନ ପାଇଥିବା ଗଜପତି ଏସ୍‌ପି ସାରା ଶର୍ମା ସୂଚନା ଦେଇଛନ୍ତି। ସେମାନଙ୍କୁ ଖୁବ୍‌ଶୀଘ୍ର ଉଦ୍ଧାର କରାଯିବ ବୋଲି ସେ କହିଛନ୍ତି। ସମସ୍ତ ଛାତ୍ର ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ଚାଇଲ୍ଡଲାଇନ୍ ନିକଟରେ ଥିବା ସୂଚନା ମିଳିଥିବାବେଳେ ପିଲାମାନଙ୍କୁ ସୁରକ୍ଷିତଭାବେ ଘରକୁ ଫେରାଇ ଆଣିବାକୁ ଉଦ୍ୟମ ଚାଲିଛି, ସେମାନେ ଫେରିବା ପରେ ଘଟଣା ସମ୍ପର୍କରେ ସବିଶେଷ ସୂଚନା ଦିଆଯିବ ବୋଲି ଏସ୍‌ପି କହିଛନ୍ତି। ପ୍ରକାଶ ଯେ, ଗ୍ରାମର ଗ୍ରାମର ହରିକୃଷ୍ଣ ନାୟକଙ୍କ ପୁଅ କାହ୍ନା ନାୟକ(୧୫), ତ୍ରନାଥ ଜେନାଙ୍କ ପୁଅ ବିକ୍ରମ ଜେନା(୧୪), ରାଜେନ୍ଦ୍ର ଜେନାଙ୍କ ପୁଅ ଶୁଭମ୍ ଜେନା(୧୪), ରଞ୍ଜନ ଜେନାଙ୍କ ପୁଅ ଚିନ୍ମୟ ଜେନା(୧୫) ଏବଂ ଗଣପତି ନାୟକଙ୍କ ପୁଅ ଡମ୍ବରୁ ନାୟକ(୧୫) ସକାଳେ ସ୍କୁଲ୍ ଯିବାକୁ ବାହାରି ନିଖୋଜ ଥିଲେ। ଏ ସମ୍ପର୍କରେ କାହ୍ନାଙ୍କ ପିତା ହରିକୃଷ୍ଣ ନାୟକ ଗୁରାଣ୍ଡି ଥାନାରେ ୫ ପିଲା ନିଖୋଜ ଥିବା ନେଇ ଏତଲା ଦେଇଥିଲେ। ଏ ସମ୍ପର୍କରେ ଥାନାରେ ନଂ ୯୨/୧୯ରେ ଏକ ମାମଲା ରୁଜୁ ହୋଇଥିବା ସୂଚନା ମିଳିଛି।

## ଡିୱାଇଏଫ୍‌ଆଇର ୭ମ ଜିଲାସ୍ତରୀୟ ସମ୍ମିଳନୀ

# ଶିକ୍ଷା, ସ୍ୱାସ୍ଥ୍ୟ, ନିଯୁକ୍ତି ପାଇଁ ଲଢ଼େଇ ଜାରି ରହିବ




କାର୍ଯ୍ୟକ୍ରମରେ ଉପସ୍ଥିତ ରାଜ୍ୟ ସମ୍ପାଦକ ଯତୀନ୍ ମହାନ୍ତି ଓ ଅନ୍ୟମାନେ।

**ପାରଳାଖେମୁଣ୍ଡି,୩।୧୧(ସ୍ୱ.ପ୍ର.)**

ଭାରତର ଗଣତାନ୍ତ୍ରିକ ଯୁବ ଫେଡେରେଶନ୍(ଡିୱାଇଏଫ୍‌ଆଇ) ପକ୍ଷରୁ ପାରଳାଖେମୁଣ୍ଡିସ୍ଥିତ ଜିଲା କାର୍ଯ୍ୟାଳୟରେ ରବିବାର ୭ମ ଜିଲାସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ସଙ୍ଗଠନର ତୃତୀୟ ପ୍ରତିଷ୍ଠା ଦିବସ ପରିପ୍ରେକ୍ଷୀରେ ପ୍ରଥମେ ରାଜ୍ୟ ସମ୍ପାଦକ ଯତୀନ୍ ମହାନ୍ତି ସଙ୍ଗଠନର ପତାକା ଉତ୍ତୋଳନ କରି ଶହୀଦ ଭଗତ ସିଂଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଆଦିବାସୀ ନେତା ଦଣ୍ଡପାଣି ରଇତ ଯୋଗଦେଇ ସମ୍ମିଳନୀର ଉଦ୍‌ଘାଟନ କରିଥିଲେ। କେ. ସୋମେସୁ ଓ ଯାପି ଶବରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଦିବାସୀ ନେତା କାର୍ତ୍ତିକ ଶବର, ଦଳିତ ନେତା ମୋହିତ୍ ମିଶାଲ୍ ଉପସ୍ଥିତ ରହି ସମ୍ମିଳନୀର ସଫଳତା କାମନା କରିଥିଲେ। ସମ୍ମିଳନୀରେ ସଙ୍ଗଠନର ରାଜ୍ୟ ସମ୍ପାଦକ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ବର୍ଷିଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ନିଯୁକ୍ତି, ଦୈନିକ ୬୦୦ଟଙ୍କା ମଜୁରୀ ଦାବିରେ ଲଢ଼େଇ ଜାରି ରହିବ ବୋଲି କୁହାଯିବା ସହ ଜିଲାର ଯୁବ ଛାତ୍ରମାନେ ଏହି ଲଢ଼େଇରେ ସାମିଲ୍ ହେବାକୁ ନିବେଦନ କରିଥିଲେ। ଜିଲାର ସାଙ୍ଗଠନିକ ରିପୋର୍ଟ ସମ୍ପର୍କରେ ୧୨ ଯୁବ ସାଥୀ ଆଲୋଚନା କରିଥିଲେ। ଏହି ଅବସରରେ ୧୧ଜଣିଆ ଜିଲା କମିଟି ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତି ଭାବେ କେ. ସୋମେସୁ, ସମ୍ପାଦକ ଭାବେ ସୁକୁ ଶବର, ଉପସଭାପତି ମାନସ ଜେନା, ଯୁଗ୍ମ ସମ୍ପାଦକ ଶ୍ରୀନିବାସ ଗୟା, ସଭ୍ୟ ଯାପି ଶବର, ଲଳିତା ଶବର, ନାଗେଶ୍ୱର ଶବର, ଜଗା ରାଓ, ଇସାକ୍ ଶବର, ପି. ମୂରଳି କ୍ରିଷ୍ଣା ନୂତନ ଜିଲା କମିଟିକୁ ନିର୍ବାଚିତ ହୋଇଥିବା ଜଣାପଡ଼ିଛି।

# ବିଲ୍ ପାସ୍ ଲାଗି ଲାଞ୍ଚ ଅଭିଯୋଗ, ତଦନ୍ତ ଆରମ୍ଭ

**ଦାରିଙ୍ଗବାଡ଼ି,୩।୧୧(ଡି.ଏନ.ଏ.)**

ଦାରିଙ୍ଗବାଡ଼ି ବ୍ଲକ କାର୍ଯ୍ୟାଳୟର ଜଣେ ଗ୍ରାମ ପଞ୍ଚାୟତ ବୈଷୟିକ ସହାୟକ ଲାଞ୍ଚ ନେଇଥିବା ଜିଲା ପ୍ରଶାସନ ନିକଟରେ ଜଣେ ଠିକା ସଂସ୍ଥା ପକ୍ଷରୁ ଅଭିଯୋଗ କରାଯାଇଛି। ସଂପୃକ୍ତ ଗ୍ରାମ ପଞ୍ଚାୟତ ବୈଷୟିକ ସହାୟକଙ୍କୁ ଜିଲା ପ୍ରଶାସନ ଫୁଲବାଣୀ ଡକାଇ ତଦନ୍ତ କରିଛି। ଅଭିଯୋଗ ଆଣିଥିବା ସଂସ୍ଥାକୁ ମଧ ଡକାଇ ଘଟଣା ସମ୍ପର୍କରେ ତଦନ୍ତ କରାଯାଇଛି । ପ୍ରକାଶ ଯେ, ଯେଉଁ କାର୍ଯ୍ୟ ପାଇଁ ୩ଲକ୍ଷ ରୁ ଉର୍ଦ୍ଧ୍ୱ ଖର୍ଚ୍ଚ କରାଯାଇଛି ଏବଂ ତାକୁ ବିଲ୍ ପାସ୍ କରାଇବାକୁ ୨୦ ପ୍ରତିଶତ ଲାଞ୍ଚ କାରବାର ହୋଇଛି ଉକ୍ତ କାର୍ଯ୍ୟ ସର୍ବସାଧାରଣଙ୍କ ବ୍ୟବହାର ପାଇଁ ଉଦ୍ଦିଷ୍ଟ। ଉକ୍ତ କାର୍ଯ୍ୟ ଜିଲା ପ୍ରଶାସନ ଅଧୀନରେ ରହିଥିବାବେଳେ ବାଲିଗୁଡା ଜିଲାପାଳ ଉକ୍ତ ଅନୁଷ୍ଠାନର ଅଧକ୍ଷ ରହିଛନ୍ତି। ଏ ନେଇ ଦାରିଙ୍ଗବାଡ଼ି ବିଡିଓ କହିଛନ୍ତି ଉକ୍ତ ଘଟଣା ମେ' ମାସରେ ଘଟିଛି। ପୂର୍ବତନ ବିଡିଓ ଘଟଣା ସମ୍ପର୍କରେ ଠିକ୍ ତଥ୍ୟ ଦେଇ ପାରିବେ ବୋଲି ସେ କହିଛନ୍ତି। ଏବେ ଉକ୍ତ କାର୍ଯ୍ୟର କିଛି ବିଲ୍ ପାସ ହୋଇ ନ ଥିବାର ସେ କହିଛନ୍ତି । ଏନେଇ ବୈଷୟିକ ସହାୟକ ଅଭିଯୋଗ ଆସିଥିବା ଘଟଣା ମିଥ୍ୟା ଓ ସମସ୍ତ ବିଲ୍ ସେ ପ୍ରଦାନ କରିଥିବା ପ୍ରମାଣ ରହିଛି ବୋଲି କହିଛନ୍ତି।

# ଗଛରେ ପିଟିହେଲା କାର୍: ଜଣେ ମୃତ



ଦୁର୍ଘଟଣାଗ୍ରସ୍ତ କାର୍।

**କାଶୀନଗର, ୩।୧୧(ଡି.ଏନ୍.ଏ.)**

ଗଜପତି ଜିଲା କାଶୀନଗର ବ୍ଲକ୍ ଅନ୍ତର୍ଗତ ପୁଲିଗୁମି ନାଓ୍ୱଡ଼ା ଗେଟ୍ ନିକଟରେ ଶନିବାର ବିଳମ୍ବିତ ରାତିରେ ଏକ ସ୍ୱିଫ୍ଟ ଡିଜାୟାର କାର ନଂ (ଓଡି-୨୦-୪୪୮୭) ଦୁର୍ଘଟଣାଗ୍ରସ୍ତ ହୋଇ ଜଣଙ୍କ ମୃତ୍ୟୁ ଘଟିଛି। ଘଟଣାରୁ ପ୍ରକାଶ ଯେ, କାର୍‌ଟି ଭାରସାମ୍ୟ ହରାଇ ଏକ ଗଛକୁ ଧକ୍କା ଦେଇଥିଲା। ଏଥିରେ ଅବ୍‌ଦୁଲ୍ ନୁର୍(୩୦) ଗୁରୁତର ହୋଇଥିଲେ। ତାଙ୍କୁ ଅଗ୍ନିଶମ ବିଭାଗ ସହାୟତାରେ କାଶୀନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତେବେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଦୁର୍ଘଟଣାରେ ଅନ୍ୟଜଣେ ବ୍ୟକ୍ତି ମଧ ଆହତ ହୋଇଛନ୍ତି। ଏ ନେଇ ଉଲ୍ଲେଖଯୋଗ୍ୟ, କାଶୀନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜରୁରୀ ପରିସ୍ଥିତିରେ ରୋଗୀ ଏବଂ ଦୁର୍ଘଟଣା ଗ୍ରସ୍ତଙ୍କୁ ମେଡିକାଲ ନେବାପାଇଁ କୌଣସି ଆମ୍ବୁଲାନ୍ସର ବ୍ୟବସ୍ଥା ନ ଥିବାରୁ ଅଗ୍ନିଶମ ବିଭାଗ ଗାଡ଼ି ହିଁ ଏହି କାର୍ଯ୍ୟ କରୁଛି। ତେବେ ଦମକଳରେ ଅକ୍ସିଜେନ୍ ସିଲିଣ୍ଡର ବ୍ୟବସ୍ଥା ନ ଥିବା ଯୋଗୁ ଅନେକ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କ ରାସ୍ତାରେ ହିଁ ମୃତ୍ୟୁ ହୋଇଥାଏ। ଏଠାରେ ଆମ୍ବୁଲାନ୍ସ ରହିଲେ ଅନେକ ଦୁର୍ଘଟଣାଗ୍ରସ୍ତ ଓ ରୋଗୀଙ୍କ ଜୀବନ ବଞ୍ଚିପାରିବ ବୋଲି ଅଞ୍ଚଳବାସୀ ଓ ବୁଦ୍ଧିଜୀବୀଙ୍କ ମଧରେ ମତପ୍ରକାଶ ପାଉଛି। କାଶୀନଗର ଥାନାରେ ଏକ ମାମଲା ରୁଜୁକରି ପୋଲିସ ତଦନ୍ତ ଚଳାଇଥିବା ଆଇଆଇସି ଆନନ୍ଦ ଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି।

**ଭାକ୍ରା ବ୍ୟାସ ପରିଚାଳନା ବୋର୍ଡ**
(ପାଓ୍ୱାର୍ ୱିଙ୍ଗ୍)
BHAKRA BEAS NATION'S PRIDE

**ଇ-ଟେଣ୍ଡର ଆମନ୍ତ୍ରଣକାରୀ ବିଜ୍ଞପ୍ତି**

ଏନ୍‌ଆଇଟି ନଂ.466/ପିଏଚ୍‌ଡି/ପିଓଏନ୍‌ଜି-341 ତାରିଖ: 30.10.2019

**କାର୍ଯ୍ୟାଳୟର ନାମ:** ଚିଫ୍ ଇଞ୍ଜିନିୟର / ସିଷ୍ଟମ୍ ଅପରେଶନ୍, ପ୍ଲାନିଂ ଓ ଡିଜାଇନ୍ (ପାଓ୍ୱାର ପ୍ଲାଣ୍ଟସ୍), ଡିଟିଇ. ବିବିଏମ୍‌ବି (ପିଡବ୍ଲ୍ୟୁ), ଏସ୍‌ଏଲ୍‌ଡିସି କମ୍ପ୍ଲେକ୍ସ, ଇଣ୍ଡଷ୍ଟ୍ରିଆଲ ଏରିଆ, ଫେଜ୍-।, ଚଣ୍ଡିଗଡ଼-160002, ଟେଲିଫାକ୍ସ: 0172-2637035

**କାର୍ଯ୍ୟର ନାମ:** ବିବିଏମ୍‌ବିର ବିଭିନ୍ନ ପାଓ୍ୱାର ହାଉସ୍ ତଥା ସବ୍ ଷ୍ଟେଶନଗୁଡ଼ିକ ପାଇଁ ଏଚ୍‌ଟି ପାଓ୍ୱାର କେବୁଲ ସଂଗ୍ରହଣ ଲାଗି ଅନ୍‌ଲାଇନ୍ ଟେଣ୍ଡର

| | |
|---|---|
| ଏହାର ୱେବ୍‌ସାଇଟ୍‌ରୁ ଟେଣ୍ଡର ସ୍ୱତନ୍ତ୍ରତା/ଟେଣ୍ଡର କାଗଜପତ୍ର ଡାଉନଲୋଡିଂ | ଆରମ୍ଭ ତାରିଖ: 01.11.2019, 10.00 ଘଟିକାରୁ<br>ଶେଷ ତାରିଖ: 20.12.2019, 17.00 ଘଟିକା ପର୍ଯ୍ୟନ୍ତ |
| ସମ୍ପୂର୍ଣ୍ଣ ପ୍ରାକ୍-ଯୋଗ୍ୟତା ଦସ୍ତାବିଜ ଅପ୍‌ଲୋଡିଂର ଶେଷ ତାରିଖ ଓ ସମୟ | 05.12.2019, 17.00 ଘଟିକା ପର୍ଯ୍ୟନ୍ତ |
| ବିଡ୍ ଦାଖଲର ଆରମ୍ଭ ତାରିଖ ଓ ସମୟ | 01.11.2019, 10.00 ଘଟିକାଠାରୁ |
| ଅନ୍‌ଲାଇନ୍ ବିଡ୍ ଦାଖଲର ଶେଷ ତାରିଖ ଓ ସମୟ | 06.01.2020, 11.00 ଘଟିକା ପର୍ଯ୍ୟନ୍ତ |
| https://bbmbeproc.abcprocure.comରେ ଅନ୍‌ଲାଇନ୍ ବିଡ୍ ଖୋଲାଯିବାର ତାରିଖ ଓ ସମୟ (ଭାଗ-।) | 06.01.2020, 11.30 ଘଟିକା ପରଠାରୁ |

ବିଡ୍‌ଗୁଡ଼ିକ ଅନ୍‌ଲାଇନ୍‌ରେ ଦାଖଲ କରାଯିବ। ଟେଣ୍ଡର କାଗଜପତ୍ର ମୂଲ୍ୟ, ସ୍ୱତନ୍ତ୍ରତା ମୂଲ୍ୟ, ବିସ୍ତୃତ ଏନ୍‌ଆଇଟି ଏବଂ ଅମାନତ ରାଶି ତଥା ସବିଶେଷ ଏନ୍‌ଆଇଟି ପାଇଁ ଦୟାକରି ବିବିଏମ୍‌ବି ୱେବ୍‌ସାଇଟ୍ ପରିଦର୍ଶନ କରନ୍ତୁ: **www.bbmbeproc.abcprocure.com, www.bbmb.gov.in**

372-PR-SO-7 ନିଜର ଉତ୍ତମ ଭବିଷ୍ୟତ ପାଇଁ ଆଜି ଶକ୍ତି ସଞ୍ଚୟ କରନ୍ତୁ




## ରମେଶ ଜେନାଙ୍କ ଗଜପତି ଗସ୍ତ

# ମିଳିତଭାବେ ଦଳକୁ ସୁଦୃଢ଼ କରିବାକୁ ଆହ୍ୱାନ

**ପାରଳାଖେମୁଣ୍ଡି/ରାୟଗଡ଼(ଗଜପତି), ୩।୧୧ (ସ୍ୱ.ପ୍ର./ଡି.ଏନ୍.ଏ.)**



ମୋହନା ବିଧାୟକଙ୍କ ସହ ଗଜପତି ଓ ରାୟଗଡ଼ା ପର୍ଯ୍ୟବେକ୍ଷକ ପଦଯାତ୍ରାରେ ବାହାରିଛନ୍ତି।

ଗଜପତି ଜିଲାରେ କଂଗ୍ରେସ ଦଳର ପୁନର୍ଗଠନ କରାଯାଇ ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ପ୍ରୟାସ ଆରମ୍ଭ ହୋଇଛି। ଶନିବାର ମୋହନା ବିଧାୟକ ଦାସରଥି ଗମାଙ୍ଗ ଏକ ଖବରଦାତା ସମ୍ମିଳନୀରେ ଏ ନେଇ ସୂଚନା ଦେଇଥିବାବେଳେ ରବିବାର ଗଜପତି ଜିଲା ପର୍ଯ୍ୟବେକ୍ଷକ ତଥା ଗଞ୍ଜାମ ଜିଲା ସାନଖେମୁଣ୍ଡି ବିଧାୟକ ରମେଶ ଜେନା ଓ ରାୟଗଡ଼ା ଜିଲା ପର୍ଯ୍ୟବେକ୍ଷକ ଅଧିରାଜ ପାଣିଗ୍ରାହୀ ଗଜପତି ଜିଲା ଗସ୍ତରେ ଆସି ନୂତନ କମିଟି ଚୟନ ସମ୍ପର୍କରେ ଆଲୋଚନା କରିଥିଲେ। ଉଭୟ ଜିଲାର ପର୍ଯ୍ୟବେକ୍ଷକ ଦଳୀୟ କର୍ମୀଙ୍କ ସହ ପ୍ରଥମେ ମୋହନା ନିର୍ବାଚନ ମଣ୍ଡଳୀର ଲୁହାଗୁଡ଼ି ଗ୍ରାମରେ ପହଞ୍ଚିଥିଲେ। ସେଠାରେ ମୋହନା ବିଧାୟକ ଦାସରଥି ଗମାଙ୍ଗ ବହୁ ଦଳୀୟ କର୍ମୀଙ୍କ ଉପସ୍ଥିତିରେ ଉଭୟଙ୍କୁ ସ୍ୱାଗତ କରିଥିଲେ। ପରେ ମୋହନା ବ୍ଲକ୍‌ର ଲୁହାଗୁଡ଼ି ଗ୍ରାମରୁ ଏକ ପଦଯାତ୍ରାରେ ବାହାରି ଚାନ୍ଦିପୁଟ, ଚନ୍ଦ୍ରଗିରି, ଛେଳିଗଡ଼, ଆର୍. ଉଦୟଗିରି, ଖଜୁରୀପଦା, ରାୟଗଡ଼ ଦେଇ ଅପରାହ୍ନରେ ପାରଳାଖେମୁଣ୍ଡିସ୍ଥିତ ଫରେଷ୍ଟ ଛକରେପହଞ୍ଚିଥିଲେ। ସେଠାରେ ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀର ବରିଷ୍ଠ କଂଗ୍ରେସ ନେତା ସଂଜୟ ଅଧିକାରୀ, ବସନ୍ତ ପଣ୍ଡା, ଗରୁଡ଼ ଚୌଧୁରୀ, କୃଷ୍ଣକୁମାର ବେହେରା, ବେର୍ଣ୍ଣିକ ଗମାଙ୍ଗ, ସୂର୍ଯ୍ୟ ପାତ୍ର ଉପସ୍ଥିତ ରହି ସେମାନଙ୍କୁ ସ୍ୱାଗତ କରିଥିଲେ। ଏହାପରେ ଏକ ବାଇକ୍ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିବା ସହ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ପହଞ୍ଚି ଆୟୋଜିତ ସଭାରେ ଯୋଗ ଦେଇଥିଲେ। ସମସ୍ତେ ମିଳିମିଶି କିପରି ପୁନର୍ବାର ଦଳକୁ ମଜବୁତ୍ କରାଯାଇପାରିବ ସେ ସମ୍ପର୍କରେ ଆହ୍ୱାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲାର ସମସ୍ତ କଂଗ୍ରେସ ନେତା ଓ କର୍ମୀମାନଙ୍କୁ ଏକତ୍ରିତ କରିବା ସହ ଦଳ ଛାଡ଼ିଥିବା ନେତାଙ୍କୁ ମଧ ଫେରାଇ ଆଣିବାକୁ ଉଦ୍ୟମ କରାଯିବ ବୋଲି ଆଲୋଚନା ହୋଇଥିଲା। ଏହାସହ କମିଟିର ନୂତନ ସଭାପତି ଓ କର୍ମକର୍ତ୍ତା ଚୟନ ସମ୍ପର୍କରେ ମଧ ଆଲୋଚନା ହୋଇଥିଲା।

ସେହିପରି ଜିଲାର ରାୟଗଡ଼ ବ୍ଲକ୍ କଂଗ୍ରେସ ପକ୍ଷରୁ ମଧ ତିନି ନେତାଙ୍କୁ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ସ୍ୱାଗତ କରାଯାଇଥିଲା। ବ୍ଲକ୍ କାର୍ଯ୍ୟାଳୟ ଠାରୁ ଶିବ ମନ୍ଦିର ପର୍ଯ୍ୟନ୍ତ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ରାୟଗଡ଼ ସମିତିସଭ୍ୟ ବିନାୟକ ଭୂୟାଁ, ବରିଷ୍ଠ କଂଗ୍ରେସ ନେତା ପ୍ରେମା ସ୍ୱାଲସିଂଙ୍କ ସମେତ ଶତାଧିକ କର୍ମୀ ସାମିଲ୍ ଥିଲେ।

**OFFICE OF THE NOTIFIED AREA COUNCIL, BINKA**
Dist: Subarnapur (Pin-767019),Email id: nacbinka@gmail.com, Phone/Fax: 06654-241113
**E-tender call notice No. 1606/ 02.11.2019**

**Tender Reference No. BINKA-NAC-04/2019-20**

Bid Documents consisting of work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract and other necessary documents can be seen in the Govt. website i.e. **www.tendersorissa.gov.in**.

| | | |
|---|---|---|
| 1 | Type of the work:- | Civil work |
| 2 | No. of works:- | 13 Nos. |
| 3 | Estimated Cost:- | As per DTCN |
| 4 | Period of Completion:- | As per DTCN |
| 5 | Date & Time of Bidding from:- | Dtd. 04.11.2019 after 10.00 AM |
| 6 | Last date & time for receipt online:- | Dtd. 13.11.2019 upto 05.00 PM |
| 7 | Documents will be received by post/O/o Executive Officer on or before:- | Dtd. 14.11.2019 upto 05.30 PM |
| 8 | Bids received shall be opened on:- | Dtd. 15.11.2019 at 10.00 AM |
| 9 | Name and address of the Officer inviting Bid:- | Executive Officer, Binka N.A.C. |

Further details can be seen from the procurement portal i.e. **www.tendersorissa.gov.in**.

**Sd./- Executive Officer**
**Notified Area Council, Binka**